

ଡିଫେଣ୍ଡିଂ ଚାମ୍ପିଅନଙ୍କୁ ହରାଇଲେ ଆୟୁଷ
▶ ଖେଳ ପୃଷ୍ଠା ଦେଖନ୍ତୁ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 44 •ISSUE-54 •TUESDAY •18 AUGUST 2026 •PAGE-12 •₹ 7.00 | PANIKOILI | •ବର୍ଷ-୪୪ •ସଂଖ୍ୟା-୫୪ •ମଙ୍ଗଳବାର •୧୮ ଅଗଷ୍ଟ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


### ଦୁଃଖ ଦେଉଛି ବୈତରଣୀ, ବ୍ରାହ୍ମଣୀ ଓ ବୁଢ଼ାବଳଙ୍ଗ

# ଆଜି ଆସିବ ଜୋର୍ ବଢ଼ିପାଣି

■ ଭୁବନେଶ୍ୱର,୧୭।୮(ସମିସ): ଭୀଷଣ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାରେ ବନ୍ୟା ସ୍ଥିତି ଉଦ୍‌ବେଗ ଜନକ ହୋଇଛି। ଉତ୍ତର ଓଡ଼ିଶାର ସବୁ ପ୍ରମୁଖ ନଦୀ ବଢ଼ିଥିବା ବେଳେ ବନ୍ୟା ଘେରରେ ଲକ୍ଷାଧିକ ଲୋକ ହନ୍ତସନ୍ତ ହେଉଛନ୍ତି। ବିଶେଷକରି ବୈତରଣୀ, ଜଳକା ଓ ସାଳନ୍ଦୀ ନଦୀରେ ବୃଦ୍ଧି ପାଇଥିବା ଜଳସ୍ତର ଯୋଗୁଁ ଭଦ୍ରକ, ବାଲେଶ୍ୱର, ଓ ଯାଜପୁର ଜିଲ୍ଲାର ଅନେକ ଅଞ୍ଚଳ ଜଳମଗ୍ନ ହୋଇ ରହିଛି। ବନ୍ୟା ସ୍ଥିତି

- ଜଳକା ବନ୍ୟା ପାଣି ଖସିବାର ନାଁ ଧରୁନି
- ଝାଡ଼ଖଣ୍ଡ ମୁହାଁ ଅବପାତ, ବ୍ରାହ୍ମଣୀରେ ବଢ଼ିବ ପାଣି
- ବନ୍ୟାରେ ୬ ଜିଲ୍ଲାର ସାଢ଼େ ୭ ଲକ୍ଷ ଲୋକ ପ୍ରଭାବିତ

ଯୋଗୁଁ ଏବେ ସୁଦ୍ଧା ୬ ଟି ଜିଲ୍ଲା ମୁଖ୍ୟତଃ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଓ କେନ୍ଦ୍ରାପଡ଼ା ଜିଲ୍ଲାର ୬୬ ବ୍ଲକ, ୪୪୮ ପଞ୍ଚାୟତ ୧୩୦୪ ଗାଁ ପ୍ରଭାବିତ ହୋଇଛି। ଏହାସହିତ ୧୦ଟି ସହରାଞ୍ଚଳର ୬୭ ୱାର୍ଡକୁ ମିଶାଇ ମୋଟ୍ ୭ ଲକ୍ଷ ୮୫ ହଜାର ୧୯୯ ଲୋକ ପ୍ରଭାବିତ ହୋଇଛନ୍ତି। ଏବେ ସୁଦ୍ଧା ୨ ଲକ୍ଷ ୭୭ ହଜାର ଲୋକଙ୍କ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ବେଳେ ୧୨୬ ଟି ଗାଁ ଜଳବନ୍ଦୀ ଅବସ୍ଥାରେ ଅଛି। ୪ ଲକ୍ଷ ୨୨ ହଜାର ୧୬୭ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହେବା ସହ ୯୪୧ ଟି ଘର ବନ୍ୟା ଦ୍ୱାରା ଭାଙ୍ଗିଛି। ବର୍ତ୍ତମାନ ସକ୍ରିୟ ଥିବା ଅବପାତ ଯୋଗୁଁ ଗତ ▶ପୃଷ୍ଠା-୭



## ବନ୍ୟା ସ୍ଥିତି ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ

■ଯାଜପୁର/ଭଦ୍ରକ/ତିହିଡ଼ି,୧୭।୮(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଯାଜପୁର ଓ ଭଦ୍ରକ ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହ ବନ୍ୟା ପରିସ୍ଥିତି ଓ ରିଲିଫ୍ କାର୍ଯ୍ୟର ସମୀକ୍ଷା କରିଛନ୍ତି।

- ରିଲିଫ୍ ଓ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ନିର୍ଦ୍ଦେଶ
- ଋଣ ଛାଡ଼ ଓ ନୂଆ କୃଷି ଋଣ ପାଇଁ ଚାଷୀଙ୍କ ଦାବି

ଯାଜପୁର ଜିଲ୍ଲା ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ଦଶରଥପୁର ବ୍ଲକ୍‌ର କସପା ଓ ତରପଦା ପଞ୍ଚାୟତ ଅନ୍ତର୍ଗତ ରାମଚନ୍ଦ୍ରପୁର, ବାଲଦା ଓ ଡୋଭାବିଲ୍ ଗ୍ରାମର ବନ୍ୟା ପ୍ରଭାବିତ ଲୋକଙ୍କୁ ସାକ୍ଷାତ କରି ସେମାନଙ୍କ ସମସ୍ୟା, ଆବଶ୍ୟକତା ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ବନ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ ସମୟରେ ମୁଖ୍ୟମନ୍ତ୍ରୀ ପ୍ରଭାବିତଙ୍କ ପାଇଁ ପ୍ରସ୍ତୁତ ରନ୍ଧା ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଏଥିସହ ବନ୍ୟା ପ୍ରଭାବିତ ପରିବାରଗୁଡ଼ିକୁ ତ୍ୱରିତ ଓ ପର୍ଯ୍ୟାପ୍ତ ରିଲିଫ୍ ସହାୟତା, ନିରାପଦ ପାନୀୟ ଜଳ ଏବଂ ଆବଶ୍ୟକ ସ୍ୱାସ୍ଥ୍ୟସେବା ନିରବଚ୍ଛିନ୍ନ ଭାବେ ଯୋଗାଇଦେବା ସହ ବନ୍ୟା ପରିସ୍ଥିତି ଉପରେ ୨୪ ଘଣ୍ଟିଆ ନଜର ରଖିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭଦ୍ରକ ଜିଲ୍ଲା ତିହିଡ଼ି ▶ପୃଷ୍ଠା-୭

# ବିଜେପିରେ ନିତିନଙ୍କ 'ନବୀନ' ଟିମ୍

- ଫେରିଲେ ସ୍ମୃତି ଇରାନୀ, ରାମ ମାଧବ
- ପୀୟୂଷ ଗୋୟଲ କୋଷାଧ୍ୟକ୍ଷ ନିଯୁକ୍ତ
- ୬୫ ସଦସ୍ୟଙ୍କ ମଧ୍ୟରୁ ୫୧ ନୂଆ ଚେହେରା
- ନଡ୍ଡାଙ୍କ ପୁରୁଣା ଟିମ୍‌ରୁ ବାଦ୍ ପଡ଼ିଲେ ୨୯
- ବିଦାହେଲେ ଆଇଟି ସେଲ୍ ମୁଖ୍ୟ ଅମିତ୍

■ ନୂଆଦିଲ୍ଲୀ, ୧୭।୮(ଏଜେନ୍ସି): ବିଜେପିର ନୂଆ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ନିତିନ ନବୀନ ଦଳୀୟ ସଂଗଠନରେ ବଡ଼ ଧରଣର ଅଦଳବଦଳ କରିଛନ୍ତି। ପୂର୍ବତନ କେନ୍ଦ୍ର ମନ୍ତ୍ରୀ ସ୍ମୃତି ଇରାନୀ ଏବଂ ଆରଏସ୍ଏସ୍‌ର ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ରାମ ମାଧବଙ୍କୁ ପୁଣି ଥରେ ସାଂଗଠନିକ ଦାୟିତ୍ୱ ଦିଆଯାଇଥିବା ବେଳେ ପୂର୍ବତନ ସଭାପତି ଜେପି ନଡ୍ଡାଙ୍କ ଟିମରେ ଥିବା ୨୯ ଜଣଙ୍କୁ ବାଦ୍ ଦିଆଯାଇଛି। ନବୀନଙ୍କ ଦ୍ୱାରା ଘୋଷିତ ୬୫ ଜଣିଆ ଟିମ୍‌ରେ ୫୧ ଜଣ ନୂଆ ମୁହଁ ସ୍ଥାନ ପାଇଛନ୍ତି। ଏଥିରେ ୧୩ ଜଣ ଉପସଭାପତି ଥିବା ବେଳେ ୮ ଜଣ ସାଧାରଣ ସଂପାଦକ ଏବଂ ୧୬ ଜଣ ଜାତୀୟ ସଂପାଦକ ଅଛନ୍ତି। ନବୀନଙ୍କ ନବଗଠିତ ଟିମରେ ୧୦ ଜଣ ମହିଳା ନେତ୍ରୀ ସ୍ଥାନ ପାଇଥିବା ବେଳେ ସଂଖ୍ୟାଲଘୁ ସଂପ୍ରଦାୟରୁ ୬ ଜଣଙ୍କୁ ସାମିଲ କରାଯାଇଛି। ୬ ଜଣ ମହିଳା ନେତ୍ରୀଙ୍କୁ ଉପାଧ୍ୟକ୍ଷା କରାଯାଇଥିବା ବେଳେ ଜଣଙ୍କୁ ସାଧାରଣ ସଂପାଦକ କରାଯାଇଛି। ନବୀନଙ୍କ ଟିମରୁ ବାଦ ପଡ଼ିଥିବା ୨୯ ଜଣଙ୍କୁ ମଧ୍ୟରୁ ଉଲ୍ଲେଖନୀୟ ନାମ ହେଉଛି ଅମିତ ମାଲବ୍ୟ। ତାଙ୍କୁ ବିଜେପିର ଆଇଟି ସେଲର ମୁଖ୍ୟ ପଦରୁ ହଟାଇ ଦିଆଯାଇଛି। ତାଙ୍କ ସ୍ଥାନରେ ଦୀପକ ମାସ୍କେଙ୍କୁ ରାଷ୍ଟ୍ରୀୟ ସୋସିଆଲ ମିଡିଆ ସଂଯୋଜକ ଭାବେ ନିଯୁକ୍ତ ▶ପୃଷ୍ଠା-୭

## ମନ୍ଦିରରେ ଦଳାଚକଟା; ୭ ମୃତ

■ ପାଟନା, ୧୭।୮(ଏଜେନ୍ସି): ବିହାରର ଲକ୍ଷୀସରାଇ ଜିଲ୍ଲାର ପ୍ରସିଦ୍ଧ ଅଶୋକ ଧାମ ଶିବ ମନ୍ଦିରରେ ଦଳାଚକଟାରେ ୭ ଜଣ ଶ୍ରଦ୍ଧାଳୁ ପ୍ରାଣ ହରାଇଛନ୍ତି। ପବିତ୍ର ଶ୍ରାବଣ ମାସର ତୃତୀୟ ସୋମବାର ଅବସରରେ ମନ୍ଦିରରେ ପ୍ରବଳ ଗହଳି ହୋଇଥିବା ବେଳେ ବିଦ୍ୟୁତ୍ ତାର ଛିଡ଼ି ପଡ଼ିବାରୁ ଆତଙ୍କ ଖେଳିଯାଇଥିଲା। ଫଳରେ ସେଠାରେ ଦଳାଚକଟା ଯୋଗୁଁ ୭ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଅନେକ ଶ୍ରଦ୍ଧାଳୁ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି।

ଲକ୍ଷୀସରାଇ ଜିଲ୍ଲାସ୍ଥିତ ଅଶୋକ ଧାମ ମନ୍ଦିରରେ ସୋମବାର ସକାଳ ପ୍ରାୟ ୬.୪୫ ମିନିଟ୍‌ରେ ଏହି ଦୁର୍ଭାଗ୍ୟଜନକ ଘଟଣା ଘଟିଛି। ଆହତମାନଙ୍କୁ ତୁରନ୍ତ ଲକ୍ଷୀସରାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୋମବାର ସକାଳେ ଶ୍ରାବଣ ମାସର ତୃତୀୟ ସୋମବାର ହୋଇଥିବାରୁ ମନ୍ଦିରରେ ▶ପୃଷ୍ଠା-୭

# ୩ ଜିଲ୍ଲା ପାଇଁ ବରିଷ୍ଠ ନେତାଙ୍କୁ ନିୟୋଜିତ କଲେ ନବୀନ

■ ଭୁବନେଶ୍ୱର,୧୭।୮(ସମିସ): ରାଜ୍ୟରେ ପୁନର୍ବାର ବନ୍ୟା ପରିସ୍ଥିତି ଦେଖା ଦେଇଥିବା ବେଳେ ଭଦ୍ରକ, ଯାଜପୁର ଓ ବାଲେଶ୍ୱରରେ ସ୍ଥିତି ଚିନ୍ତାଜନକ ରହିଛି। ଏହି ପ୍ରରିପେକ୍ଷୀରେ ବନ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକରେ ଦଳୀୟ ନେତାଙ୍କୁ ନିୟୋଜିତ କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ବରିଷ୍ଠ ନେତା ପ୍ରଦୀପ କୁମାର ଅମାତଙ୍କୁ ନବୀନ ଯାଜପୁର

**ପ୍ରଶାସନ ସହ ସମନ୍ୱୟ ରଖି ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟରେ କରିବେ ସହଯୋଗ**

ଜିଲ୍ଲା ଦାୟିତ୍ୱ ଦେଇଥିବା ବେଳେ ଡ. ଅରୁଣ କୁମାର ସାହୁଙ୍କୁ ଭଦ୍ରକ ଏବଂ ସଞ୍ଜୟ କୁମାର ଦାସବର୍ମାଙ୍କୁ ବାଲେଶ୍ୱର ଜିଲ୍ଲା ପାଇଁ ଦାୟିତ୍ୱ ଦିଆଯାଇଛି। ନିଯୁକ୍ତ ହୋଇଥିବା ଏହି ବରିଷ୍ଠ ନେତାମାନେ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହ ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରିବେ। ଏଥିସହ ଜିଲ୍ଲା ପ୍ରଶାସନ, ସ୍ଥାନୀୟ ବିଜେଡି ନେତା ଓ କର୍ମକର୍ତ୍ତାଙ୍କ ସହ ସମନ୍ୱୟ ରଖି ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ଠିକ୍ ଭାବେ ହେଉଛି କି ନାହିଁ, ତାହା ସୁନିଶ୍ଚିତ କରିବେ ବୋଲି ନବୀନ ନିର୍ଦ୍ଦେଶ ଦେଇଛନ୍ତି।

## କାନ୍ଥପଡ଼ି ଆଈନାତି ମୃତ

■ ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧୭।୮ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ନେତୁଆ ଗ୍ରାମ ପଞ୍ଚାୟତ କପାସୁଦା ଗ୍ରାମରେ ଦୁଇ ମହଲା ମାଟିଗୃହ ଭାଙ୍ଗି ପଡିବାରୁ କାନ୍ଥ ତଳେ ଚାପି ହୋଇ ଦୁଇଜଣଙ୍କ ମୃତ୍ୟୁ ଘଟିଛି। କିଛିଦିନ ଧରି ଲଗାଣ ବର୍ଷା ଫଳରେ କପାସୁଦା ଗ୍ରାମର ଗଙ୍ଗାଧର ଜେନାଙ୍କ ୨ମହଲା ମାଟି ଘରଟି ଗତ କାଲି ରାତ୍ରୀରେ ଭାଙ୍ଗି ପଡିବା ସହିତ ଘର ନିକଟରେ ଥିବା ପଡୋଶୀ କାହ୍ନୁ ଚରଣ ଜେନାଙ୍କ ଆଜବେଷ୍ଟସ ଘର ଉପରେ ପଡିଥିଲା। ଏହି ସମୟରେ ଘର ମଧ୍ୟରେ ରାଧିକା ଜେନା (୬୫), ଜ୍ୟୋତି ପ୍ରକାଶ ସ୍ୱାଇଁ(୧୮) ଓ ନନ୍ଦିନୀ ସ୍ୱାଇଁ(୧୮) ରହିଥିଲେ। ଖବର ପାଇ ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ଓ ପୁଲିସ ପହଞ୍ଚି ଉଦ୍ଧାର କରିଥିଲେ। ମାଟି ତଳେ ଚାପି ହୋଇ ଆଈ ରାଧିକା ଜେନା ଓ ନାତି ଜ୍ୟୋତି ପ୍ରକାଶ ସ୍ୱାଇଁଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ରାଧିକାଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ଜି.କେ. ଭଟ୍ଟର ହସ୍‌ପିଟାଲକୁ ନିଆଯାଇଥିଲା। ଏହି ଦୁଃଖଦ ଖବର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଥରବା ବେଳେ ଗ୍ରାମ ବାସୀ ମୃତକଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ନିବେଦନ କରିଛନ୍ତି। ଘଟଣା ସ୍ଥଳରେ ପ୍ରଶାସନ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ଜଣାଯାଇଛି।

## ବନ୍ୟାରେ ନିଖୋଜ ଚାଷୀଙ୍କ ମୃତଦେହ ୪ ଦିନ ପରେ ଉଦ୍ଧାର

■ ଦୋବଲ,୧୭।୮(ସମିସ): ଗେଙ୍ଗୁଟି ନଦୀର ପ୍ରଖର ବନ୍ୟାସ୍ରୋତରେ ଭାସିଯାଇ ନିଖୋଜ ଥିବା ଚାଷୀ ଗଣେଶ ଯେନା (୫୦)ଙ୍କ ମୃତଦେହ ୪ ଦିନ ପରେ ଉଦ୍ଧାର ହୋଇଛି। ଧାମନଗର ବ୍ଲକ୍ ଦିହୁଡ଼ି-ଆନନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପାହାଡ଼ପୁର ଯେନାସାହିର ଗଣେଶ ଗତ ୧୪ ତାରିଖରେ ବନ୍ୟାଜଳରେ ଭାସିଯାଇ ନିଖୋଜ ହୋଇଥିଲେ। ସୂଚନା ଅନୁଯାୟୀ, ଗଣେଶ ଅନ୍ୟ ଚାଷୀଙ୍କ ସହ ବିଲକୁ ଧାନ ରୋଇବାକୁ ଯାଇଥିଲେ। ହଠାତ୍ ଗେଙ୍ଗୁଟି ନଦୀରେ ବନ୍ୟାଜଳ ବଢ଼ିଯିବାରୁ ସମସ୍ତେ ଘରକୁ ଫେରୁଥିବାବେଳେ ପ୍ରଖର ପାଣିସ୍ରୋତରେ ଗଣେଶ ଭାସିଯାଇଥିଲେ। ତାଙ୍କ ସହ ଥିବା ଅନ୍ୟ ଜଣେ ଚାଷୀ କୌଣସିମତେ ପାଣିରୁ ଉଦ୍ଧାର ହୋଇ କୂଳକୁ ଆସିଥିଲେ। ଗଣେଶ ନିଖୋଜ ହେବା ପରଠାରୁ ଓଡ୍ରାଫ୍ ଟିମ୍ ଓ ସ୍ଥାନୀୟ ଲୋକେ ଗେଙ୍ଗୁଟି ନଦୀର ବିଭିନ୍ନ ସ୍ଥାନରେ ଲଗାତାର ଖୋଜାଖୋଜି ଜାରି ରଖିଥିଲେ। ୪ ଦିନର ଅବିରତ ସନ୍ଧାନ ପରେ ସୋମବାର ନଦୀର ଜଳସ୍ତର କିଛିଟା କମିବାରୁ ଖୋଜାଖୋଜି ଜୋର୍‌ଦାର୍ କରାଯାଇଥିଲା। ଶେଷରେ ଘଟଣାସ୍ଥଳଠାରୁ ପ୍ରାୟ ଦେଢ଼ କିଲୋମିଟର ଦୂର ଗାଈଛନ୍ଦା ଚଟାଣ ନିକଟରୁ ଗଣେଶଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ମୃତଦେହ ଉଦ୍ଧାର ପରେ ପରିବାର ଲୋକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ମଧ୍ୟ ଶୋକ ପ୍ରକାଶ ପାଇଛି।

### ସତର୍କ କରାଇଲେ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା


# ଦେଶରେ ଖାଦ୍ୟ ସଙ୍କଟ ଆଣିବ ଇ-୨୦ ପେଟ୍ରୋଲ !

■ ନୂଆଦିଲ୍ଲୀ,୧୭।୮(ଏଜେନ୍ସି): ଦେଶରେ ଇଥାନଲ ମିଶ୍ରିତ ପେଟ୍ରୋଲକୁ ନେଇ ବିତର୍କ ଜାରି ରହିଥିବାବେଳେ ଦେଶର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ ପୁରୁଣା ଗାଡ଼ି ପାଇଁ ଇ-୧୦ ପେଟ୍ରୋଲ ଉପଲବ୍ଧ ଲାଗି ଦେଇଛନ୍ତି ପରାମର୍ଶ। ଇ-୧୦ ପେଟ୍ରୋଲ ଉପଲବ୍ଧ ନ ହେଲେ ଦେଶର ପ୍ରାୟ ୮ କୋଟି ଦୁଇଚକିଆ ଯାନ କ୍ଷତିଗ୍ରସ୍ତ ହେବ ଏବଂ ଏହାର ମରାମତି ଆଦି ନିମନ୍ତେ ଦେଶବାସୀଙ୍କୁ ବିପୁଳ ବ୍ୟୟ ବହନ କରିବାକୁ ପଡ଼ିବ ବୋଲି ସେ ସତର୍କ କରାଇ ଦେଇଛନ୍ତି। ଅନ୍ୟପକ୍ଷରେ ଇ-୨୦ ପେଟ୍ରୋଲ ପ୍ରଚଳନ ମଧ୍ୟ ଦେଶରେ ଖାଦ୍ୟ ସଙ୍କଟକୁ ପରୋକ୍ଷରେ ନିମନ୍ତ୍ରଣ କରିବ ବୋଲି ମଧ୍ୟ ସେ ଆଶଙ୍କା କରିଛନ୍ତି ।




- କ୍ଷତିଗ୍ରସ୍ତ ହେବ ପ୍ରାୟ ୮ କୋଟି ଦୁଇ ଚକିଆ ଯାନ
- ପୁରୁଣା ଗାଡ଼ି ପାଇଁ ଫେରାଇ ଅଣାଯାଉ ଇ-୧୦ ପେଟ୍ରୋଲ

ଏକ ଜାତୀୟ ଗଣମାଧ୍ୟମରେ ଏକ ସ୍ତମ୍ଭରେ ଶ୍ରୀ ନାଗେଶ୍ୱରନ୍ କହିଛନ୍ତି ଯେ ଭାରତରେ ଚଳାଚଳ କରୁଥିବା ଦୁଇଚକିଆ ଯାନ ମଧ୍ୟରୁ ପ୍ରାୟ ୭.୫ରୁ ୮ କୋଟି ଦୁଇଚକିଆ ଯାନ ଇ-୧୦ ପେଟ୍ରୋଲ ନିମନ୍ତେ ପ୍ରସ୍ତୁତ କରାଯାଇଛି। ଏହି ଯାନଗୁଡ଼ିକ ଅନେକ ଉଚ୍ଚ ମାତ୍ରାର ଇଥାନଲ୍ ମିଶ୍ରିତ ପେଟ୍ରୋଲ୍ ବ୍ୟବହାର ପାଇଁ ନିର୍ମିତ ହୋଇନାହିଁ। ତେଣୁ ଇ-୨୦ ଭଳି ଅଧିକ ଇଥାନଲ୍ ମିଶ୍ରଣ ବ୍ୟବହାର କଲେ ସମସ୍ୟା କେବଳ ମାଇଲେଜ୍ କମିବାରେ ସୀମିତ ରହିବ ନାହିଁ। ପୁରୁଣା ଇଞ୍ଜିନରେ ରବର ସିଲ୍, ଗ୍ୟାସକେଟ୍, ଫୁଏଲ ସିଷ୍ଟମର ବିଭିନ୍ନ ଯନ୍ତ୍ରାଂଶ ଏହାଦ୍ୱାରା ପ୍ରଭାବିତ ହୋଇପାରେ ଏବଂ ଅଧିକ ଇଥାନଲ୍ ମିଶ୍ରଣ ସହ ଦୀର୍ଘ ସମୟ ଚାଲିଲେ କେତେକ ▶ପୃଷ୍ଠା-୭

## ତାମିଲନାଡୁରେ ୭୫,୦୦୦ ପର୍ଯ୍ୟନ୍ତ କୃଷି ଋଣ ସମ୍ପୂର୍ଣ୍ଣ ମାଫ୍

ଚେନ୍ନଇ, ୧୭।୮(ଏଜେନ୍ସି): ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି ଜୋସେଫ୍ ବିଜୟ ସରକାରରେ ୧୦୦ ଦିନ ପୂର୍ଣ କରିଥିବା ଅବସରରେ କୃଷକମାନଙ୍କ ପାଇଁ ଏକ ବଡ଼ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ୭୫, ୦୦୦ ଟଙ୍କା ପର୍ଯ୍ୟନ୍ତ ସମସ୍ତ କୃଷି ଋଣ ସମ୍ପୂର୍ଣ୍ଣ ଛାଡ଼ କରାଯିବ ବୋଲି ଘୋଷଣା କରିଛନ୍ତି। ବିଧାନସଭାରେ ଏହି ଘୋଷଣା କରି ମୁଖ୍ୟମନ୍ତ୍ରୀ ବିଜୟ କହିଛନ୍ତି ଯେ ରାଜ୍ୟର ଆର୍ଥିକ ଅବସ୍ଥା ସତ୍ତ୍ୱେ ଟିଭିକେ ସରକାର କୃଷକମାନଙ୍କୁ ସହାୟତା ଯୋଗାଇବା ପାଇଁ ଅତିରିକ୍ତ ୯୫୩.୦୬ କୋଟି ଟଙ୍କା ପ୍ରଦାନ କରିବ। ନୂତନ ନିୟମ ଅନୁଯାୟୀ ୭୫, ୦୦୦ ଟଙ୍କା ପର୍ଯ୍ୟନ୍ତ ଋଣ ୧୦୦% ଛାଡ଼ କରାଯିବ। ୭୫, ୦୦୦ ରୁ ୧ ଲକ୍ଷ ଟଙ୍କା ମଧ୍ୟରେ ଋଣ ୭୫, ୦୦୦ ଟଙ୍କା ପର୍ଯ୍ୟନ୍ତ ଛାଡ଼ କରାଯିବ।୧ ଲକ୍ଷ ଟଙ୍କାରୁ ଅଧିକ ଋଣ ଥିଲେ ସର୍ବାଧିକ ୩୫, ୦୦୦ ଟଙ୍କା ପର୍ଯ୍ୟନ୍ତ ଛାଡ଼ କରାଯିବ। ପୂର୍ବରୁ ସରକାର ଗ୍ରହଣ କରିଥିବା ପଦକ୍ଷେପଗୁଡ଼ିକ ଦ୍ୱାରା ରାଜ୍ୟର ୧୪.୪୪ ଲକ୍ଷରୁ ଅଧିକ କୃଷକ ଉପକୃତ ହୋଇସାରିଛନ୍ତି। ରାଜ୍ୟର ଚାଷୀମାନଙ୍କ ଆର୍ଥିକ ସ୍ଥିତି ସୁଧାରିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯାଉଛି।

## ପରମାଣୁ ଦୁର୍ଘଟଣା କ୍ଷତିପୂରଣ ମାମଲା: ସ୍ୱଷ୍ଟୀକରଣ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୭।୮(ଏଜେନ୍ସି): ଦେଶରେ ପରମାଣୁ ଦୁର୍ଘଟଣା କ୍ଷତିପୂରଣ ଏବଂ ନିୟାମକ ସଂସ୍ଥାଗୁଡ଼ିକର ନିଯୁକ୍ତିକୁ ନେଇ ସୁପ୍ରିମକୋର୍ଟ 'ଶାନ୍ତି ଆଇନ, ୨୦୨୫' ଉପରେ କେନ୍ଦ୍ର ସରକାରଙ୍କଠାରୁ ସ୍ୱଷ୍ଟୀକରଣ ମାଗିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଅନ୍ୟାନ୍ୟ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ପୂର୍ବତନ ଅଧିକାରୀ ଏଏସ୍ ଶର୍ମା ଏବଂ ଅନ୍ୟ କେତେଜଣ ପ୍ରଫେସର୍ ଓ ବୈଜ୍ଞାନିକଙ୍କ ଦ୍ୱାରା ଦାଏର ଏକ ଆବେଦନର ଶୁଣାଣି କରି କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ଓକିଲ ପ୍ରଶାନ୍ତ ଭୂଷଣ ଏବଂ ନେହା ରାଠୀ ଯୁକ୍ତି ଦର୍ଶାଇଥିଲେ ଯେ ୨୦୨୫ ମସିହାର ଏହି ନୂତନ ଆଇନ ସମ୍ବିଧାନର ଧାରା ୧୪, ୧୯ ଏବଂ ୨୧ ଅନ୍ତର୍ଗତ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ଏହି ଆଇନ ଅନୁଯାୟୀ ପରମାଣୁ ପ୍ଲାଣ୍ଟ ପରିଚାଳନା କରୁଥିବା ବେସରକାରୀ କମ୍ପାନୀଗୁଡ଼ିକର ଦାୟିତ୍ୱସୀମା ସର୍ବାଧିକ ୩,୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ସୀମିତ ରଖାଯାଇଛି, ଯାହାକି ଦୁର୍ଘଟଣା ସମୟରେ ଯଥାଯଥ କ୍ଷତିପୂରଣ ପ୍ରଦାନରେ ବାଧା ସୃଷ୍ଟି କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏହାବ୍ୟତୀତ, ପରମାଣୁ ଶକ୍ତି ଆୟୋଗ ଦ୍ୱାରା ନିୟାମକ ସଂସ୍ଥାର ସଦସ୍ୟ ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତାର ଅଭାବ ଏବଂ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ନେଇ ମଧ୍ୟ ପ୍ରଶ୍ନ ଉଠାଯାଇଛି। ତେବେ ସୁପ୍ରିମକୋର୍ଟ ସ୍ୱଷ୍ଟ କରିଛନ୍ତି ଯେ ସଂସଦ ଦ୍ୱାରା କମ୍ପାନୀଗୁଡ଼ିକର ଦାୟିତ୍ୱସୀମା ସ୍ଥିର କରାଯାଇଥିଲେ ମଧ୍ୟ ଏହା କୋର୍ଟଙ୍କୁ ପୀଡ଼ିତମାନଙ୍କୁ ନ୍ୟାୟୋଚିତ କ୍ଷତିପୂରଣ ପ୍ରଦାନ କରିବାର କ୍ଷମତାରୁ ବଞ୍ଚିତ କରିବ ନାହିଁ। ବେସରକାରୀ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ଏହି ନୀତି ଅଣାଯାଇଥିଲେ ହେଁ ଜନସାଧାରଣଙ୍କ ସୁରକ୍ଷା ଓ କ୍ଷତିପୂରଣ ପ୍ରସଙ୍ଗରେ ସରକାର ସ୍ୱଷ୍ଟୀକରଣ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ଆମେରିକାରୁ ଭାରତୀୟ ନାଗରିକ ଯଶନଦୀପ ନିର୍ବାସିତ

ୱାସିଂଟନ୍, ୧୭।୮(ଏଜେନ୍ସି): ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର କଡ଼ା ଆଭିମୁଖ୍ୟ ମଧ୍ୟରେ ଯଶନଦୀପ ସିଂହ ନାମକ ଜଣେ ଭାରତୀୟ ନାଗରିକଙ୍କୁ ଆମେରିକାରୁ ନିର୍ବାସିତ କରାଯାଇଛି। ଆମେରିକାର ଗୃହ ସୁରକ୍ଷା ବିଭାଗ (ଡିଏଚ୍ଏସ୍) ପକ୍ଷରୁ ତାଙ୍କୁ ଜଣେ ଅପରାଧୀ ଭାବେ ଚିହ୍ନଟ କରାଯାଇ ଅଗଷ୍ଟ ୩ ତାରିଖରେ ଦେଶରୁ ବାହାର କରିଦିଆଯାଇଛି। ଆମେରିକା ପ୍ରଶାସନର ଅଭିଯୋଗ ଅନୁଯାୟୀ, ଜଶନଦୀପ ସିଂହଙ୍କୁ ଯୌନ ଉତ୍ପୀଡ଼ନ, ବଳପ୍ରୟୋଗ, ଚୋରି ଅନ୍ୟାନ୍ୟ ଅପରାଧିକ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ତାଙ୍କ ସହିତ ଗୁଆଟିମାଲା, ମେକ୍ସିକୋ ଏବଂ ଚିଲିର ଅନ୍ୟ ଚାରିଜଣ ଅପରାଧୀଙ୍କୁ ମଧ୍ୟ ନିର୍ବାସିତ କରାଯାଇଛି।

## ମାତ୍ର ୪ ମାସରେ ୧୦ଟି ମାମଲାରେ ୨୨ ଜଣଙ୍କୁ ଫାଶୀ ଦଣ୍ଡାଦେଶ

ନୂଆଦିଲ୍ଲୀ, ୧୭।୮(ଏଜେନ୍ସି): ଉତ୍ତରପ୍ରଦେଶର ମୁଜାଫରନଗର ଜିଲ୍ଲାର ଜଣେ ଅତିରିକ୍ତ ଜିଲ୍ଲା ଏବଂ ଦୌରା ଜଜ୍ ମାତ୍ର ଚାରି ମାସ ଭିତରେ ୧୦ଟି ଜଘନ୍ୟ ଅପରାଧ ମାମଲାରେ ୨୨ ଜଣ ଅପରାଧୀଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି। ଜଘନ୍ୟ ଅପରାଧ ବିରୁଦ୍ଧରେ ଭାରତୀୟ ନ୍ୟାୟପାଳିକାର କଠୋର ଆଭିମୁଖ୍ୟକୁ ଏହା ସ୍ୱଷ୍ଟ ଭାବେ ଦର୍ଶାଉଛି। ଅତିରିକ୍ତ ଜିଲ୍ଲା ଏବଂ ଦୌରା ଜଜ୍ ରବି କୁମାର ଦିୱାକର ଗତ ଚାରି ମାସ ମଧ୍ୟରେ ୧୦ଟି ମାମଲାରେ ମୋଟ ୨୨ ଜଣଙ୍କୁ ମୃତ୍ୟୁଦଣ୍ଡ ଦେଇଛନ୍ତି। ଏହି ମାମଲାଗୁଡିକ ମଧ୍ୟରେ ଜଣେ ଓକିଲଙ୍କ ହତ୍ୟା, ଜଣେ ହୋମଗାର୍ଡଙ୍କ ହତ୍ୟା, ରାଜପଥରେ ଡକାୟତି ଏବଂ ବହୁ ପୁରୁଣା ଅପହରଣ ତଥା ହତ୍ୟା ମାମଲା ସାମିଲ ରହିଛି। ଏଥିରେ ପ୍ରାୟ ୨୭ ବର୍ଷ ପୁରୁଣା ଏବଂ ୧୨ ବର୍ଷ ପୁରୁଣା ହତ୍ୟା ମାମଲାରେ ମଧ ଦୋଷୀଙ୍କୁ ଫାଶୀ ଦଣ୍ଡ ମିଳିଛି। ସରକାରୀ ଓକିଲ କୁଳଦୀପ କୁମାରଙ୍କ ସୂଚନା ଅନୁଯାୟୀ, ଗତ ଏପ୍ରିଲ ୬ ତାରିଖରୁ ଅଗଷ୍ଟ ୧୩ ତାରିଖ ମଧ୍ୟରେ ବିଭିନ୍ନ ଗମ୍ଭୀର ଅପରାଧ ପାଇଁ ଏହି ରାୟ ଶୁଣାଯାଇଛି। ଏପ୍ରିଲ ୨୮, ମେ ୨୦, ଜୁନ୍ ୨୦, ଏବଂ ଜୁଲାଇ ମାସର ବିଭିନ୍ନ ଦିନରେ ଅପରାଧୀମାନଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ସେହିପରି ଅଗଷ୍ଟ ୧୨ ତାରିଖରେ ୧୯୯୯ ମସିହାର ଜଣେ କାଠ ବ୍ୟବସାୟୀ ସଲିମଙ୍କ ଅପହରଣ ଓ ହତ୍ୟା ମାମଲାରେ ସାହାନୱାଜ ନାମକ ବ୍ୟକ୍ତିଙ୍କୁ ଫାଶୀ ଏବଂ ୧.୧୦ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ସେହିପରି ଅଗଷ୍ଟ ୧୩ ତାରିଖରେ ଅନ୍ୟ ଏକ ଫାଷ୍ଟଟ୍ରାକ୍ କୋର୍ଟ ୨୦୧୪ ମସିହାର ଏକ ହତ୍ୟା ମାମଲାରେ ୪ ଜଣ ଦୋଷୀ - ରାମବୀର, ରାଜୀବ, ରାହୁଲ ଏବଂ ହରେନ୍ଦ୍ର କୁମାରଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଅପରାଧୀମାନେ ପବନ କୁମାରଙ୍କ ଘରେ



ପଶି ଗୁଳିଚାଳନା କରିଥିଲେ, ଯେଉଁଥିରେ ପବନଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ଭାଇ ଆହୋକ କୁମାର ଆହତ ହୋଇଥିଲେ। ମୁଜାଫରନଗର କୋର୍ଟଙ୍କ ଏହି କଠୋର ରାୟଗୁଡିକ ଅପରାଧୀମାନଙ୍କ ମନରେ ଆଇନର ଭୟ ସୃଷ୍ଟି କରିବା ସହ ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯାଉଛି।

# ରୁଷ ଟାର୍ଗେଟରେ ୟୁକ୍ରେନ ଇସ୍ପାତ ଶିଳ୍ପ

## ଲକ୍ଷ୍ମୀ ମିତ୍ତଲଙ୍କ ଇସ୍ପାତ କାରଖାନା କ୍ଷତିଗ୍ରସ୍ତ

ନୂଆଦିଲ୍ଲୀ, ୧୭।୮(ଏଜେନ୍ସି): ୟୁକ୍ରେନର କ୍ରିଭି ରିହ ସ୍ଥିତ ଭାରତୀୟ-ମୂଳର ବିଶ୍ୱପ୍ରସିଦ୍ଧ ଶିଳ୍ପପତି ଲକ୍ଷ୍ମୀ ମିତ୍ତଲଙ୍କ 'ଆର୍ସଲର ମିତ୍ତଲ' ଖଣି ଏବଂ ଇସ୍ପାତ କାରଖାନା ଉପରେ ରୁଷିଆ ମିସାଇଲ୍ ଆକ୍ରମଣ କରିଛି। ୟୁକ୍ରେନର ଏକ ବଡ଼ ଡ୍ରୋନ୍ ଆକ୍ରମଣର ଜବାବରେ ରୁଷିଆ ଏହି ଆକ୍ରମଣ କରିଛି। ଯାହାଫଳରେ କାରଖାନାର ମୁଖ୍ୟ ଶକ୍ତି ଏବଂ ବ୍ଲାଷ୍ଟ-ଫର୍ନସ୍ ଅପରେସନ୍ ଗମ୍ଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି ଏବଂ ଉତ୍ପାଦନ ଆଂଶିକ ଭାବେ ବନ୍ଦ ରହିଛି। ଏହି ଆକ୍ରମଣରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୪ ଜଣ ଶ୍ରମିକ ଆହତ ହୋଇଛନ୍ତି। ଲକ୍ଷ୍ମୀ ମିତ୍ତଲଙ୍କ ମାଲିକାନାଧୀନ 'ଆର୍ସଲର ମିତ୍ତଲ କ୍ରିଭି ରିହ' ହେଉଛି ୟୁକ୍ରେନର ସବୁଠାରୁ ବଡ଼ ଇସ୍ପାତ ୟୁନିଟ୍।



ଏହାପୂର୍ବରୁ ୟୁକ୍ରେନ ପକ୍ଷରୁ ରୁଷିଆ ମଧ୍ୟଭାଗକୁ ଶହ ଶହ ଡ୍ରୋନ୍ ଆକ୍ରମଣ କରାଯାଇଛି, ଯେଉଁଥିରେ ଅନ୍ୟୂନ ୬ ଜଣଙ୍କର ମୃତ୍ୟୁ ଘଟିଛି। ରୋମାନିଆ ଏବଂ ମୋଲଡୋଭା ସୀମା ନିକଟରେ ଡ୍ରୋନ୍ ପ୍ରବେଶ କରିବା ପରେ ନାଟୋ ସଦସ୍ୟ ରୋମାନିଆ ଏକ ସ୍ପାନିସ୍ ଯୁଦ୍ଧବିମାନ ଜରିଆରେ ଡ୍ରୋନ୍‌ଟିକୁ ଗୁଳି କରି ଖସାଇ ଦେଇଛି। ରୁଷିଆର ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ଗତକାଲି ରାତିରେ ଦେଶର ବିଭିନ୍ନ ସ୍ଥାନରୁ ପ୍ରାୟ ୮୨୨ଟି ଡ୍ରୋନ୍ ପ୍ରତିହତ କରାଯାଇଛି। ତଥାପି, ଅନେକ ଡ୍ରୋନ୍ ଲକ୍ଷ୍ୟଭେଦ କରିବାରେ ସଫଳ ହୋଇଥିଲା। ମସ୍କୋ ଅଞ୍ଚଳରେ ଏକ ଡ୍ରୋନ୍ ଆକ୍ରମଣରେ ଜଣେ ୮୩ ବର୍ଷ ବୃଦ୍ଧଙ୍କର ମୃତ୍ୟୁ ଘଟିବା ସହ ରୁଷିଆର ସବୁଠାରୁ ବଡ଼ ଅନଲାଇନ୍ ରିଟେଲର୍ 'ୱାଇଲ୍ଡବେରିଜ୍'ର ଏକ ଗୋଦାମରେ ଭୀଷଣ ନିଆଁ ଲାଗିଯାଇଥିଲା। ସେହିପରି ରୋଷ୍ଟୋଭ୍ ଅଞ୍ଚଳରେ ୧୫୦ରୁ ଅଧିକ ଡ୍ରୋନ୍ ଆକ୍ରମଣରେ ଆଉ ୫ ଜଣଙ୍କୁ ଜୀବନ ହରାଇବାକୁ ପଡ଼ିଛି। ପ୍ରତିଶୋଧମୂଳକ ପଦକ୍ଷେପ ସ୍ୱରୂପ ରୁଷିଆ ପକ୍ଷରୁ ୟୁକ୍ରେନର ବିଭିନ୍ନ ସହର ଉପରେ ମିସାଇଲ୍ ଏବଂ ଡ୍ରୋନ ବର୍ଷା କରାଯାଇଛି। ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସିଙ୍କ ଜନ୍ମସ୍ଥାନ କ୍ରିଭି ରିହରେ ଅବସ୍ଥିତ ଆର୍ସଲର ମିତ୍ତଲ କାରଖାନା ବ୍ୟତୀତ କିଭ୍ ସହରର ଏକ ବଡ଼ ବହି ବଜାର ମଧ୍ୟ ଅଗ୍ନିକାଣ୍ଡର ଶିକାର ହୋଇଛି। ଜେଲେନ୍ସିଙ୍କ କହିବାନୁଯାୟୀ, ଗତ ଗୋଟିଏ ସପ୍ତାହ ମଧ୍ୟରେ ୟୁକ୍ରେନର ବିଭିନ୍ନ ସହର ଉପରେ ୧, ୫୫୦ରୁ ଅଧିକ ଆକ୍ରମଣାତ୍ମକ ଡ୍ରୋନ ଏବଂ ୬୨ଟି ମିସାଇଲ୍ ମାଡ କରାଯାଇଛି।

## ଏୟାର ଇଣ୍ଡିଆର ଆଉ ଦୁଇ ପାଇଲଟ୍ ଡ୍ରଗ୍ସ ପରୀକ୍ଷାରେ ବିଫଳ

ନୂଆଦିଲ୍ଲୀ, ୧୭।୮(ଏଜେନ୍ସି): ଫୁକେଟ୍-ଦିଲ୍ଲୀ ବିମାନ ଦୁର୍ଘଟଣା ପରେ ଏୟାର ଇଣ୍ଡିଆ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଦେଶିତ କରାଯାଇଥିବା ପ୍ରାଥମିକ ଡ୍ରଗ୍ସ ପରୀକ୍ଷାରେ ଆଉ ଦୁଇଜଣ ପାଇଲଟ୍ ବିଫଳ ହୋଇଛନ୍ତି। ଚୂଡ଼ାନ୍ତ ପରୀକ୍ଷା ଫଳାଫଳକୁ ଅପେକ୍ଷା କରାଯାଇଥିବାବେଳେ ସେମାନଙ୍କୁ ସାମୟିକ ଭାବେ କାର୍ଯ୍ୟରୁ ନିବୃତ୍ତ (ଡେରୋଷ୍ଟର) କରାଯାଇଛି। ପୂର୍ବରୁ ଫୁକେଟ୍‌ରୁ ଦିଲ୍ଲୀ ଆସୁଥିବା ଏକ ବିମାନରେ ମାର୍ଜୁଆନା (ଗଞ୍ଜେଇ ମିଶ୍ରିତ ପଦାର୍ଥ) ସେବନ କରିଥିବା ଅଭିଯୋଗ ଆସିବା ପରେ ଟାଟା



ପରିଚାଳିତ ଏୟାର ଇଣ୍ଡିଆ ସମସ୍ତ ପାଇଲଟ୍‌ଙ୍କ ପାଇଁ ନୂତନ ମାନକ ପ୍ରଚାଳନ ପ୍ରଣାଳୀ ଅଧୀନରେ ଡ୍ରଗ୍ସ ପରୀକ୍ଷା ବାଧ୍ୟତାମୂଳକ କରିଥିଲା। ଏପର୍ଯ୍ୟନ୍ତ ୩୦୦ରୁ ଅଧିକ ପାଇଲଟ୍ ଏହି ପରୀକ୍ଷା ପ୍ରକ୍ରିୟା ଦେଇ ଗତି କରିଛନ୍ତି। ଚୂଡ଼ାନ୍ତ ଫଳାଫଳ ଆସିବା ପାଇଁ ସାଧାରଣତଃ ୨୪ ରୁ ୪୮ ଘଣ୍ଟା ସମୟ ଲାଗିଥାଏ ବୋଲି ସୂତ୍ରରୁ ପ୍ରକାଶ। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ଯେଉଁ ଘଟଣାକୁ ନେଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା, ସେଥିରେ ଏୟାରବସ୍ ଏ-୩୨୦ ନିଓ ବିମାନଟି ହଠାତ୍ ଆକାଶରେ ୩୦୦ ଫୁଟ୍ ତଳକୁ ଖସି ପଡ଼ିଥିଲା। ବିମାନର ହାଇଡ୍ରୋଲିକ୍ ସିଷ୍ଟମରେ ତ୍ରୁଟି ଯୋଗୁଁ ଏଭଳି ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି କ୍ରମାଗତ ବିମାନ ସୁରକ୍ଷା ତ୍ରୁଟି ଏବଂ ଡ୍ରଗ୍ସ ପରୀକ୍ଷାରେ ପାଇଲଟ୍‌ମାନେ ଧରାପଡ଼ିବା ବିମାନ ଚଳାଚଳ କ୍ଷେତ୍ରରେ ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି। ଯାତ୍ରୀମାନଙ୍କ ଜୀବନ ସୁରକ୍ଷାକୁ ପ୍ରାଥମିକତା ଦେଇ ବିମାନ କର୍ତ୍ତୃପକ୍ଷ ଆଗାମୀ ଦିନରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତୁତ ହେଉଛନ୍ତି।

# ସରିଲା ଆମେରିକା-ଇରାନ ଯୁଦ୍ଧବିରତି ଅବଧି

ନୂଆଦିଲ୍ଲୀ, ୧୭।୮(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବନ୍ଦ କରିବା ପାଇଁ ହୋଇଥିବା ବୁଝାମଣାପତ୍ର (ଏମ୍ଓୟୁ) ସୋମବାର ଶେଷ ହେବାକୁ ଯାଉଛି। ଉଭୟ ପକ୍ଷରୁ ଏହି ଚୁକ୍ତିକୁ ବଢ଼ାଇବା ନେଇ କୌଣସି ସ୍ୱଷ୍ଟ ସଙ୍କେତ ମିଳି ନାହିଁ। ଗତ ଜୁନ୍ ୧୭ ତାରିଖରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ୍ ଏହି ୧୪ ଦଫା ବିଶିଷ୍ଟ ବୁଝାମଣା ସ୍ୱାକ୍ଷର କରିଥିଲେ, ଯାହା ଅଧୀନରେ ୬୦ ଦିନ ଭିତରେ ଏକ ଚୂଡ଼ାନ୍ତ ଚୁକ୍ତି ହେବାର ଥିଲା। ଆମେରିକା-ଇରାନ ମଧ୍ୟରେ ହୋଇଥିବା ଯୁଦ୍ଧବିରତି ବୁଝାମଣାର ୬୦ ଦିନିଆ ସମୟସୀମା ଆଜି ଶେଷ ହେଉଛି। ଉଭୟ ଦେଶ ପରସ୍ପର ଉପରେ ଚୁକ୍ତି ଲଙ୍ଘନ କରିଥିବା ଅଭିଯୋଗ ଆଣିଛନ୍ତି ଏବଂ ଆମେରିକାର ସାମରିକ ଆକ୍ରମଣ ପରେ ଇରାନ ମଧ୍ୟ ନିଜର ପ୍ରତିବଦ୍ଧତା ସ୍ଥଗିତ ରଖିଛି। ହର୍ମୁଜ ପ୍ରଣାଳୀରେ ଜାହାଜଗୁଡ଼ିକର ସୁରକ୍ଷିତ ଯାତାୟାତ ପାଇଁ ଇରାନ ଏବଂ ଓମାନ ମଧ୍ୟରେ ଆଲୋଚନା ଚାଲିଥିବାବେଳେ ଟ୍ରମ୍ପ ଏହି ଜଳପଥ ଉପରେ ଆମେରିକାର ଅଧିକାର ରହିବ



ବୋଲି ଘୋଷଣା କରିଛନ୍ତି। ଚୁକ୍ତି ଅନୁଯାୟୀ, ଉଭୟ ଦେଶ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା ଏବଂ ଲେବାନନରେ ଶାନ୍ତି ରକ୍ଷା କରିବା କଥା ଥିଲା। କିନ୍ତୁ ଚୁକ୍ତି ସ୍ୱାକ୍ଷର ହେବାର ମାତ୍ର କିଛିଦିନ ଭିତରେ ଉଭୟ ଦେଶ ପରସ୍ପର ବିରୋଧୀ ଅଭିଯୋଗ ଆଣିଥିଲେ। ଇରାନର ବୈଦେଶିକ ମନ୍ତ୍ରୀ ସେୟଦ ଅବ୍ବାସ ଆରାଘଚି କହିଛନ୍ତି ଯେ ଆମେରିକା ସହ ସିଧାସଳଖ ଆଲୋଚନା ପୁନଃଆରମ୍ଭ କରିବା ନେଇ ଇରାନ କୌଣସି ନିଷ୍ପତ୍ତି ନେଇ ନାହିଁ ଏବଂ ଆମେରିକା ଏହି ଚୁକ୍ତିକୁ ଭଙ୍ଗ କରିଛି। ଅନ୍ୟପକ୍ଷରେ, ଆମେରିକା ଇରାନ ଉପରେ ଆର୍ଥିକ ଚାପ ସୃଷ୍ଟି ଜାରି ରଖିଛି। ଇରାନ ମୁଖ୍ୟ ଆଲୋଚକ ମହମ୍ମଦ ବାଘର ଗାଲିବାଫ୍ ଦାବି କରିଛନ୍ତି ଯେ ଆମେରିକା ଏବଂ ଇସ୍ରାଏଲ୍ ସେମାନଙ୍କର କୌଣସି ଉଦ୍ଦେଶ୍ୟରେ ସଫଳ ହୋଇନାହାଁନ୍ତି ଏବଂ ଏହି ଯୁଦ୍ଧରେ ଇରାନ ବିଜୟୀ ହୋଇଛି। ବୁଝାମଣା ଶେଷ ହେବା ଏବଂ କୌଣସି ସ୍ଥାୟୀ ସମାଧାନ ନ ବାହାରିବାରୁ ଆଗାମୀ ଦିନରେ ମଧ୍ୟପ୍ରାଚ୍ୟରେ ପୁଣିଥରେ ଯୁଦ୍ଧର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ବୃଦ୍ଧି ପାଇଛି।

## ମଧ୍ୟସ୍ଥତା ପାଇଁ ଇରାକୀ ନେତା ନେଚିର୍ଭାନ ବାରଜାନୀଙ୍କ ସହାୟତା ନେଇଥିଲେ ଟ୍ରମ୍ପ


ୱାସିଂଟନ, ୧୭।୮(ଏଜେନ୍ସି): ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଏବଂ ଇରାନ ମଧ୍ୟରେ ସିଧାସଳଖ ଆଲୋଚନା ସମୟରେ ତେହେରାନର ପ୍ରକୃତ ସ୍ଥିତି ଜାଣିବା ନେଇ ସମସ୍ୟା ଉପୁଜିଥିଲା। ଏହି ଦ୍ୱନ୍ଦ୍ୱ ଦୂର କରିବା ପାଇଁ ଆମେରିକା ଗୁଇନ୍ଦା ମୁଖ୍ୟ ତୁଲସୀ ଗାବାର୍ଡ ଇରାକର କୁର୍ଦ୍ଦିସ୍ତାନ ଅଞ୍ଚଳର ପ୍ରେସିଡେଣ୍ଟ ନେଚିର୍ଭାନ ବାରଜାନୀଙ୍କ ସହ ଏକ ଗୁପ୍ତ ଯୋଗାଯୋଗ ସ୍ଥାପନ କରିଥିଲେ। ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଇରାନର ସଂସଦ ସ୍ପିକର ମହମ୍ମଦ ବାଘର ଘାଲିବାଫ୍ ଏବଂ ବୈଦେଶିକ ମନ୍ତ୍ରୀ ଅବାସ ଆରାଘଚି ପ୍ରକୃତରେ ସେନା ବା ଇସ୍ଲାମିକ୍ ରେଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ପକ୍ଷରୁ କଥା ହେଉଛନ୍ତି କି ନାହିଁ, ତାହା ଯାଞ୍ଚ କରିବା ପାଇଁ ଆମେରିକା ଚାହୁଁଥିଲା। ପାର୍ସୀ ଭାଷାରେ ଦକ୍ଷ ଏବଂ ଇରାନର ଶୀର୍ଷ ନେତୃତ୍ୱଙ୍କ ସହ ଭଲ ସମ୍ପର୍କ ରଖିଥିବା ବାରଜାନୀ ଏହି କାର୍ଯ୍ୟ ପାଇଁ ସବୁଠାରୁ ଉପଯୁକ୍ତ ବୋଲି ବିବେଚନା କରାଯାଇଥିଲା। ମେ' ମାସରେ ତୁଲସୀ ଗାବାର୍ଡ ବାରଜାନୀଙ୍କ ସହ ଯୋଗାଯୋଗ କରି ଆଇଆରଜିସି କମାଣ୍ଡର ଜେନେରାଲ ଅହମ୍ମଦ



ଭାହିଦିଙ୍କ ସହ କଥା ହେବାରେ ସହଯୋଗ ମାଗିଥିଲେ। ବାରଜାନୀ ଏଥିରେ ରାଜି ହୋଇ ଇରାନ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ ଏବଂ ଏକ ଏନକ୍ରିପ୍‌ଟେଡ୍ ଫୋନ୍ ମାଧ୍ୟମରେ ଭାହିଦିଙ୍କ ସହ ଆମେରିକାର ବାର୍ତ୍ତା ଆଦାନପ୍ରଦାନ କରିଥିଲେ। ଭାହିଦି ଆମେରିକାକୁ ସ୍ୱଷ୍ଟ କରିଥିଲେ ଯେ ସେମାନେ ଆଲୋଚନା ମାଧ୍ୟମରେ ସଙ୍କଟର ସମାଧାନ ଚାହାଁନ୍ତି। ତେବେ ପରବର୍ତ୍ତୀ ସମୟରେ ଇରାନର ସୁରକ୍ଷାଗତ ଚିନ୍ତା ଯୋଗୁଁ ଆମେରିକା ଏବଂ ଇରାନ ମଧ୍ୟରେ ହେବାକୁ ଥିବା ଗୁପ୍ତ ବୈଠକ ସମ୍ଭବ ହୋଇପାରି ନଥିଲା। ଏହି ଘଟଣା ପ୍ରମାଣ କରୁଛି ଯେ ଟ୍ରମ୍ପ ପ୍ରଶାସନ ପାଇଁ ଇରାନର ନେତୃମଣ୍ଡଳୀଙ୍କୁ ଚିହ୍ନିବା ଏବଂ ସେମାନଙ୍କ ସହ ଯୋଗାଯୋଗ ରଖିବା କେତେ ଜଟିଳ ଅଟେ।

## ପାକ୍ ଟିକ୍‌ଟକ୍ ତାରକାଙ୍କୁ ହତ୍ୟା

ତକ୍ଷଶୀଳା, ୧୭।୮(ଏଜେନ୍ସି): ପାକିସ୍ତାନର ତକ୍ଷଶୀଳାରେ ଦୁଇ ଅଜଣା ବନ୍ଧୁକଧାରୀଙ୍କ ଗୁଳିମାଡ଼ରେ ଟିକଟକ ତାରକା ଶାମସୁ ବିବିଙ୍କ ମୃତ୍ୟୁ ହୋଇଛି। ଆୟେଶା ଗିଲାମାନା ନାମରେ ପରିଚିତ ଏହି ଯୁବତୀଙ୍କ ସହ ଗାଡ଼ିରେ ଥିବା ତାଙ୍କ ୧୫ ବର୍ଷୀୟ ଭଉଣୀ ଆସିମା ଗୁରୁତର ଆହତ ହୋଇଛନ୍ତି। ଅଗଷ୍ଟ ୧୪ରେ



ଦୁଇ ଜଣ ଆକ୍ରମଣକାରୀ ମୋଟରସାଇକେଲରେ ଆସି ଏକ ପେଟ୍ରୋଲ ପମ୍ପ ନିକଟରେ ତାଙ୍କ ଗାଡ଼ି ଉପରକୁ ଗୁଳି ଚଳାଇଥିଲେ। ଗୁଳି ଶାମସୁଙ୍କ ବେକରେ ବାଜିବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ଗୁଳିମାଡ଼ ପରେ ଗାଡ଼ିଟି ନିୟନ୍ତ୍ରଣ ହରାଇ ଅନ୍ୟ ଏକ ଗାଡ଼ିକୁ ଧକ୍କା ଦେବାରୁ ଆସିମା ଆହତ ହୋଇଥିଲେ। ଶାମସୁଙ୍କ ପରିବାର ଅଭିଯୋଗ କରିଛି ଯେ, ତାଙ୍କର ପ୍ରାୟ ୧୩ ଲକ୍ଷ ଅନୁଗାମୀ ଥିଲେ ଏବଂ ସେ ପ୍ରାୟ ୩ରୁ ୪ ବର୍ଷ ଧରି ଟିକଟକରେ ଭିଡିଓ କରୁଥିଲେ। ମୃତ୍ୟୁ ପୂର୍ବରୁ ତାଙ୍କୁ ଅର୍ଥ ନେଣଦେଣକୁ ନେଇ କେତେକ ବ୍ୟକ୍ତିଙ୍କ ପକ୍ଷରୁ ଧମକ ମିଳିଥିବା ମଧ୍ୟ ପରିବାର ପକ୍ଷରୁ କୁହାଯାଇଛି। ପୁଲିସ ନାମ ଉଲ୍ଲେଖ ହୋଇଥିବା ସନ୍ଦିଗ୍ଧଙ୍କ ସମେତ ଦୁଇ ଅଜଣା ଆକ୍ରମଣକାରୀଙ୍କ ବିରୋଧରେ ହତ୍ୟା, ହତ୍ୟା ଉଦ୍ୟମ ଓ ଅପରାଧରେ ସହଯୋଗ ସମ୍ପର୍କିତ ଧାରାରେ ମାମଲା ରୁଜୁ କରିଛି। ଲୋକପ୍ରିୟ ଟିକଟକ ତାରକାଙ୍କ ହତ୍ୟା ଘଟଣାରେ ପୁଲିସ ତଦନ୍ତ ଆରମ୍ଭ କରିଥିବାବେଳେ ଆକ୍ରମଣକାରୀଙ୍କ ପରିଚୟ ଓ ହତ୍ୟା ପଛର ପ୍ରକୃତ କାରଣ ଏବେ ବି ଅସ୍ୱଷ୍ଟ ରହିଛି।

# ସୁପ୍ରିମକୋର୍ଟରେ ମିଳିଲା ରାହୁଲ ଗାନ୍ଧୀଙ୍କୁ ଆଶ୍ୱସ୍ତି

ନୂଆଦିଲ୍ଲୀ, ୧୭।୮(ଏଜେନ୍ସି): କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ଏକ ବଡ଼ ଆଶ୍ୱସ୍ତି ପ୍ରଦାନ କରି ସୁପ୍ରିମକୋର୍ଟ ସୋମବାର ଦିନ ଆହ୍ଲାବାଦ ହାଇକୋର୍ଟଙ୍କ କାର୍ଯ୍ୟାନୁଷ୍ଠାନ ଉପରେ ରୋକ୍ ଲଗାଇଛନ୍ତି। ରାହୁଲ ଗାନ୍ଧୀଙ୍କ ପାଖରେ ଆୟ ବହିର୍ଭୂତ ସମ୍ପତ୍ତି ଥିବା ଅଭିଯୋଗ ନେଇ ହାଇକୋର୍ଟରେ ଚାଲିଥିବା ମାମଲାର ଶୁଣାଣିକୁ ଆଗକୁ ନ ବଢ଼ାଇବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ସିବିଆଇ ଏବଂ ଇଡ଼ି କୌଣସି ରିପୋର୍ଟ ଦାଖଲ ନ କରିବାକୁ କୋର୍ଟ ବାରଣ କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଅନ୍ୟାନ୍ୟ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଆବେଦନକାରୀ ଏସ ଭିଗ୍ନେଶ ଶିଶିର, ସିବିଆଇ ଏବଂ ଇଡ଼ିକୁ ନୋଟିସ୍ ଜାରି କରିଛନ୍ତି। ରାହୁଲ ଗାନ୍ଧୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ହାଜିର ହୋଇ ଏହି ମାମଲାକୁ ଏକ 'ରାଜନୈତିକ ପ୍ରତିଶୋଧ ଏବଂ ଗୁଇନ୍ଦା ବିଭାଗର ଅପବ୍ୟବହାର' ବୋଲି ଦର୍ଶାଇଥିଲେ। ଶୁଣାଣି ସମୟରେ ସୁପ୍ରିମକୋର୍ଟ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ମଧ୍ୟ ପ୍ରଶ୍ନ କରିଛନ୍ତି। ଯଦି ଅଭିଯୋଗ ଏତେ ଗମ୍ଭୀର ଥିଲା, ତେବେ ତଦନ୍ତକାରୀ ସଂସ୍ଥାଗୁଡ଼ିକ ପୂର୍ବରୁ ନିଜଆଡ଼ୁ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ ଏବଂ କୋର୍ଟଙ୍କ ନିର୍ଦ୍ଦେଶକୁ ଅପେକ୍ଷା କଲେ ବୋଲି ବିଚାରପତି ଜୟମାଲ୍ୟ ବାଗଚୀ ପ୍ରଶ୍ନ କରିଛନ୍ତି। ଆହ୍ଲାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ ପୂର୍ବରୁ ଏହି ମାମଲାରେ ସିବିଆଇଠାରୁ ରିପୋର୍ଟ ତଲବ କରିଥିଲେ, ଯାହାକୁ ବର୍ତ୍ତମାନ ସୁପ୍ରିମକୋର୍ଟ ସ୍ଥଗିତ ରଖିଛନ୍ତି।



ଆହ୍ଲାବାଦ ହାଇକୋର୍ଟଙ୍କ କାର୍ଯ୍ୟାନୁଷ୍ଠାନ ଉପରେ ସୁପ୍ରିମକୋର୍ଟଙ୍କ ରୋକ୍

## ଅନ୍-ଲାଇନରେ ଜନ୍ମ ନେଲା ଆଉ ଏକ ପାର୍ଟି

# 'କକ୍ରୋଚ୍' ପରେ ଦିମାଗୀ ନକ୍ସଲ ଜନତା ପାର୍ଟି

ନୂଆଦିଲ୍ଲୀ, ୧୭।୮(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱାଧୀନତା ଦିବସ ଅଭିଭାଷଣରେ ବ୍ୟବହୃତ ଏକ ଶବ୍ଦ ଏବେ ଭାରତୀୟ ସାମାଜିକ ଗଣମାଧ୍ୟମରେ ଝଡ଼ ସୃଷ୍ଟି କରିଛି। ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ ନିଜ ଅଭିଭାଷଣରେ 'ଦିମାଗୀ ନକ୍ସଲ' ଆଖ୍ୟା ବ୍ୟବହାର କରିଥିଲେ। ଏହାକୁ ନେଇ ରାଜନୈତିକ ବିତର୍କ ସୃଷ୍ଟି ହେବା ସହ କକ୍ରୋଚ ଜନତା ପାର୍ଟି ଭଳି ନୂଆ ଭର୍ଚୁଆଲ ଦଳ ସୃଷ୍ଟି ହୋଇଛି। ଯୁବପିଢ଼ି ଏହି ଆଖ୍ୟାକୁ ସମ୍ମାନ ଭାବେ ଗ୍ରହଣ କରିଥିବା ଦେଖିବାକୁ ମିଳୁଛି। ଅଗଷ୍ଟ ୧୫ରେ ଦେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଦେଶର ଜଙ୍ଗଲରୁ ସଶସ୍ତ୍ର ନକ୍ସଲମାନଙ୍କୁ ସମାପ୍ତ କରିବାରେ ସରକାର ସଫଳ ହୋଇଛନ୍ତି। କିନ୍ତୁ ଏବେ 'ଦିମାଗୀ ନକ୍ସଲ' ବା ବୌଦ୍ଧିକ ନକ୍ସଲମାନେ ସକ୍ରିୟ ରହି ଯୁବପିଢ଼ିଙ୍କୁ ବିଭ୍ରାନ୍ତ କରୁଛନ୍ତି। ପ୍ରଧାନମନ୍ତ୍ରୀ ଏହିପରି ଲୋକଙ୍କୁ ଚିହ୍ନଟ କରି ସେମାନଙ୍କୁ ସମାଜରୁ ପୃଥକ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଭାଷଣର ମାତ୍ର କିଛି ଘଣ୍ଟା ମଧ୍ୟରେ ଇନଷ୍ଟାଗ୍ରାମରେ 'ଦିମାଗୀ ନକ୍ସଲ ପାର୍ଟି' ନାମକ ଏକ ଆକାଉଣ୍ଟ ଖୋଲାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବେ ଏହି ପେଜ୍ ମାତ୍ର ୨୪ ଘଣ୍ଟା ମଧ୍ୟରେ ୧.୬ ଲକ୍ଷରୁ ଅଧିକ ଫଲୋଅର୍ସ ହାସଲ କରିଥିଲା। ବର୍ତ୍ତମାନ ଏହି ସଂଖ୍ୟା ୨.୫ ଲକ୍ଷ ଅତିକ୍ରମ କରିଛି। ଏହି ପେଜ୍‌ର ବାୟୋରେ 'ଚିନ୍ତା କର, ଗବେଷଣା କର ଏବଂ ପ୍ରତିରୋଧ କର' ବୋଲି ସ୍ଲୋଗାନ ଦିଆଯାଇଛି। ଏହାର ପ୍ରତିଷ୍ଠାତାଙ୍କ କୌଣସି ସ୍ୱଷ୍ଟ ପରିଚୟ ମିଳିନାହିଁ। କିନ୍ତୁ ପ୍ରତିଷ୍ଠାତା 'ଜଣେ ଦିମାଗୀ ଭାରତୀୟ' ଏବଂ ସହ-ପ୍ରତିଷ୍ଠାତା '୫୬ ଇଞ୍ଚ କା' ନାମ ଉଲ୍ଲେଖ କରାଯାଇଛି।

ସେପଟେ ପ୍ରଧାନମନ୍ତ୍ରୀଙ୍କ ଏହି ମନ୍ତବ୍ୟକୁ ନେଇ ବିରୋଧୀ ଦଳଗୁଡ଼ିକ ତୀବ୍ର ସମାଲୋଚନା କରିଛନ୍ତି। କଂଗ୍ରେସ ନେତା ପି. ଚିଦାମ୍ବରମ ଏକ୍ସ'ରେ ଲେଖିଛନ୍ତି ଯେ, 'ମୁଁ ଜଣେ ଦିମାଗୀ ନକ୍ସଲ ହୋଇଥିବାରୁ ଗର୍ବିତ'। ଅନ୍ୟପକ୍ଷରେ କେନ୍ଦ୍ର ମନ୍ତ୍ରୀ କିରନ ରିଜିଜୁ ସ୍ୱଷ୍ଟ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ବିରୋଧୀ ନେତାଙ୍କ ଉଦ୍ଦେଶ୍ୟରେ ଏପରି କହିନାହାନ୍ତି। ସେ ଏନେଇ ସାମାଜିକ ଗଣମାଧ୍ୟମ ଏକ୍ସରେ ସ୍ୱଷ୍ଟୀକରଣ ରଖିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଭାଷଣର ବ୍ୟାଖ୍ୟା କରି ୩ ପ୍ରକାର ଲୋକଙ୍କ ଉଦ୍ଦେଶ୍ୟରେ ଏପରି ଶବ୍ଦ ପ୍ରୟୋଗ ହୋଇଥିବା ସେ କହିଛନ୍ତି। ଯେପରିକି ଯେଉଁମାନେ ମାଓବାଦୀଙ୍କୁ ସମର୍ଥନ କରନ୍ତି ଏବଂ ଭାରତୀୟ ସମ୍ବିଧାନକୁ ପ୍ରତ୍ୟାଖ୍ୟାନ କରନ୍ତି, ଯେଉଁମାନେ ବିଚ୍ଛିନ୍ନତାବାଦୀଙ୍କୁ ଏବଂ ଧାରା ୩୭୦କୁ ସମର୍ଥନ କରନ୍ତି ଏବଂ ଯେଉଁମାନେ ଉତ୍ତର-ପୂର୍ବକୁ ଭାରତକୁ ଅଲଗା କରିବା ଉଦ୍ଦେଶ୍ୟରେ ସିଲିଗୁଡ଼ି କରିଡରକୁ ଭାରତର ମୂଳ ଭୂଖଣ୍ଡକୁ କାଟି ଅଲଗା କରିବାକୁ ଚାହାନ୍ତି କେବଳ ସେହିମାନଙ୍କ ପାଇଁ ଦିମାଗୀ ନକ୍ସଲ ଆଖ୍ୟା ପ୍ରଯୁଜ୍ୟ।

## ୫୦ ଜଣଙ୍କୁ ବିଦା କଲା ଏନ୍‌ଟିଏ

ନୂଆଦିଲ୍ଲୀ, ୧୭।୮(ଏଜେନ୍ସି): ଦେଶର ବିଭିନ୍ନ ପ୍ରତିଷ୍ଠିତ ପ୍ରବେଶିକା ପରୀକ୍ଷା ପରିଚାଳନାରେ ବାରମ୍ବାର ଗୁରୁତର ତ୍ରୁଟି ଏବଂ ଅନିୟମିତତା ଦେଖା ଦେଉଛି। ଏହାକୁ ନେଇ ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ) ସମାଲୋଚନାର ଶିକାର ହୋଇଛି। ଏପରିକି ସିଜେପି ଦଳ ସୃଷ୍ଟି ହେବାସହ ଶିକ୍ଷା କ୍ଷେତ୍ରରେ ସୁଧାର ନେଇ ଦେଶରେ ଦାବି ଉଠିବାରେ ଲାଗିଛି। ଏହାପରେ ଏହି ସଂସ୍ଥାରେ ବଡ଼ ଧରଣର ସଂସ୍କାର ପାଇଁ ସରକାର ବାଧ୍ୟ ହୋଇଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ପରୀକ୍ଷା ପରିଚାଳନା ବ୍ୟବସ୍ଥାରେ ସ୍ୱଚ୍ଛତା ଓ ନିରାପତ୍ତା ବଜାୟ ରଖିବା ପାଇଁ ଏନ୍‌ଟିଏର ସମ୍ପୂର୍ଣ୍ଣ ପୁନର୍ଗଠନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକ୍ରିୟାରେ ଏନ୍‌ଟିଏରୁ ୫୦ରୁ ଅଧିକ କର୍ମଚାରୀଙ୍କୁ ବହିଷ୍କୃତ କରାଯାଇଥିବା ଜଣାପଡ଼ିଛି। ଏଜେନ୍ସିର ବୈଷୟିକ ଏବଂ ନିରାପତ୍ତା ଦକ୍ଷତା ବୃଦ୍ଧି କରିବା ପାଇଁ ୧୦ଟି ନୂତନ ବୃତ୍ତିଗତ ନେତୃତ୍ୱ ପଦବୀ ସୃଷ୍ଟି କରାଯାଇଛି। ଏଥିରେ ଚିଫ୍ ଟେକ୍ନୋଲୋଜି ଅଫିସର (ସିଟିଓ), ଚିଫ୍ ଫାଇନାନ୍ସ ଅଫିସର (ସିଏଫ୍ଓ), ଚିଫ୍ ଇନଫର୍ମେସନ୍ ସିକ୍ୟୁରିଟି ଅଫିସର (ସିଆଇଏସ୍ଓ) ଏବଂ ପରୀକ୍ଷା ନିରାପତ୍ତା ତଥା ଗବେଷଣା ପାଇଁ ଜେନେରାଲ ମ୍ୟାନେଜର ପଦବୀ ସାମିଲ ଅଛି। ଏପରିକି ସାଇବର ସୁରକ୍ଷା ଏବଂ ପ୍ରଶ୍ନପତ୍ର ପ୍ରସ୍ତୁତି ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ବେସରକାରୀ କ୍ଷେତ୍ରରୁ ବିଶେଷଜ୍ଞମାନଙ୍କୁ ନିଯୁକ୍ତି ଦିଆଯାଉଛି। ଶିକ୍ଷା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏକ ସମୀକ୍ଷା ବୈଠକରେ ପରୀକ୍ଷାର ଗୋପନୀୟ କାର୍ଯ୍ୟକଳାପ (ସିଓଏନ୍‌ଓପିଏସ୍) ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପରୀକ୍ଷା ପରିଚାଳନା ବ୍ୟବସ୍ଥା ଓ ନିୟମଗୁଡ଼ିକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସେ କହିଛନ୍ତି। ଏହା ସହିତ, ଏନ୍‌ଟିଏକୁ ସମସ୍ତ ପରୀକ୍ଷା ପ୍ରକ୍ରିୟାର ଏକ ବିସ୍ତୃତ ଅଡିଟ୍ କରିବାକୁ କୁହାଯାଇଛି।

# ବନ୍ୟାଞ୍ଚଳରେ ଦୁଇ ବିଧାୟିକାଙ୍କୁ ଦୁର୍ବ୍ୟବହାର





ଦଶରଥପୁର,୧୭।୮ (ସମିସ): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଯାଜପୁର ବନ୍ୟାଞ୍ଚଳ ଗସ୍ତ ସମୟରେ ଆଜି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ସାଥୀରେ ଯିବାକୁ ଡାକିଥିବା ସ୍ଥାନୀୟ ଦୁଇ ବିଧାୟିକାଙ୍କୁ ଅପମାନିତ କରାଯିବ ସହ ବିଜେପି କର୍ମୀମାନେ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ବିଜେଡି ତରଫରୁ ଧାରଣା ଦିଆଯିବା ସହ ବିଜେପି ସମର୍ଥକଙ୍କ ନାଁରେ ଥାନାରେ ଅଭିଯୋଗ କରାଯାଇଛି।

ମୁଖ୍ୟମନ୍ତ୍ରୀଙ୍କ ଦଶରଥପୁର ବ୍ଲକ ବନ୍ୟାଞ୍ଚଳ ପରିଦର୍ଶନ ସମୟରେ ଉପସ୍ଥିତ ରହିବାକୁ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଯାଜପୁର ବିଧାୟିକା ସୁଜାତା ସାହୁ ଏବଂ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ଅନୁରୋଧ କରିଥିଲେ। ସେହି ଅନୁଯାୟୀ ଉଭୟ ବିଧାୟିକା ମୁଖ୍ୟମନ୍ତ୍ରୀଙ୍କୁ ତରପଦା ପଞ୍ଚାୟତର ପତିରି ଛକ ନିକଟରେ ଅପେକ୍ଷା କରିଥିଲେ। ସେଠାରୁ ବୋଟ ଯୋଗେ ବନ୍ୟାଞ୍ଚଳକୁ ମୁଖ୍ୟମନ୍ତ୍ରୀଙ୍କ ସହିତ ଯିବାର ଥିଲା। କିନ୍ତୁ ପୂର୍ବରୁ ନିୟୋଜିତ ଥିବା ସମସ୍ତ ୪ଟି ବୋଟରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ମନ୍ତ୍ରୀ ଓ ବିଜେପି କର୍ମୀମାନେ ଅକ୍ତିଆର କରି ନେଇଥିଲେ। ଯାଜପୁର ବିଧାୟିକା ଓ ବିଞ୍ଝାରପୁର ବିଧାୟିକା ବୋଟ୍‌ରେ ବସିବାକୁ ଯିବାକୁ ଚାହିଁବାରୁ ସେଠାରେ ଉପସ୍ଥିତ ଥିବା ବିଜେପି ନେତା ଗୌତମ ରାୟଙ୍କ ଶତାଧିକ ସମର୍ଥକ ଉଭୟ ବିଧାୟିକା ଏବଂ ଦୁଇ ମହିଳା ଜିଲ୍ଲା ପରିଷଦ ସଦସ୍ୟାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଆକ୍ରମଣ କରିବାକୁ ପଛାଇନଥିଲେ। ଏହାର ପ୍ରତିବାଦ କରି ଉଭୟ ବିଧାୟିକା ଏବଂ ବିଜେଡି ସମର୍ଥକମାନେ ସେଠାରେ ବସି ରହି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଜିଦ ଧରିଥିଲେ।

- ପ୍ରତିବାଦରେ ବିଜେଡିର ଧାରଣା
- ବିଜେପି ସମର୍ଥକଙ୍କ ନାଁରେ ଥାନାରେ ଅଭିଯୋଗ

ଏହି ସମୟରେ ସେଠାରେ ଥିବା କିଛି ବିଜେପି କର୍ମୀ ଉଭୟ ୨ ବିଧାୟିକା ଓ ସେଠାକାର ଦୁଇଜଣ ମହିଳା ଜିଲ୍ଲା ପରିଷଦର ସଭ୍ୟାଙ୍କୁ ଦେଖାଇ ବିଭିନ୍ନ ପ୍ରକାର ନାରାବାଜି କରିବା ସହ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଖବର ପାଇ ସେଠାରେ କିଛି ହାତଗଣତି ବିଜେଡି କର୍ମୀ ପହଞ୍ଚିବା ପରେ ଏହାକୁ ନେଇ ଉଭୟ ବିଜେପି ଏବଂ ବିଜେଡି କର୍ମୀଙ୍କ ମଧ୍ୟରେ ପେଲାଠେଲା, ଯୁକ୍ତି ତର୍କ ଲାଗିରହିଥିଲା। ପୁଲିସକୁ ଏହା ନିୟନ୍ତ୍ରଣ କରିବାରେ ନାକେଦମ୍ ହେବାକୁ ପଡ଼ିଥିଲା। ଏହି ଘଟଣାକୁ ନେଇ ୬ ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ମାମିନା ମଲ୍ଲିକ ଦଶରଥପୁର ଥାନାରେ ଏତଲା ଦାୟର କରିଛନ୍ତି। ସେ ବିଜେପି ଦଳର କର୍ମୀ ଶକ୍ତି ସୌରଭ ମହାପାତ୍ର(ଚଟି), ସତ୍ୟରଞ୍ଜନ ପାଲ, ବିଜେପି ଜିଲ୍ଲା ସଂପାଦକ ତପନ ନନ୍ଦ, ପୂର୍ବତନ ଜିଲ୍ଲା ସଂପାଦକ ସୁଦିପ୍ତ ପଣ୍ଡା, ଇନ୍ଦ୍ରଜିତ ଦାସ, ଅମିତ କୁମାର ନାୟକ ଏବଂ ସନି ହୋସେନ ପ୍ରମୁଖ ତାଙ୍କୁ ଦୁର୍ବ୍ୟବହାର, ଗାଳିଗୁଲଜ ଓ ଜାତିଆଣ ଆକ୍ଷେପ କରିଥିବା ଅଭିଯୋଗ କରିଛନ୍ତି। ସେହିଭଳି ବଜରାପାଟ ଗ୍ରାମର ବିଜେଡି କର୍ମୀ ଶିଶିର କୁମାର ଧଳ ଆକ୍ରମଣର ଶିକାର ହେବା ସହିତ ତାଙ୍କ ଠାରୁ ସୁନା ଚେନ ବିଜେପି କର୍ମୀ ମାନେ ଲୁଟି ନେଇଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ସମସ୍ତ ଅଭିଯୋଗକୁ ବିଜେପି ନେତା ଗୌତମ ରାୟ ଖଣ୍ଡନ କରିଛନ୍ତି।

# ତୃତୀୟ ଥର ବିପଦ ସଂକେତ ଉପରେ ବୈତରଣୀ; ବଢୁଛି ଦୁର୍ଦ୍ଦଶା



ଆନନ୍ଦପୁର,୧୭।୮ (ସମିସ) : ଚଳିତବର୍ଷ ବୈତରଣୀ ନଦୀ ରେ ତୃତୀୟ ଥର ପାଇଁ ବନ୍ୟାଜଳ ଆଜି ଆନନ୍ଦପୁର ଠାରେ ବିପଦସଂକେତ ଅତିକ୍ରମ କରିଛି। ଫଳରେ ସମଗ୍ର ଆନନ୍ଦପୁର ଉପଖଣ୍ଡରେ କ୍ଷୟକ୍ଷତି ହୋଇଛି। ତିନିସପ୍ତାହ ଧରି ବନ୍ୟା ପରିସ୍ଥିତି ଲାଗିରହିଥିବାରୁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଳସମ୍ପଦ ବିଭାଗ ରିଂ ରୋଡରେ ହୋଇଥିବା ଘାଇ ମରାମତି କରିପାରିନଥିବାରୁ ଆନନ୍ଦପୁର ସହରରେ ତୃତୀୟ ଥର ପାଇଁ ବନ୍ୟା ଜଳ ପଶି ସହର ତଳି ଅଞ୍ଚଳରେ ରହୁଥିବା ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପରିବାରଙ୍କ ଘରେ ଏବେ ବି ବନ୍ୟାଜଳ ପୂରିରହିଛି। ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ବୈତରଣୀ ନଦୀରେ ଚଳିତ ବର୍ଷର ତୃତୀୟ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଆନନ୍ଦପୁର ରାଜଘାଟଠାରେ ବୈତରଣୀ ଜଳସ୍ତର ବିପଦସଂକେତ ଅତିକ୍ରମ କରି ରାତି ୯ଟା ସୁଦ୍ଧା ଜଳସ୍ତର ୩୯.୧୯୦ ମିଟରରେ ପ୍ରବାହିତ ହେଉଥିବା କେନ୍ଦ୍ରୀୟ ଜଳ ଆୟୋଗ ସୂତ୍ରରୁ ସୂଚନା ମିଳିଛି। ଗତ ଜୁଲାଇ ମାସ ୨୮ ତାରିଖରେ ରିଂରୋଡ୍‌ରେ ଘାଇ ହେବାର ୨୦ ଦିନ ପରେ ବି ମରାମତି ହୋଇ ନ ପାରିବାରୁ ରିଂ ରୋଡ୍‌ରେ ପକାଯାଇଥିବା ବାଲିବସ୍ତା ଦେଇ ପାଣି ସହର ମଧ୍ୟକୁ ପଶିବା ଆରମ୍ଭ କରିଛି। ରାତି ୯ଟା ବେଳକୁ ପାଣି ପ୍ରବଳ ସ୍ରୋତରେ ସହର ମଧ୍ୟକୁ ପଶିଥିଲା। ବୈତରଣୀ ଜଳସ୍ତର ବୃଦ୍ଧି ପାଉଥିବାରୁ ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇପଡ଼ି ଅନ୍ୟତ୍ର ଆଶ୍ରୟ ନେଇଛନ୍ତି।

# ନେତାଙ୍କ ଇଙ୍ଗିତରେ ଘାଇ ମରାମତି ମହଙ୍ଗା ପଡ଼ିଲା; କ୍ଷତିଗ୍ରସ୍ତଙ୍କ ରାସ୍ତା ଅବରୋଧ



ଆନନ୍ଦପୁର,୧୭।୮ (ସମିସ) ଆନନ୍ଦପୁର ରିଂ ରୋଡରେ ହୋଇଥିବା ଘାଇ ମରାମତି ଦାବିରେ କ୍ଷତିଗ୍ରସ୍ତ ପରିବାର ରାଜରାସ୍ତା ଅବରୋଧ କରିଛନ୍ତି। ଧାରଣାରେ ବସି ଏହାର ପ୍ରତିବାଦ କରିଛନ୍ତି। ରାସ୍ତା ରୋକ୍ ଯୋଗୁଁ ଆନନ୍ଦପୁର-କରଞ୍ଜିଆ ରାସ୍ତାରେ ଦୀର୍ଘ ସମୟ ଧରି ଗାଡ଼ି ମୋଟର ଚଳାଚଳ ବ୍ୟାହତ ହୋଇଛି। ଘଟଣାସ୍ଥଳରେ କଂଗ୍ରେସ ନେତା ଜୟଦେବ ଜେନା ପହଞ୍ଚି କ୍ଷତିଗ୍ରସ୍ତଙ୍କୁ ସମବେଦନା ଜଣାଇବା ସହିତ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଗତ ୨୮ ତାରିଖରେ ବୈତରଣୀ ନଦୀରେ ଆସିଥିବା ବନ୍ୟା ଫଳରେ ଆନନ୍ଦପୁର ରିଙ୍ଗବନ୍ଧରେ ସୃଷ୍ଟି ହୋଇଥିଲା ପ୍ରାୟ ୫୦ ଫୁଟର ଘାଇ। ବିଭାଗୀୟ ଯନ୍ତ୍ରୀ ତଦାରଖ କରି ଘାଇ ମରାମତି କରିବା ପୂର୍ବରୁ ବିଜେପି ନେତାଙ୍କ ଇଙ୍ଗିତରେ ଦଳୀୟ କର୍ମୀମାନେ ଏହି କାମ ଆରମ୍ଭ କରିଦେବାରୁ ଜଳସମ୍ପଦ ବିଭାଗ ମୁହଁ ଫେରାଇ ନେଇଥିଲା। ଦୀର୍ଘ ୨୦ ଦିନ ସମୟ ମିଳିଥିଲେ ମଧ୍ୟ ଘାଇ ମରାମତି ନହେବାରୁ ତୃତୀୟ ଥର ପାଇଁ ବନ୍ୟା ଜଳ ଆନନ୍ଦପୁର ସହର ତଳି ଅଞ୍ଚଳକୁ ପଶିବାରୁ ଦୁର୍ଗତଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ବିଶେଷ କରି ୪ନଂ ୱାର୍ଡ, ୫ନଂ ୱାର୍ଡ ଓ ୬ ନଂୱାର୍ଡର ଲୋକେ ପ୍ରଭାବିତ ହୋଇଛନ୍ତି। ଲୋକେ ଅତିଷ୍ଠ ହୋଇ ଆଜି ରାସ୍ତା ମରାମତି ଦାବିରେ ରାସ୍ତାରୋକ କରିବାକୁ ନିଷ୍ପତ୍ତି ନେଇଥିଲେ। ଅନ୍ୟପକ୍ଷରେ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ଏପରି ବେପରୁଆ ମନୋଭାବକୁ ବନ୍ୟା ବିପନ୍ନ ନିନ୍ଦା କରିଛନ୍ତି।

# ବନ୍ୟାଞ୍ଚଳରେ ଆବଶ୍ୟକ ପାୱାର ବୋଟ୍ ଓ ସାଧାରଣ ଡଙ୍ଗା ସୁବିଧା ସୁନିଶ୍ଚିତ କର: ହାଇକୋର୍ଟ

**କଟକ,୧୭।୮ (ସମିସ):** ବନ୍ୟା ଘେରରେ ଥିବା ଗ୍ରାମବାସୀଙ୍କ ଯାତାୟାତ ସୁବିଧା ପାଇଁ ତୁରନ୍ତ ଆବଶ୍ୟକ ମୁତାବକ ପାୱାର ବୋଟ୍ (ଯାନ୍ତ୍ରିକ ଡଙ୍ଗା) ଓ ସାଧାରଣ ଡଙ୍ଗା ଯୋଗାଣ ରାଜ୍ୟ ସରକାର ସୁନିଶ୍ଚିତ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଆନନ୍ଦ କୁମାର ସାମଲ ଓ ଅନ୍ୟମାନଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଜୀବନଧାରଣ ଓ ଯାତାୟାତ ପାଇଁ ସମସ୍ତ ଆବଶ୍ୟକୀୟ ସୁବିଧା ଯୋଗାଇଦେବା ସରକାରଙ୍କର କର୍ତ୍ତବ୍ୟ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର ୩ରେ ହେବ ବୋଲି ଧାର୍ଯ୍ୟ କରିଛନ୍ତି ଖଣ୍ଡପୀଠ।

ବନ୍ୟା ଜଳ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ, ବନ୍ୟା ଜଳ ଚାରିପାଖରେ ଘେରି ରହିଥିବାରୁ ଗ୍ରାମବାସୀ ଅନ୍ୟ ଗାଁ ଓ ସହରରୁ ବିଚ୍ଛିନ୍ନ ହୋଇପଡ଼ିଛନ୍ତି। ଯାତାୟାତର ମୁଖ୍ୟ ରାସ୍ତା ବୁଡ଼ି ଯାଇଥିବାରୁ ଲୋକଙ୍କ ନିକଟରେ କୌଣସି ବିକଳ୍ପ ନାହିଁ, ତେଣୁ ସରକାର ତୁରନ୍ତ ମେକାନିକାଲ ବୋଟ୍ ଯୋଗାଇଦେବା ଆବଶ୍ୟକ। ରାଜ୍ୟ ସରକାରଙ୍କ ପକ୍ଷରୁ କୋର୍ଟଙ୍କୁ ଅବଗତ କରାଯାଇଥିଲା ଯେ, ପ୍ରଶାସନ ଏହି ପରିସ୍ଥିତି ସମ୍ପର୍କରେ ସମ୍ପୂର୍ଣ୍ଣ ସଚେତନ ଅଛି ଏବଂ ଆବଶ୍ୟକତା ଅନୁଯାୟୀ ପାୱାର ବୋଟ୍ ଓ ସାଧାରଣ ଡଙ୍ଗା ଯୋଗାଇ ଦିଆଯାଇଛି। ତେବେ ଡଙ୍ଗା ସଂଖ୍ୟା କମ୍ ଥିବାରୁ କିମ୍ବା କେବଳ କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ସୀମିତ ଥିବାରୁ ଲୋକମାନେ ଏହାର ଉଚିତ ସୁବିଧା ପାଇପାରୁନାହାନ୍ତି ବୋଲି ଆବେଦନକାରୀଙ୍କ ଓକିଲ ଯୁକ୍ତି ରଖିଥିଲେ। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ସୁଜାତା ଜେନା ମାମଲା ପରିଚାଳନା କରୁଛନ୍ତି।

# ଆଜି ସୁପ୍ରିମ୍‌କୋର୍ଟରେ ଡିଜି ଚୟନ ମାମଲାର ଶୁଣାଣି

ଭୁବନେଶ୍ୱର,୧୭।୮ (ସମିସ): ରାଜ୍ୟ ପୁଲିସ ମୁଖିଆ ଚୟନ ମାମଲାରେ ମଙ୍ଗଳବାର ସୁପ୍ରିମ୍‌କୋର୍ଟରେ ଶୁଣାଣି ହେବ। ଏହି ସମୟ ପର୍ଯ୍ୟନ୍ତ ରାଜ୍ୟର ପୁଲିସ ଡିଜି ଚୟନ ପ୍ରକ୍ରିୟା ଉପରେ ସୁପ୍ରିମ୍‌କୋର୍ଟ ରୋକ ଲଗାଇଥିଲେ। ଏ ସମ୍ପର୍କିତ କେନ୍ଦ୍ରୀୟ ଲୋକ ସେବା ଆୟୋଗ ବା ୟୁପିଏସ୍‌ସି କୌଣସି ବୈଠକ କରିପାରିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ଅବଧି ମଙ୍ଗଳବାର ପୂରଣ ହେଉଥିବାରୁ ସମଗ୍ର ରାଜ୍ୟର ନଜର ଏବେ ସୁପ୍ରିମ୍‌କୋର୍ଟଙ୍କ ନିଷ୍ପତ୍ତି ଉପରେ। ଡିଜି ଚୟନ ମାମଲାରେ ପ୍ରକାଶ ସିଂ ଗାଇଡ୍‌ଲାଇନର ଉଲଙ୍ଘନ ହୋଇଛି କି ନାହିଁ ତାହା ସ୍ପଷ୍ଟ ହୋଇପାରେ। ଏହି ଅନୁଯାୟୀ ରାଜ୍ୟ ସରକାର ଓ ୟୁପିଏସ୍‌ସି ପରବର୍ତ୍ତୀ ନିଷ୍ପତ୍ତି ନେବେ। ସୂଚନାଯୋଗ୍ୟ, ରାଜ୍ୟ ସରକାର ପୁଲିସ ଡିଜି ଚୟନରେ ପ୍ରକାଶ ସିଂ ଗାଇଡଲାଇନ୍‌କୁ ଉଲଙ୍ଘନ କରିଛନ୍ତି। ନିଜ ମନପସନ୍ଦର ପାର୍ଥୀଙ୍କୁ ଡିଜି ପଦବୀରେ ବସାଇବାକୁ ଯାଇ ଜଣେ କନିଷ୍ଠ ଅଧିକାରୀଙ୍କୁ ରାତି ଅଧିଆ ଡିଜି ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି ବୋଲି ସୁପ୍ରିମ୍‌କୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା। ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତଙ୍କ ନେତୃତ୍ୱରେ ଗଠିତ ୩ ଜଣିଆ ଖଣ୍ଡପୀଠରେ ଜନସ୍ୱାର୍ଥ ମାମଲାର ଆବେଦନକାରୀଙ୍କ ପକ୍ଷରୁ ଏହି ମାମଲାକୁ ବରିଷ୍ଠ ଆଇନ୍‌ଜୀବୀ ପି. ଚିଦାମ୍ବରମ୍ ପରିଚାଳନା କରୁଥିଲା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଏଜି ପିତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି। ଶ୍ରୀ ଆଚାର୍ଯ୍ୟ ଏହି ମାମଲାକୁ ବିରୋଧ କରି କହିଥିଲେ ଯେ ସେବା ସମ୍ପର୍କିତ ମାମଲାରେ ଜନସ୍ୱାର୍ଥ ମାମଲା ଗ୍ରହଣୀୟ ନୁହେଁ। ଏହାସହ ରାଜ୍ୟ ସରକାର ଗାଇଡଲାଇନ୍‌ରେ କୌଣସି ଉଲଙ୍ଘନ କରି ନାହାନ୍ତି। ଅନ୍ୟପକ୍ଷରେ ସୁପ୍ରିମ୍‌କୋର୍ଟ ପ୍ରକାଶ ସିଂ ମାମଲାର ଆମିକସ କ୍ୟୁରି ନିଯୁକ୍ତ ହୋଇଥିବା ବରିଷ୍ଠ ଆଇନଜୀବୀ ରାଜୁ ରାମଚନ୍ଦ୍ରନ୍ ଜନସ୍ୱାର୍ଥ ମାମଲାକୁ ସମର୍ଥନ କରିଥିଲେ। ଏହାସହ ଗାଇଡଲାଇନ୍‌ର ଉଲଙ୍ଘନ ହୋଇଛି ବୋଲି ସେ ଯୁକ୍ତି ଉପସ୍ଥାପନା କରିଥିଲେ। ଏହାପରେ ସୁପ୍ରିମ୍‌କୋର୍ଟ ଓଡ଼ିଶା ଡିଜି ଚୟନ ସମ୍ପର୍କିତ ବୈଠକ ନ କରିବାକୁ ୟୁପିଏସ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ।

**କୋର୍ଟଙ୍କ ରାୟ ଉପରେ ସମସ୍ତଙ୍କ ନଜର**

## ନିମାପଡ଼ାରେ ପୁଣି ଲଜ୍ଜା

# ନାବାଳିକାକୁ ଗର୍ଭବତୀ ଅଭିଯୋଗରେ ଯୁବକ ଗିରଫ

ନିମାପଡ଼ା,୧୭।୮ (ସମିସ): ପୁରୀ ଜିଲ୍ଲା ନିମାପଡ଼ା ଅଞ୍ଚଳରେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିଛି। ସ୍ଥାନୀୟ ଏକ ଗ୍ରାମର ଜଣେ ୧୬ ବର୍ଷର ନାବାଳିକାକୁ ସେହି ଗ୍ରାମର ଜଣେ ଯୁବକ ବିଭିନ୍ନ ପ୍ରଲୋଭନ ଦେଖାଇ ଗର୍ଭବତୀ କରିଥିବା ଘଟଣାରେ ଅଭିଯୁକ୍ତ ଯୁବକକୁ ଗିରଫ କରିଛି ନିମାପଡ଼ା ପୁଲିସ।

ନାବାଳିକାର ବାପା ନିମାପଡ଼ା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ୫ ମାସ ତଳେ ତାଙ୍କ ନାବାଳିକା ଝିଅକୁ ସେହି ଗ୍ରାମର ଜିତୁନ ଭୋଇ ନାମକ ଯୁବକ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଥିଲା। ବିଭିନ୍ନ ସମୟରେ ଝିଅର ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ତାକୁ ପରିବାର ଲୋକେ ମେଡିକାଲ ନେଇଥିଲେ। ଚିକିତ୍ସା ପରେ ସେଠାରେ ଡାକ୍ତରଙ୍କଠାରୁ ଜାଣିବାକୁ ପାଇଥିଲେ ଝିଅ ଗର୍ଭବତୀ ଅଛି। ତେବେ ଅଭିଯୋଗ ପରେ ପୁଲିସ ୨୫୬/୨୬ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଜିତୁନକୁ ଗିରଫ କରିଥିଲା। ଦୁହିଁଙ୍କୁ ଡାକ୍ତରୀ ମାଇନା କରାଇବା ପରେ ଅଭିଯୁକ୍ତ ଜିତୁନକୁ କୋର୍ଟ ଚାଲାଣ କରିଛି। ନିମାପଡ଼ା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଅଞ୍ଚଳ ହୋଇଥିବାବେଳେ ବାରମ୍ବାର ଏଭଳି ଲଜ୍ଜାଜନକ ଘଟଣାକୁ ବୁଦ୍ଧିଜୀବୀ ମହଲରେ ଘୋର୍ ନିନ୍ଦା କରାଯିବା ସହିତ ସାରା ରାଜ୍ୟ ପାଇଁ ଏହା ଏକ ନିନ୍ଦନୀୟ ଘଟଣା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଖାଦ୍ୟରେ ବିଷ ! ୨ ଶିଶୁ ମୃତ, ମା' ଗୁରୁତର

- ମା ଖାଦ୍ୟରେ ବିଷ ମିଶାଇଥିବା ନେଇ ଚର୍ଚ୍ଚା
- ଚାଉଳରେ କୀଟନାଶକ ମିଶିଥିବା ମା'ର ବୟାନ

ପୁରୀ,୧୭।୮ (ସମିସ): ପେଣ୍ଡକଟା ମେରାଇନ ଥାନା ଅନ୍ତର୍ଗତ ସମଙ୍ଗରା ନୂଆସାହିରେ ଘଟିଛି ଏକ ହୃଦୟବିଦାରକ ଘଟଣା। ଦୁଇ ଶିଶୁଙ୍କୁ ଖାଦ୍ୟରେ ପୋକମରା ବିଷ ଖୁଆଇ ମା' ନିଜେ ବିଷ ଖାଇବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାରେ ଦୁଇ ଶିଶୁ କନ୍ୟାଙ୍କ ମୃତ୍ୟୁ ଘଟିଥିବାବେଳେ ଗୁରୁତର ଅବସ୍ଥାରେ ଏମ୍ସରେ ଚିକିତ୍ସାଧୀନ ଅଛନ୍ତି ମା'। ମୃତ ଦୁଇ ଶିଶୁକନ୍ୟା ହେଲେ ଦୀପୁ ପ୍ରଧାନଙ୍କ ୬ ବର୍ଷର ଝିଅ ପ୍ରିୟାଂଶୀ ଏବଂ ୧୬ ମାସର ଝିଅ ଦିବ୍ୟାଂଶୀ। ସେହିପରି ଏମ୍‌ସରେ ଚିକିତ୍ସାଧୀନ ଅଛନ୍ତି ଦୀପୁଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା।

ପୁଲିସ ସୂଚନା ଅନୁଯାୟୀ, ଲକ୍ଷ୍ମୀପ୍ରିୟା ରବିବାର ଅପରାହ୍ଣରେ ନିଜର ଦୁଇ ଶିଶୁ କନ୍ୟାଙ୍କୁ ଭାତରେ ବିଷ ମିଶାଇ ଖାଇବାକୁ ଦେଇ ନିଜେ ଖାଇ ଦେଇଥିଲେ। କିଛି ସମୟ ପରେ ୩ ଜଣ ଅସୁସ୍ଥ ହୋଇ ପଡ଼ିଥିଲେ। ସେମାନଙ୍କର ବାନ୍ତି ହୋଇଥିଲା। ଏହାପରେ ମା' ପିଲାଙ୍କୁ ବାହାରକୁ ନେଇ ଆସିଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ଦୁଇ ଶିଶୁଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷରେ ଲକ୍ଷ୍ମୀପ୍ରିୟାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି। ତେବେ ଲକ୍ଷ୍ମୀପ୍ରିୟା କାହିଁକି ଏଭଳି ଏକ ଚରମ ନିଷ୍ପତ୍ତି ନେଲେ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଖବର ପାଇ ରବିବାର ରାତିରେ ପେଣ୍ଡକଟା ମେରାଇନ ଥାନା ପୁଲିସ ହସ୍ପିଟାଲରେ ପହଞ୍ଚି ଲକ୍ଷ୍ମୀପ୍ରିୟାଙ୍କୁ ଘଟଣା ବିଷୟରେ ପଚାରିଥିଲା। ଚାଉଳରେ ମିଶିଥିବା କୀଟନାଶକକୁ ସେ ନ ଧୋଇ ରୋଷେଇ କରି ଦେଇଥିବାରୁ ଏଭଳି ହୋଇଥିବା ପୁଲିସ ଆଗରେ ବୟାନ ଦେଇଥିଲେ ବୋଲି କହିଛନ୍ତି ପେଣ୍ଡକଟା ମେରାଇନ ଥାନାର ଭାରପ୍ରାପ୍ତ ଅଧିକାରୀ ରିତା ବେହେରା। ତେବେ ଘଟଣା ସମ୍ପର୍କରେ ଏସ୍‌ପି ପ୍ରତୀକ୍ ସିଂ ସୂଚନା ଦେଇ କହିଛନ୍ତି ଯେ, ରବିବାର ପେଣ୍ଡକଟା ମେରାଇନ ଥାନା ଅନ୍ତର୍ଗତ ସମଙ୍ଗରା ଗ୍ରାମର କିଛି ଲୋକ ଦୁଇଜଣ ଶିଶୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଖବର ଦେଇଥିଲେ। ପୁରୀ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ଶିଶୁର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ମେଡିକାଲକୁ ଆସିବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ଏପରିକି, ସେମାନଙ୍କ ସହିତ ଆସିଥିବା ତାଙ୍କ ମା' ମଧ ଅସୁସ୍ଥ ଅବସ୍ଥାରେ ଥିଲେ। ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଏ ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ କରିଥିଲା। ମହିଳା ଜଣକ ତାଙ୍କ ସ୍ୱାମୀ ଏବଂ ଦୁଇ ପିଲାଙ୍କ ସହ ସମଙ୍ଗରା ନୂଆ ସାହିରେ ଭଡ଼ାଘରେ ରହୁଛନ୍ତି। ତାଙ୍କ ସ୍ୱାମୀ ଜଣେ ଗାଡ଼ି ଚାଳକ ଅଟନ୍ତି। ସନ୍ଧ୍ୟା ସମୟରେ ମହିଳା ଜଣକ ତାଙ୍କ ଶିଶୁଙ୍କୁ ଖାଇବାକୁ ଦେବା ସହ ନିଜେ ଭାତ ଖାଇଥିଲେ। କିଛି ସମୟ ପରେ ତିନିଜଣ ଅସୁସ୍ଥ ହୋଇପଡ଼ି ବାନ୍ତି କରିଥିଲେ। ଘର ବାହାରକୁ ପଳାଇ ଆସିବାରୁ ପାଖ ଲୋକେ ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ତଦନ୍ତରୁ ଯାହା ଜଣାପଡୁଛି, ବିଷଯୁକ୍ତ ଖାଦ୍ୟ ସେମାନେ ଖାଇଛନ୍ତି। ଦୁଇ ଶିଶୁଙ୍କ ମୃତ୍ୟୁ ହୋଇଥିବାବେଳେ ମା' ଏମ୍‌ସରେ ଚିକିତ୍ସାଧୀନ ଅଛନ୍ତି। ଘଟଣା ସମୟରେ ତାଙ୍କ ସ୍ୱାମୀ ନ ଥିଲେ। ସେ ଖବର ପାଇ ହସ୍ପିଟାଲରେ ପହଞ୍ଚିଥିଲେ। ପୁଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ତାଙ୍କ ଘରକୁ ଯାଇ ସବୁ ଦିଗରୁ ତଦନ୍ତ କରିଛନ୍ତି। ପାଖ ପଡ଼ୋଶୀଙ୍କୁ ମଧ୍ୟ ପଚରାଉଚରା କରାଯାଇ ତଥ୍ୟ ସଂଗ୍ରହ କରାଯାଇଛି। ଘଟଣା ପଛର କାରଣ ସମ୍ପର୍କରେ ତଦନ୍ତ ଜାରି ରହିଛି ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି। ଅନ୍ୟପକ୍ଷରେ ପାରିବାରିକ ଅଶାନ୍ତିରୁ ଏଭଳି ଘଟଣା ଘଟିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

# ଲାଞ୍ଚ ନେଇ ଧରାପଡ଼ିଲେ କ୍ୟାପିଟାଲ ହସ୍ପିଟାଲ ଡାକ୍ତର

ଭୁବନେଶ୍ୱର୧୭।୮ (ସମିସ): ଦରମା ବିଲ୍ ପାଇଁ କାର୍ଯ୍ୟ ପ୍ରମାଣପତ୍ରରେ ଦସ୍ତଖତ କରିବାକୁ ଲାଞ୍ଚ ମାଗିବା ମହଙ୍ଗା ପଡ଼ିଛି। ୩୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କ୍ୟାପିଟାଲ ହସ୍ପିଟାଲର ଡାକ୍ତର। ଗିରଫ ଡାକ୍ତର ହେଉଛନ୍ତି କ୍ୟାପିଟାଲ ହସ୍ପିଟାଲର ଆସିଷ୍ଟାଣ୍ଟ ସର୍ଜନ ଡା. ସତ୍ୟଜିତ ବେହେରା।



ସୂଚନା ଅନୁଯାୟୀ, କ୍ୟାପିଟାଲ ହସ୍ପିଟାଲକୁ ଆସୁଥିବା ଅଜଣା ଓ ଅସହାୟ ରୋଗୀଙ୍କୁ ସହାୟତା କରିବା ପାଇଁ ଏକ ଏନ୍‌ଜିଓକୁ ଦାୟିତ୍ୱ ଦିଆଯାଇଛି। ଏହି ଏନ୍‌ଜିଓ ଅଧୀନରେ କାର୍ଯ୍ୟରତ କର୍ମଚାରୀଙ୍କ ଜୁନ୍ ଓ ଜୁଲାଇ ମାସର ଦରମା ବିଲ୍ ପାଇଁ ଆବଶ୍ୟକ କାର୍ଯ୍ୟ ପ୍ରମାଣପତ୍ର ଆବଶ୍ୟକତା ଥିଲା। କାର୍ଯ୍ୟ ପ୍ରମାଣପତ୍ରରେ ଦସ୍ତଖତ କରିବାକୁ ଏନ୍‌ଜିଓ କର୍ମଚାରୀମାନେ ଡା. ବେହେରାଙ୍କୁ ଅନୁରୋଧ କରିଥିଲେ। ହେଲେ ଏଥିପାଇଁ ଡା. ବେହେରା ଏନ୍‌ଜିଓର ଜଣେ କର୍ମକର୍ତ୍ତାଙ୍କୁ ୩୦ ହଜାର ଟଙ୍କା ଦାବି କରିଥିଲେ। ଲାଞ୍ଚ ଦାବି ଓ ହଇରାଣ ହରକତରେ ଅତିଷ୍ଠ ହୋଇ ସମ୍ପୃକ୍ତ କର୍ମକର୍ତ୍ତା ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ସୋମବାର ଭିଜିଲାନ୍ସ ଟିମ୍ ଜାଲ ବିଛାଇଥିଲା। ନିଜ ଚାମ୍ବରରେ ଏନ୍‌ଜିଓ କର୍ମକର୍ତ୍ତାଙ୍କଠାରୁ ୩୦ ହଜାର ଟଙ୍କା ନେଉଥିବା ବେଳେ ଡା. ବେହେରାଙ୍କୁ ଭିଜିଲାନ୍ସ ମାଡ଼ି ବସିଥିଲା। ତାଙ୍କ ଠାରୁ ଲାଞ୍ଚ ବାବଦ ଟଙ୍କା ୩୦ ହଜାର ଜବତ କରିଥିଲା। ଡାକ୍ତର ବେହେରାଙ୍କ ଡାହାଣ ହାତ ଧୋଇବା ପରେ ରାସାୟନିକ ପ୍ରତିକ୍ରିୟା ହୋଇଥିଲା। ଫଳରେ ସେ ଲାଞ୍ଚ ଟଙ୍କା ଗ୍ରହଣ କରିଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଡା. ବେହେରାଙ୍କ ସହ ସମ୍ପର୍କିତ ତିନୋଟି ସ୍ଥାନରେ ଏକକାଳୀନ ତଲାସି କରୁଛି ଭିଜିଲାନ୍ସ। ସରକାରୀ ଚାମ୍ବର, ସୈନିକ ସ୍କୁଲ ନିକଟସ୍ଥ ସରକାରୀ ବାସଭବନ ଓ ବାଳିଅନ୍ତା ସ୍ଥିତ ନୂତନ ନିର୍ମାଣାଧିନ ଘରେ ଭିଜିଲାନ୍ସ ଟିମ୍ ଚଢ଼ଉ କରୁଛି।

## ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର ଦାବି

# ଅଭିଭାବକ ମହାସଂଘର 'ଶିକ୍ଷା ସତ୍ୟାଗ୍ରହ'



ଭୁବନେଶ୍ୱର, ୧୭।୮ (ସମିସ): ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ତୁରନ୍ତ ପ୍ରତ୍ୟାହାର, ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଆରଟିଇ ଅଧୀନରେ ମାଗଣା ଶିକ୍ଷାକୁ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବୃଦ୍ଧି ଏବଂ କେଜିରୁ ପିଜି ମାଗଣା ଶିକ୍ଷା ଯୋଜନାରେ ବୃତ୍ତିଗତ ଶିକ୍ଷାକୁ ସାମିଲ କରିବା ଦାବିରେ ଆଜିଠାରୁ ଲୋୟର ପିଏମଜିରେ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ 'ଶିକ୍ଷା ସତ୍ୟାଗ୍ରହ' ଆରମ୍ଭ ହୋଇଛି। ମହାସଂଘ ସଭାପତି ବାସୁଦେବ ଭଟ୍ଟ ଓ ବିଜେଡି ନେତା ମନ୍ମଥ ରାଉତରାୟ ଆମରଣ ଅନଶନରେ ବସିଥିବାବେଳେ ଭୁଲ ବହି ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ ସତ୍ୟାଗ୍ରହ ଓ ଅନଶନ ଜାରି ରହିବ ବୋଲି ମହାସଂଘ ପକ୍ଷରୁ ଚରମ ଚେତାବନୀ ଦିଆଯାଇଛି।

- ଆମରଣ ଅନଶନରେ ବାସୁଦେବ ଭଟ୍ଟ ଓ ମନ୍ମଥ ରାଉତରାୟ
- କେଜିରୁ ପିଜି ମାଗଣା ଶିକ୍ଷାରେ ବୃତ୍ତିଗତ ଶିକ୍ଷାକୁ ସାମିଲ ଦାବି

ଶିକ୍ଷା ସତ୍ୟାଗ୍ରହକୁ ସମର୍ଥନ ଜଣାଇ ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଅରୁଣ ସାହୁ, ବରିଷ୍ଠ ନେତା ଅରୂପ ପଟ୍ଟନାୟକ, ମନ୍ମଥ ରାଉତରାୟ, ପୂର୍ବତନ ବିଧାୟକ ତଥା ଓଜେସି ସଭାପତି ଇଂ ମହମଦ ମୋକିମ, ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ, ଆମ୍ ଆଦମୀ ପାର୍ଟି ଆବାହକ ନିଶିକାନ୍ତ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସତ୍ୟାଗ୍ରହରେ ସାମିଲ ହେବା ସହ ସମର୍ଥନ ଜଣାଇଛନ୍ତି। କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଶୋୟୀ କହିଛନ୍ତି ଯେ ପାଠ୍ୟପୁସ୍ତକରେ ଅଗଣିତ ତ୍ରୁଟି ଘଟଣା ସରକାରଙ୍କ ଅସମ୍ବେଦନଶୀଳ ଓ ଅତ୍ୟନ୍ତ ଦାୟିତ୍ୱହୀନତାକୁ ଉଜାଗର କରିଛି। ଓଡ଼ିଶାର ଶିକ୍ଷା ଇତିହାସ କଳଙ୍କିତ ହେଉଥିବାବେଳେ ତ୍ରୁଟିପୂର୍ଣ୍ଣ ବହି ଫେରସ୍ତ କରି ନିର୍ଭୁଲ୍ ପୁସ୍ତକ ଯୋଗାଇବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ମାତ୍ର ଏଯାଏଁ ପିଲାଙ୍କ ପାଖରେ ତ୍ରୁଟିଶୂନ୍ୟ ପୁସ୍ତକ ପହଞ୍ଚି ପାରି ନଥିବାବେଳେ ପିଲାମାନେ ଭୁଲ୍ ବହିରେ ପଢୁଛନ୍ତି। ଯାହା ଅତ୍ୟନ୍ତ ଚିନ୍ତାଜନକ ଓ ଉଦବେଗଜନକ। ସେହିପରି ଆର୍‌ଟିଇରେ ପଢୁଥିବା ପିଲାଙ୍କ ପାଇଁ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମାଗଣା ଶିକ୍ଷା ପ୍ରଦାନ କରିବା ଏବଂ କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ନେଇ ଘୋଷଣା କରିଥିବାରୁ ଆଇନ, କୃଷି, ଶାରୀରିକ ଶିକ୍ଷା, ନର୍ସିଂ, ଶିଳ୍ପ ତାଲିମ, ସିଟି ଓ ବିଇଡି ଭଳି ବୃତ୍ତିଗତ ଶିକ୍ଷାକୁ ମଧ୍ୟ ଏହି ଯୋଜନାରେ ସାମିଲ କରିବାକୁ ମହାସଂଘ ଦାବି କରିଛି। ଏହି କାର୍ଯ୍ୟକ୍ରମରେ ସତ୍ୟବ୍ରତ ପରିଡ଼ା, ଅଶୋକ ପାଇକରାୟ, ସତ୍ୟଜିତ ଦାସ, ସୂର୍ଯ୍ୟନାରାୟଣ ଜେନାଙ୍କ ସମେତ ବହୁ ରାଜନୈତିକ ନେତୃତ୍ୱ, ଛାତ୍ରଛାତ୍ରୀ, ବିଭିନ୍ନ ସଂଗଠନ, ବୁଦ୍ଧିଜୀବୀ, ଶିକ୍ଷାବିତ, ଅଭିଭାବକ ସାମିଲ ହୋଇଛନ୍ତି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2026-27/11 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | 31.07.2026 ରେ ବୟସ (ବର୍ଷ) | |
|---|---|---|---|
| | | ସର୍ବନିମ୍ନ | ସର୍ବାଧିକ |
| ଡେପୁଟି ଭାଇସ୍ ପ୍ରେସିଡେଣ୍ଟ (ଡିଭିପି) - ସାଇବର ଇନୋଭେଶନ୍ ଏବଂ ସିମୁଲେଶନ୍ ଲ୍ୟାବ୍ | 1 | 35 | 45 |
| ଡେପୁଟି ଭାଇସ୍ ପ୍ରେସିଡେଣ୍ଟ (ଡିଭିପି) - ନାଗରିକ କେନ୍ଦ୍ରିକ ପଦକ୍ଷେପ | 1 | | |
| ଡେପୁଟି ଭାଇସ୍ ପ୍ରେସିଡେଣ୍ଟ (ଡିଭିପି) - ସାଇବର ସିକ୍ୟୁରିଟି | 2 | | |

**(ନିୟମିତ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | 31.07.2026 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ଡେପୁଟି ମ୍ୟାନେଜର- ଏଆଇ - ବିଶେଷଜ୍ଞ | 25 | ଏମଏମଜିଏସ୍-II | 25 | 35 |
| ଡେପୁଟି ମ୍ୟାନେଜର- ସାଇବର ସିକ୍ୟୁରିଟି ଆନାଲିଷ୍ଟ | 3 | | | |
| ଡେପୁଟି ମ୍ୟାନେଜର- ଆଇଟି ସିକ୍ୟୁରିଟି ଏକ୍ସପର୍ଟ | 2 | | | |

**ବିଜ୍ଞାପନ ସଂ. CRPD/SCO/2026-27/12 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | 31.07.2026 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ମ୍ୟାନେଜର (ମ୍ୟାନପାୱର ଯୋଜନା ଏବଂ ନିଯୁକ୍ତି) | 1 | ଏମଏମଜିଏସ୍-III | 28 | 40 |
| ମ୍ୟାନେଜର (ଶିକ୍ଷଣ ଏବଂ ବିକାଶ) | 1 | ଏମଏମଜିଏସ୍-III | 28 | 40 |

**ବିଜ୍ଞାପନ ସଂ. CRPD/SCO/2026-27/13 (ଚୁକ୍ତିଭିତ୍ତିକ ପଦବୀ)**

| | | | |
|---|---|---|---|
| ଭାଇସ୍ ପ୍ରେସିଡେଣ୍ଟ (ଏଣ୍ଟରପ୍ରାଇଜ୍ ଏବଂ ଟେକ୍ନୋଲୋଜି ଆର୍କିଟେକ୍ଟ) | 1 | 40 | 48 |
| ଡେପୁଟି ମୁଖ୍ୟ ଟେକ୍ନୋଲୋଜି ଅଫିସର (ଏଣ୍ଟରପ୍ରାଇଜ୍ ଆର୍କିଟେକଚର) | 1 | 42 | 50 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **https://sbi.bank.in/web/careers/current-openings** ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://bank.sbi/web/careers/post-your-query)**ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 07.08.2026 ରୁ 27.08.2026 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 07.08.2026
**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

# ୧୦ ଫୁଟ୍‌ର ଅଜଗର ଉଦ୍ଧାର



ତୁରୁମୁଙ୍ଗା,୧୭।୮(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ନୟାଧନୁର୍ଧରପୁର ଗ୍ରାମରୁ ପ୍ରାୟ ୧୦ ଫୁଟ୍ ଲମ୍ବର ଅଜଗର ସାପକୁ ବନ ଭାଗ ଉଦ୍ଧାର କରଛି। ସାପଟି ଏକ ଛେଳିକୁ ଗିଳୁ ଥିବା ଦେଖି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା। ଖବର ପାଇ ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅଜଗରଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଦୀର୍ଘ ସମୟର ଚେଷ୍ଟା ପରେ ଅଜଗରଟିକୁ କାବୁ କରାଯାଇ ପରେ ବନ ବିଭାଗ ପକ୍ଷରୁ ଅଜଗରଟିର ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇ ସୁରକ୍ଷିତ ପ୍ରାକୃତିକ ପରିବେଶରେ ଛଡା ଯାଇଥିବା ସାହାରପଡା ବନପାଳ ଶ୍ରୀମନ୍ତ ବେହେରା କହିଛନ୍ତି। ବନପାଳ ଶ୍ରୀ ବେହେରା, ବନରକ୍ଷୀ ହୃଦାନନ୍ଦ ମହାନ୍ତିଙ୍କ ସହ ସହ ପାରା ସ୍କ୍ୱାଡ୍ ଈଶ୍ୱର ମାଝୀ, ତ୍ରିଲୋଚନ ମହାନ୍ତ ଓ ବାପି ମାଟିଆ ଅଜଗରକୁ ଉଦ୍ଧାର କରିଥିଲେ।

# ଜିଲ୍ଲାପାଳଙ୍କ ଅଫିସ୍ ଘେରିଲେ ଅଙ୍ଗନବାଡ଼ି କର୍ମୀ



କେନ୍ଦୁଝର,୧୭।୮(ସମିସ): ବିଭିନ୍ନ ଦାବି ନେଇ ସୋମବାର ଅଙ୍ଗନବାଡ଼ି କର୍ମୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ସେମାନେ ଚାକିରିର ସରକାରୀ ମାନ୍ୟତା ସହ ଦରମା ବୃଦ୍ଧି ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଅଙ୍ଗନବାଡ଼ି କର୍ମୀ କରିଥିବା ଦାବି ଅନୁଯାୟୀ ସେମାନେ ତୃଣମୂଳ ସ୍ତରରେ ଶିଶୁଙ୍କ ପାଇଁ ବିଭିନ୍ନ ସେବା ଯୋଗାଇ ଦେଉଥିଲେ ମଧ୍ୟ ସରକାର ସେମାନଙ୍କ ସମସ୍ୟା ପ୍ରତି ଯଥେଷ୍ଟ ଧ୍ୟାନ ଦେଉନାହାନ୍ତି। ଦାବିଗୁଡ଼ିକ ଭିତରେ ସରକାରୀ ମାନ୍ୟତା ଓ ପାରିଶ୍ରମିକ ବୃଦ୍ଧି ଦାବି କରିଆସୁଥିବା ସତ୍ତ୍ୱେ ସମାଧାନ ସମସ୍ୟାର ହୋଇନଥିବାରୁ ଅସନ୍ତୋଷ ବଢ଼ିଛି। ଏହା ସହିତ ଶିଶୁଙ୍କ ପାଇଁ ଅଣ୍ଡା ଯୋଗାଇବାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଉଛନ୍ତି କର୍ମୀମାନେ। ସରକାରଙ୍କ ପକ୍ଷରୁ ଗୋଟିଏ ଅଣ୍ଡା ପାଇଁ ୬ ଟଙ୍କା ୪୯ ପଇସା ଦିଆଯାଉଥିବା ବେଳେ ବଜାରରେ ଅଣ୍ଡାର ଦାମ ପ୍ରାୟ ୯ ଟଙ୍କା ରହିଛି ବୋଲି ସେମାନେ କହିଛନ୍ତି। ଏଭଳି ପରିସ୍ଥିତିରେ ନିର୍ଦ୍ଧାରିତ ଟଙ୍କାରେ ପିଲାଙ୍କୁ ଅଣ୍ଡା ଦେବା କଷ୍ଟକର ବୋଲି ଅଙ୍ଗନବାଡ଼ି ଦିଦିମାନେ ଅଭିଯୋଗ କରିଛନ୍ତି। ଦାବି ପୂରଣ ନହେଲେ ଆନ୍ଦୋଳନକୁ ଅଧିକ ତୀବ୍ର କରିବାକୁ ଚେତାବନୀ ଦେଇଛନ୍ତି।

# ତେଲକୋଇରେ ସ୍ୱାଧୀନତା ଦିବସ



ତେଲକୋଇ,୧୭।୮(ସମିସ): ତେଲକୋଇ ବ୍ଲକର ବିଭିନ୍ନ ସ୍ଥାନରେ ୮୦ ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟ ସମେତ ଶିକ୍ଷାନୁଷ୍ଠାନ, ଯୁବକ ସଂଘ ମାନଙ୍କରେ ସ୍ୱାଧୀନତା ଦିବସ ପାଳିତ ହୋଇ ଯାଇଛି। ବର୍ଷା ସତ୍ତ୍ୱେ ମଧ୍ୟ କେତେକ ବିଦ୍ୟାଳୟ ପକ୍ଷରୁ ଛାତ୍ର ଛାତ୍ରୀଙ୍କୁ ନେଇ ପ୍ରଭାତ ଫେରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ତେଲକୋଇ ପ୍ରେସ କ୍ଲବ୍ ପକ୍ଷରୁ ମଧ୍ୟ ପ୍ରେସ କ୍ଲବ୍ ପରିସରରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରେସ କ୍ଲବ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ରତ୍ନାକରଙ୍କ ବିୟୋଗରେ କ୍ୟାଣ୍ଡେଲ ଶୋଭାଯାତ୍ରା

ଆନନ୍ଦପୁର,୧୭।୮(ସମିସ): ଆନନ୍ଦପୁର ଉପଖଣ୍ଡ ତରୁଆଁ ଗ୍ରାମର ମା' ଗଜଲକ୍ଷ୍ମୀ ଯୁଥ କ୍ଲବ ତରଫରୁ ସ୍ୱର୍ଗତ ରତ୍ନାକର ଜେନାଙ୍କ ସଦ୍‌ଗତି ନିମନ୍ତେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାରେ ତରୁଆଁ ପଞ୍ଚାୟତର




ବିଭିନ୍ନ ଗ୍ରାମ ଓ ଆଖପାଖ ପଞ୍ଚାୟତର ବହୁତ ଯୁବକ ଯୋଗଦାନ କରିଥିଲେ। ସେ ଜଣେ ମିଷ୍ଟଭାଷୀ, ମେଳାପୀ ଓ ସୁସଂଗଠକ ଥିଲେ। ସେ ବ୍ରେନ ଷ୍ଟ୍ରୋକ ରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ଅପରାହ୍ନ ୨ଘଟିକା ସମୟରେ ମୃତ୍ୟୁ ବରଣ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୩୭ ବର୍ଷ ବୟସ ହୋଇଥିଲା।

# ଲଗାଣ ବର୍ଷାରେ ଉବୁଟୁବୁ ସାହାରପଡ଼ା, ପାଟଣା ବ୍ଲକ



ତୁରୁମୁଙ୍ଗା, ୧୭।୮(ସମିସ): ଲଘୁଚାପଜନିତ ଲଗାଣ ବର୍ଷା ଫଳରେ ପାଟଣା ଓ ସାହାରପଡ଼ା ବ୍ଲକ ଅଞ୍ଚଳ ବେହାଲ ହୋଇପଡ଼ିଛି। ରବିବାର ସନ୍ଧ୍ୟାରୁ ଅବିଶ୍ରାନ୍ତ ବର୍ଷା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଉପର ମୁଣ୍ଡରେ ବର୍ଷା ଯୋଗୁଁ ନଦୀ ନାଳରେ ଜଳସ୍ରୋତ ବୃଦ୍ଧି ପାଇଛି। ସକାଳ ୯ ଟାରୁ ପାଟଣାରେ ବୈତରଣୀ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏଠାରେ ୩୧୧.୦୦ ମିଟରେ ବିପଦ ସଙ୍କେତ ଥିବା ବେଳେ ସନ୍ଧ୍ୟା ସୁଦ୍ଧା ୩୧୧.୪୫ ମିଟରରେ ବନ୍ୟାଜଳ ପ୍ରବାହିତ ହେଉଛି। ସୋମବାର ଥିବାରୁ ପାଟଣା ବୈତରଣୀ ନଦୀ କୂଳରେ ଥିବା ପରମେଶ୍ୱର ମନ୍ଦିରରେ ଜଳ ଲାଗି ପାଇଁ କାଉଡ଼ିଆଙ୍କ ଭିଡ଼ ଲାଗିଥିଲା। ବୈତରଣୀ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବା ସମୟରେ ବିପଦ ପୂର୍ଣ୍ଣ ଭାବରେ ବୁଡ଼ ପକାଇ ଜଳ ପୂଜାର୍ଚ୍ଚନା କରି ଜଳଲାଗି କରିଥିଲେ କାଉଡ଼ିଆ। ସୁରକ୍ଷା ଦୃଷ୍ଟିରୁ ଅଗ୍ନିଶମ ବାହିନୀ ମୁତୟନ ହୋଇଥିଲେ। ସେହିପରି ଶହ ଶହ ଲୋକ ବନ୍ୟାଜଳ ଦେଖିବାକୁ ପୋଲ ଉପରେ ଭିଡ଼ ଜମାଇବା ସହ ସେଲ୍ଫି ନେଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ସୁରକ୍ଷା ପାଇଁ ପାଟଣା ପୁଲିସ ମୁତୟନ ହୋଇଥିଲେ ହେଁ ପୁଲିସର ବାରଣକୁ ଅମାନିଆ ମାନି ନଥିଲେ।

ଗତ ୨୪ ଘଣ୍ଟା ମଧ୍ୟରେ ବୈତରଣୀ ନଦୀ ଅବବାହିକା ଚମ୍ପୁଆରେ ୧୧୨ ମିଲିମିଟର, ପାଟଣାରେ ୧୦୭ ଏବଂ ସାହାରପଡ଼ାରେ ୬୮.୦୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଶିମିଳିପାଳ ଅଞ୍ଚଳରେ ବର୍ଷା ଯୋଗୁଁ ଜେଲ ନଦୀର ଜଳସ୍ରୋତ ବୃଦ୍ଧି ପାଇ କୁମ୍ଭୀରାବାହାଳି ପୋଲ ଉପରେ ୧୦ ଫୁଟ ବନ୍ୟାଜଳ ପ୍ରବାହିତ ହେଉଥିବାରୁ କେନ୍ଦୁଝର ଜିଲ୍ଲାର ମାଛଗଡ଼ ଦାମାହୁଦା ଅଞ୍ଚଳରୁ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସେହିପରି ସାହାରପଡା ମାଛଗଡ଼ ରାସ୍ତାର ପଇତାମାଳ ନିକଟରେ ଭିରଳ ନଦୀ ପୋଲ ଉପରେ ୪ ଫୁଟର ବନ୍ୟାଜଳ ପ୍ରବାହିତ ହେଉଥିବାରୁ ସାହାରପଡ଼ାରୁ ମାଛଗଡ଼ ଦାମାହୁଦା ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଏଥିସହ କପୁଣ୍ଡି ପଇଡା ନାଳ ଉପରେ ୫ ଫୁଟ ର ବନ୍ୟାଜଳ ପ୍ରବାହିତ ହେଉଥିବା ରୁ ପାଟଣା ମୁଖ୍ୟାଳୟ ଠାରୁ ସାହାରପଡା ବ୍ଲକ୍‌ର ୫ ଟି ପଞ୍ଚାୟତ ସହ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏଥିସହ କପୁଣ୍ଡି ଧାନବେଣୀ ଅଞ୍ଚଳର ଚାଷୀଙ୍କ ଏକର ଏକର ଚାଷ ଜମି ଜଳମଗ୍ନ ହେବା ସହ ଧାନ ଚାଷ ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଛି। ବୈତରଣୀ ନଦୀରେ ୩ ଥର ବନ୍ୟା ଆସି ଚାଷ ନଷ୍ଟ ହୋଇଯାଇଛି। ଋଣ କରଜ କରି ଚାଷ କରିଥିବା ଚାଷୀ ଚିନ୍ତାରେ ପଡ଼ିଥିବା ବେଳେ ସାହାରପଡ଼ା ତହସିଲ ଓ କୃଷି ବିଭାଗ ପକ୍ଷରୁ କୌଣସି ପ୍ରକାର ସହାୟତା ପାଇ ପାରି ନଥିବା ଅଭିଯୋଗ କରିଛନ୍ତି ଚାଷୀ। ଲଗାଣ ବର୍ଷା ଫଳରେ ପାଟଣା ତହସିଲ ଅଞ୍ଚଳରେ ୬୭ ଟି ଘର ଭାଙ୍ଗିଥିବା ତହସିଲ ପକ୍ଷରୁ ସୂଚନା ମିଳିଛି। ତୁରୁମୁଙ୍ଗା ଆର ଆଇ ସର୍କଲ ୨ଟି ଘର ଚେମଣା ଆର ଆଇ ସର୍କଲ ରେ ୧୧ ଟି ଡୁମୁରିଆ ଆର ଆଇ ସର୍କଲରେ ୭ ଟି ଚାକୁଣ୍ଡାପାଳ ଆର୍‌ଆଇ ସର୍କଲରେ ୬ ଟି କେନ୍ଦେଇପଶି ଆର୍‌ଆଇ ସର୍କଲରେ ୩ ଟି କଣ୍ଟିଆପଡ଼ା ଆର୍‌ଆଇ ସର୍କଲରେ ୫ଟି ରାଜନଗର ଆର୍‌ଆଇ ସର୍କଲରେ ୭ ଟି ଟାଙ୍ଗରପଡ଼ା ଆର୍ ଆଇ ସର୍କଲରେ ୬ ଟି ଓ ପାଟଣା ଆରଆଇ ସର୍କଲରେ ୧୯ ଟି ଘର ଭାଙ୍ଗିଥିବା ଜଣାପଡ଼ିଛି। ସେହିପରି ସାହାରପଡ଼ା ତହସିଲ ଅଞ୍ଚଳରେ ମୋଟ ୫୦ଟି ଘର ଭାଙ୍ଗିଥିବା ଜଣାପଡ଼ିଛି। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଉଥିବା କୁହାଯାଇଛି।

# ମିଳୁନି ଉନ୍ନତ ସ୍ୱାସ୍ଥ୍ୟସେବା; ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି



ଆନନ୍ଦପୁର,୧୭।୮ (ସମିସ): କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଉତ୍ତମ ଚିକିତ୍ସାସେବା ଯୋଗାଇ ଦେବାକୁ କେନ୍ଦୁଝର ଜିଲ୍ଲାପାଳଙ୍କ ଠାରେ ମା' ଧନେଇ ସେବା ସଂଘ ପକ୍ଷରୁ ଦାବି ହୋଇଛି। ଏହି ଚିକିତ୍ସାଳୟରେ ୪୫ ଜଣ ଡାକ୍ତରଙ୍କ ସ୍ଥାନରେ ମାତ୍ର ୧୫ ଜଣ ଡାକ୍ତରଙ୍କୁ ନେଇ ରୋଗୀ ସେବା କେବଳ କାମଚଳା ନୀତିରେ ଚାଲିଛି। ପ୍ରତିଦିନ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାର ଆଉଟ୍‌ଡୋରକୁ ୬୦୦ରୁ ଊର୍ଦ୍ଧ୍ୱ ରୋଗୀ ଆସୁଛନ୍ତି। ଅସ୍ଥିଶଲ୍ୟ, କର୍ଣ୍ଣ, ନାସା ଓ ଗଳା (ଇଏନ୍‌ଟି), ନିଶ୍ଚେତକ ଡାକ୍ତର ପଦ ଖାଲି ପଡ଼ିଛି। ଏମ୍‌ଆର୍‌ଆଇ, ସିଟି ସ୍କାନ୍ ଓ ଡିଜିଟାଲ ଏକ୍ସ-ରେ ପରୀକ୍ଷା ସୁବିଧା ନଥିବାରୁ ସାଧାରଣ ରୋଗୀ ଖର୍ଚ୍ଚାନ୍ତ ହେଉଛନ୍ତି। ଆବଶ୍ୟକ କର୍ମଚାରୀ ନଥିବାରୁ ୨୪ ଘଣ୍ଟିଆ ଔଷଧ ବିତରଣ ବାଧାପ୍ରାପ୍ତ ହେଉଛି। ରାତିରେ ରୋଗୀଙ୍କୁ ଔଷଧ ମିଳୁନାହିଁ। ସେହିପରି ଗୁରୁତର ରୋଗୀ ଓ ଆଉଟଡୋର୍‌କୁ ଆସୁଥିବା ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଡାକ୍ତରମାନେ ଗୋଟିଏ ସ୍ଥାନରେ କରୁଥିବାରୁ ଗୁରୁତର ରୋଗୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏ ବିଷୟରେ କେନ୍ଦୁଝରର ସିଡିଏମ୍‌ଓଙ୍କୁ ଅବଗତ କରାଯାଇଛି। ଅଧିକ ବିଶେଷଜ୍ଞ ଡାକ୍ତର ଓ କର୍ମଚାରୀ ନିଯୁକ୍ତ କରାଗଲେ ସ୍ୱାସ୍ଥ୍ୟସେବାରେ ସୁଧାର ଆସିପାରିବ ବୋଲି କୁହାଯାଇଛି। ଏହି ଡାକ୍ତରଖାନା ଉପରେ କେନ୍ଦୁଝର ଜିଲ୍ଲା ସମେତ ପଡ଼ୋଶୀ ଭଦ୍ରକ, ଯାଜପୁର ଓ ମୟୂରଭଞ୍ଜ ଜିଲ୍ଲାର ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରୁଛନ୍ତି। ଗ୍ରାମାଞ୍ଚଳର ଲୋକେ ସରକାରୀ ଡାକ୍ତରଖାନାରୁ ମାଗଣା ଚିକିତ୍ସାସେବା ପାଇବା ପାଇଁ ଆସି ନିରାଶ ହୋଇ ଫେରୁଛନ୍ତି। ଅନେକ ବିଭାଗରେ ବିଶେଷଜ୍ଞ ଡାକ୍ତର ନଥିବାରୁ ରୋଗୀଙ୍କୁ ଦହଗଞ୍ଜ ହେବାକୁ ପଡୁଛି। ଡାକ୍ତର ନଥିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଘଣ୍ଟାଘଣ୍ଟା ଧରି ଧାଡ଼ିରେ ଛିଡ଼ା ହେବାକୁ ପଡୁଛି। ୨୦ନମ୍ବର ଜାତୀୟ ରାଜପଥ ଓ ୫୩ ନମ୍ବର ରାଜ୍ୟ ରାଜପଥରେ ଦୁର୍ଘଟଣାରେ ସାମାନ୍ୟ ଆହତ ହୋଇଥିବା ଲୋକଙ୍କୁ ମଧ୍ୟ କଟକ ସ୍ଥାନାନ୍ତର କରାଯାଉଛି। ସେହିପରି ପ୍ରସୂତି ବିଭାଗରେ ଅନେକ ସମୟରେ ରୋଗୀଙ୍କୁ ବିଭିନ୍ନ ଆଳ ଦେଖାଇ କେନ୍ଦୁଝର ଓ କଟକ ସ୍ଥାନାନ୍ତର କରାଯାଉଥିବା ଅଭିଯୋଗ ହେଉଛି। ଏଣୁ ଜିଲ୍ଲା ଖଣିଜ ପାଣ୍ଠି ସହାୟତାରେ ସମସ୍ତ ସୁବିଧା ଯୋଗାଇ ଦେବାକୁ ସଂଘର ସଭାପତି ବିଷ୍ଣୁ ଚରଣ ବାରିକ ଦାବି କରିଛନ୍ତି।

# ସଫାହେଲା ଜୁଡ଼ିଆ ଘାଟିର ସମସ୍ତ ୮ ଭୂସ୍ଖଳନ ସ୍ଥଳ

କେନ୍ଦୁଝର,୧୭।୮(ସମିସ): ଜାତୀୟ ରାଜପଥ ୪୯ର କେନ୍ଦୁଝର ସହର ନିକଟସ୍ଥ ଜୁଡିଆ ଘାଟିର ସମସ୍ତ ଆଠଟି ଭୂସ୍ଖଳନ ସ୍ଥଳକୁ ସଫା କରାଯାଇଛି। ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକରେ ବାରିକେଡ୍ କରାଯାଇଛି। ଏହା ସହିତ ନିରନ୍ତର ନଜର ରଖିବା ପାଇଁ ଏନ୍‌ଏଚ୍‌ଏଆଇ ଅଧିକାରୀ ଓ ଆବଶ୍ୟକୀୟ ସମ୍ବଳ ନିୟୋଜିତ କରାଯାଇଛି। ଭିଡ଼ କମାଇବା ପାଇଁ ରାସ୍ତାର ଡାହାଣ ପାର୍ଶ୍ୱରେ ଭାରି ଯାନବାହନ ଚଳାଚଳ ପାଇଁ ଅନୁମତି ଦିଆଯାଇଥିଲା। ତେବେ ଝିପିଝିପି ବର୍ଷା ମଧ୍ୟରେ ସାମାନ୍ୟ



ପୁନରୁଦ୍ଧାର କାର୍ଯ୍ୟକୁ ସହଜ କରିବା ପାଇଁ ଗାଡ଼ି ଚଳାଚଳକୁ ପୁଣି ଥରେ ସାମୟିକ ଭାବେ ନିଷେଧ କରାଯାଇଛି।

# ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ପକ୍ଷରୁ ଦିନିକିଆ ନକ୍‌ଆଉଟ୍ ଫୁଟବଲ

କେନ୍ଦୁଝର,୧୭।୮(ସମିସ): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ଶୁଆକାଟି ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ପକ୍ଷରୁ ଉରୁମୁଣ୍ଡା ଖେଳପଡ଼ିଆଠାରେ ଦିନିକିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଶୁକ ଦେବ ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ସ୍ଥାନୀୟ ଅଞ୍ଚଳର ୮ଟି ଟିମ୍ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ୍‌ରେ ମା' ସାହାରପାଟ ତଳଜାଗର ଓ ଜାଗର ସ୍ପୋର୍ଟିଂ ଉପର ଜାଗର ଟିମ୍ ମଧ୍ୟରେ ଖେଳା ଯାଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ୧-୧ ସ୍କୋର କରି ସମାନ ପରିସ୍ଥିତିରେ ରହିବା ପରେ ଟ୍ରାଇ ବେକରରେ ତଳଜାଗର ଟିମ ଉପର ଜାଗରକୁ ହରାଇ ଚାମ୍ପିଅନ ହୋଇଥିଲା। ଚାମ୍ପିଅନ ତଳଜାଗରକୁ ୨୦ ହଜାର ଟଙ୍କା ସହ ଟ୍ରଫି, ରନର୍ସଅପ ଉପର ଜାଗର ଟିମ୍‌କୁ ୧୦ ହଜାର ସହ ଟ୍ରଫି, ତୃତୀୟ ମହାଲକ୍ଷ୍ମୀ ଉରୁମୁଣ୍ଡାକୁ ୭ ହଜାର ସହ ଟ୍ରଫି, ଚତୁର୍ଥ ମା ଦୁର୍ଗା ଉରୁମୁଣ୍ଡା ଟିମକୁ ୫ ହଜାର ସହ ଟ୍ରଫି ପ୍ରଦାନ କରାଯାଇଥିଲା. ।ଉଦଯାପିତ ଉତ୍ସବ ରେ ଅନ୍ୟ ମାନଙ୍କ ମଧ୍ୟରେ ବରେଣ୍ୟ ଅତିଥି ଭାବେ ଲୋଡ଼ିଂ ଏଜେନ୍ସିର ସଭାପତି ଦମୟନ୍ତୀ ମହାନ୍ତ, ସମ୍ପାଦକ ଅଶୋକ ମହାନ୍ତି, ବିଜେପି ଶୁଆକାଟି ମଣ୍ଡଳ ସଭାପତି ନିତ୍ୟାନନ୍ଦ ଦେହୁରୀ, ବିଜେପି ଜିଲ୍ଲା ଯୁବ ମୋର୍ଚ୍ଚା ଆର୍‌ଟିଆଇ ସେଲ୍ ସଂଯୋଜକ ବିଷ୍ଣୁ ଦତ୍ତ ବାରିକ, ଲୋଡିଂ ଏଜେନ୍ସିର ନିର୍ଦ୍ଦେଶକ ରୋହିତ ରଞ୍ଜନ ବାରିକ, ଲକ୍ଷ୍ମଣ ବାରିକ, ଗଜେନ୍ଦ୍ର ବାରିକ, ସଚିନ ମୁଣ୍ଡା, ସୁଦନ ମୁଣ୍ଡା, ବିଶ୍ୱ



ଭୂଷଣ ସାଆନ୍ତ, ମଙ୍ଗଳୁ ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ବିଜୟୀ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ରେଫରୀ ବେଣୁଧର ଗାଗରାଇ, ଗଣେଶ ମୁଣ୍ଡା, ବୃନ୍ଦାବନ ମୁଣ୍ଡା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ମନୋଜ ଦାସ, ବୁଲବୁଲ ଆପଟ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ. ଦିଲ୍ଲୀପ କୁମାର ପାତ୍ରଙ୍କ ସମେତ ଉରୁମୁଣ୍ଡା ଗ୍ରାମର ଯୁବକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନାଳରେ ଭାସିଗଲେ ଯୁବକ

ତେଲକୋଇ,୧୭।୮(ସମିସ): ତେଲକୋଇ ଥାନା କରଦାଙ୍ଗି ଗ୍ରାମ ଘୁରୁଡ଼ିଆ ନାଳରେ ଭାସି ଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆମ୍ବ ତଇଲା ସାହିର ଭକ୍ତ ମହାନ୍ତ (୪୫)। ସୂଚନା ମୁତାବକ ଭକ୍ତ ଆଜି ପୂର୍ବାହ୍ନରେ ଆମ୍ବ ତଇଲାରୁ ସାମନାଳି ଅଭିମୁଖେ ଯାଉଥିବା ବେଳେ ରାସ୍ତାରେ ଏକ ନାଳ ପାରି ହେଉଥିଲେ। ନାଳରେ ଜଳର ସ୍ରୋତ ପ୍ରଖର ଥିବାରୁ ନାଳ ସୁଅରେ ଭାସିଯାଇ ଥିଲେ। ଖବର ପାଇ ତେଲକୋଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜା ଖୋଜି କରିବା ପରେ ଘୁରୁଡ଼ିଆ ନାଳରୁ ତାଙ୍କର ମୃତଦେହ ଉଦ୍ଧାର କରିଥିଲେ। ଘଟଣାକୁ ନେଇ ତେଲକୋଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣା ପଡ଼ିଛି।

# ମରାମତି ହେଲା ବର୍ଷାରେ କ୍ଷତିଗ୍ରସ୍ତ ରାସ୍ତା

କେନ୍ଦୁଝର,୧୭।୮(ସମିସ): ପ୍ରବଳ ବର୍ଷା ଏବଂ ମାଟି ଅତଡ଼ା ଧସିବା ଯୋଗୁଁ ତେଲକୋଇର ବଳଭଦ୍ରପୁର ପୋଲ ନିକଟରେ କ୍ଷତିଗ୍ରସ୍ତ ହୋଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାର ଏକ ଅଂଶକୁ ମାଟି ଭର୍ତ୍ତି ଓ ରାସ୍ତା ମଜଭୁତ କାର୍ଯ୍ୟ କରାଯାଇ ତୁରନ୍ତ ପୁନରୁଦ୍ଧାର କରାଯାଇଛି। ବର୍ତ୍ତମାନ ଏହି ମରାମତି ହୋଇଥିବା ରାସ୍ତାରେ ଯାନବାହନ ଚଳାଚଳ ପୁନର୍ବାର ଆରମ୍ଭ ହୋଇଛି, ଯାହା ଯାତ୍ରୀମାନଙ୍କୁ ଆଶ୍ୱସ୍ତି ଦେବା ସହ ଏହି ଅଞ୍ଚଳରେ ଯୋଗାଯୋଗ ସୁନିଶ୍ଚିତ କରିଛି।

# ଫୁଟବଲ୍ ଖେଳିଲେ ଅଧିକାରୀ, ଉପଜିଲ୍ଲାପାଳ ଏକାଦଶ ବିଜୟୀ



ଚମ୍ପୁଆ,୧୭।୮(ସମିସ): ସ୍ୱାଧୀନତା ଦିବସ ଅବସରରେ ଚମ୍ପୁଆ ନେହେରୁ ଷ୍ଟାଡିୟମ୍‌ରେ ଉପଜିଲ୍ଲାପାଳ ଏକାଦଶ ଓ ନାଗରିକ ଏକାଦଶ ମଧ୍ୟରେ ଏକ ରୋମାଞ୍ଚକର ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଲଗାଣ ବର୍ଷା ଓ କାଦୁଅ ଖେଳର ଉତ୍ସାହକୁ ଫିକା କରିପାରିନଥିବା ବେଳେ ମ୍ୟାଚ୍‌ଟି ବେଶ୍ ରୋମାଞ୍ଚକର ହୋଇଥିଲା। ମ୍ୟାଚ୍‌ର ଆକର୍ଷଣୀୟ ଦିଗ ଥିଲା ଅଧିକାରୀମାନଙ୍କ ସକ୍ରିୟ ଅଂଶଗ୍ରହଣ। ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ଏସ୍‌ଡିପିଓ, ଏଏସ୍‌ଟି ସବ୍‌କଲେକ୍ଟର, ଆଇଆଇସିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପଜିଲ୍ଲାପାଳ ଏକାଦଶ ଦଳରେ ସାମିଲ ହୋଇ ମଇଦାନକୁ ଓହ୍ଲାଇଥିଲେ। ଲଗାଣ ବର୍ଷା ଯୋଗୁଁ ଷ୍ଟାଡିୟମ୍ ପଡ଼ିଆ କାଦୁଅ ପଚପଚ ହୋଇଯାଇଥିଲେ ମଧ୍ୟ ଖେଳାଳିମାନେ ବର୍ଷାକୁ ଖାତିର ନକରି ଭିଜି ଭିଜି ଖେଳିଥିଲେ। କାଦୁଅ ପଡ଼ିଆରେ ଉଭୟ ଦଳ ମଧ୍ୟରେ ଜୋରଦାର ଲଢ଼େଇ ହୋଇଥିଲା। ଖେଳାଳିଙ୍କ ଉତ୍ସାହ ଓ ଦମଦାର ପ୍ରଦର୍ଶନ ଯୋଗୁଁ ଦର୍ଶକଙ୍କ ମଧ୍ୟରେ ମଧ୍ୟ ଉତ୍ସାହ ବଢ଼ିଥିଲା। ଶେଷରେ ଉପଜିଲ୍ଲାପାଳ ଏକାଦଶ ବିଜୟୀ ହୋଇଥିଲା। ବର୍ଷା ଓ କାଦୁଅ ମଧ୍ୟରେ ଅଧିକାରୀଙ୍କ ଏଭଳି ଫୁଟବଲ୍ ଖେଳ ସ୍ୱାଧୀନତା ଦିବସ ପାଳନର ଉତ୍ସାହକୁ ଆହୁରି ଦ୍ୱିଗୁଣିତ କରିଥିଲା। ଫୁଟବଲ୍ ପ୍ରତିଯୋଗିତାକୁ ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଏନ୍‌ସିସି ଶିକ୍ଷକ ପରିଚାଳନା କରିଥିଲେ। ତାଙ୍କ ଦକ୍ଷ ପରିଚାଳନା ଓ ଶୃଙ୍ଖଳିତ ବ୍ୟବସ୍ଥା ଯୋଗୁଁ ବର୍ଷା ସତ୍ତ୍ୱେ ମ୍ୟାଚ୍‌ଟି ସୁଚାରୁରୂପେ ସମ୍ପନ୍ନ ହୋଇଥିଲା।

## ଚମ୍ପୁଆ ଏନ୍‌ଏସି ଅଞ୍ଚଳରେ ମିଳୁନି ମୌଳିକ ସୁବିଧା

# ଦିନରେ ମଶା, ରାତିରେ ହାତୀ ଭୟ

ଚମ୍ପୁଆ,୧୭।୮ (ସମିସ)



ସହରାଞ୍ଚଳ ତଥା ଏନ୍‌ଏସି ମାନ୍ୟତା ପାଇବାର ୧୪ ବର୍ଷ ପରେ ବି ଚମ୍ପୁଆର କେତେକ ଅଞ୍ଚଳରେ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି ଲୋକେ। ଏହି ଏନ୍‌ଏସି ଅନ୍ତର୍ଗତ ନୂଆଗାଁ ହୁଡ଼ିସାହିର ଚିତ୍ର ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଛି। ସହର ଭିତରେ ରହି ମଧ୍ୟ ଗ୍ରାମାଞ୍ଚଳଠାରୁ ଅଧିକ ଦୟନୀୟ ଅବସ୍ଥାରେ ଜୀବନ କାଟୁଛନ୍ତି ୩୦୦ରୁ ଊର୍ଦ୍ଧ୍ୱ ବାସିନ୍ଦା। ରାସ୍ତା ନାହିଁ, ଷ୍ଟ୍ରିଟ୍‌ଲାଇଟ୍ ଜଳୁନାହିଁ, ନିୟମିତ ସଫେଇ ହେଉନାହିଁ। ଫଳରେ ଦିନରେ ମଶା ଓ ରାତିରେ ହାତୀ ଭୟ ମଧ୍ୟରେ ହୁଡ଼ିସାହିବାସୀଙ୍କ ଜୀବନ ଅତିବାହିତ ହେଉଥିବା ଅଭିଯୋଗ ହୋଇଛି। ହୁଡ଼ିସାହିରେ ଅଧିକାଂଶ ଅଧିବାସୀ ଆଦିବାସୀ ଶ୍ରେଣୀର ହୋଇଥିବାବେଳେ ସେ ଅଞ୍ଚଳକୁ ଯିବା ପାଇଁ ଏଯାଏଁ ନିୟମିତ ରାସ୍ତାଟିଏ ନାହିଁ। ରଜିଆ ପଞ୍ଚାୟତ ରାସ୍ତା ଉପରେ ନିର୍ଭର କରି ଯାତାୟାତ କରୁଥିବା ଲୋକଙ୍କ ପାଇଁ ବର୍ଷାଦିନ ଆସିଲେ ସମସ୍ୟା ଆହୁରି ଗମ୍ଭୀର ହୋଇପଡ଼େ। କାଦୁଅ ଓ ଖରାପ ରାସ୍ତା ଯୋଗୁଁ ଯାତାୟାତ କଷ୍ଟକର ହୋଇଥିବା ବେଳେ ଜରୁରୀ ସମୟରେ ଯାନବାହନ ନେଇ ଯିବା ମଧ୍ୟ କଷ୍ଟ ହେଉଥିବା ଅଭିଯୋଗ ରହିଛି। ହୁଡ଼ିସାହିର ଆଉ ଏକ ବଡ଼ ସମସ୍ୟା ପାଲଟିଛି ଆଲୋକ ବ୍ୟବସ୍ଥା। ପ୍ରାୟ ୩ ମାସ ହେଲା ଅଞ୍ଚଳର ଷ୍ଟ୍ରିଟ୍‌ଲାଇଟ୍ ଜଳୁନଥିବା ବାସିନ୍ଦାମାନେ ଅଭିଯୋଗ କରିଛନ୍ତି। ସନ୍ଧ୍ୟା ହେଲେ ଅଞ୍ଚଳ ଅନ୍ଧାରରେ ବୁଡ଼ିଯାଉଛି। ଏହି ଅନ୍ଧାର ହିଁ ହାତୀ ଭୟକୁ ଆହୁରି ବଢ଼ାଇ ଦେଉଛି। ହୁଡ଼ିସାହିକୁ ଲାଗି ଜଙ୍ଗଲ ରହିଥିବାରୁ ଅଞ୍ଚଳରେ ହାତୀପଲଙ୍କ ଚଳାଚଳ ନୂଆ କଥା ନୁହେଁ। ରାତି ସମୟରେ ହାତୀପଲ ଅଞ୍ଚଳ ନିକଟକୁ ଆସୁଥିବାରୁ ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କ ବଢ଼ିଛି। ଷ୍ଟ୍ରିଟ୍‌ଲାଇଟ୍ ବନ୍ଦ ରହୁଥିବାରୁ ରାତିରେ ହାତୀ ଆସିଲେ ତାହା ଜାଣିବା ମଧ୍ୟ କଷ୍ଟକର ହେଉଛି। ଫଳରେ ଧନଜୀବନ ସୁରକ୍ଷାକୁ ନେଇ ବାସିନ୍ଦାଙ୍କ ଚିନ୍ତା ବଢ଼ିଛି। ଅଞ୍ଚଳରେ ନିୟମିତ ସଫେଇ ହେଉନଥିବାରୁ ରାସ୍ତାକଡ଼ ଓ ଖାଲି ସ୍ଥାନରେ ବଣବୁଦା ବଢ଼ିଯାଇଛି। ଅଳିଆ ଆବର୍ଜନା ଓ ଅପରିଷ୍କାର ପରିବେଶ ଯୋଗୁଁ ମଶାଙ୍କ ଉପଦ୍ରବ ମଧ୍ୟ ବଢ଼ିଥିବା ଲୋକେ କହିଛନ୍ତି। ସ୍ୱଚ୍ଛତା ବ୍ୟବସ୍ଥା ହୁଡ଼ିସାହିରେ ଫେଲ୍ ମାରିଥିବା ଅଭିଯୋଗ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରାସ୍ତା ନଥିବାରୁ ସଫେଇ ଗାଡ଼ି ମଧ୍ୟ ହୁଡ଼ିସାହି ଭିତରକୁ ଯାଇପାରୁନଥିବା ଅଭିଯୋଗ ହେଉଛି। ଏହା ଫଳରେ ସଫେଇ ବ୍ୟବସ୍ଥା ନିୟମିତ ହୋଇପାରୁନାହିଁ ବୋଲି ବାସିନ୍ଦାମାନେ କହିଛନ୍ତି। ହୁଡ଼ିସାହିବାସୀଙ୍କ ଅଭିଯୋଗ ଅନୁଯାୟୀ, ଏନ୍‌ଏସି ପକ୍ଷରୁ ହୋଲ୍ଡିଂ ଟ୍ୟାକ୍ସ ଓ ସଫେଇ ଟ୍ୟାକ୍ସ ଆଦାୟ କରାଯାଉଛି। କିନ୍ତୁ ଟିକସ ଦେଉଥିବା ଅଞ୍ଚଳରେ ନିୟମିତ ସଫେଇ ଓ ମୌଳିକ ସୁବିଧା କାହିଁକି ମିଳୁନାହିଁ, ତାହାକୁ ନେଇ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି। ରାସ୍ତା ସମସ୍ୟାର ପ୍ରଭାବ ଛୋଟ ଛୋଟ ଶିଶୁଙ୍କ ଉପରେ ମଧ୍ୟ ପଡୁଛି। ବର୍ଷାଦିନେ ରାସ୍ତା ଖରାପ ହୋଇଯିବାରୁ ହୁଡ଼ିସାହିର ଅଙ୍ଗନବାଡ଼ି ଶିଶୁମାନେ ମୁଖ୍ୟ ଗାଁରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇପାରୁନଥିବା ଅଭିଯୋଗ ହୋଇଛି। ଏହା କେବଳ ରାସ୍ତା ସମସ୍ୟା ନୁହେଁ, ଶିଶୁଙ୍କ ଶିକ୍ଷା ଓ ପୋଷଣ ସେବା ସହିତ ଜଡ଼ିତ ଏକ ଗୁରୁତର ପ୍ରସଙ୍ଗ ବୋଲି ଅଞ୍ଚଳବାସୀ କହିଛନ୍ତି।

# ଘର ଭାଙ୍ଗିଲେ, ଧାନ ଚାଉଳ ଖାଇଲେ ହାତୀପଲ

ତୁରୁମୁଙ୍ଗା,୧୭।୮(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳରେ ହାତୀପଲଙ୍କ ଉପଦ୍ରବ ଥମିବାର ନାଁ ନେଉନାହିଁ। ବିଳମ୍ବିତ ରାତିରେ ୭ ଟିକିଆ ହାତୀପଲରୁ ଏକ ଦନ୍ତାହାତୀ ପିଛୁଲାବେଡା ଗାଁରେ ପଶି ତିନିଜଣଙ୍କ ଘର ଭାଙ୍ଗି ଦେଇଛି। ଗ୍ରାମର ମେଶ ମୁଣ୍ଡା, କାନ୍ଦରା ମୁଣ୍ଡା ଓ ଫକୁଲ ମୁଣ୍ଡାଙ୍କ ଘର ହାତୀ ଭାଙ୍ଗିଥିବା ଜଣାପଡ଼ିଛି। ହାତୀ ଆକ୍ରମଣରେ ରମେଶ ମୁଣ୍ଡାଙ୍କ ଟାଇଲ ଛପର ଘର ସହ ଟିଭି ଓ ଫ୍ୟାନ ନଷ୍ଟ ହୋଇଛି। ସେହିପରି ଫକୁଲ ମୁଣ୍ଡାଙ୍କ ଘରେ ଥିବା ପ୍ରାୟ ୧ କ୍ୱିଣ୍ଟାଲ ଚାଉଳ, ଏକ କ୍ୱିଣ୍ଟାଲ ୟୁରିଆ ସାର ଓ ପ୍ରାୟ ୧୨ କ୍ୱିଣ୍ଟାଲ ଧାନ ହାତୀ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ସୁବାସ ମହାକୁଡ଼ ଓ କୁଷେଶ୍ୱର ମହାକୁଡ଼ଙ୍କ ଟାଇଲ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି।



ଏଥିସହ ପିଛୁଲାବେଡ଼ା ଅଞ୍ଚଳର ପ୍ରାୟ ୧୦ ଜଣଙ୍କ ଧାନବିଲ ମଧ୍ୟ ହାତୀପଲ ନଷ୍ଟ କରିଥିବା ଜଣାପଡ଼ିଛି। ଘର ଭାଙ୍ଗିବା ପରେ ୭ ଟିକିଆ ହାତୀପଲର ଦନ୍ତାହାତୀଟି ପାଟଣା ସେକ୍ସନ ଅନ୍ତର୍ଗତ ତଣ୍ଡ ବିଟ୍‌ର ଅଟେଇ ସଂରକ୍ଷିତ ଜଙ୍ଗଲରେ ରହିଥିବା ବେଳେ ୨୦ ଟିକିଆ ହାତୀପଲ ଷଡ଼ଙ୍ଗବହାଳି ଗାଁ ନିକଟ ଅଟେଇ ସଂରକ୍ଷିତ ଜଙ୍ଗଲରେ ରହିଥିବା ଜଣାପଡ଼ିଛି। ହାତୀପଲଙ୍କ ଗତିବିଧି ଉପରେ ବନ ବିଭାଗ ନଜର ରଖିଥିବା ବେଳେ, ହାତୀ ଉପଦ୍ରବ ଯୋଗୁଁ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ଲାଗି ରହିଛି। କ୍ଷୟକ୍ଷତିର ଆକଳନ କରି ପ୍ରଭାବିତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଥିବା ବେଳେ ବନ ବିଭାଗ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରକୁ ତ୍ରମ ପ୍ରଦାନ କରାଯାଇଛି।

### ପୁଣି ବନ୍ୟା, ବଢୁଛି ଲୋକଙ୍କ ଦୁର୍ଦ୍ଦଶା

# ଚାଷଜମି ବାଲିଚର ଆଶଙ୍କା, ଚାଷୀ ମୁଣ୍ଡରେ ଚଡ଼କ

ବଡ଼ସାହି,୧୭।୮ (ସମିସ): ୧୫ ଦିନ ବ୍ୟବଧାନରେ ଲଗାତର ୩ଟି ବନ୍ୟା ବଡସାହି ଅଞ୍ଚଳବାସୀଙ୍କୁ ବେହାଲ କରିଛି। କେବଳ ଲୋକ ଅସୁବିଧାର ସମ୍ମୁଖୀନ ହେଉ ନାହାନ୍ତି, ପ୍ରଶାସନର ମଧ ନିଦ ହଜିଛି। ଅବ୍ୟବସ୍ଥା ପାଇଁ ପ୍ରଶାସନ ଲୋକଙ୍କ ରୋଷର ଶିକାର ହେଉଛି। ଚାଷଜମି ବାଲିଚର ହେବା ଆଶଙ୍କା ସୃଷ୍ଟି ହୋଇଥିବାବେଳେ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ତୃତୀୟ ବନ୍ୟାରେ କେହି ଜିଲ୍ଲା ଅଧିକାରୀ ଲୋକଙ୍କ ଦୁଃଖ ବୁଝିବାକୁ ଆସି ନ ଥିବା ଅଭିଯୋଗ ହେଉଛି।



ବୁଢାବଳଙ୍ଗ ପାଣି ବଢୁଥିବାବେଳେ ଗଙ୍ଗାହାର ସୀମା ଲଙ୍ଘିଛି। ବିଭିନ୍ନ ସ୍ଥାନରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବାବେଳେ ରାସ୍ତା, ଚାଷ ଜମି, ପରିବା ଫସଲ ଜଳମଗ୍ନ ହୋଇଛି। ବଡସାହି ତହସିଲଦାର ବିଶ୍ୱନାଥ ବିଶ୍ୱାଳ ଲୋକଙ୍କ ସୁରକ୍ଷା ପାଇଁ ଯୋଗାଯୋଗ ବିଚ୍ଛିନ୍ନ ହେଉଥିବା ମାନଗୋବିନ୍ଦପୁର-କୁଂଚିବଣିଆ, ଜଡିଦାରୁ ଆଗ୍ରିଆ, ନୁଣୁକୁଆ, ଭୁରୁଡିହା ଓ ଡୁମୁରିଆ ରାସ୍ତା, ଜଡିଦାରୁ ନରଣଗାଁ ଓ ନରଣାଁରୁ ଶାଳଗାଁ ଓ ସୋରିଷୋକୋଠାରୁ ପାଳପାଟଣା ରାସ୍ତାରେ ପୁଲିସ ମୁତୟନ ପାଇଁ ମାଣତ୍ରୀ ପୁଲିସ ଆଉଟ ପୋଷ୍ଟକୁ ଚିଠି କରିଛନ୍ତି। ବଡସାହି ବିଡିଓ ବନଜା ଦାସ ୩ଟି ବନ୍ୟା ଆଶ୍ରୟସ୍ଥଳୀ ସହିତ ୩୧ଟି ଅସ୍ଥାୟୀ କ୍ୟାମ୍ପ ମାଧ୍ୟମରେ ଲୋକଙ୍କୁ ରଖାଯିବା ସହିତ ସେମାନଙ୍କ ପାଇଁ ଖାଦ୍ୟପେୟର ବ୍ୟବସ୍ଥା କରିବାକୁ ବିଭାଗୀୟ କର୍ମଚାରୀଙ୍କୁ ଦାୟିତ୍ୱ ବଣ୍ଟନ କରିଛନ୍ତି। ତିନିଥରର ବନ୍ୟା ଚାଷୀଙ୍କ ଅଣ୍ଟା ଭାଙ୍ଗି ଦେଇଥିବାରୁ ସଠିକ୍ ଆକଳନ କରି କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ସେହିପରି କଂଗ୍ରେସ ଦଳ ପକ୍ଷରୁ ବରିଷ୍ଠ ନେତା ପ୍ରକାଶ କର ମହାପାତ୍ର, ବ୍ଲକ୍ ସଭାପତି ଶଶାଙ୍କଶେଖର କର ବିଭିନ୍ନ ପ୍ରଭାବିତ ଗ୍ରାମକୁ ଯାଇ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ବଡସାହି ସିଏଚସି ପକ୍ଷରୁ ସ୍ୱାସ୍ଥ୍ୟ ଟିମ ପ୍ରଭାବିତ ଗ୍ରାମରେ ଲୋକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହିତି ବ୍ଲିଚିଙ୍ଗ, ଫିନାଇଲ ଓ ହାଲୋଜେନ ବଟିକା ବଣ୍ଟନ କରିଛନ୍ତି। ଗଙ୍ଗାହାର ନଦୀର ତଳି ଅଞ୍ଚଳ ମାଣତ୍ରୀ କୁଣ୍ଡିସାହି, କୁଂଚିବଣିଆ, ଭୁରୁଡିହା, ଡୁମୁରିଆ, ଆଗ୍ରିଆ, ମିରିଗିଦାରୀ, ଉତରପାଳ, ଧନାପାଳ ଓ କୁଡିମୁଣ୍ଡା, ପାଳପାଟଣା ଆଦି ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢିଛି। ବହୁ ମାଟି ଘର ମଧ ଭାଙ୍ଗିପଡିଥିବାର ଜଣାଯାଇଛି। ମାଣତ୍ରୀ-ବଡସାହି ପୂର୍ତ୍ତ ବିଭାଗ ରାସ୍ତାର ଅଙ୍ଗାରୀ ଛକ ନିକଟରେ ରାସ୍ତା ଧୋଇ ନେଇଥିବାବେଳେ ଏମଡିଆର-୭୦ ରାସ୍ତାର ବିତନୁ ପୋଲ ନିକଟରେ ନୂଆ ଆପ୍ରୋଚ ରାସ୍ତା ଧସିଯାଇଛି।

## କୁଆମରା-ବଡ଼ସାହି ରାସ୍ତା ଉପରେ ପାଣି

କୁଆମରା,୧୭।୮ (ସମିସ): ଲଘୁଚାପ ପ୍ରଭାବରେ ରବିବାର ରାତିରେ ମୁଷଳ ବର୍ଷା ଲାଗି ରହିବା ଯୋଗୁଁ ଗଙ୍ଗାହାର ନଦୀରେ ପୁଣି ବନ୍ୟା ଆସିଥିବାବେଳେ ନାଲୁହା ସମେତ ଛୋଟ ଛୋଟ ନଦୀ ଓ ନାଳରେ ପାଣି ବୃଦ୍ଧି ପାଇବାରେ ଲାଗିଛି।



ଗୋପବନ୍ଧୁନଗର ବ୍ଲକ ଦେଇ ପ୍ରବାହିତ ଗଙ୍ଗାହାର ନଦୀରେ ବନ୍ୟା ଜଳ ଆସିବା ଯୋଗୁଁ ଖଡିକାପଦା କଲଭର୍ଟ ଉପରେ ୪ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ବଡ଼ସାହି-କୁଆମରା ଯୋଗାଯୋଗ ଠପ୍ ହୋଇପଡିଛି। ଉପରମୁଣ୍ଡରେ ବର୍ଷା ଯୋଗୁଁ ଆଜି ଅପରାହ୍ନଠାରୁ ଅଧିକରୁ ଅଧିକ ବନ୍ୟା ଜଳ ଆସୁଥିବାରୁ ନଦୀ କୂଳରେ ବସବାସ କରୁଥିବା ପ୍ରାୟ ୩୦ରୁ ଅଧିକ ପରିବାର ପାଇଁ ବିପଦ ଦେଖାଦେଇଛି। ଗଙ୍ଗାହାର ନଦୀରେ ବନ୍ୟା ଜଳ ବଢିବା ଯୋଗୁଁ ଏହାସହ ମିଶ୍ରଣ ହୋଇଥିବା ନାଲୁହା ଫୁଲିବାରେ ଲାଗିଛି। ଚଳିତ ବର୍ଷ ଏହି ନଦୀରେ ଏହା ଚତୁର୍ଥ ବନ୍ୟା ଦେଖାଦେଇଛି। ଗୋଟିଏ ମାସ ମଧ୍ୟରେ ୪ ଥର ବନ୍ୟା ପାଣି ମାଡ଼ିବା ଯୋଗୁଁ ନଦୀ ଦୁଇ ପାଶ୍ୱର୍ରେ ଥିବା ଚାଷଜମି ଓ ନଦୀ ହୁଡ଼ାରେ ଥିବା ପରିବା ଚାଷ କ୍ଷତି ଘଟିଛି। ସେହିପରି ଦେଓ ନଦୀର ବନ୍ୟା ଜଳ ଆସିବା ଯୋଗୁଁ କଇଁସାରୀ ନିକଟସ୍ଥ ଜାମୁଘାଟ ଅସ୍ଥାୟୀ ପୋଲ ଉପରେ ୪ ଫୁଟ ରୁ ଅଧିକ ବନ୍ୟା ଜଳ ପ୍ରବାହିତ ହେଉଛି।

## ରାଇଶୋଳରେ କୃତ୍ରିମ ବନ୍ୟା, ଘରେ ପଶିଲା ପାଣି

ରାସଗୋବିନ୍ଦପୁର,୧୭।୮ (ସମିସ): ଲଗାଣ ବର୍ଷା ଯୋଗୁଁ ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ନାକିଚୁଆ ପଞ୍ଚାୟତର ରାଇଶୋଳ ଗ୍ରାମରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପାଣି ନିଷ୍କାସନ ପାଇଁ ଥିବା କେନାଲରେ ଠିକ୍ ଭାବେ ପାଣି ନ ଯିବାରୁ ଗ୍ରାମର ତଳିଆ ଅଞ୍ଚଳରେ ପାଣି ଜମି ରହିଥିଲା। ଫଳରେ ଅନେକ ଘରେ ବର୍ଷା ଜଳ ପଶି ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଗ୍ରାମର ଅଜୟ ବେହେରା, ବିକାଶ ବେହେରା, ଅକ୍ଷୟ ବେହେରା, ସସ୍ମିତା ବେହେରା, ଅନନ୍ତ ବେହେରା, କମଳାକାନ୍ତ ବେହେରା, ମିଥୁନ ହେମ୍ବ୍ରମ ଓ ବାସନ୍ତୀ ବେହେରାଙ୍କ ଘରେ ପାଣି ପଶିଥିବା ଜଣାପଡିଛି। କେତେକ ସ୍ଥାନରେ ଘର



କାନ୍ଥ ଭାଙ୍ଗିପଡ଼ିଛି। ସରକାରୀ ସହାୟତାକୁ ଅପେକ୍ଷା ନ କରି ଗ୍ରାମବାସୀ ନିଜେ ଏକତ୍ରିତ ହୋଇ ପାଣି ନିଷ୍କାସନ ପାଇଁ ପଦକ୍ଷେପ ନେଇଥିଲେ। କେନାଲ ସଫା କରିବା ସହ ଘର ଭିତରୁ ପାଣି କାଢି ଗ୍ରାମର ପରିସ୍ଥିତିକୁ ସ୍ୱାଭାବିକ କରିବାକୁ ଚେଷ୍ଟା କରିଥିଲେ। ଗ୍ରାମର ଏକ ମୁଖ୍ୟ ରାସ୍ତା ବର୍ଷା ପାଣିରେ ଧୋଇଯାଇଛି। ରାସ୍ତା ମରାମତି ଓ ପାଣି ନିଷ୍କାସନ ବ୍ୟବସ୍ଥାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



## ଲଗାଣ ବର୍ଷାରେ ଘର ଭାଙ୍ଗିଲା, କାନ୍ଥ ଧସିଲା

ମହୁଲଡିହା,୧୭।୮ (ସମିସ): ଲଘୁଚାପ ପ୍ରଭାବରେ ଠାକୁରମୁଣ୍ଡା ଅଞ୍ଚଳରେ ଭାରି ବର୍ଷା ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି। ବଡଦାଣ୍ଡ ସାହିରେ ମନୋଜ ପାତ୍ରଙ୍କ ଖପର ଘର କାନ୍ଥ ଧସି ବିପଦଜନକ ଅବସ୍ଥାରେ ଝୁଲି ରହିଛି। ଏ ନେଇ ମନୋଜ ରାଜସ୍ୱ ନିରୀକ୍ଷକଙ୍କୁ ଜଣାଇ ସହାୟତା ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ସେହିପରି ତରାମରା ପଞ୍ଚାୟତ ଅନ୍ତର୍ଗତ ହାଣ୍ଡିଫୁଟା ଗ୍ରାମର ମିଶ୍ର ଦେହୁରୀଙ୍କ ଆଜବେଷ୍ଟସ ଘର କାନ୍ଥ ଖସି ପଡିବାରୁ ଘରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବିପର୍ଯ୍ୟୟଜନିତ କ୍ଷତି ହୋଇଥିବାରୁ ମିଶ୍ର ଦେହୁରୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଏମସିଏଏମକୁ ଜିଲ୍ଲାର ଶ୍ରେଷ୍ଠ ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସମ୍ମାନ

ବାରିପଦା,୧୭।୮ (ସମିସ): ସ୍ୱାଧୀନତା ଦିବସ ଅବସରରେ ସହିଦ ସ୍ମୃତି ଭବନରେ ଆୟୋଜିତ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ ଓ ପୁରସ୍କାର ବିତରଣ ଉତ୍ସବରେ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମ୍ସିଏଏମ୍)ର ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସୁଶ୍ରୀ ନାୟକଙ୍କୁ ମୟୂରଭଞ୍ଜ ଜିଲ୍ଲାର ଶ୍ରେଷ୍ଠ ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଭାବେ ସମ୍ମାନିତ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଜିଲ୍ଲା ଶିକ୍ଷାଧିକାରୀ ଡଃ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ତାଙ୍କୁ ଟ୍ରଫି, ପ୍ରଶସ୍ତିପତ୍ର ଓ ସମ୍ମାନ ପ୍ରଦାନ କରିଥିଲେ। ଏହି ସମ୍ମାନ ମୟୂରଭଞ୍ଜ କଲେଜ ପରିବାର ପାଇଁ ଗୌରବର ବିଷୟ ବୋଲି ସମସ୍ତେ ମତ ପ୍ରକାଶ କରିଛନ୍ତି। ଶ୍ରୀମତୀ ନାୟକ ଜଣେ ପରିଶ୍ରମୀ, ନିଷ୍ଠାବାନ ଓ କର୍ମଠ ଏନ୍ଏସ୍ଏସ୍ ଅଧିକାରୀ ଭାବେ ପରିଚିତ। ତାଙ୍କ ନେତୃତ୍ୱରେ କଲେଜର ଏନ୍ଏସ୍ଏସ୍ ୟୁନିଟ୍ ପକ୍ଷରୁ ସ୍ୱଚ୍ଛତା ଅଭିଯାନ, ବୃକ୍ଷରୋପଣ, ରକ୍ତଦାନ ସଚେତନତା, ମାଦକ ବିରୋଧୀ ଅଭିଯାନ, ଯୋଗ ଦିବସ, ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମ, ଟ୍ରାଫିକ ସଚେତନତା, ପରିବେଶ ସୁରକ୍ଷା ଅଭିଯାନ ସମେତ ବହୁ ସମାଜସେବାମୂଳକ କାର୍ଯ୍ୟ ସଫଳତାର ସହ ସମ୍ପନ୍ନ ହୋଇଛି। ବାରିପଦା ସହର ଓ ନିକଟବର୍ତ୍ତୀ ବିଭିନ୍ନ ଗ୍ରାମରେ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବକଙ୍କ ମାଧ୍ୟମରେ ଅନେକ ଜନହିତକର କାର୍ଯ୍ୟକ୍ରମ କରାଯାଇଛି। ତାଙ୍କର ସଫଳ ସଂଗଠନ କ୍ଷମତା, ନେତୃତ୍ୱ ଓ ସମାଜ ପ୍ରତି ଉତ୍ସର୍ଗୀକୃତ ସେବା ମନୋଭାବ ପାଇଁ ଏହି ସମ୍ମାନ ମିଳିଥିବାରୁ ଜିଲ୍ଲାର ଏନ୍ଏସ୍ଏସ୍ ମହଲରେ ଖୁସିର ଲହରି ଖେଳିଯାଇଛି। ଏହି ଗୌରବଜନକ ସଫଳତା ପାଇଁ କଲେଜ ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ ନାୟକଙ୍କ ସମେତ ବିଭିନ୍ନ ମହଲ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ମଧ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




## ଚିନ୍ମୟ ମିଶନ ପକ୍ଷରୁ ରକ୍ତଦାନ ଶିବିର



ବାରିପଦା, ୧୭।୮ (ସମିସ): ବାରିପଦା ଚିନ୍ମୟ ମିଶନ ପକ୍ଷରୁ ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ସମ୍ମାନିତ ଅତିଥି ସମାଜସେବୀ ସୋମନାଥ ସିଂହ, ନିରୋଜ ପୁଥାଳ ଯୋଗଦେଇ ରକ୍ତଦାତାଙ୍କୁ ସମ୍ମାନିତ କରିଥିଲେ। ଶିକ୍ଷାବିତ୍ ହୃଦାନନ୍ଦ ଆଚାର୍ଯ୍ୟ, ଉପଦେଷ୍ଟା ଶ୍ରୀଧର ପରିଡ଼ା, ଶକୁନ୍ତଳା ପାଲ, ଆଇନଜୀବୀ ପ୍ରଦୀପ ମହାନ୍ତି, ଶର୍ମିଷ୍ଠା ପଣ୍ଡା, ଅବସରପ୍ରାପ୍ତ ଆୟକର ଅଧିକାରୀ ତପନ ପଟ୍ଟନାୟକ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଚିନ୍ମୟ ମିଶନର ସମ୍ପାଦକ ଅଜିତ ବେହେରା ସଭା ପରିଚାଳନା କରିଥିବାବେଳେ ବରିଷ୍ଠ ଆଇନଜୀବୀ ସତ୍ୟବ୍ରତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସବ୍ୟସାଚୀ ପଲେଇ, ଫକୀର ଚରଣ ସାହୁ, ସୁର୍ଜେନ୍ଦୁ ସିଂ, ରାଜେଶ ଦାଶ, ହେମନ୍ତ ମହାକୁଡ଼, ଭାନୁପ୍ରତାପ ଦାଶ, ସତ୍ୟବ୍ରତ ମହାନ୍ତି, ବାପୁନ ମହାନ୍ତ, ରାଜେଶ ନାୟକ, ପୂର୍ଣ୍ଣେନ୍ଦୁ ଶେଖର, ଅରୁଣ ଗୋଚ୍ଛାୟତ, ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ, ସୁସାଧନ ମହାନ୍ତି, ସୁରଜ ପାଣି, ରବିରାମ ପ୍ରଜାପତି, ରାମେଶ୍ୱର ପୋଥାଳଙ୍କ ସମେତ ୧୬ ଜଣ ରକ୍ତଦାନ କରିଥିଲେ। ସୌଦାମିନୀ ମହାନ୍ତି, ସ୍ୱର୍ଣ୍ଣପ୍ରଭା ସାହୁ, ପଙ୍କଜିନୀ ଦାଶ, ସୁମନ ମହାନ୍ତି, ଦେବୀ ପ୍ରିୟଦର୍ଶିନୀ ବେହେରା, ଶାନ୍ତି ସିଂ, ଦିଲ୍ଲୀପ ତ୍ରିପାଠୀ, ଲକ୍ଷ୍ମୀ ପାଣି, ବିଷ୍ଣୁପଦ ବେରା, ସଚ୍ଚିଦାନନ୍ଦ ଗୁରୁକୁଳ ଛାତ୍ରଛାତ୍ରୀ ଶିବିର ପରିଚାଳନା କରିଥିଲେ।

## ମଦ ଜବତ, ଜଣେ ଗିରଫ



କରଞ୍ଜିଆ,୧୭।୮ (ସମିସ): କରଞ୍ଜିଆ ଥାନା ଅଧୀନ କେନ୍ଦୁମୁଣ୍ଡି ଅଞ୍ଚଳରେ ବେଆଇନ ଭାବେ ବିଦେଶୀ ମଦ ବିକ୍ରି ହେଉଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ଟିମ୍ କେନ୍ଦୁମୁଣ୍ଡିସ୍ଥ ବିଶ୍ୱଚରଣ ଦେଓଙ୍କ ଦୋକାନରେ ଚଢ଼ଉ କରିଥିଲା। ଦୋକାନରୁ ବହୁ ପରିମାଣର ବିଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ବିକ୍ରେତା ବିଶ୍ୱଚରଣ ଦେଓ (୩୯)ଙ୍କୁ ପୁଲିସ ଗିରଫ କରିଛି।

## ଏମ୍ପିସି ସ୍ୱୟଂଶାସିତ କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗର ଜାତୀୟ ଆଲୋଚନାଚକ୍ର

ବାରିପଦା, ୧୭।୮ (ସମିସ): ସ୍ଥାନୀୟ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଆର୍ଥିକ ସହାୟତାରେ ଦ୍ୱିଦିବସୀୟ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। 'ଜୈବ ବିବିଧତା ସଂରକ୍ଷଣର ସଂପ୍ରତିକ ଧାରା ଓ ଭବିଷ୍ୟତର ଦିଗ' ଶୀର୍ଷକ ଆଲୋଚନାଚକ୍ରର ଉଦଘାଟନୀ ଉତ୍ସବରେ ଅଧ୍ୟକ୍ଷ ନାରାୟଣ ପ୍ରସାଦ ବେହେରା ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଆୟୋଜନ ସମ୍ପାଦକ ଅନନ୍ତ ନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ର. ପ୍ରମୋଦ ଶତପଥୀ ଯୋଗ ଦେଇ ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ପରାମର୍ଶଦାତା ପ୍ର ତୁଷାରକାନ୍ତି ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପ୍ରସଙ୍ଗ ଭିତ୍ତିକ ଆଲୋଚନା କରିଥିଲେ। ଆବାହକ ଡ ପ୍ରମୋଦ କର ଆଲୋଚନାଚକ୍ର ପ୍ରସଙ୍ଗ ସମ୍ପର୍କରେ ବିଶଦ ସୂଚନା ଦେଇଥିଲେ। ବିଭାଗୀୟ ଅଧ୍ୟାପିକା ସସ୍ମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଭିନ୍ନ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସରେ ବିଭିନ୍ନ ବୈଷୟିକ ଅଧିବେଶନରେ ସନ୍ଦର୍ଭ ପାଠ ସହ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ନାରାୟଣ ବେହେରା ସଭାପତିତ୍ୱ କରିଥିଲେ। ସେମିନାର ସହସମ୍ପାଦକ ଆଦଗା ଟୁଡୁ ସ୍ୱାଗତ ଅଭିଭାଷଣ ରଖିଥିଲେ। ଭାରତ ସରକାରଙ୍କ ଜଙ୍ଗଲ ଓ ଜଳବାୟୁ ମନ୍ତ୍ରଣାଳୟର ଡିଆଇଜି ବିକ୍ରମ କେଶରୀ ପ୍ରଧାନ ପରିବେଶ ସୁରକ୍ଷାରେ ଜୈବ ବିବିଧତାର ଭୂମିକା ସମ୍ପର୍କରେ ବକ୍ତବ୍ୟ




ରଖିଥିଲେ। ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ ହେମନ୍ତ ଘଡ଼େଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ନିଜର ପ୍ରେରଣାଦାୟୀ ବକ୍ତବ୍ୟ ରଖିଥିଲେ। ବିଭାଗୀୟ ଅଧ୍ୟାପକ ଜଗନ ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟାରେ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଅଧ୍ୟାପିକା, ଗବେଷକ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏ ଅବସରରେ ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆବାହକ ଡ ପ୍ରମୋଦ କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ସ୍ୱାଧୀନତା ଦିବସ ଅବସରରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ / ଜିଲ୍ଲା ପ୍ରଶାସନକୁ ହରାଇ ଆଥଲେଟିକ ଆସୋସିଏସନ ଚାମ୍ପିଅନ୍

ବାରିପଦା, ୧୭।୮ (ସମିସ): ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ବାରିପଦା ଷ୍ଟାଡିୟମରେ ସ୍ୱାଧୀନତା ଦିବସ ଅବସରରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଆଥଲେଟିକ



ଆସୋସିଏସନ ଓ ଜିଲ୍ଲା ପ୍ରଶାସନ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ୧-୧ରେ ଡ୍ର ହେବାରୁ ୩-୨ ଟାଇବ୍ରେକର ଗୋଲରେ ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ ବିଜୟୀ ହୋଇ ଚାମ୍ପିଅନ୍ ହୋଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ନାଏକ ଅଧିନାୟକ ଥିବାବେଳେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ଅଧିନାୟକ ପୂର୍ବତନ କ୍ରୀଡ଼ା ଅଧିକାରୀ ପ୍ରଦୀପ ବେହେରା ଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ହେମକାନ୍ତ ସଏ, ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ କ୍ଷେତ୍ର ଉପନିର୍ଦ୍ଦେଶକ ସୁମିତ କର, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଭାଶିଷ ନାୟକ ପ୍ରମୁଖ ଖେଳିଥିବାବେଳେ ଆସୋସିଏସନ୍ ପକ୍ଷରୁ ଫୁଟବଲ ସମ୍ପାଦକ ଅମର ସେଠୀ, ସହସମ୍ପାଦକ ଅମ୍ବିକା ରାଉତ, ପୂର୍ବତନ କ୍ରୀଡ଼ାବିତ୍ ଯଦୁନାଥ ମାଝୀ, ଯୋଗେଶ୍ୱର୍ ପାଲବାବୁ, କ୍ରୀଡ଼ା ଶିକ୍ଷକ ସତ୍ୟନାରାୟଣ ବାରିକ ପ୍ରମୁଖ ଖେଳିଥିଲେ। କୈଳାସ ବେହେରା ଖେଳ ପରିଚାଳନା କରିଥିଲେ। ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଓ ବାରିପଦା ତହସିଲଦାର ସୁମନ ସାହୁ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ସଧିକାରୀ ଶିଶିର ମୁଣ୍ଡୟା ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଆସୋସିଏସନର ଉପସଭାପତି ବିବେକାନନ୍ଦ ପଟ୍ଟନାୟକ, ମନୋଜ ସାଓ, ସାଧାରଣ ସମ୍ପାଦକ ବିଜୟ ଦାସ, ସହସମ୍ପାଦକ ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## 'କମନୱେଲଥ୍ ସ୍କଲାରସିପ୍' ପାଇଲେ ଆକାଂକ୍ଷା



ବାରିପଦା, ୧୭।୮ (ସମିସ): ଓଡ଼ିଶାର ପ୍ରତିଭାବାନ ଯୁବ ଗବେଷିକା ଆକାଂକ୍ଷା ଦାସ ବ୍ରିଟେନର ପ୍ରତିଷ୍ଠିତ "କମନୱେଲଥ୍ ସେୟାର୍ଡ ସ୍କଲାରସିପ୍' ପାଇ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ସେ ଇଂଲଣ୍ଡର ଖ୍ୟାତିସମ୍ପନ୍ନ ନଟିଂହାମ୍ ବିଶ୍ୱବିଦ୍ୟାଳୟରେ ମାଷ୍ଟର୍ସ (ସ୍ନାତକୋତ୍ତର) ଡିଗ୍ରୀ କରିବେ। ବ୍ରିଟେନ ସରକାରଙ୍କ "ଫରେନ୍, କମନୱେଲଥ୍ ଆଣ୍ଡ ଡେଭଲପମେଣ୍ଟ ଅଫିସ୍' ଓ ନଟିଂହାମ୍ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ପ୍ରଦତ୍ତ ଏହି ସ୍କଲାରସିପ୍ ମାଧ୍ୟମରେ ଆକାଂକ୍ଷାଙ୍କ ସମ୍ପୂର୍ଣ୍ଣ ଟ୍ୟୁସନ୍ ଫି', ବିମାନ ଖର୍ଚ୍ଚ, ମାସିକ ଭତ୍ତା ଓ ଅଧ୍ୟୟନ ଭ୍ରମଣ ଅନୁଦାନ ବହନ କରାଯିବ। କମନୱେଲଥ୍ ସ୍କଲାରସିପ୍ କମିଶନର 'ଶାନ୍ତି, ସୁରକ୍ଷା ଓ ପ୍ରଶାସନ ସୁଦୃଢ଼ୀକରଣ' ଥିମ୍ ଅଧୀନରେ ତାଙ୍କୁ ଏହି ସମ୍ମାନଜନକ ସୁଯୋଗ ମିଳିଛି। ଆକାଂକ୍ଷା ମୟୂରଭଞ୍ଜ ଜିଲ୍ଲାର ବାରିପଦାସ୍ଥ କେନ୍ଦ୍ରୀୟ ବିଦ୍ୟାଳୟ ଲକ୍ଷ୍ମୀପୋଷିରୁ ନିଜର ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିଲେ। ପରେ ସେ ଭୁବନେଶ୍ୱରସ୍ଥ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ରୁ ନିଜର ବିଦ୍ୟାଳୟ ଶିକ୍ଷା ସମାପ୍ତ କରିଥିଲେ। ପରେ ଗୁଜରାଟର ଗାନ୍ଧୀନଗରସ୍ଥ ପ୍ରତିଷ୍ଠିତ "ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟ'ରୁ ପ୍ରତିରକ୍ଷା ଓ ରଣନୈତିକ ଅଧ୍ୟୟନରେ ବିଏ(ଅନର୍ସ) ଡିଗ୍ରୀ ହାସଲ କରିଥିଲେ। ବର୍ତ୍ତମାନ ସେ ଆମେରିକା ଭିତ୍ତିକ ସୁରକ୍ଷା ଓ ଅନୁସନ୍ଧାନ ସଂସ୍ଥା "ଟେରରିଜିମ୍ ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ କନସୋର୍ଟିୟମ୍'ରେ ଦକ୍ଷିଣ ଏସିଆ ଓ ମଧ୍ୟପ୍ରାଚ୍ୟ ବିଷୟରେ ଜଣେ ରିସର୍ଚ୍ଚ ଆନାଲିଷ୍ଟ ଭାବେ କାର୍ଯ୍ୟରତ ଅଛନ୍ତି। ବିଦେଶ ଯାତ୍ରା ପୂର୍ବରୁ ଆସନ୍ତା ୨୧ ତାରିଖରେ ନୂଆଦିଲ୍ଲୀସ୍ଥ ବ୍ରିଟିଶ ହାଇକମିଶନ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର "ପ୍ରି-ଡିପାର୍ଚର ବ୍ରିଫିଂ ଓ ସମ୍ବର୍ଦ୍ଧନା ଭୋଜି'ରେ ଯୋଗଦେବାକୁ ତାଙ୍କୁ ନିମନ୍ତ୍ରଣ ପତ୍ର ମିଳିଛି। ଆକାଂକ୍ଷାଙ୍କ ଏହି ସଫଳତା ପାଇଁ ପରିବାର, ଗୁରୁଜନ ଓ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ପୂର୍ଣ୍ଣଚନ୍ଦ୍ରପୁରରେ ଚାରାରୋପଣ

ବାରିପଦା, ୧୭।୮ (ସମିସ): ସ୍ୱାଧୀନତା ଦିବସ ପାଳନ ଅବସରରେ ବାରିପଦା ପୌରପରିଷଦ ଅଧୀନ ୧୫ନଂ ୱାର୍ଡର ପୂର୍ଣ୍ଣଚନ୍ଦ୍ରପୁରର ବାବା ସାହେବ ଆମ୍ବେଦକର ମୂର୍ତ୍ତି ରାସ୍ତା ପାଶ୍ୱର୍ ଓ ମା' ଲାଲପାଟ ସାଲପାଟ ମନ୍ଦିର ପରିସରରେ ଚାରାରୋପଣ ଓ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡିଶା ଡମ ସମାଜ ବିକାଶ




ଟ୍ରଷ୍ଟ ସଭାପତି କରମଚାନ୍ଦ କାଳନ୍ଦୀ, ସମ୍ପାଦକ ବିଶ୍ୱରଞ୍ଜନ ବାଘ, ଆକାଉଣ୍ଟାଣ୍ଟ ମହେଶର ବେହେରା, ସଦସ୍ୟ ଶିବଶଙ୍କର ବାଘ, ଶରତ ବୈଠା, ସୁଦାମ କୁଆଁର, ଅନନ୍ତ ବାଘ, ଶଶାଙ୍କ ଶେଖର ତେଲେଙ୍ଗା ଓ ସ୍କୁଲ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

### ଏଆଇଟିୟୁସିର ଜିଲ୍ଲା ସମ୍ମିଳନୀ

# ବ୍ୟାପକ ଶ୍ରମିକ ଆନ୍ଦୋଳନ ପାଇଁ ଆହ୍ୱାନ

ବାରିପଦା, ୧୭।୮ (ସମିସ): ଅଖିଳ ଭାରତ ଟ୍ରେଡ୍ ୟୁନିଅନ କଂଗ୍ରେସ (ଏଆଇଟିୟୁସି)ର ମୟୂରଭଞ୍ଜ ଜିଲ୍ଲା ସମ୍ମିଳନୀ ପାଲବଣି କମ୍ୟୁନିଟି ହଲରେ ଅନୁଷ୍ଠିତ ହୋଇଯାଇଛି। ସାଥୀ କାହ୍ନୁଚରଣ ବେହେରା, ହୃଷିକେଶ ସାହୁ ଓ ସୁଷମା ବାରିକଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସଭା ପରିଚାଳନା କରିଥିଲେ। ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ସାଥୀ ବିଜୟ ଜେନା ସମ୍ମିଳନୀକୁ ଉଦଘାଟନ କରି କହିଥିଲେ, ୧୯୨୦ରୁ ପ୍ରତିଷ୍ଠିତ ଏଆଇଟିୟୁସି ବିଗତ ଦିନରୁ ଆଜି ପର୍ଯ୍ୟନ୍ତ ସବୁବର୍ଗର ଶ୍ରମିକଙ୍କ ଅଧିକାର ଓ ସ୍ୱାର୍ଥକୁ ସୁରକ୍ଷା ଦେଇଆସିଛି। ବିଜେପି ସରକାର କ୍ଷମତା ଦଖଲ କଲାପରେ ଶ୍ରମିକ ବିରୋଧୀ ଶ୍ରମ ଆଇନ୍ ଜରିଆରେ ପୁଞ୍ଜିପତିଙ୍କ ଲାଭକୁ ବହୁଗୁଣିତ କରୁଥିବାବେଳେ ଶ୍ରମିକ ଐକ୍ୟକୁ ସୁଦୃଢ କରିବା ଜରୁରୀ ସୋଇପଡ଼ିଛି। ମୁଖ୍ୟଅତିଥି ଭାବେ ସିପିଆଇର ରାଜ୍ୟ ସମ୍ପାଦକ ସାଥୀ ଡ ପ୍ରଶାନ୍ତ କୁମାର ମିଶ୍ର କହିଛନ୍ତି, ଦେଶର ସମ୍ବିଧାନ ସମସ୍ତଙ୍କୁ



ସମାନ ଅଧିକାର ଦେଇଥିବାବେଳେ ଭାରତରେ ଧନୀ ଦରିଦ୍ରର ତାରତମ୍ୟ ବଢ଼ି ବଢ଼ି ଚାଲିଛି। ଶ୍ରମଜୀବୀ ମଣିଷ ବଞ୍ଚିବା କଷ୍ଟକର। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରୀ ଦଳ ଓ କଳ କର୍ପୋରେଟ୍ ହାଉସଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ଜନଗଣକୁ ଶୋଷଣ କରୁଛନ୍ତି। ଲୋକେ ସମସ୍ୟା ଜର୍ଜରିତ ଥିଲେ ସୁଦ୍ଧା ସଠିକ୍ ସରକାରୀ ସେବା ଅପହଞ୍ଚ। ଶିକ୍ଷାଠାରୁ କର୍ମନିଯୁକ୍ତି, ମହିଳା ସୁରକ୍ଷାଠାରୁ ଆଇନଶୃଙ୍ଖଳା ପରିସ୍ଥିତି, କୃଷକଠାରୁ କୃଷି ଶ୍ରମିକଙ୍କ ସମସ୍ୟା, ଠିକା ଶ୍ରମିକ/ କର୍ମଚାରୀଙ୍କ ବିଭିନ୍ନ ଦାବି ପ୍ରସଙ୍ଗରେ ସରକାର ନିଦାବିଷ୍ଟୁ ସାଜିଛନ୍ତି। ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର ରିପୋର୍ଟ ଉପସ୍ଥାପନ କରିବା ପରେ ଓଡ଼ିଶା ଫରେଷ୍ଟ ଉଡ୍ ଏଗ୍ରିକଲଚର ଆଣ୍ଡ କନଷ୍ଟ୍ରକସନ ୟୁନିଅନରୁ ସଞ୍ଜୁ ମହାକୁଡ଼, ଘନଶ୍ୟାମ ମୁର୍ମୁ, ନିଖିଳ ଓଡ଼ିଶା ପାଚିକା ସହାୟିକା ସଂଘ ପକ୍ଷରୁ ଜିଲ୍ଲା ସମ୍ପାଦିକା ମଧୁସ୍ମିତା ମହାନ୍ତ, ସୁମିତ୍ରା ନାଏକ, ନିଉ ମଡର୍ଣ୍ଣ ଟେକ୍ନୋ ପକ୍ଷରୁ ମୁକେଶ ମହାନ୍ତ, ବସନ୍ତ କୁମାର ନାଏକ, ବରୁଣ କୁମାର ବେହେରା, ବିଜୁଳି କର୍ମଚାରୀ ସଂଘର ସଭାପତି ନୃସିଂହ ଚରଣ ପଣ୍ଡା, ଇପିଏଫ ପେନସନଧାରୀ ସଂଘ ପକ୍ଷରୁ ମଦନମୋହନ ଜେନା, ଗୋପାଳ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସିପିଆଇ ଜିଲ୍ଲା ସହସମ୍ପାଦକ ପରମେଶ୍ୱର ମହାନ୍ତ ବିଭିନ୍ନ ଦାବି ଉପସ୍ଥାପନ କରି ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବାକୁ ଆହ୍ୱାନ ଦେଇଥିବାବେଳେ ଏଆଇଟିୟୁସିର ଅନ୍ୟତମ ସମ୍ପାଦକ ମାୟାଧର ନାୟକ ସମ୍ମିଳନୀକୁ ସମ୍ବୋଧିତ କରିଥିଲେ। ଜିଲ୍ଲା ସମ୍ମିଳନୀରେ ଏଆଇଟିୟୁସି ଜିଲ୍ଲା ସଭାପତି ଭାବେ ସାଥୀ ଜଗବନ୍ଧୁ ମିଶ୍ର, କାର୍ଯ୍ୟକାରୀ ସଭାପତି ନୃସିଂହ ପଣ୍ଡା, ଉପସଭାପତି ହୃଷିକେଶ ସାହୁ, ମଦନମୋହନ ଜେନା, ପୂର୍ଣ୍ଣିମା ପଣ୍ଡା, ସମ୍ପାଦକ ଭାବେ କାହ୍ନୁଚରଣ ବେହେରା, ସହସମ୍ପାଦକ ମୁକେଶ ମହାନ୍ତ, ସଞ୍ଜୁ ମହାକୁଡ଼, ମଧୁସ୍ମିତା ମହାନ୍ତ, ମହେଶ୍ୱର ବେହେରା, କୋଷାଧକ୍ଷ ଭାବେ ସୁବାସ ଚନ୍ଦ୍ର ମହାନ୍ତଙ୍କୁ ନିର୍ବାଚିତ କରାଯାଇଥିବାବେଳେ କାର୍ଯ୍ୟକାରୀ କମିଟିରେ ବସନ୍ତ ନାୟକ, ସୁଷମା ବାରିକ, ଗୋପାଳ ଚନ୍ଦ୍ର ଦାସ, ସୁମିତ୍ରା ନାଏକ ପ୍ରମୁଖ ସ୍ଥାନ ଦିଆଯାଇଛି।

# ସମ୍ପାଦକୀୟ



ରାଷ୍ଟ୍ରମୁଖ୍ୟମାନଙ୍କ ଆଗରେ ବର୍ତ୍ତମାନର ପ୍ରମୁଖ ଆହ୍ୱାନ ହେଉଛି - ଏପରି ଏକ ପରିବେଶ ସୃଷ୍ଟି କରିବା, ଯାହା ଭବିଷ୍ୟତର ବିଶ୍ୱ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିପାରିବ।
-ବିଲ୍ ଗେଟ୍ସ

ସକାଳ
THE SAKALA

## ଗରିବର ସ୍ୱାଧୀନତା!

ମାତ୍ର କିଛି ଘଣ୍ଟା ପୂର୍ବରୁ ଆମେ ସ୍ୱାଧୀନତାର ୮୦ତମ ଉତ୍ସବ ପାଳନ କରିଛୁ। ଆଜି ଯଦି ଏହି ଦିବସ ଓ ଉତ୍ସବର ପ୍ରାସଙ୍ଗିକତା ଓ ମୂଲ୍ୟବୋଧ ବିଷୟରେ ପଚରାଯାଏ ତେବେ ସମାଜର ଶ୍ରେଣୀ ଓ ବର୍ଗ ଅନୁଯାୟୀ ଉତ୍ତର ଭିନ୍ନ ହେବ। ନେତା ଓ ମନ୍ତ୍ରୀଙ୍କ ପାଇଁ ଏହା ପତାକା ଉତ୍ତୋଳନ ସହିତ ଭାଷଣ ଦେବାର ମହାର୍ଘ ସୁଯୋଗଟିଏ ଆଣିଦେଲା। ସ୍କୁଲ, କଲେଜ୍‌ର ଛାତ୍ରଛାତ୍ରୀଙ୍କ ପାଇଁ ପ୍ୟାରେଡ୍, ବକ୍ତୃତା ଓ ଜଳଖିଆ ପ୍ୟାକେଟ୍ ମିଳିବାର ଖୁସିରେ ସ୍ୱାଧୀନତା ଦିବସ ପ୍ରତିଫଳିତ ହେଲା। ସୂଚନା ଲୋକସମ୍ପର୍କ ବିଭାଗ, ଡାକ୍ତରଖାନା ଓ ଥାନା ବ୍ୟତୀତ ଅନ୍ୟ ଚାକିରିଜୀବୀମାନଙ୍କ ପାଇଁ ସପ୍ତାହରେ ଅତିରିକ୍ତ ଛୁଟିଦିନଟିଏ ମିଳିଗଲା। କିନ୍ତୁ କେହି ଭାବିଛନ୍ତି କି ଅଗଷ୍ଟ ୧୫ ତାରିଖ ଦିନ ଯଦି ରାସ୍ତା ସଫା ଓ ଅଳିଆ ଆବର୍ଜନା ସଂଗ୍ରହ କରୁଥିବା ସଫେଇ କର୍ମଚାରୀ, ପେପର ବାଣ୍ଟୁଥିବା ହକର, ଖିର ବାଲା, ଜଳଖିଆ ଦୋକାନରେ କାମ କରୁଥିବା ଲୋକଟିଏ ଛୁଟିରେ ରହିଯାଇଥା'ନ୍ତେ ଆମ ପ୍ରତିକ୍ରିୟା କ'ଣ ହୋଇଥାନ୍ତା? ସେମାନଙ୍କ ପାଇଁ ସ୍ୱାଧୀନତାର ମୂଲ୍ୟ କ'ଣ? ଏ ପ୍ରଶ୍ନ ଆମକୁ କେବେ ଆନ୍ଦୋଳିତ କରିବା ଦୂରେ ଥାଉ ଭାବିବାକୁ ଆମ ପାଖରେ ସମୟ ହିଁ ନାହିଁ। ସମୟ ଥିଲେ ମଧ୍ୟ ଆମ ଦୃଷ୍ଟିରେ ଏହି ପ୍ରଶ୍ନର ଯଥାର୍ଥତା ନାହିଁ।

ଏ କଥା ଉଲ୍ଲେଖ କରିବା ପ୍ରାସଙ୍ଗିକ ଏଇଥିପାଇଁ ଯେ ସ୍ୱାଧୀନତାର ୮୦ ବର୍ଷ ପୂରି ଯାଇଥିଲେ ମଧ୍ୟ ଆମେ ଆର୍ଥିକ ଓ ସାମ। ।ଜିକ ସ୍ତରରେ ସ୍ୱାଧୀନ ହୋଇପାରୁନାହୁଁ। ଆଜି ମଧ୍ୟ ଟିକସ ପଞ୍ଝାରୁ ଆମକୁ ମୁକ୍ତି ମିଳିନାହିଁ। ଆୟକର ଓ ସମ୍ପତ୍ତି କର ଦେଇସାରିଥିଲେ ମଧ୍ୟ ନାଗରିକଟିଏ ପୁଣି ଥରେ ସେବା ଓ ଦ୍ରବ୍ୟ କର ଦେବାକୁ ବାଧ୍ୟ। ବ୍ୟକ୍ତିଗତ ସ୍ୱାଧୀନତାର ଉଲ୍ଲଙ୍ଘନ ହେଉଥିଲେ ମଧ୍ୟ ସରକାରୀ ନୀତି ନିୟମକୁ ମାନି ନେବା ବ୍ୟତୀତ ଉପାୟ ନାହିଁ। ଗରିବର ଟିକସ ପଇସାରେ ସମୃଦ୍ଧ ରାଜକୋଷର ବ୍ୟୟରେ ବାବୁ ଓ ମନ୍ତ୍ରୀମାନେ ଯେଉଁ ବିଦେଶ ଭ୍ରମଣ କରୁଛନ୍ତି ସେଥିରୁ ଦେଶର ଏବଂ ଗରିବ ଲୋକଟିର କେତେ ଉପକାର ହେଲା ସେ ପ୍ରଶ୍ନ ପଚାରିବାର ଏବଂ ପ୍ରତିବାଦ କରିବାର ଅଧିକାର ଗରିବ ଟିକସଦାତାର ନାହିଁ। ଅଧିକନ୍ତୁ ଗରିବର ସ୍ୱରର ମୂଲ୍ୟ ବୋଲି କିଛି ନାହିଁ। ନୀତି ନିୟମ ବିରୋଧରେ ସ୍ୱର ଉତ୍ତୋଳନ କଲେ ରାଷ୍ଟ୍ରନୀତିର ଉଲ୍ଲଙ୍ଘନ ବୋଲି ଧରାଯାଇ ଦଣ୍ଡବିଧାନ ହେବ। ବସ୍ତୁତଃ ସମାଜ ଓ ବ୍ୟବସ୍ଥାର ସର୍ବୋଚ୍ଚ ସ୍ତରରେ ଥିବା ଗୋଷ୍ଠୀଙ୍କ ସୁବିଧା ଅନୁଯାୟୀ ପ୍ରକ୍ରିୟା ଚୂଡ଼ାନ୍ତ ହେବ ଏବଂ ତାହାକୁ ସମାଜର ତଳ ବର୍ଗରେ ଥିବା ଗରିବମାନେ ଅନିଚ୍ଛା ସତ୍ତ୍ୱେ ଅନୁସରଣ କରିବେ- ଏହା ହିଁ କ'ଣ ସ୍ୱାଧୀନତାର ୮୦ ବର୍ଷ ଉପଲବ୍ଧି?

ଗତ ମାସେ ହେଲା କିରାଣା ସାମଗ୍ରୀ ଦାମ ବଢ଼ିଚାଲିଛି। ଚିନି କିଲୋ ପିଛା ୧୦ ଟଙ୍କା, ସରୁ ଅରୁଆ ଚାଉଳ କିଲୋ ପିଛା ୨୦ ଟଙ୍କା ବଢ଼ିଥିବା ବେଳେ ଡାଲି, ଖାଇବା ତେଲ ସମେତ ସବୁ ସାମଗ୍ରୀର ଦାମ ବଢ଼ିଛି ଏବଂ ଆଗକୁ ଆହୁରି ବଢ଼ିବ ବୋଲି ଦୋକାନୀମାନେ ସତର୍କ କରାଇସାରିଲେଣି। ମାସକୁ ବ୍ୟକ୍ତିପିଛା ୫ କେଜି ଲେଖାଏଁ ରାସନ୍ ବାଣ୍ଟି ଦେଇ ସରକାର ତାଙ୍କ କର୍ତ୍ତବ୍ୟ ସାରି ଦେଉଛନ୍ତି। ଗରିବଟିଏ ଆଜିର ଦିନରେ କିଭଳି ଗୁଜରାଣ ମେଣ୍ଟାଇବ, ଔଷଧ କିଣିବ ସେ ଚିନ୍ତା ସରକାରଙ୍କର ନାହିଁ। ଦରଦାମ କାହିଁକି ବଢ଼ିଲା ସେ ବିଷୟରେ ଉପଭୋକ୍ତାଟିଏ କାହାକୁ ପଚାରିବ ଜଣା ନାହିଁ। ଖୁଚୁରା ଦୋକାନୀ ପାଇକାରୀ ବ୍ୟବସାୟୀ ଉପରକୁ ଦୋଷ ଠେଲି ଦିଏ, ପାଇକାରୀ ବ୍ୟବସାୟୀ ମହଜୁଦକାରୀ ଉପରକୁ, ମହଜୁଦକାରୀ ଯୋଗାଣକାରୀ ଉପରକୁ, ଯୋଗାଣକାରୀ ଉତ୍ପାଦକ ଉପରକୁ ଏବଂ ଉତ୍ପାଦକ ରାଜନେତା ଓ ସରକାରୀ ବ୍ୟବସ୍ଥା ଉପରକୁ ଦୋଷ ଲଦି ଦିଏ। ଯେ ଯାହା ମୁଣ୍ଡରୁ ଦୋଷ ଛଡ଼ାଇବାର ଏ ବିଚିତ୍ର ଓ ଚମତ୍କାର ବ୍ୟବସ୍ଥାରେ ଶେଷରେ ଗରିବ ଖାଉଟିଟିଏ ହିଁ ସବୁବୋଝ ମୁଣ୍ଡାଏ। ଗରିବ ପାଇଁ ସ୍ୱାଧୀନତାର ଏହା ଆଉ ଏକ ବଡ଼ ଉପଲବ୍ଧି।

ସରକାରୀ ଡାକ୍ତରଖାନାରେ କାହିଁକି ଡାକ୍ତର ନାହାନ୍ତି ତାହା ପଚାରିବାରର ଅଧିକାର ଗରିବ ରୋଗୀର ନାହିଁ। ଥାନାରେ ପୁଲିସ ବାବୁଙ୍କ ଅନୁପସ୍ଥିତି ସମ୍ପର୍କରେ ଫେରାଦ ହେବାର ଦମ୍ଭ ନାହିଁ। ସରକାରୀ ବାବୁମାନଙ୍କ ମନମୁଖି କାରବାର ବିରୋଧରେ ପ୍ରତିବାଦ କରିବାର ସୁଯୋଗ ନାହିଁ। ଲାଞ୍ଚ ନ ଦେଲେ ଜନ୍ମ ମୃତ୍ୟୁ ପ୍ରମାଣପତ୍ର ମିଳୁନି। ରାସନ୍ ସାମଗ୍ରୀଠାରୁ ଆରମ୍ଭ କରି ଭତ୍ତା, କୁଡ଼ିଆ ତିଆରି ଅନୁଦାନ ପର୍ଯ୍ୟନ୍ତ ସବୁଠାରେ ସମାନ ଅବସ୍ଥା। ଏପରିକି ଡାକ୍ତରଖାନାରେ ଲାଞ୍ଚ(ପିସି) ନ ଦେଲେ ବୀମା ବା କାର୍ଡଧାରୀଙ୍କ ଚିକିତ୍ସା ଆରମ୍ଭ ହୋଇପାରୁନି। ଡିଗ୍ରୀଧାରୀମାନେ ସରକାରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଚାହିଁ ବସିଛନ୍ତି ଅଥଚ ନିଯୁକ୍ତି ମିଳୁନାହିଁ। ସେପଟେ ମାନବ ସମ୍ବଳ ଅଭାବରେ ସ୍କୁଲ୍ ବନ୍ଦ ହୋଇଯାଉଛି, ଡାକ୍ତରଖାନାରେ ତାଲା ପଡୁଛି। ଜଣେ ସଚ୍ଚୋଟ ସାରା ଜୀବନ ଖଟି ଖଟି ଜୀବନ ଦୁର୍ବିସହ ହୋଇପଡୁଛି; ଅଥଚ ଜଣେ ତୋଷାମଦକାରୀ ପଦୋନ୍ନତି ପାଇ ଚାଲିଛି। ଯୋଗ୍ୟବ୍ୟକ୍ତି ଅଧସ୍ତନ ହୋଇ ରହିଛି, ଯୋଗ୍ୟତା ନଥିବା ବ୍ୟକ୍ତି ନୀତି ନିର୍ଦ୍ଧାରଣ କରୁଛି।

ଏହା କ'ଣ ସ୍ୱାଧୀନତାର ସ୍ୱରୂପ? ବଞ୍ଚିବା ପାଇ ନିଜ ଜନ୍ମକଲା ପିଲାକୁ ବିକ୍ରି କରିଦେଉଥିବା, ଭିଟାମାଟିକୁ ବନ୍ଧା ପକେଇ ଦାଦନ ଖଟିବାକୁ ଯାଉଥିବା ଗରିବ ପାଇଁ ସ୍ୱାଧୀନତାର ମୂଲ୍ୟ କ'ଣ? ବାସ୍ତବତାର ନଗ୍ନଚିତ୍ର ବିଜଡ଼ିତ ଏହି ପ୍ରଶ୍ନର ଉତ୍ତର ଜାତୀୟ ପତାକା ଉତ୍ତୋଳନ ଅବସରରେ ଭାଷଣ ଦେଇଥିବା ନେତା ଓ ମନ୍ତ୍ରୀମାନେ ଦେଇପାରିବେ? ଏହି ଜଟିଳ ପ୍ରଶ୍ନର ଉତ୍ତର ରହିଛି ମହାତ୍ମା ଗାନ୍ଧୀଙ୍କ ପରିକଳ୍ପିତ ଗ୍ରାମ ସ୍ୱରାଜ ଓ ସର୍ବୋଦୟ ଅର୍ଥନୀତିରେ। ନୀତିକୁ ପରଖିବା ପାଇଁ ମହାତ୍ମା ଗାନ୍ଧୀ 'ଟାଲିସ୍‌ମନ୍ୟାନ' ଭଳି ପ୍ରଭାବଶାଳୀ ମନ୍ତ୍ରଟିଏ ମଧ୍ୟ ଦେଇଛନ୍ତି। କିନ୍ତୁ ଯେଉଁଠାରେ ଗାନ୍ଧୀ ହିଁ ଆଜି ଅପାଂକ୍ତେୟ ହୋଇପଡ଼ିଛନ୍ତି ତାଙ୍କ ଆଦର୍ଶ ଓ ବିଚାର ଗୁରୁତ୍ୱ ପାଇବ କେମିତି?

## ଡିଙ୍କ୍ ସଂସ୍କୃତିର ସଙ୍କଟ

**ଡ. ଅନ୍ତର୍ଜିତା ନାୟକ**

ଆଜି ଭାରତ ବିଶ୍ୱର ସର୍ବାଧିକ ଜନବହୁଳ ଦେଶ ହେବା ସହିତ ପୃଥିବୀର ସର୍ବବୃହତ୍ ଯୁବ ଜନସଂଖ୍ୟାର ଅଧିକାରୀ। ନୀତି ନିର୍ଦ୍ଧାରକ, ଅର୍ଥନୀତିଜ୍ଞ ଓ ଅନ୍ତର୍ଜାତୀୟ ସଂସ୍ଥାମାନେ ଦୀର୍ଘଦିନ ଧରି ଭାରତର ଏହି ଜନସାଂଖ୍ୟିକ ଲାଭାଂଶକୁ ଏକବିଂଶ ଶତାବ୍ଦୀର ସବୁଠାରୁ ବଡ଼ ଶକ୍ତି ବୋଲି ବର୍ଣ୍ଣନା କରୁଛନ୍ତି। ସେମାନଙ୍କ ମତରେ ବୃହତ୍ ଯୁବ ଶ୍ରମଶକ୍ତି ଦେଶର ଅର୍ଥନୈତିକ ଅଭିବୃଦ୍ଧି, ନବସୃଜନ, ଉଦ୍ୟୋଗିତା ଏବଂ ବିଶ୍ୱସ୍ତରୀୟ ପ୍ରତିସ୍ପର୍ଦ୍ଧାକୁ ନୂଆ ଗତି ଦେଇପାରିବ। କିନ୍ତୁ ଏହି ଆଶାବାଦୀ ଚିତ୍ରର ଆଢୁଆଳରେ ଏକ ଗମ୍ଭୀର ଜନସାଂଖ୍ୟିକ ପରିବର୍ତ୍ତନ ଘଟୁଛି, ଯାହା ପ୍ରାୟତଃ ନୀତି ଆଲୋଚନାରେ ସ୍ଥାନ ପାଉନାହିଁ। ଏହି ପରିବର୍ତ୍ତନ ନିରବ ଭାବେ ସହରର ଆପାର୍ଟମେଣ୍ଟ, କର୍ପୋରେଟ୍ କାର୍ଯ୍ୟାଳୟ, ପ୍ରଯୁକ୍ତି ପ୍ରତିଷ୍ଠାନ, ବିଶ୍ୱବିଦ୍ୟାଳୟ ଏବଂ ନୂତନ ପିଢ଼ିର ଜୀବନ ଦୃଷ୍ଟିରେ ପ୍ରତିଫଳିତ ହୋଇଚାଲିଛି।

ଆଜି ଭାରତର ବହୁ ଶିକ୍ଷିତ ଯୁବ ଦମ୍ପତି ସ୍ୱେଚ୍ଛାକୃତ ଭାବରେ ସନ୍ତାନ ଜନ୍ମ ନ କରିବାର ନିଷ୍ପତ୍ତି ନେଉଛନ୍ତି। ଡିଙ୍କ୍(ଡବଲ୍ ଇନକମ୍ ନୋ କିଡ୍‌ସ) ଦ୍ୱିଗୁଣିତ ଆୟ ସହିତ ସନ୍ତାନବିହୀନ ଜୀବନଶୈଳୀ, ଆଜି ଅନେକ ଦମ୍ପତିଙ୍କ ପାଇଁ ଏକ ସଚେତନ, ସୁଚିନ୍ତିତ ଓ ସ୍ୱେଚ୍ଛାକୃତ ଜୀବନ-ନିଷ୍ପତ୍ତି। କ୍ୟାରିୟରରେ ଉନ୍ନତି, ଆର୍ଥିକ ସ୍ୱାଧୀନତା, ବ୍ୟକ୍ତିଗତ ସ୍ୱାଧୀନତା, ମହିଳାଙ୍କ ଉଚ୍ଚଶିକ୍ଷା ଓ କର୍ମସଂସ୍ଥାନ, କାର୍ଯ୍ୟ-ଜୀବନର ସନ୍ତୁଳନ, ମାନସିକ ସୁସ୍ଥତା ଏବଂ ଭବିଷ୍ୟତକୁ ନେଇ ବଢୁଥିବା ଅନିଶ୍ଚିତତା ଭଳି କାରଣ ସବୁ ମିଶି ଯୁବପିଢ଼ିଙ୍କର ପ୍ରଜନନ ସମ୍ପର୍କୀୟ ନିଷ୍ପତ୍ତିକୁ ଏକ ଭିନ୍ନ ଦିଗକୁ ନେଇଯାଉଛି।

ସମୟ ଥିଲା ଯେତେବେଳେ ଭାରତ 'ଜନସଂଖ୍ୟା ବିସ୍ଫୋରଣ' ସମସ୍ୟାର ସମାଧାନ ନିମନ୍ତେ ଚିନ୍ତିତ ଥିଲା। ପରିବାର ନିୟୋଜନ କାର୍ଯ୍ୟକ୍ରମ, ଛୋଟ ପରିବାରର ପ୍ରଚାର, ବନ୍ଧ୍ୟାକରଣ ଅଭିଯାନ, ଗର୍ଭନିରୋଧକ ସଚେତନତା, ପ୍ରଜନନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ପଦକ୍ଷେପ, ଏବଂ 'ଆମେ ଦୁଇ, ଆମର ଦୁଇ' ଭଳି ସ୍ଲୋଗାନ ଜରିଆରେ ପ୍ରଜନନ ହାରକୁ ହ୍ରାସ କରାଯାଇଥିଲା। ପରିଣାମ ସ୍ୱରୂପ ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରଣକୁ ଆସିଲା। ଆଜି କିନ୍ତୁ ଚିନ୍ତା କିଛି ଅଲଗା, ସମସ୍ୟା କିଛି ଅଲଗା। ଆଧୁନିକ ଗଣତାନ୍ତ୍ରିକ ସମାଜରେ ସନ୍ତାନ ଜନ୍ମ ଦେବା, କେତୋଟି ସନ୍ତାନ ଜନ୍ମ ଦେବା, କେତେବେଳେ ସନ୍ତାନ ଜନ୍ମ କରିବା, ସନ୍ତାନ ଜନ୍ମ କରିବା କି କରିବାନି ଆଦି ନିଷ୍ପତ୍ତି ପ୍ରତ୍ୟେକ ବ୍ୟକ୍ତି ଓ ଦମ୍ପତିଙ୍କର ବ୍ୟକ୍ତିଗତ ଅଧିକାର। କିନ୍ତୁ ଜନସାଂଖ୍ୟିକ ବିଜ୍ଞାନ ଅନୁଯାୟୀ, ପ୍ରଜନନ ସମ୍ପର୍କୀୟ ନିଷ୍ପତ୍ତି ବ୍ୟକ୍ତିଗତ ହୋଇଥିଲେ ମଧ୍ୟ ତାହାର ସାମୂହିକ ପ୍ରଭାବ ସମଗ୍ର ସମାଜ ଓ ରାଷ୍ଟ୍ର ଉପରେ ପଡ଼ିଥାଏ। ଆଜିର ପ୍ରଜନନ ଧାରା ଆସନ୍ତା ୨୫ବର୍ଷ ପରେ ଦେଶର ବୟସ ଗଠନ, ୪୦ବର୍ଷ ପରେ ଶ୍ରମଶକ୍ତିର ଆକାର, ଦୀର୍ଘ ସମୟ ପର୍ଯ୍ୟନ୍ତ ନିର୍ଭରଶୀଳ ଜନସଂଖ୍ୟାର ଅନୁପାତ, ପେନ୍‌ସନ୍ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା ବ୍ୟୟ ଓ ଅର୍ଥନୈତିକ ଅଭିବୃଦ୍ଧି ଆଦିକୁ ପ୍ରଭାବିତ କରେ।

ସେଥିପାଇଁ ଆଜିର ସମୟରେ 'ଡିଙ୍କ୍ ସଂସ୍କୃତି'କୁ ଏକ ଗୁରୁତ୍ୱପୂର୍ଣ୍ଣ ଜନସାଂଖ୍ୟିକ ପରିବର୍ତ୍ତନ ଭାବରେ ଦେଖିବା ଆବଶ୍ୟକ। ଏହାର କାରଣ, ପ୍ରଭାବ ଏବଂ ଦୀର୍ଘକାଳୀନ ପରିଣାମକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ବୁଝିବା ମଧ୍ୟ ସମୟର ଆବଶ୍ୟକତା। ବର୍ତ୍ତମାନ ଭାରତର ପ୍ରାୟ ଦୁଇ-ତୃତୀୟାଂଶ ଜନସଂଖ୍ୟା ଶ୍ରମଜୀବୀ ବୟସ ବର୍ଗରେ ଥିବା ବେଳେ ଏହାକୁ ଦେଶର ସବୁଠାରୁ ବଡ଼ ଜନସାଂଖ୍ୟିକ ଶକ୍ତି ବା ଜନସାଂଖ୍ୟିକ ଲାଭାଂଶ ବୋଲି କୁହାଯାଉଛି। କିନ୍ତୁ କେବଳ ବଡ଼ ଯୁବ ଜନସଂଖ୍ୟା ଥିଲେ ଯେ ଅର୍ଥନୈତିକ ଉନ୍ନତି ହୁଏ, ତାହା ସର୍ବଦା ଠିକ୍ ନୁହେଁ। ଯେତେବେଳେ ଏହି ଜନସଂଖ୍ୟା ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ, ଦକ୍ଷତା ଏବଂ ଉତ୍ପାଦନଶୀଳ ନିଯୁକ୍ତି ମାଧ୍ୟମରେ ମାନବପୁଞ୍ଜିରେ ପରିଣତ ହୁଏ, ସେତେବେଳେ ଏହା ଦେଶର ବିକାଶର ପ୍ରକୃତ ଶକ୍ତି ହୋଇଥାଏ। ନଚେତ୍ ଏହି ଜନସାଂଖ୍ୟିକ ସୁଯୋଗ ଧୀରେ-ଧୀରେ ଜନସାଂଖ୍ୟିକ ଚାପରେ ପରିଣତ ହୋଇପାରେ। ଜନସଂଖ୍ୟା ଓ ମାନବ ପୁଞ୍ଜି ମଧ୍ୟରେ ଥିବା ଏହି ପାର୍ଥକ୍ୟକୁ ଆହୁରି ପ୍ରଭାବିତ କରୁଛି 'ଡିଙ୍କ୍ ସଂସ୍କୃତି'।

'ଡିଙ୍କ୍ ସଂସ୍କୃତି ପ୍ରଭାବିତ ମନୋଭାବ ହେତୁ ଉଚ୍ଚଶିକ୍ଷିତ, ଆର୍ଥିକ ଭାବେ ସୁରକ୍ଷିତ ଏବଂ ଦକ୍ଷ ବୃତ୍ତିଜୀବୀ ପରିବାରମାନଙ୍କ ମଧ୍ୟରେ ପ୍ରଜନନ ହାର ହ୍ରାସ ଅଧିକ ଥିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ ଓ ନିଯୁକ୍ତିରେ ପଛୁଆ ଥିବା ସମ୍ପ୍ରଦାୟମାନଙ୍କ ମଧ୍ୟରେ ପ୍ରଜନନ ହାର ତୁଳନାମୂଳକ ଭାବେ ଅଧିକ ରହୁଛି। ଯଦି ନିଜ ସନ୍ତାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମଗ୍ରିକ ବିକାଶରେ ଅଧିକ ବିନିଯୋଗ କରିବାକୁ ସକ୍ଷମ ପରିବାରମାନେ କ୍ରମାଗତ ଭାବେ କମ୍ ସନ୍ତାନ କରିବେ, ଅଥଚ ଅନ୍ୟପଟେ ବିଭିନ୍ନ ବିକାଶଗତ ସମସ୍ୟାର ସମ୍ମୁଖୀନ ପରିବାରମାନଙ୍କ ମଧ୍ୟରେ ପ୍ରଜନନ ହାର ଅଧିକ ରହିବ, ତେବେ ଦୀର୍ଘମିଆଦୀ କାଳରେ ଦେଶର ମାନବପୁଞ୍ଜିରେ ଏକ ଅସନ୍ତୁଳନ ସୃଷ୍ଟି ହୋଇଯିବ। ପିଢ଼ି ପରେ ପିଢ଼ି ଏହି ଅସମାନତା ବଢ଼ି ଚାଲିବ। ଏହାକୁ 'ମାନବ ପୁଞ୍ଜି ପ୍ରଜନନ ବ୍ୟବଧାନ' ବୋଲି କୁହାଯାଇପାରେ। ଫଳସ୍ୱରୂପ 'ଡିଙ୍କ୍ ସଂସ୍କୃତି'ର ପ୍ରଭାବ ଭାରତୀୟ ସମାଜରେ ଘଟୁଥିବା ଗଭୀର ସାମାଜିକ ଓ ଆର୍ଥିକ ପରିବର୍ତ୍ତନରେ ପ୍ରତିଫଳିତ ହେବ।

ଏଇ ପରିପ୍ରେକ୍ଷୀରେ, ପ୍ରଶ୍ନ ଉଠୁଛି ଯେ ହଠାତ ସମାଜରେ ଏଇ 'ଡିଙ୍କ୍ ସଂସ୍କୃତି' କାହିଁକି ଦୃଶ୍ୟମାନ ହେଲା? ପୂର୍ବପରି କାହିଁକି ଆଜିକାଲି ପିତାମାତା ହେବା ଆଉ ଖୁସି କି ସାମାଜିକ ଚେତନାର ଅଂଶ ହୋଇ ରହିନାହିଁ? ଅନେକ ସ୍ୱାଭାବିକ କାରଣ ମଧ୍ୟରୁ କିଛି ହେଉଛି - ଭବିଷ୍ୟତ ଅନିଶ୍ଚିତତା, ଦାୟିତ୍ୱହୀନତା, ମୁଦ୍ରାସ୍ଫୀତି, ଆତ୍ମକୈନ୍ଦ୍ରିକ ଚିନ୍ତାଧାରା, ବିଶୃଙ୍ଖଳିତ ବିକାଶ ଓ ଅନ୍ୟାନ୍ୟ। ତାହାସହିତ, ଚାକିରି କ୍ଷେତ୍ରରେ ଦୀର୍ଘ କାର୍ଯ୍ୟସମୟ, ଚାକିରିର ଅନିଶ୍ଚିତତା, ବିଳମ୍ବିତ ବିବାହ, ଯୁଗ୍ମ ପରିବାରର ଅଭାବ, ସମୟଅଭାବ, ସନ୍ତାନ ପାଳନକୁ ଆଗ ଅପେକ୍ଷା ଅଧିକ ଜଟିଳ କରିଦେଇଛି। ସେଥିପାଇଁ ଆଜିର ଦମ୍ପତିମାନେ ସନ୍ତାନର ଜନ୍ମକୁ ଏକ ଆର୍ଥିକ ବା ବ୍ୟକ୍ତିଗତ ବୋଝ ବୋଲି ଭାବି 'ଡିଙ୍କ୍ ସଂସ୍କୃତି'କୁ ଆପଣେଇ ନେଉଛନ୍ତି। ଏହାଠାରୁ ଆହୁରି ଗୁରୁତ୍ୱପୂର୍ଣ୍ଣ ହେଉଛି ଆଜିକା ବ୍ୟସ୍ତବହୁଳ ଜୀବନରେ କେହି କାହାରି ଦାୟିତ୍ୱ ନେବାକୁ ରାଜି ନାହାନ୍ତି। କୌଣସି ସମ୍ପର୍କରେ ସେଇ ମାଧୁର୍ଯ୍ୟ ଆଉ ନାହିଁ ଯେ କିଏ କାହା ପାଇଁ ଭାବିବ ବା କରିବ। ଆଗ କାଳରେ ଯେଉଁଠି ମାତୃତ୍ୱ ନାରୀର ସର୍ବୋଚ୍ଚ ଶକ୍ତିକୁ ବଖାଣୁଥିଲା, ଆଜି ତାହା 'ଲିଙ୍ଗ ସମାନତା' ବା 'ନାରୀ ସଶକ୍ତୀକରଣ' ତଳେ ମଳିନ ପଡ଼ିଚାଲିଛି। ଆଜିକାଲି ପାଠୁଆ, ସ୍ୱାବଲମ୍ବୀ, କର୍ମଜୀବୀ ଝିଅମାନେ ଭାବୁଛନ୍ତି ଯେ, ଛୁଆ ଜନ୍ମ ସେମାନଙ୍କ ପାଇଁ ଶାରୀରିକ, ମାନସିକ, ଆର୍ଥିକ, ବ୍ୟକ୍ତିଗତ ଓ ସାମାଜିକ ବୋଝ।

ଏହି ପରିବର୍ତ୍ତନର ପ୍ରଭାବ ଦେଶର ଅର୍ଥନୀତି ଉପରେ ଗଭୀର ଭାବରେ ପକାଏ। ଜାପାନ, ଦକ୍ଷିଣ କୋରିଆ, ଇଟାଲୀ, ଜର୍ମାନୀ ଓ ସ୍ପେନ ଭଳି ଦେଶର ଅନୁଭବ ଦର୍ଶାଏ ଯେ, ଦୀର୍ଘ ସମୟ ଧରି ପ୍ରଜନନ ହାର କମ୍ ରହିଲେ ବୃଦ୍ଧ ଜନସଂଖ୍ୟା ବଢ଼େ, କାର୍ଯ୍ୟକ୍ଷମ ଶ୍ରମଶକ୍ତି କମିଯାଏ, ସ୍ୱାସ୍ଥ୍ୟସେବା ଓ ପେନ୍‌ସନ୍ ବ୍ୟୟ ବଢ଼େ ଏବଂ ଅର୍ଥନୈତିକ ଚାପ ସୃଷ୍ଟି ହୁଏ। ଏହି ଦେଶଗୁଡ଼ିକର ଅଭିଜ୍ଞତା ଏହା ମଧ୍ୟ ଦର୍ଶାଏ ଯେ, କମ୍ ପ୍ରଜନନ ହାର ଥରେ ସାମାଜିକ ଅଭ୍ୟାସରେ ପରିଣତ ହୋଇଗଲେ ସରକାରୀ ପ୍ରୋତ୍ସାହନ ଦ୍ୱାରା ତାହାକୁ ପରିବର୍ତ୍ତନ କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼େ। ସେଥିଲାଗି ବୋଧହୁଏ ଭାରତକୁ ଏବେ ଏକ ନୂତନ ଜନସାଂଖ୍ୟିକ ଦୃଷ୍ଟିକୋଣର ଆବଶ୍ୟକତା ରହିଛି। ବିଂଶ ଶତାବ୍ଦୀରେ ସରକାରୀ ନୀତିର ମୁଖ୍ୟ ଲକ୍ଷ୍ୟ ଥିଲା ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା। କିନ୍ତୁ ଏକବିଂଶ ଶତାବ୍ଦୀରେ ଆହ୍ୱାନ ସମ୍ପୂର୍ଣ୍ଣ ଭିନ୍ନ।

'ଡିଙ୍କ୍ ସଂସ୍କୃତି' ଏକ ବ୍ୟାପକ ସାମାଜିକ-ଅର୍ଥନୈତିକ ପରିବର୍ତ୍ତନର ସଙ୍କେତ, ଯେଉଁଠି ଯୁବପିଢ଼ିର ଆକାଂକ୍ଷା ଏବଂ ଦେଶର ଜନସାଂଖ୍ୟିକ ଭବିଷ୍ୟତ, ପରସ୍ପର ସହ ଗଭୀର ଭାବରେ ଜଡ଼ିତ। ଦାୟିତ୍ୱବାନ ପିତା-ମାତା ହେବାର ଖର୍ଚ୍ଚ ଯେତେବେଳେ ନିରନ୍ତର ବଢୁଛି, ସେତେବେଳେ ଦେଶ କିପରି ତାହାର ଜନସାଂଖ୍ୟିକ ଲାଭାଂଶକୁ ସୁରକ୍ଷିତ ରଖିପାରିବ? ବିକାଶ ପଥରେ ଅଗ୍ରସର ଯୁବପିଢ଼ିଙ୍କ ଚିନ୍ତାଧାରା ବା ଚିନ୍ତନକୁ ଦେଶ କିପରି ବଦଳାଇବ? ଏହାପାଇଁ ଭାରତକୁ କେବଳ ଜନସଂଖ୍ୟା ନୀତି ନୁହେଁ, ବରଂ ଏକ ସମନ୍ୱିତ 'ପରିବାର ସହାୟକ ନୀତି'ର ଆବଶ୍ୟକତା ରହିଛି, ଯେଉଁଥିରେ ପରିବାର-ଅନୁକୂଳ କାର୍ଯ୍ୟସଂସ୍କୃତି, ସମାନ ପିତୃତ୍ୱ-ମାତୃତ୍ୱ ଛୁଟି, ସୁଲଭ ଶିଶୁ-ଯତ୍ନ କେନ୍ଦ୍ର, ସନ୍ତାନ ପାଳନରେ ଆର୍ଥିକ ପ୍ରୋତ୍ସାହନ ଏବଂ କାର୍ଯ୍ୟରତ ପିତାମାତାଙ୍କ ପାଇଁ ସାମାଜିକ ସହଯୋଗର ବ୍ୟବସ୍ଥାକୁ ସମାନ ଗୁରୁତ୍ୱ ଦିଆଯାଉଥିବ। ସେହିପରି ଘରୋଇ ଦାୟିତ୍ୱର ସମାନ ବଣ୍ଟନ, ମାତୃତ୍ୱକୁ କେବଳ ନାରୀଙ୍କ ଦାୟିତ୍ୱ ବୋଲି ଦେଖିବାର ମାନସିକତାରେ ପରିବର୍ତ୍ତନ ଏବଂ ପରିବାର-ଅନୁକୂଳ ସାମାଜିକ ସଂସ୍କୃତିର ବିକାଶ ମଧ୍ୟ ସମାନ ଭାବେ ଜରୁରୀ।

ଆଜିର ସମୟର ଏକ ବଡ଼ ସମସ୍ୟା ହେଉଛି ଆମେ କିପରି ଏକ ସମାଜ ଗଢ଼ିବା, ଯେଉଁଠାରେ ପରିବାର ଗଠନ ଏବଂ ଭବିଷ୍ୟତ ପିଢ଼ିରେ ବିନିଯୋଗ ଏକ ଦାୟିତ୍ୱ ହେବ, ଦଣ୍ଡ ନୁହେଁ; ଏକ ସୁଯୋଗ ହେବ, ସଙ୍କଟ ନୁହେଁ। 'ଡିଙ୍କ୍ ସଂସ୍କୃତି' ସେହି ସମସ୍ୟାର ଏକ ନିରବ ପ୍ରତିଧ୍ୱନି। ଏହାକୁ କେବଳ ସାମାଜିକ ପ୍ରବୃତ୍ତି କିମ୍ବା ବ୍ୟକ୍ତିଗତ ପସନ୍ଦର ଚଷମାରେ ଦେଖିଲେ ଚଳିବ ନାହିଁ; ବରଂ ଏହାକୁ ସମାଜ, ଅର୍ଥନୀତି ଓ ରାଷ୍ଟ୍ରର ବିକାଶ ଢାଞ୍ଚାର ଏକ ସମ୍ବେଦନଶୀଳ ସୂଚକ ଭାବେ ବୁଝିବା ଆବଶ୍ୟକ। କାରଣ, ଆଜି ଆମେ ଯେଉଁ ସାମାଜିକ ଓ ନୀତିଗତ ନିଷ୍ପତ୍ତି ନେବା, ସେହି ନିଷ୍ପତ୍ତି ଆସନ୍ତା ପିଢ଼ିର ଭାରତକୁ ଗଢ଼ିବ।

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

## ଗ୍ରାମ-ଶକ୍ତିରୁ ରାଷ୍ଟ୍ର-ଶକ୍ତି

**ଗୋସ୍ୱାମୀ ଅନାମ ଚରଣ ଦାଶ**



ପୂର୍ବବର୍ତ୍ତୀ ଦୁଇଟି ଲେଖାରେ ଆମେ ରାଷ୍ଟ୍ର, ସ୍ୱାଧୀନତା, ସୁରକ୍ଷା ଓ ନୀତିର ପ୍ରଶ୍ନ ଉପରେ ଚିନ୍ତା କରିଥିଲୁ। କିନ୍ତୁ ଏକ ମୌଳିକ ପ୍ରଶ୍ନ ଆହୁରି ବାକି ରହିଯାଇଛି ଯେ ଏହି ସବୁ କଥା ସହିତ ସାଧାରଣ ନାଗରିକର ସମ୍ପର୍କ କ'ଣ? ରାଷ୍ଟ୍ରର ଶକ୍ତି କେବଳ ସଂସଦ, ସେନା, ନୀତି ବା ପ୍ରଶାସନରେ ନିର୍ଭର କରେ କି? ନା ତାହାର ଆରମ୍ଭ ହୁଏ ଗ୍ରାମ, ପରିବାର ଓ ବ୍ୟକ୍ତିର ଜୀବନରୁ?

ଭାରତୀୟ ଚିନ୍ତନ ପରମ୍ପରା ଦ୍ୱିତୀୟ ଉତ୍ତରକୁ ଅଧିକ ଗୁରୁତ୍ୱ ଦିଏ। ମହାଭାରତରେ 'ଲୋକସଂଗ୍ରହ'ର ଧାରଣା ଅଛି। ସମାଜକୁ ସୁସଂଗଠିତ ଓ ସମନ୍ୱିତ ରଖିବାର କର୍ତ୍ତବ୍ୟ ସହିତ ଏହି ଧାରଣା ଜଡ଼ିତ। ଗୀତା ମନୁଷ୍ୟକୁ ନିଜ ଧର୍ମ ପାଳନର କଥା କହେ। ରାମାୟଣରେ ରାଜ୍ୟର ଶକ୍ତି ପଛରେ ପରିବାର, ସମାଜ ଓ ନୈତିକ ଶୃଙ୍ଖଳାର ଭୂମିକା ସ୍ପଷ୍ଟ। ସେଥିପାଇଁ 'ଦେଶ ସୁରକ୍ଷା' କଥାଟି କେବଳ 'ସୀମା ସୁରକ୍ଷା'ରେ ସୀମିତ ନୁହେଁ। ଏହା ଗ୍ରାମର ଶକ୍ତି, ପରିବାରର ସ୍ଥିରତା, ଯୁବପିଢ଼ିର ପ୍ରସ୍ତୁତି ଓ ନାଗରିକ ଚରିତ୍ରର ପ୍ରଶ୍ନ ମଧ୍ୟ।

ଆମେ ଅନେକ ସମୟରେ ଶିକ୍ଷାକୁ କେବଳ ପରୀକ୍ଷା ଓ ଚାକିରି ପାଇବାର ମାଧ୍ୟମ ଭାବେ ଦେଖୁ। କିନ୍ତୁ ଏକ ସମାଜର ଶକ୍ତି ତାହାର ନାଗରିକଙ୍କ ସ୍ୱାସ୍ଥ୍ୟ, ଶୃଙ୍ଖଳା, ଆତ୍ମବିଶ୍ୱାସ ଓ ସଚେତନତା ଉପରେ ମଧ୍ୟ ନିର୍ଭର କରେ। ଯୁବପିଢ଼ି ଶାରୀରିକ ଭାବେ ଦୁର୍ବଳ, ମାନସିକ ଭାବେ ବିକ୍ଷିପ୍ତ, ଡିଜିଟାଲ୍ ଆସକ୍ତିରେ ବନ୍ଧା ଏବଂ ନିରାଶ ହୋଇପଡ଼ିଲେ କେବଳ ଆର୍ଥିକ ବିକାଶ ଏକାକୀ ରାଷ୍ଟ୍ରକୁ ସୁଦୃଢ଼ କରିପାରିବ ନାହିଁ। ଯୋଗ, ବ୍ୟାୟାମ, ସ୍ୱାସ୍ଥ୍ୟ ସଚେତନତା, ଆତ୍ମରକ୍ଷା କୌଶଳ, ମାନସିକ ସ୍ଥିରତା - ଏଗୁଡ଼ିକୁ କେବଳ ବ୍ୟକ୍ତିଗତ ଅଭ୍ୟାସ ଭାବେ ନୁହେଁ, ନାଗରିକ ପ୍ରସ୍ତୁତିର ଅଂଶ ଭାବେ ମଧ୍ୟ ଦେଖାଯାଇପାରେ।

ଦ୍ୱିତୀୟ ପ୍ରଶ୍ନ ହେଉଛି ପରିବାର ଓ ମୂଲ୍ୟବୋଧ ସହିତ ଜଡ଼ିତ ଶକ୍ତିଶାଳୀ ସମାଜର ଆରମ୍ଭ ଶକ୍ତିଶାଳୀ ପରିବାରରୁ ହୁଏ। ପରିବାରରେ ସତ୍ୟନିଷ୍ଠା, ନିୟମିତତା, ସେବାଭାବ, ବୃଦ୍ଧଙ୍କ ପ୍ରତି ସମ୍ମାନ, ନାରୀଙ୍କ ପ୍ରତି ସମ୍ମାନ, ଶିଶୁମାନଙ୍କ ମଧ୍ୟରେ ନୈତିକ ଶିକ୍ଷା - ଏସବୁ କେବଳ ବ୍ୟକ୍ତିଗତ ମୂଲ୍ୟ ନୁହେଁ; ସମାଜର ଦୀର୍ଘକାଳୀନ ସ୍ଥିରତାର ଭିତ୍ତି। ତୃତୀୟ ଆବଶ୍ୟକତା ହେଉଛି ସଚେତନ ଗ୍ରାମ ଓ ସମୁଦାୟ ଜୀବନ। ଗ୍ରାମରେ ପରସ୍ପର ସହଯୋଗ, ସାମାଜିକ ସମନ୍ୱୟ, ପରିବେଶ ସୁରକ୍ଷା, ଯୁବକମାନଙ୍କ ସକାରାତ୍ମକ ଭୂମିକା, ସ୍ଥାନୀୟ ସମସ୍ୟାର ସମାଧାନ, ନିଶାବିରୋଧୀ ସଚେତନତା, ବିପଦ ସମୟରେ ସାହାଯ୍ୟ - ଏଗୁଡ଼ିକ ମଧ୍ୟ ଜାତୀୟ ସୁରକ୍ଷାର ଅଦୃଶ୍ୟ ଅଥଚ ମହତ୍ତ୍ୱପୂର୍ଣ୍ଣ ଅଂଶ। ଯଦି କୌଣସି ଗ୍ରାମ ନିଜର ଜଳ, ପରିବେଶ, ସାମାଜିକ ସମ୍ପର୍କ, ଯୁବଶକ୍ତି ଓ ନୈତିକ ସଂସ୍କୃତିକୁ ସୁଦୃଢ଼ କରେ, ସେହି ଗ୍ରାମ ରାଷ୍ଟ୍ରର ଏକ ସୁରକ୍ଷିତ ଏକକରେ ପରିଣତ ହୋଇପାରେ।

ଚତୁର୍ଥ ପ୍ରଶ୍ନ ହେଉଛି ଉପନିବେଶିକ ମାନସିକତାରୁ ମୁକ୍ତି। ଅନେକ ସମୟରେ ଆମେ ନିଜ ସମାଜ, ନିଜ ଭାଷା, ନିଜ ସଂସ୍କୃତି ଓ ନିଜ ସମ୍ଭାବନାକୁ ହେଳା କରୁ। ଆତ୍ମବିଶ୍ୱାସହୀନ ସମାଜ ଦୀର୍ଘସମୟ ଧରି ସୁଦୃଢ଼ ରହିପାରେନାହିଁ। କିନ୍ତୁ ଏହାର ଅର୍ଥ ଅନ୍ଧ ଗର୍ବ ନୁହେଁ। ନିଜ ସଭ୍ୟତାକୁ ଜାଣିବା, ନିଜ ଦୁର୍ବଳତାକୁ ସ୍ୱୀକାର କରିବା ଏବଂ ନିଜକୁ ଉନ୍ନତ କରିବା ହେଉଛି ସୁସ୍ଥ ଆତ୍ମବିଶ୍ୱାସ। ଏଠାରେ ଆଉ ଏକ ମୌଳିକ ଧାରଣା ଆସେ ଯେ ପ୍ରତ୍ୟେକ ନାଗରିକ ଏକ ସକାରାତ୍ମକ ଶକ୍ତି ହୋଇପାରିବେ କି? ଏହାର ଅର୍ଥ ଅସ୍ତ୍ରଧାରୀ ସମାଜ ନୁହେଁ; ସଚେତନ, ସୁଶିକ୍ଷିତ, ଶାରୀରିକ ଭାବେ ସକ୍ଷମ, ମାନସିକ ଭାବେ ସ୍ଥିର, କରୁଣାଶୀଳ, ସେବାମନସ୍କ ଓ ଦାୟିତ୍ୱବାନ ନାଗରିକ। ଏମିତି ନାଗରିକ ନିଜକୁ ସୁରକ୍ଷିତ ରଖିବେ, ପରିବାରକୁ ସୁଦୃଢ଼ କରିବେ, ସମାଜକୁ ସହଯୋଗ କରିବେ ଏବଂ ରାଷ୍ଟ୍ରଶକ୍ତିର ଅଂଶ ହେବେ।

ଧାର୍ମିକ ଦୃଷ୍ଟିରୁ ଏହା 'ରାବଣ ପଥ' ନୁହେଁ, ଯେଉଁଠାରେ ଶକ୍ତି ଅହଂକାରରେ ପରିଣତ ହୁଏ। ଏହା 'ଦୁର୍ଯ୍ୟୋଧନ ପଥ' ମଧ୍ୟ ନୁହେଁ, ଯେଉଁଠାରେ ସ୍ୱାର୍ଥ ସମାଜକୁ ଭାଙ୍ଗିଦିଏ। ଏହା ଏକ ଏମିତି ପଥ, ଯେଉଁଠାରେ ଶକ୍ତି ସହିତ ଧର୍ମ, ସେବା ଓ କରୁଣା ଜଡ଼ିତ। ଶେଷରେ ସମ୍ଭବତଃ 'ଦେଶର ସୁରକ୍ଷା, ନାଗରିକତ୍ୱ ରକ୍ଷା'ର ସବୁଠାରୁ ଗଭୀର ଅର୍ଥ ରାଷ୍ଟ୍ରର ଶକ୍ତି କେବଳ ରାଜଧାନୀରେ ନୁହେଁ; ଏହା ଗଢ଼ାଯାଏ ଗ୍ରାମରେ, ପରିବାରରେ, ବିଦ୍ୟାଳୟରେ, ଯୁବକମାନଙ୍କ ଚରିତ୍ରରେ ଏବଂ ନାଗରିକଙ୍କ ଦୈନନ୍ଦିନ ଅଭ୍ୟାସରେ। ସୁଦୃଢ଼ ରାଷ୍ଟ୍ରର ସ୍ୱପ୍ନ ଶେଷ ପର୍ଯ୍ୟନ୍ତ ସୁଦୃଢ଼ ନାଗରିକର ଚରିତ୍ରରୁ ହିଁ ଆରମ୍ଭ ହୁଏ।

ବ୍ରହ୍ମପୁର(କେନ୍ଦ୍ରାପଡ଼ା),
ମୋ: ୯୯୩୭୨୨୭୯୯୪

## ହଠାତ୍ ଜ୍ଞାନୋଦୟ

**ବିଜ୍ଞାନ ବାର୍ତ୍ତା**

**ଶ୍ରୀନନ**

ବିଜ୍ଞାନ ଇତିହାସରେ ଏହା ଏକ ଚିତ୍ତାକର୍ଷକ କାହାଣୀ। ଏହାର ନାୟକ ହେଲେ ପ୍ରସିଦ୍ଧ ଗ୍ରୀକ୍ ବୈଜ୍ଞାନିକ ଆର୍କମେଡିସ୍ (ଖ୍ରୀ.ପୂ. ୨୮୬ ରୁ ୨୧୨)। ଥରେ ସାଇରାକସ୍‌ର ରାଜା ହିରୋ-୨ ତାଙ୍କର ମୁକୁଟଟିଏ ଆର୍କମେଡିସ୍‌ଙ୍କୁ ଦେଲେ ତାହାକୁ ନ ଭାଙ୍ଗି ବିଶୁଦ୍ଧ ସୁନାରେ ତିଆରି କି ନୁହେଁ ସ୍ଥିର କରିବାକୁ। ଏ ବିଷୟରେ ଚିନ୍ତା କରୁଥିବା ଅବସ୍ଥାରେ ଆର୍କମେଡିସ୍ ଦିନେ ସ୍ନାନ କରିବାକୁ ଜଳପୂର୍ଣ୍ଣ କୁଣ୍ଡ ମଧ୍ୟରେ ପ୍ରବେଶ କଲା ବେଳେ ତହିଁରୁ କିଛି ଜଳ ଉଚ୍ଛୁଳି ପଡ଼ିଲା। ଏହାର ପରିମିତି ଥିଲା ତାଙ୍କ ଶରୀରର ଜଳମଗ୍ନ ଅଂଶର ପରିମିତି ସହ ସମାନ। ଏଥିରୁ ତାଙ୍କୁ ରାଜାଙ୍କ ପ୍ରଶ୍ନର ଉତ୍ତର ମିଳିଗଲା। ସେ ସେହିଠାରୁ 'ୟୁରେକା' (ପାଇଗଲି) ବୋଲି ଚିତ୍କାର କରି ରାଜପ୍ରାସାଦକୁ ଧାଇଁଲେ। ସେଠାରେ ମୁକୁଟକୁ ଆଣି ଗୋଟିଏ ଜଳପାତ୍ରରେ ନିମଗ୍ନ କଲେ। ଫଳରେ ଦେଖାଗଲା ଯେ ସେତିକି ଓଜନର ଏବଂ ସେହି ଆକୃତିର ସୁନା ଯେତିକି ଜଳ ସ୍ଥାନାନ୍ତର କରିବାର କଥା ଏହା ତହିଁରୁ ଅଧିକ କଲା। କାରଣ ଏଥିରେ ରୁପା ମିଶାଯାଇଥିଲା। ସୁନା ତୁଳନାରେ ରୁପା ହାଲୁକା ହୋଇ ଥିବାରୁ ଏପରି ହେଲା। ଅତଏବ ମୁକୁଟଟି ବିଶୁଦ୍ଧ ନୁହେଁ ବୋଲି ଜଣାପଡ଼ିଲା।

ଆର୍କମେଡିସ୍‌ଙ୍କ ଚିନ୍ତାଶୀଳ ମନକୁ ଏ ଧାରଣା ଆସିବା ପ୍ରକ୍ରିୟାକୁ କୁହାଯାଏ 'ହଠାତ୍ ଜ୍ଞାନୋଦୟ'। କେବଳ ସେ ଏକା ନୁହନ୍ତି ଅନ୍ୟ ବହୁ ବିଖ୍ୟାତ ବୈଜ୍ଞାନିକ ମଧ୍ୟ ସେମାନଙ୍କ ପ୍ରସିଦ୍ଧ ଆବିଷ୍କାରମାନ ଏହି ରୂପେ କରିଥିବାର ଦୃଷ୍ଟାନ୍ତ ରହିଛି। ଉଦାହରଣ ସ୍ୱରୂପ ଗଛତଳେ ବସି ବିଶ୍ରାମ ନେଲା ବେଳେ ତାଙ୍କ ମୁଣ୍ଡ ଉପରେ ଆଚଟିଏ ଖସି ପଡ଼ିବାରୁ ନିଉଟନ୍‌ଙ୍କ ମନକୁ ଆସିଥିଲା ମାଧ୍ୟାକର୍ଷଣ ଶକ୍ତିର ନିୟମ। ସ୍ୱପ୍ନ ମଧ୍ୟ ଅନେକ ସମୟରେ ବୈଜ୍ଞାନିକ ଆବିଷ୍କାରର ଅନ୍ତର୍ଦୃଷ୍ଟି ହେବାର ଦେଖାଯାଇଛି। ଦୀର୍ଘ ତିନିଦିନ ତିନିରାତ୍ରି ଧରି ଗଭୀର ଭାବେ ଚିନ୍ତା କଲା ପରେ ଡିମିତ୍ରି ମାଣ୍ଡେଲିଭଙ୍କ ମନକୁ 'ପର୍ଯ୍ୟାୟ ସାରଣୀ' ସଂପର୍କରେ ଧାରଣ ହଠାତ୍ ଆସିଥିଲା ସେ ଢୋଳାଉଥିବା ଅବସ୍ଥାରେ ଦେଖିଥିବା ସ୍ୱପ୍ନରେ। ଏହା ରସାୟନ ବିଜ୍ଞାନ ଅଧ୍ୟୟନ କ୍ଷେତ୍ରରେ ଏକ ନୂତନ ଦିଗନ୍ତ ସୃଷ୍ଟି କଲା। ସେହିପରି ଅଗଷ୍ଟ କେକୁଲେ ସାପଟିଏ ତା'ଲାଞ୍ଜକୁ ଗିଳିବାର ସ୍ୱପ୍ନରେ ଦେଖି ବେଞ୍ଜିନ୍‌ର ମୁଦ୍ରାକାର ସଂରଚନା ଆବିଷ୍କାର କରିଥିଲେ। ଫଳରେ ଏରୋମେଟିକ୍ ରସାୟନ ବିଜ୍ଞାନ ସଂପର୍କରେ ଧାରଣା ଜନ୍ମନେଲା।

ତେବେ କେବଳ ବିଶ୍ରାମ ବା ନିଦ୍ରା କାଳରେ ଏଭଳି ନୂତନ ଚିନ୍ତାଧାରା ମନକୁ ଆସେ ନାହିଁ। ଅନେକ ସମୟରେ ଭ୍ରମଣ ବା ଯାତ୍ରା କାଳରେ ମଧ୍ୟ ତାହା ଆସିଥାଏ। ୧୯୦୫ ମସିହାରେ ସ୍ୱିଜରଲ୍ୟାଣ୍ଡର ବେର୍ଣଠାରେ ଏକ କାରରେ ଯାତ୍ରା କରିବା ଅବସରରେ ଆଇନଷ୍ଟାଇନଙ୍କ ମନକୁ ଆସିଥିଲା ପ୍ରସିଦ୍ଧ 'ଆପେକ୍ଷିକତା ତତ୍ତ୍ୱ' ବା 'ଥିଓରୀ ଅଫ୍ ରିଲେଟିଭିଟି'। ଏହାର ୧୮ ବର୍ଷ ପରେ ଲଣ୍ଡନର ଟ୍ରାଫିକ ଆଲୋକ ତଳେ ଅପେକ୍ଷାରତ କାଳରେ ଲେଓ ସ୍ଜିଲ୍ୟାଣ୍ଡଙ୍କ ମନରେ ଶୃଙ୍ଖଳ ପ୍ରତିକ୍ରିୟା ବା ଚେନ୍ ରିଆକ୍ସନ ସଂପର୍କରେ ଧାରଣା ସୃଷ୍ଟି ହୋଇଥିଲା, ଯାହାକି ପରମାଣୁ ବୋମା ତିଆରି ଲାଗି ପଥ ଉନ୍ମୁକ୍ତ କଲା।

ପ୍ରତ୍ୟେକ 'ହଠାତ୍ ଜ୍ଞାନୋଦୟ' ଘଟିଥାଏ ବିଷୟଟି ଉପରେ ଦୀର୍ଘକାଳ ଧରି କଠୋର ମାନସିକ ତଥା ପରୀକ୍ଷାମୂଳକ କାର୍ଯ୍ୟମାନ କଲାପରେ। ରାଜାଙ୍କ ମୁକୁଟରେ ଥିବା ସୁନାର ପରିମାଣ ହିସାବ କରିବାକୁ ଆର୍ଥମେଡିସ୍ ଦିନ ଦିନ ଧରି ଗଭୀର ଚିନ୍ତା କରି ଆସୁଥିଲେ। କେକୁଲେ ସାରାଦିନ କଠୋର ପରିଶ୍ରମ ପରେ ବିଜ୍ଞାନଗାରର ଟେବୁଲ ଉପରେ ଢୋଳାଉଥିବା ଅବସରରେ ବେଂଜିନର ସଂରଚନା ସଂପର୍କରେ ସ୍ୱପ୍ନ ଦେଖିଥିଲେ। ଅତଏବ ଏପ୍ରକାର 'ହଠାତ୍ ଜ୍ଞାନୋଦୟ'ର କୌଣସି ଗୋପନ ସୂତ୍ର ନାହିଁ। ଅକ୍ଳାନ୍ତ ପରିଶ୍ରମ ଏବଂ ଗଭୀର ଚିନ୍ତାପରେ ବିଶ୍ରାମ ସମ୍ଭବତଃ ଏହାକୁ ଚଳାଉଥିବାର ମନେ ହୁଏ।

ଏପ୍ରକ୍ରିୟା କେବଳ ବୈଜ୍ଞାନିକମାନଙ୍କ ଆବିଷ୍କାରରେ ସୀମାବଦ୍ଧ ନୁହେଁ। ଆମ ସମସ୍ତଙ୍କ ମଧ୍ୟରେ ଭିନ୍ନଭିନ୍ନ ରୂପେ ତାହା ସମୟରେ ପ୍ରକଟିତ ହୋଇଥାଏ। ମନସ୍ତତ୍ତ୍ୱବିତ୍ କାର୍ଲ ଜି ଜଂଗ୍‌ଙ୍କ ମତରେ ସେଗୁଡ଼ିକ ଆମ ଗଭୀର ଅର୍ଦ୍ଧଚେତନ ମନରୁ ଆସେ, ଯାହାକି ଆମେ ଆଗରୁ ସଚେତନ ଭାବେ ଚିନ୍ତା କରି ପାରି ନଥାଉ। ଏଗୁଡ଼ିକ କିଛି ବିରଳ ମୁହୂର୍ତ୍ତ, ଯେତେବେଳେ ଅବଚେତନ ମନ ସଚେତନ ହୋଇଯାଏ। ଏହା କିନ୍ତୁ ଆମ ନିୟନ୍ତ୍ରଣର ବାହାରେ। ତେବେ ଗଭୀର ଶ୍ରମ ଓ ଚିନ୍ତା ଏବଂ ତପ୍ରେ ବିଶ୍ରାମ ଏଥିପାଇଁ ପଥ ପରିଷ୍କାର କରେ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବର୍ଷାରେ ଦବିଲା ରେଳ ଧାରଣା, ଟଳିଗଲା ବଡ଼ ଦୁର୍ଘଟଣା

## ବାଙ୍ଗିରିପୋଷି-ରୁପସା ରେଳପଥରେ ଟ୍ରେନ୍ ଚଳାଚଳ ଠପ୍

ବାରିପଦା,୧୭।୮(ସମିସ): ବାରିପଦା ଷ୍ଟେସନବଜାର-ଶୁନଗଡ଼ିଆ ନିକଟରେ ରେଳଧାରଣା ଦବିଯାଇଥିବାରୁ ସୋମବାର ଟ୍ରେନ୍ ଚଳାଚଳ ବନ୍ଦ ରହିଛି। ଲଗାଣ ବର୍ଷା ପ୍ରଭାବରେ ବାରିପଦା ଓ ଭଞ୍ଜପୁର ରେଳଷ୍ଟେସନ ମଧ୍ୟରେ ଷ୍ଟେସନବଜାର-ଶୁନଗଡ଼ିଆ ନିକଟରେ ପ୍ରାୟ ୫୦ ମିଟର ରେଳଧାରଣା ଦବିଯାଇଛି। ଫଳରେ

### ଲୁପ୍ ଲାଇନ ଅଭାବରୁ ଅଟକିଛି ୨ଟି ଟ୍ରେନ

ରେଳ ବିଭାଗ ପକ୍ଷରୁ ବାଙ୍ଗିରିପୋଷି-ରୁପସା ରୁଟ୍‌ରେ ରେଳ ଚଳାଚଳକୁ ସାମୟିକ ଭାବେ ବନ୍ଦ ରଖାଯାଇ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି।

ସୂଚନା ମୁତାବକ, ରବିବାର ପୁରୀ-ବାଙ୍ଗିରିପୋଷି ସୁପରଫାଷ୍ଟ ଟ୍ରେନ୍ ବାଙ୍ଗିରିପୋଷି ଯିବା ପରେ ରାତିରେ ମେମୁ ଟ୍ରେନ୍ ଯାତାୟାତ ସମୟରେ ରେଳଧାରଣା ଦବିଥିବା ଜଣାପଡ଼ିଥିଲା। ଟ୍ରେନଟି ଦୁର୍ଘଟଣା ସ୍ଥଳ ଅତିକ୍ରମ ସମୟରେ ଲାଇନଚ୍ୟୁତ ହେବାରୁ ଅଳ୍ପକେ ବର୍ତ୍ତିଯିବାରୁ ବଡ଼ ରେଳ ଦୁର୍ଘଟଣାରୁ ରକ୍ଷା ମିଳିଛି। ଘଟଣା ସମ୍ପର୍କରେ ଜାଣିବା ପରେ ଲୋକପାଇଲଟ ବିଭାଗୀୟ ସୂଚନା ଦେବା ପରେ ଦକ୍ଷିଣ-ପୂର୍ବ ରେଳବାଇର ମେଣ୍ଟେନାନ୍ସ ବିଭାଗ ପକ୍ଷରୁ ତୁରନ୍ତ ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି। ମଧ୍ୟରାତ୍ରିରୁ ରେଳ କର୍ମଚାରୀ ଘଟଣାସ୍ଥଳରେ ରହି ମରାମତି କାମ ଜାରି ରଖିଛନ୍ତି। ଏକମାସ ଧରି ଲଗାତର



ବର୍ଷା ଫଳରେ ଜରାଳି ମହାନାଳର ଉଦବୃତ୍ତ ଜଳ ପାଇଁ ରେଳଧାରଣା ତଳେ ଥିବା ମାଟି ଏବେ ମଧ୍ୟ ଦବୁଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଯଦି ସମୟୋଚିତ ଭାବେ ଏହି ତ୍ରୁଟି ଚିହ୍ନଟ ହୋଇ ନ ଥାନ୍ତା, ତେବେ ବଡ଼ଧରଣର ରେଳ ଦୁର୍ଘଟଣା ଘଟିଥା'ନ୍ତା ବୋଲି ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଓ ଏସ୍‌ପି ଖବର ପାଇ ସକାଳେ ଘଟଣାସ୍ଥଳ ପରିଦର୍ଶନ କରି ପାର୍ଶ୍ୱବର୍ତ୍ତୀ ବାସିନ୍ଦାଙ୍କୁ ସତର୍କ କରାଇଛନ୍ତି। ମରାମତି କାର୍ଯ୍ୟ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ରେଳବାଇକୁ ଯୋଗାଇ ଦିଆଯାଇଛି। ବର୍ତ୍ତମାନ ରେଳ ଧାରଣାର ମରାମତି ସହ ଟ୍ରାକ୍‌ର ସ୍ଥିତି ଯାଞ୍ଚ କରାଯାଉଛି। ମରାମତି ସମ୍ପୂର୍ଣ୍ଣ ହେବା ପରେ ରେଳ ଚଳାଚଳ ସ୍ୱାଭାବିକ ହେବ ବୋଲି ଜଣାପଡ଼ିଛି। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବାଙ୍ଗିରିପୋଷି-ରୁପସା ରେଳପଥ ଟିକିନିଖି ତନଖି ସହ ମରାମତି କାର୍ଯ୍ୟ ତୁରନ୍ତ ସାରିବାକୁ ଖଡଗପୁର ଡିଆରଏମଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଅମୃତ ଭାରତ ବାରିପଦା ରେଳ ଷ୍ଟେସନରେ ଲୁପଲାଇନ ନ ଥିବାରୁ ବିକଳ୍ପ ଟ୍ରେନ ଚଳାଚଳ ହୋଇପାରିନାହିଁ। ବାଙ୍ଗିରିପୋଷି-ପୁରୀ ଏକ୍ସପ୍ରେସ ବାଙ୍ଗିରିପୋଷିରେ ଓ ରୁପସା ମେମୁ ଟ୍ରେନ ଭଞ୍ଜପୁର ରେଳ ଷ୍ଟେସନରେ ଅଟକି ରହିଛି। ଆଗାମୀ ଦିନରେ ବାରିପଦା ଷ୍ଟେସନରେ ଲୁପଲାଇନ ନିର୍ମାଣ ପାଇଁ ମୟୂରଭଞ୍ଜ ରେଳଯାତ୍ରୀ ଫୋରମର ମୁଖ୍ୟ ଅଭିଜିତ ରାମ ଦକ୍ଷିଣ ପୂର୍ବ ରେଳ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି।

# ବିଜେଡିର ନୂଆ ବ୍ଲକ କମିଟି ଗଠନ ପ୍ରକ୍ରିୟା ଜାରି

ଭୁବନେଶ୍ୱର,୧୭।୮(ସମିସ): ବିଜେଡି ପକ୍ଷରୁ ରାଜ୍ୟବ୍ୟାପୀ ବ୍ଲକ ତଥା ଜିଲ୍ଲା କମିଟି ଗଠନ ପ୍ରକ୍ରିୟା ଜାରି ରହିଛି। ଏହିକ୍ରମରେ ଦଳ ପକ୍ଷରୁ ମୟୂରଭଞ୍ଜ-୧ ଓ ୨ ସାଂଗଠନିକ ଜିଲ୍ଲା, ଯଶିପୁର, ନୂଆପଡ଼ା, ଗଜପତିରେ ବ୍ଲକ କମିଟିମାନ ଗଠନ କରାଯାଇଛି। ସେହିପରି ଭଦ୍ରକ ଓ କଟକ ମହାନଗର ସାଂଗଠନିକ ଜିଲ୍ଲା କମିଟି ଗଠନ କରାଯାଇଥିବା ନେଇ ଦଳ ପକ୍ଷରୁ ସୂଚନା ଦିଆଯାଇଛି।

ମୟୂରଭଞ୍ଜ-୧ ସାଂଗଠନିକ ଜିଲ୍ଲା ଅଧିନରେ ସାରସକଣା, ବିଜାତଳା ଓ ବିଶୋୟୀ ବ୍ଲକରେ ନୂଆ ବ୍ଲକ କମିଟି ଗଠନ କରାଯାଇଥିବା ବେଳେ ସାଂଗଠନିକ ଜିଲ୍ଲା-୨ ଅଧିନରେ କୁସୁମୀ, ସୁକ୍ରୁଲି, ରରୁଆଁ ଓ ଯଶିପୁର ବ୍ଲକର ବିଜେଡି ସଂଗଠନର ନବକଳେବର ହୋଇଛି। ସେହିପରି ନୂଆପଡ଼ା ଜିଲ୍ଲାରେ ସିନାପାଲି, ବୋଡେନ, ଖରିଆର, କୋମନା, ନୂଆପଡ଼ା ସହ ଖରିଆର ରୋଡ ନଗର ଏବଂ ନୂଆପଡ଼ା ନଗର କମିଟିର ପୁନର୍ଗଠନ କରାଯାଇଛି। ଗଜପତି ଜିଲ୍ଲାରେ କଶୀନଗର, ଗୁମ୍ମା, ଗୋଷାଣୀ, ରାୟଗଡା, ଆର. ଉଦୟଗିରି, ନୂଆଗଡ ଓ ମୋହନା ବ୍ଲକରେ ନୂଆ କମିଟି ଗଟନ କରାଯାଇଥିବା ନେଇ ଦଳ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ରକ୍ଷା ବନ୍ଧନରେ 'ସୁଭଦ୍ରା'ର ପଞ୍ଚମ କିସ୍ତି

ଭୁବନେଶ୍ୱର,୧୭।୮(ସମିସ): ଆସନ୍ତା ୨୮ ତାରିଖ ରକ୍ଷା ବନ୍ଧନ ଦିନ ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ସୁଭଦ୍ରା ଯୋଜନାର ପରବର୍ତ୍ତୀ କିସ୍ତିର ଟଙ୍କା। ନୟାଗଡ଼ରେ ଏନେଇ ରାଜ୍ୟସ୍ତରୀୟ ସମାରୋହ ଆୟୋଜନ କରାଯିବ। ସମାରୋହରେ ହିତାଧିକାରୀଙ୍କୁ ଟଙ୍କା ବଣ୍ଟନ କରାଯିବ ବୋଲି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଶ୍ରୀମତୀ ପରିଡ଼ା କହିଛନ୍ତି, ୧ କୋଟିରୁ ଅଧିକ ମହିଳା ଏହି କିସ୍ତିରେ ସୁଭଦ୍ରା ଟଙ୍କା ପାଇବେ। ଅଗଷ୍ଟ

### ନୟାଗଡ଼ରେ ହେବ ରାଜ୍ୟସ୍ତରୀୟ ସମାରୋହ

୨୮ ସୁଦ୍ଧା ଆବେଦନ କରି ଜିଲ୍ଲା ପ୍ରଶାସନ ଦ୍ୱାରା ଯାଞ୍ଚ ଓ ସୁପାରିସ୍ ହୋଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ଏହି କିସ୍ତିରେ ସାମିଲ କରାଯିବ। ଏହାସହ ପୂର୍ବ କିସ୍ତିରୁ ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀ ଅର୍ଥାତ୍ ଯେଉଁମାନଙ୍କୁ ଏପର୍ଯ୍ୟନ୍ତ ସୁଭଦ୍ରାର ଗୋଟିଏ ବି କିସ୍ତି ମିଳିନାହିଁ, ଯାଞ୍ଚ ପରେ ଯେଉଁମାନେ ଯୋଗ୍ୟ ବୋଲି ପ୍ରମାଣିତ ହେବେ, ସେମାନଙ୍କୁ ଏକସଙ୍ଗେ ୫ଟି କିସ୍ତିର ଟଙ୍କା ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଚଳିତ ଆର୍ଥିକ ବର୍ଷରେ ସୁଭଦ୍ରା ଯୋଜନା ପାଇଁ ୩.୧୭ ଲକ୍ଷରୁ ଅଧିକ ନୂଆ ଆବେଦନ ମିଳିଛି। ଏଥିରୁ ଅନେକ ଆବେଦନର କ୍ଷେତ୍ରସ୍ତରୀୟ ଯାଞ୍ଚ ମଧ୍ୟ ଶେଷ ହୋଇଛି। ଯୋଗ୍ୟ ମହିଳାଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ୫ ହଜାର ଟଙ୍କା ପଠାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି। ତେବେ ରାଜ୍ୟ ସରକାର ୨୦୨୬-୨୭ ବଜେଟରେ ଏହି ଯୋଜନା ପାଇଁ ୧୦,୧୪୫ କୋଟି ଟଙ୍କା ବ୍ୟୟବରାଦ କରିଥିବା ସୂଚନା ରହିଛି।


ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ
ଇ-ଟେଣ୍ଡରିଂ ବିଜ୍ଞପ୍ତି
ନିବିଦା ସୂଚନା: M247GLRSBAPANEL 262725, ତାରିଖ: ୧୪.୦୮.୨୦୨୬, କାର୍ଯ୍ୟର ନାମ: ଇଲେକ୍ଟ୍ରିକ୍ ଲୋକୋର BA Panel Sets ର ପୁନରୁଦ୍ଧାର ଏବଂ ଅପଗ୍ରେଡେସନ୍ / ମୋଡିଫିକେସନ୍। ସ୍ଥାନ: ମୁ. କା. ପ୍ର. / ଦାହୋଦ ପଶ୍ଚିମ ରେଳବାଇ କାର୍ଯ୍ୟାଳୟ । କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ. ୮,୩୫,୬୧,୭୪୪/-. ବୟନା ରାଶି: ଟ. ୧୬,୭୧,୩୦୦/-. ଇ-ଟେଣ୍ଡର ଦାଖଲ ଏବଂ ଖୋଲିବାର ତାରିଖ ଓ ସମୟ: ଇ-ଟେଣ୍ଡର ଦାଖଲ କରିବାର ନିର୍ଦ୍ଧାରିତ ତାରିଖ ଓ ସମୟ ୦୭.୦୯.୨୦୨୬ ଦିନ ୧୪:୩୦ ପର୍ଯ୍ୟନ୍ତ ଏବଂ ଇ-ଟେଣ୍ଡର ସେହିଦିନ ୧୫:୦୦ ଘଣ୍ଟାରେ ଖୋଲାଯିବ। ନିବିଦା ସୂଚନା ଏବଂ ପ୍ରପତ୍ର ଉପଲବ୍ଧତା: www.ireps.gov.in / E-Tenders / Works/IRElectrical। AK/17/1/207
Like us on: facebook.com/WesternRly


# ମୟୂରଭଞ୍ଜରେ ଜାରି ରହିଛି ବର୍ଷା

# ୨୨ଟି ବ୍ଲକ୍‌ର ୧୨୬ଟି ଗାଁ ଓ ଗୋଟିଏ ନଗରପାଳିକାର ୮ଟି ୱାର୍ଡର ଲୋକ ପ୍ରଭାବିତ

ବାରିପଦା, ୧୭।୮(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଗତ କିଛିଦିନ ଧରି ପ୍ରବଳ ବର୍ଷା ଜାରି ରହିଛି। ଜିଲ୍ଲା ଜରୁରିକାଳୀନ ଅପରେସନ କେନ୍ଦ୍ର ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ୨୬ଟି ବ୍ଲକରେ ମୋଟ ବୃଷ୍ଟିପାତ ୨୩୮୪.୭ ମିଲିମିଟର ରେକର୍ଡ ହୋଇଛି। ଯାହା ହାରାହାରି ପ୍ରାୟ ୯୧.୭୨ ମିମି ବର୍ଷା କୁହାଯାଇଛି।

### କରଞ୍ଜିଆରେ ସର୍ବାଧିକ ୧୬୪ ମିମି

କରଞ୍ଜିଆରେ ସର୍ବାଧିକ ୧୬୪ ମିମି ବର୍ଷା ରେକର୍ଡ ହୋଇଛି। ଅନ୍ୟ ପ୍ରମୁଖ ବ୍ଲକ ମଧ୍ୟରେ କୁସୁମୀରେ ୧୪୪ ମିମି, କପ୍ତିପଦାରେ ୧୩୮ ମିମି, ବଡ଼ସାହି ଓ ଯଶିପୁରରେ ୧୩୫ ମିମି, ଶୁକ୍ରୁଳିରେ ୧୩୪ ମିମି, ରରୁଆଁରେ ୧୩୦ ମିମି ବର୍ଷା ରେକର୍ଡ ହୋଇଛି। ଯାହା ରାଜ୍ୟର ସର୍ବାଧିକ ବୃଷ୍ଟିପାତ ରେକର୍ଡର ଦ୍ୱିତୀୟରୁ ସପ୍ତମ ସ୍ଥାନ ମଧ୍ୟରେ ରହିଛି। ଅନ୍ୟ ବ୍ଲକ ମଧ୍ୟରେ ଉଦଳାରେ ୧୨୫.୮ ମିମି, ବେତନଟୀରେ ୧୧୩ ମିମି, ଖୁଣ୍ଟାରେ ୧୧୦ ମିମି, ଶାମାଖୁଣ୍ଟାରେ ୯୮.୨ ମିମି, ଗୋପବନ୍ଧୁନଗରରେ ୯୮ ମିମି ଓ ବାରିପଦାରେ ୮୮.୨ ମିମି ବର୍ଷା ରେକର୍ଡ ହୋଇଛି। ଶୁଳିଆପଦାରେ ୮୩ ମିମି, ବିଶୋଇରେ ୮୨ ମିମି, ଠାକୁରମୁଣ୍ଡାରେ ୮୦ ମିମି, ମୋରଡ଼ାରେ ୭୩.୩ ମିମି, ରାଇରଙ୍ଗପୁର ଓ ରାସଗୋବିନ୍ଦପୁରରେ ୭୦ ମିମି, କୁଳିଆଣାରେ ୬୯ ମିମି ଓ ଜାମଦାରେ ୫୭ ମିମି



ରହିଛି। ତିରିଂରେ ସର୍ବନିମ୍ନ ୧୩.୬ ମିମି ବର୍ଷା ହୋଇଛି।

ଗତ ୧୩ ତାରିଖରୁ ଲଗାତର ବର୍ଷା ଯୋଗୁଁ ଜିଲ୍ଲାର ଅନେକ ଅଞ୍ଚଳରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ୨୨ଟି ବ୍ଲକ, ୫୪ଟି ପଞ୍ଚାୟତ, ୧୨୬ଟି ଗାଁ ଓ ୧ଟି ନଗରପାଳିକାର ୮ଟି ୱାର୍ଡର ମୋଟ ୨୭,୯୮୧ ଲୋକ ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୬,୭୪୧ ଜଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ରାସଗୋବିନ୍ଦପୁର ବ୍ଲକର ଗୋଟିଏ ଗାଁ ବର୍ତ୍ତମାନ ପାଣିଘେରରେ ରହିଛି। ସେହିପରି ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବାରିପଦା-ଅସ୍ତିଆଠାରେ ସତର୍କ ସୂଚନା ସ୍ତରଠାରୁ ତଳେ ରହିଛି। ଜଳକା ନଦୀ ୬.୫୨ ମିଟରରେ ବିପଦ ସ୍ତର ଉପରେ ରହିଛି। ସୁବର୍ଣ୍ଣରେଖା (ରାଜଘାଟ) ୮.୭୨ ମିଟରରେ ଚେତାବନୀ ସ୍ତରଠାରୁ ତଳେ ରହିଛି। ବାରିପଦା ପୌରାଞ୍ଚଳ କିମ୍ବା ତଳିଆ ଅଞ୍ଚଳରେ ବନ୍ୟାର କୌଣସି ତୁରନ୍ତ ଆଶଙ୍କା ନାହିଁ ବୋଲି ସୂଚନା ମିଳିଛି। ପ୍ରଭାବିତ ଅଞ୍ଚଳରେ ୧୨ଟି ମେଡିକାଲ ଟିମ, ୩ଟି ପଶୁ ଚିକିତ୍ସା ଟିମ, ୨ଟି ଓଡ୍ରାଫ, ୧ଟି ଏନଡିଆରଏଫ, ୧୩ଟି ଫାୟାର ସର୍ଭିସ ଟିମ ଓ ୨୬ଟି ପୁଲିସ, ସ୍ଥାନୀୟ ଟିମ ମୁତୟନ କରାଯାଇଛି। ୩୯ଟି ମାଗଣା ରନ୍ଧନଶାଳା/ରିଲିଫ କେନ୍ଦ୍ର କାର୍ଯ୍ୟକାରୀ ଅଛି ଓ ସେଠାରେ ୨୬,୭୪୧ ଜଣଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ଶୁଖିଲା ଖାଦ୍ୟ ଭାବେ ଚୁଡ଼ା ୩୯.୭୪ କ୍ୱିଣ୍ଟାଲ ଓ ଗୁଡ଼ ୬.୪୧ କ୍ୱିଣ୍ଟାଲ ବଣ୍ଟନ କରାଯାଇଛି।

ଜିଲ୍ଲାପାଳ ହେମକାନ୍ତ ସଏ କହିଛନ୍ତି, ବର୍ଷାର ପରିମାଣ କମିଥିବାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର କୌଣସି ଆଶଙ୍କା ନାହିଁ। ଲୋକମାନେ ଆତଙ୍କିତ ନ ହେବାକୁ ସେ ନିବେଦନ କରିଛନ୍ତି। ପଶ୍ଚିମ ମୟୂରଭଞ୍ଜର କରଞ୍ଜିଆ ଉପଖଣ୍ଡ (କରଞ୍ଜିଆ, ଯଶିପୁର, ରରୁଆଁ, ଶୁକ୍ରୁଳି) ସହିତ ଠାକୁରମୁଣ୍ଡା ଓ ଶିମିଳିପାଳ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା। ଶିମିଳିପାଳ ଉପରମୁଣ୍ଡରେ ଗତକାଲି ରାତିରେ ପ୍ରାୟ ୧୨୮ ମିମି ବର୍ଷା ହୋଇଥିଲେ ହେଁ ସକାଳୁ ବର୍ଷା କମିଛି। ଶିମିଳିପାଳ ଓ ଗୁରୁଡ଼ିଆ ଅଞ୍ଚଳର ବର୍ଷା ପାଣି ଦେଓ ନଦୀ ଦେଇ ବୈତରଣୀକୁ ନିଷ୍କାସିତ ହେଉଛି। ଡୁକୁରା ଓ ଖୁଣ୍ଟା ଅଞ୍ଚଳରେ ଗଙ୍ଗାହାର ନଦୀ ଫୁଲିଛି। ବାଙ୍ଗିରିପୋଷି ନିକଟସ୍ଥ କାଳିଆମି ପୋଲ ତଳେ ବୁଢ଼ାବଳଙ୍ଗର ଜଳସ୍ତର ଅଧାରୁ କମିଛି। ବାରିପଦା ପୌରାଞ୍ଚଳରୁ ଜଳବନ୍ଦୀ ସମସ୍ୟା ଦୂର ହୋଇଛି। ପୂର୍ବ ବନ୍ୟାର କ୍ଷୟକ୍ଷତି ଆକଳନ ପାଇଁ କୃଷି ସର୍ଭେ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଘରଭଙ୍ଗା ଓ ରିଲିଫ ସହାୟତା ରାଶି ତୁରନ୍ତ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପଠାଇବା ପାଇଁ ବିଡିଓ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ସତର୍କତାର ସହିତ ପ୍ରଭାବିତ ଲୋକଙ୍କ ସୁରକ୍ଷା ଓ ସୁବିଧା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ନେଉଛି। ଲୋକମାନେ ସତର୍କ ରହି ପ୍ରଶାସନର ନିର୍ଦ୍ଦେଶକୁ ପାଳନ କରିବାକୁ ଅନୁରୋଧ କରାଯାଇଛି।


AFFIDAVIT
By virtue of an affidavit sworn before (Executive Magistrate / Notary Public), PURI , dated 05/08/2026 I, UMAKANTA NAYAK, Address AT–PODAPADA, PO–SIARO, PS – GOP, DIST- PURI, PIN - 752121 declare that I have changed the name of my son from MAMALI NAYAK to PRAYASH KUMAR NAYAK. Henceforth, he shall be known as **PRAYASH KUMAR NAYAK** for all purposes.

AFFIDAVIT
I GHANSHYAM DAS AGRAWAL, S/o Satyanarayan Agarwal, R/O-QTR No: EM-61 Basanti Colony, Rourkela, Dist- Sundargarh, State-Odisha, Pin-769012 declare by this affidavit No-A/51 ,dated 17.08.2026 sworn before Executive Magistrate, Rourkela, that now onwards I shall be known as **GHANSHYAM DAS AGARWAL** for all future purposes.
**(GHANSHYAM DAS AGARWAL)**

AFFIDAVIT
I, Shaikh Sajid Ali, aged about 43 years, S/o- Sk Yakub Ali, resident of Vill: Maheswarpur, PO/PS: Brahmabarada, Dist: Jajpur, Odisha declared by this affidavit No. 2686, dtd-14/08/2026 that now onwards I shall be known as **SK SAJID ALI** for all future purposes.

AFFIDAVIT
By virtue of an affidavit sworn before the Executive Magistrate, Pipili, dated 29.07.2026, I, Bijay Chandra Jena, S/o Binshu Charan Jena, resident of Vill-Raghunathpur, PO-Kandarpur, PS-Cuttack Sadar, Dist-Cuttack, PIN-754100, Odisha, declare that I have changed my name from Purna Chandra Behera to Bijay Chandra Jena. Henceforth, I shall be known as **Bijay Chandra Jena** for all purposes.
**Sd/- Bijay Chandra Jena**

LOST
**I, Subham Patra,** aged about 31 Years, S/o.: Chandi Patra, resident of At: Chhancha, Ward No.: 25, PO./P.S.: Baripada Town, Dist.: Mayurbhanj, PIN-757001, Vide Affidavit No.: 9836, Dt: 24.06.2026 declare that, I was travelling from sankhabhanga to back to my home chhancha, Ward No.: 25, Baripada carrying my hand bag on my bike, I was having my documents and Original RSD bearing No.: 11261004045 in that bag. After travelling some distance near Sankhabhanga, where I Seen the said hand bag was fallen on road on Dt: 24.06.2026 at about 9.00 A.M. and after several search I could not get the same. If anyone found the above deed, please contact on my above address.

AFFIDAVIT
By virtue of an affidavit sworn before Executive Magistrate, Bhubaneswar vide Serial No.48 Dt.17.08.2026. I Amarendra Pattanaik, S/o-Late Padma Charan Pattanaik, Permanent resident of Basudeipur, P.o-Dandamukandapur, P.S-Pipili, Dist-Puri, Pin-752104, Odisha declare that I have changed my name from **Amarendra Pattanayak** to **Amarendra Pattanaik**. Henceforth I shall be known as **Amarendra Pattanaik** for all purposes.
**Amarendra Pattanaik**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି ଆସିବ...

୩ ଦିନ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଓ ମୟୂରଭଞ୍ଜ ଆଦିରେ ଭୀଷଣ ବର୍ଷା ରେକର୍ଡ ହୋଇଛି। ଏହାଦ୍ୱାରା ସୋମବାର ସନ୍ଧ୍ୟା ସୁଦ୍ଧା ବୈତରଣୀ କେନ୍ଦୁଝରର ଆନନ୍ଦପୁର ଓ ଭଦ୍ରକର ଆଖୁଆପଦାଠାରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଏହାସହିତ ଜଳକା ମଥାନୀଠାରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବା ବେଳେ ବ୍ରାହ୍ମଣୀ ଜେନାପୁରଠାରେ ଓ ବୁଢ଼ାବଳଙ୍ଗ ଗୋବିନ୍ଦପୁରଠାରେ ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି। ଆଜି ରାତିରୁ ଝାଡ଼ଖଣ୍ଡ ଉପରେ ଅଧିକ ବର୍ଷା ଆଶଙ୍କା ରହିଥିବାରୁ ବ୍ରାହ୍ମଣୀରେ ଜଳସ୍ତର ଆହୁରି ବଢ଼ିବାର ଆଶଙ୍କା ରହିଛି। ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତ କହିଛନ୍ତି, ସବୁଠାରୁ ବଡ଼ ଚିନ୍ତା ବୈତରଣୀ ପାଇଁ ରହିଛି। ଏବେ ଆନନ୍ଦପୁର ବ୍ୟାରେଜ୍‌ରେ ୩୧ଟି ଗେଟ୍ ଖୋଲା ରହିଛି। ଅଖୁଆପଦାରେ ଜଳସ୍ତର ୧୮ ଅଗଷ୍ଟ ସକାଳେ ପ୍ରାୟ ୧୯.୫୫ ମିଟର ପିକ୍ କରିପାରେ। ସାଳନ୍ଦୀ ଓ କାଂଶବାଂଶର ଜଳସ୍ତର ବଢ଼ିଛି। ଏହା ତୁଳନାରେ ବ୍ରାହ୍ମଣୀରେ ବିପଦ କମ୍ ରହିଛି। ରେଙ୍ଗାଲିରେ ୩ଟି ଗେଟ୍ ଖୋଲା ରହିଥିବା ବେଳେ ସମଲ ବ୍ୟାରେଜ୍‌ରେ ୧୩ଟି ଗେଟ୍ ଖୋଲା ଅଛି। ତେବେ ତଳମୁଣ୍ଡରେ ପ୍ରଭାବ କମାଇବା ପାଇଁ ସମଲରୁ ଜଳ ଛାଡ଼ାକୁ ନିୟନ୍ତ୍ରଣ କରାଯାଉଛି। ତେଣୁ ବ୍ରାହ୍ମଣୀରେ ବର୍ତ୍ତମାନ ଗୁରୁତର ବନ୍ୟା ପରିସ୍ଥିତି ଆଶା କରାଯାଉନାହିଁ ବୋଲି ସେ କହିଛନ୍ତି। ବନ୍ୟା ସ୍ଥିତିକୁ ଦେଖିଲେ ପରବର୍ତ୍ତୀ ୧୨ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ରହିବ। ବର୍ଷା କମିଲେ ମଧ୍ୟ ଉପରମୁଣ୍ଡରୁ ଆସୁଥିବା ପାଣି ତଳମୁଣ୍ଡରେ ପହଞ୍ଚିବାକୁ ସମୟ ଲାଗିବ। ବୈତରଣୀରେ ଆସନ୍ନ ବଢୁଥିବା ପ୍ରବାହ, ଅଖୁଆପଦାରେ ସମ୍ଭାବ୍ୟ ୧୯.୫୫ ମିଟର ପିକ୍ ଏବଂ ଜଳକା-ସାଳନ୍ଦୀର ବିପଦ ସଂକେତ ଅତିକ୍ରମ ଆଦି ଉତ୍ତର ଓଡ଼ିଶାର ଚିନ୍ତା ବଢ଼ାଇଛି।

ଅନ୍ୟପଟେ ଏବେ ସକ୍ରିୟ ରହିଥିବା ଅବପାତ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରୁଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ପ୍ରଥମେ ଉତ୍ତର-ଉତ୍ତରପଶ୍ଚିମ ଏବଂ ପରେ ଉତ୍ତରପଶ୍ଚିମ ଦିଗକୁ ଗତି କରି ଗାଙ୍ଗେଟିକ୍ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାର ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ମଙ୍ଗଳବାର ୨ ଜିଲ୍ଲା ଅର୍ଥାତ୍ କେନ୍ଦୁଝର, ସୁନ୍ଦରଗଡ଼ ସମେତ ଝାଡ଼ଖଣ୍ଡ ସମୀନ୍ତ ଜିଲ୍ଲାଗୁଡ଼ିକରେ ବର୍ଷା ହୋଇପାରେ। ମଙ୍ଗଳବାର ଓଡ଼ିଶା ଉପକୂଳରେ ମେଘୁଆ ପାଗ ସହ ୪୫ରୁ ୫୫ କିମି ବେଗରେ ପବନ, ଏପରିକି ସର୍ବାଧିକ ୬୫ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ତେଣୁ ସମୁଦ୍ର ଅସାନ୍ତ ରହିବ। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଜୁନ୍ ୧ରୁ ଏଯାବତ ୯୭୪.୭ ମିମି ବର୍ଷା ହୋଇଥିବା ବେଳେ ଏହା ସ୍ୱାଭାବିକ ବର୍ଷାଠାରୁ ୨୮ ପ୍ରତିଶତ ଅଧିକ ରହିଛି। ଗତ ୨୪ ଘଣ୍ଟାରେ ଗୋଟିଏ ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହୋଇଥିବା ବେଳେ ୯ଟି ଜିଲ୍ଲାରେ ଅତି ପ୍ରବଳ ବର୍ଷା ଓ ୨୫ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ବାଲେଶ୍ୱର ଭୋଗରାଇରେ ସର୍ବାଧିକ ୨୧୭.୦ ମିମି ବର୍ଷା ରେକର୍ଡ କରାଯାଇଛି।

### ବନ୍ୟା ସ୍ଥିତି ଅନୁଧ୍ୟାନ...

ବ୍ଲକ୍‌ର ବିଭିନ୍ନ ବନ୍ୟାଞ୍ଚଳ ବୁଲି ପରିସ୍ଥିତି ଅନୁଧ୍ୟାନ କରିଥିବାବେଳେ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଈଶ୍ୱରପୁରସ୍ଥିତ ମା' ଦପାନୟକାଣି ନୋଡାଲ ହାଇସ୍କୁଲରେ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେଇ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାସବୁ ମରାମତି କରାଯିବ। ବନ୍ୟା ପରେ ତଦନ୍ତ କରାଯାଇ ପ୍ରକୃତ କ୍ଷତିଗ୍ରସ୍ତ ଲୋକମାନଙ୍କୁ ସରକାରୀ ନିୟମାନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି କହିବା ସହ ଧାନଚାଷରେ ହୋଇଥିବା କ୍ଷତିର ଆକଳନ କରାଯାଇ କ୍ଷତିପୂରଣ ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ସଅଳ କିସମର ଧାନ ବିହନ ଯୋଗାଇ ଦିଆଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଖରିଫ୍ ଧାନ ଚାଷ ପାଇଁ ଚାଷୀମାନେ କରିଥିବା କୃଷି ଋଣ ଛାଡ଼ ପାଇଁ ଦାବି କରିବା ସହ ରବି ଧାନ ଚାଷ ପାଇଁ ନୂଆ ଋଣ ଯୋଗାଇଦେବାକୁ ଦାବି ଜଣାଇଥିଲେ। ଚାଷୀଙ୍କ ଦାବି ଉପରେ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

ଏହି ଗସ୍ତ ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ସମେତ ବିଭିନ୍ନ ବିଭାଗର ରାଜ୍ୟ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବିଡିଓ, ତହସିଲଦାର ସମାଜସେବୀ, ବୁଦ୍ଧିଜୀବୀ, ସ୍ଥାନୀୟ ଲୋକପ୍ରତିନିଧି ଏବଂ ବହୁ ସଂଖ୍ୟାରେ ସାଧାରଣ ଜନତା ଉପସ୍ଥିତ ଥିଲେ।

### ବିଜେପିରେ ନିତିନଙ୍କ...

କରାଯାଇଛି। ଅମିତ ଦୀର୍ଘ ୧୧ ବର୍ଷ ଧରି ଏହି ପଦବୀରେ ଥିଲେ। ଅନୀଲ ବାଲୁନି ଦଳର ଗଣମାଧ୍ୟମ ସେଲ୍‌ର ମୁଖ୍ୟ ହୋଇରହିବେ। ତେବେ ଆଜିର ପୁନର୍ଗଠନରେ ଆଉ ଏକ ଉଲ୍ଲେଖନୀୟ କଥାଟି ହେଉଛି କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ରାଷ୍ଟ୍ରୀୟ କୋଷାଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ନବୀନଙ୍କ ଏହି ପଦକ୍ଷେପ ଆଗାମୀ ଦିନରେ ମୋଦୀ ମନ୍ତ୍ରିମଣ୍ଡଳରେ ଅଦଳବଦଳର ସୂଚନା ଦେଉଛି। ଆସନ୍ତା ବର୍ଷ ଆରମ୍ଭରେ ଉତ୍ତର ପ୍ରଦେଶ, ପଞ୍ଜାବ ଓ ଉତ୍ତରାଖଣ୍ଡରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଏଭଳି ଅଦବଦଳ କରାଯାଇଥିବା କୁହାଯାଉଛି।

ନବୀନଙ୍କ ଟିମ IIରେ ଅନେକ ବରିଷ୍ଠ ଚେହେରା ପ୍ରତ୍ୟାବର୍ତ୍ତନ କରିଥିବାବେଳେ କିଛି ନୂତନ ନେତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଉଛି। ବିଏଲ ସନ୍ତୋଷ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ (ସଂଗଠନ) ପଦ ବଜାୟ ରଖିଛନ୍ତି। ଆରଏସଏସ୍ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ରାମ ମାଧବ ଏବଂ ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତିରଥ ସିଂହ ରାୱତଙ୍କୁ ରାଷ୍ଟ୍ରୀୟ ଉପସଭାପତି ଭାବେ ଦାୟିତ୍ୱ ମିଳିଛି। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଏବଂ ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାର ଦେବଙ୍କୁ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ବସୁନ୍ଧରା ରାଜେ ସିନ୍ଧିଆ, ବୈଜୟନ୍ତ ପଣ୍ଡା, ରେଖା ବର୍ମା ଏବଂ ତାରିଖ ମାନସୁର ପୂର୍ବଭଳି ଉପସଭାପତି ପଦବୀ ବଜାୟ ରଖିଥିବାବେଳେ ବିନୋଦ ତାୱଡେ ଏବଂ ସୁନୀଲ ବଂଶଲ ପୁଣିଥରେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇବେ। କଂଗ୍ରେସ ନେତା ଏକେ ଆଣ୍ଟୋନୀଙ୍କ ପୁତ୍ର ଅନିଲ ଆଣ୍ଟୋନୀଙ୍କୁ ରାଷ୍ଟ୍ରୀୟ ସଂପାଦକ ଭାବେ ଦାୟିତ୍ୱ ଦିଆଯାଇଛି। ସେହିଭଳି ଓଡ଼ିଶାର ଅନ୍ୟତମ ସାଂସଦ ସଂବିତ ପାତ୍ରଙ୍କୁ ଉତ୍ତର ପୂର୍ବାଞ୍ଚଳର ସାଂଗଠନିକ ସଂଯୋଜକ କରାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ ନୂତନ ପଦାଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଦଳକୁ ଆହୁରି ମଜବୁତ କରିବା ଏବଂ 'ବିକଶିତ ଭାରତ' ଗଠନ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି।

### ମନ୍ଦିରରେ...

ହଜାର ହଜାର ଶ୍ରଦ୍ଧାଳୁ ଜଳାଭିଷେକ ପାଇଁ ଏକାଠି ହୋଇଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ହଠାତ୍ ଏକ ବିଦ୍ୟୁତ୍ ତାର ଛିଡ଼ି ପଡ଼ିବା ଏବଂ ଗହଳି ନିୟନ୍ତ୍ରଣ ପାଇଁ ତିଆରି ହୋଇଥିବା ବାଉଁଶ ବ୍ୟାରିକେଡ୍ ଭାଙ୍ଗିଯିବା ଯୋଗୁଁ ଲୋକଙ୍କ ଭିତରେ ଦୌଡ଼ାଦୌଡ଼ି ଓ ଅରାଜକତା ସୃଷ୍ଟି ହୋଇଥିଲା। ଲୋକେ ପରସ୍ପର ଉପରେ ମାଡି ଯିବାରୁ ଏହି ଦଳାଚକଟା ଘଟିଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲେ ହେଁ ଅପ୍ରତ୍ୟାଶିତ ଭିଡ଼ ଯୋଗୁଁ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଏହି ଦୁର୍ଘଟଣାରେ ବିହାରର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ନିତୀଶ କୁମାର ଗଭୀର ଶୋକ ପ୍ରକାଶ କରିଛନ୍ତି।

### ଦେଶରେ ଖାଦ୍ୟ...

ପୁରୁଣା ଯାନରେ ଇନ୍ଧନ ବ୍ୟବସ୍ଥାର ଯନ୍ତ୍ରାଂଶର ସ୍ଥାୟୀତ୍ୱ ନେଇ ମଧ୍ୟ ପ୍ରଶ୍ନ ଉଠିପାରେ। ସେହିପରି କାର୍ବୁରେଟର୍ ଭିତ୍ତିକ ପୁରୁଣା ଦୁଇଚକିଆ ଯାନ ଅଧିକ ଇଥାନଲ୍ ମିଶ୍ରିତ ପେଟ୍ରୋଲ୍ ସହ ଅନୁକୂଳ ହେବାରେ ସମସ୍ୟାର ସମ୍ମୁଖୀନ ହୋଇପାରେ। ଏଥିରେ ଇଞ୍ଜିନ୍ ଚାଲିବା, ଷ୍ଟାର୍ଟିଂ ଓ ଇନ୍ଧନ ଦକ୍ଷତା ଭଳି ବିଷୟ ପ୍ରଭାବିତ ହେବାର ଆଶଙ୍କା ରହିଥାଏ । ଏହା ଫଳରେ ଇ-୨୦ ନୀତିକୁ ନେଇ ଆଲୋଚନାରେ ପୁରୁଣା ଯାନ ମାଲିକଙ୍କ ସ୍ୱାର୍ଥ, ଯାନର ଇଞ୍ଜିନ୍ କମ୍ପାଟିବିଲିଟି ଓ ଅତିରିକ୍ତ ରକ୍ଷଣାବେକ୍ଷଣ ଖର୍ଚ୍ଚ ମଧ୍ୟ ଗୁରୁତ୍ୱ ପାଇବା ଆବଶ୍ୟକ ବୋଲି ସେ କହିଛନ୍ତି ।

ସମ୍ପ୍ରତି ଭାରତ ସରକାର ଦେଶରେ ଏଥାନଲ ମିଶ୍ରଣ କାର୍ଯ୍ୟକ୍ରମକୁ ଜୋରଦାର ଭାବେ ପ୍ରୋତ୍ସାହନ ଦେଉଛନ୍ତି। ପେଟ୍ରୋଲିୟମ ଆମଦାନି ଉପରେ ନିର୍ଭରଶୀଳତା କମାଇବା, ବିଦେଶୀ ମୁଦ୍ରା ସଞ୍ଚୟ କରିବା ଏବଂ ପରିବେଶ ପ୍ରଦୂଷଣ ହ୍ରାସ କରିବା ଏହାର ପ୍ରମୁଖ ଉଦ୍ଦେଶ୍ୟ ବୋଲି କୁହାଯାଉଛି । ଏହି ପରିପ୍ରେକ୍ଷୀରେ ନାଗେଶ୍ୱରନ ଇ-୨୦ ନୀତିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ବଦଳରେ ବିକଳ୍ପ ଆଧାରିତ ବ୍ୟବସ୍ଥା ପାଇଁ ମତ ଦେଇଛନ୍ତି। ନୂଆ ଏବଂ ଇ-୨୦ ଅନୁକୂଳ ଗାଡ଼ି ପାଇଁ ଇ-୨୦ ପେଟ୍ରୋଲ ବିକ୍ରି ଜାରି ରହୁ, କିନ୍ତୁ ପୁରୁଣା ଗାଡ଼ି ମାଲିକଙ୍କ ପାଇଁ ଇ-୧୦ କିଣିବାର ସୁଯୋଗ ରହୁ ବୋଲି ସେ ପ୍ରସ୍ତାବ ଦେଇଛନ୍ତି।

ଅପରପକ୍ଷରେ ଏହି ପ୍ରସଙ୍ଗରେ ସେ ଇ-୨୦ ପେଟ୍ରୋଲ ଦେଶରେ ଖାଦ୍ୟ ସଙ୍କଟ ସୃଷ୍ଟି କରିପାରେ ବୋଲି ଆଶଙ୍କା କରିଛନ୍ତି। ଭବିଷ୍ୟତରେ ଏଥାନଲ ମିଶ୍ରଣର ମାତ୍ରା ଆହୁରି ବଢ଼ିଲେ କୃଷି କ୍ଷେତ୍ର ଉପରେ ଅତିରିକ୍ତ ଚାପ ପଡ଼ିପାରେ। ଏଥାନଲ ଉତ୍ପାଦନ ପାଇଁ ଖାଦ୍ୟଶସ୍ୟ, ଆଖୁ, ଜମି ଏବଂ ଜଳର ଚାହିଦା ବଢ଼ିଲେ ଖାଦ୍ୟ ସୁରକ୍ଷା ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି। ତେଣୁ ଶକ୍ତି ସୁରକ୍ଷା ସହିତ ଖାଦ୍ୟ ସୁରକ୍ଷାର ସନ୍ତୁଳନ ରକ୍ଷା କରିବା ମଧ୍ୟ ଆବଶ୍ୟକ ବୋଲି ମତବ୍ୟକ୍ତ କରିଛନ୍ତି ।


OFFICE OF THE SUPERINTENDING ENGINEER, RWS&S DIVISION, BARAGADA
Infront of Government ITI, Baragada-768028
Ph-06646-233220 (O) 234626 (FAX)
E-mail:- eerwss_bgh@nic.in
eerwssbaragada@gmail.com
25001/944/2627

No. 2280 Date 14/08/2026

GOVERNMENT OF ODISHA "e" PROCUREMENT NOTICE
Bid Identification No 01 Dt of 2026-27

The Superintending Engineer, RWS&S Division, Baragada on behalf of the Governor of Odisha invites tenders from the valid licensed holder contractors of class 'C' or 'B' registered with any department of State Government or equivalent class of Central Govt.etc. to be eventually drawn up in P1 Contract Form for the below work as per terms and condition noted below.

1. **Name of the work:** I) Construction of RWS&S Section office, Sohela under RWS&S Division Baragada and II) Construction of RWS&S Section office, Bijepur under RWS&S Division Baragada.
2. **Approx. Estimated cost:** - Rs 33.15 lakhs & Rs.34.09 lakhs respectively.
3. **Date and time of availability of document in the portal** :- Dt 20.08.2026 to Dt 07.09.2026 up to 5.00 P.M
4. **Last date/ time for receipt of bids in the portal** :- Dt 07.09.2026 up to 5.00 P.M
5. **Date & time of Opening of Tender:** - Dt 08.09.2026 at 11.00 A.M.
6. **Name and address of the Officer Inviting Bid** :- Superintending Engineer, RWS&S Division, Baragada, District :- Baragada

Further details can be seen from the e-procurement portal "http//tendersorissa.gov.in".
The authority reserves the right to reject any or all the tenders without assigning any reason thereof.

OIPR-25001/25018/1/26-27/0005

Superintending Engineer,
RWS&S Division, Baragada



Contact: +91 7752017536
MAHATMA GANDHI SCIENCE HIGHER SECONDARY SCHOOL, KHARIAR
COLLEGE ROAD, KHARIAR, DIST: NUAPADA, PIN: 766107
E-Mail: mgsckhariar@gmail.com | Website: www.Mahatmagandhicollege.in

TEACHING STAFF REQUIRED

A Walk-in-interview will be conducted in the **Mahatma Gandhi Science Higher Secondary School** on **21st August 2026 (Friday) at 10:00 AM** for the following posts. Interested candidates fulfilling the qualification may appear for interview along with Original Marksheet(s)/Certificate (for verification only), a recent passport size photograph & Resume. Minimum Qualification must be as mentioned below with **min 55% marks** and **min 2 Years' Experience** in the relevant subject may attend the interview.

| Subject | Qualification | Experience (Minm) | Interview Date |
|---|---|---|---|
| English | MA with min 55% Marks | Minm 2 Years in the relevant subject | 21st August 2026 (Friday) at 10:00 AM |
| Zoology | MSc with min 55% Marks | Minm 2 Years in the relevant subject | |
| Maths | MSc with min 55% Marks | Minm 2 Years in the relevant subject | |

Send Resume: mgsckhariar@gmail.com
Contact Us: +91 9437625140, 9668868053

# ଲଗାଣ ବର୍ଷାରେ ଭୋଗରାଇ ବେହାଲ, ବିଭିନ୍ନ ଗାଁ ଜଳମଗ୍ନ




**ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର,୧୭।୮ (ସମିସ)**

ସୁବର୍ଣ୍ଣରେଖାରେ ଚଳିତ ବର୍ଷର ପ୍ରଥମ ବନ୍ୟା ଆସି ଯେତିକି ଦୁଃଖ ଦେଇନାହିଁ, ଭୋଗରାଇବାସୀଙ୍କ ପାଇଁ ତାଠୁ ବହୁ ଅଧିକ ଦୁର୍ଦ୍ଦଶା ସୃଷ୍ଟି କରିଛି ଲଗାଣ ବର୍ଷା । ଗତ ୨୪ ଘଣ୍ଟା ମଧ୍ୟରେ ଭୋଗରାଇରେ ଅଭୂତପୂର୍ବ ଭାବେ ୨୬୭ମିମି ବର୍ଷା ରେକର୍ଡ ହୋଇଛି । ତେଣୁ ୫୦ଟି ଯାକ ପଞ୍ଚାୟତରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ବନ୍ୟା ଓ ବର୍ଷା ପାଣିରେ ବିଲବାଡ଼ି, ରାସ୍ତାଘାଟ ବୁଡ଼ି ଯାଇଥିବା ବେଳେ ବହୁ ଗାଁରେ ଲୋକଙ୍କ ଘରେ ମଧ୍ୟ ପାଣି ପଶିଛି । କିଛି ଲୋକଙ୍କ ଘର ଭାଙ୍ଗିଛି ଏବଂ ବହୁ ଘର ବିପଦସଙ୍କୁଳ ଅବସ୍ଥାରେ ଅଛି । ୧୦୦ ପ୍ରତିଶତ ଜମିରେ ତଳି ନଷ୍ଟ ହୋଇଥିବା ବେଳେ ରୁଆ ଧାନ ଚାଷ ମଧ୍ୟ ସମ୍ପୂର୍ଣ୍ଣ ଧୋଇ ଯାଇଛି । ବନ୍ୟା ଏବଂ ପଶ୍ଚିମବଙ୍ଗରୁ ଆସୁଥିବା ଉଦବୃତ୍ତ ବର୍ଷା ଜଳ ଯୋଗୁଁ ଭୋଗରାଇର ପ୍ରାୟ ୧୪ଟି ପଞ୍ଚାୟତ ଏବେ ପାଣି ଘେରରେ ରହିଛି । ପାଣି ନିଷ୍କାସନର ପାରମ୍ପରିକ ପଥ ବିଭିନ୍ନ ସ୍ଥାନରେ ଅବରୋଧ ହୋଇଥିବାରୁ ବର୍ଷାଜଳ ସ୍ୱାଭାବିକ ଭାବେ ବାହାରି ନପାରି ଗାଁ ଭିତରେ ଜମି ରହିଛି । ବର୍ଷା ବଢ଼ିବା ସହ ଅନେକ ଗାଁରେ ପାଣିର ସ୍ତର ମଧ୍ୟ ବଢ଼ିଚାଲିଛି । କେତେକ ସ୍ଥାନରେ ଘର ଚାରିପାଖରେ ଅଣ୍ଟାଏରୁ ଅଧିକ ପାଣି ଜମିଥିବା ବେଳେ ଘର ଭିତରକୁ ପାଣି ପଶିବା ଆଶଙ୍କା ଦେଖାଦେଇଛି । ପାଣି ଘର ଚାରିପାଖରେ ଜମି ରହିବା ସହ କେତେକ ପରିବାରଙ୍କ ରୋଷେଇ ଘର ଓ ଚୁଲି ନିକଟରେ ମଧ୍ୟ ପାଣି ପଶିଯାଇଛି । ଫଳରେ ରୋଷେଇ କରିବା ମଧ୍ୟ କଷ୍ଟକର ହୋଇପଡ଼ିଛି । ଅପରପକ୍ଷରେ ସୁବର୍ଣ୍ଣରେଖା ନଦୀର ରାଜଘାଟ ଠାରେ ସନ୍ଧ୍ୟା ସୁଦ୍ଧା ଜଳସ୍ତର ବିପଦ ସଙ୍କେତ ତଳେ ପ୍ରବାହିତ ହେଉଥିଲେ ମଧ୍ୟ ନଦୀର ତଳ ମୁଣ୍ଡରେ ଥିବା ଭୋଗରାଇ ଓ ବାଲିଆପାଳ ବ୍ଲକର ବହୁ ଗ୍ରାମରେ ବନ୍ୟା ଜଳ ପ୍ରବେଶ କରିଛି । ଭୋଗରାଇ ବ୍ଲକ ନହରା ପଞ୍ଚାୟତ ର ମୁଣ୍ଡମାରୀ, କଣ୍ଟା।ଲିଆ, ମଧାନବାଡ଼ିଆ,ବଡ଼ ମନ୍ଦାରୁଣୀ,ନାଚିନ୍ଦ ପଞ୍ଚାୟତ ର ମହମ୍ମଦପୁର,ଜଳଧା, ନାଚିନ୍ଦ, ରଘୁଚକ, ଖରିଦ ଚକ,ନିଶ୍ଚିନ୍ତାଡିହା, କୁସୁଡ଼ା ପଞ୍ଚାୟତ ର ଗୁଜଡିହା,ଚକ ଗୁଜଡିହା,ଗବଗାଁ ପଞ୍ଚାୟତର ଗବବାଟି,ଚିରକୁଲା, ନୀଳପୁରା, ଆରୁହାବୃତ୍ତି ପଞ୍ଚାୟତ ର ମନ୍ଦୁନରନ, ବାରବାଟିଆ, କୁମ୍ଭୀର ଗଡ଼ ପଞ୍ଚାୟତ ର କୁମ୍ଭୀରଗଡ଼ି, ଅଡଙ୍ଗ ପନ୍ତେଇ, କୁହା, ଖଳା ବାଡ଼ିଆ, ବାଉଁଶଖଣ୍ଡା, କୁମ୍ଭୀରଗଡ଼ି ଗାଁ ରେ ବନ୍ୟା ଜଳ ପଶିଛି । ଚାଷ ଜମି ରେ ବନ୍ୟା ପାଣି ଲହଡ଼ି ଭାଙ୍ଗୁଛି । ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର ହୋଇଥିବା ବିପନ୍ନ ମାନଙ୍କୁ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ, ପାନୀୟ ଜଳ ଯୋଗାଇ ଯାଉଛି ।ଏହି ପରିପ୍ରେକ୍ଷୀରେ ଆଜି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଡଙ୍ଗା ସାହାଯ୍ୟରେ ବନ୍ୟା ଜଳ ଘେରରେ ଥିବା ବିଭିନ୍ନ ଗ୍ରାମକୁ ଯାଇ ବିପନ୍ନଙ୍କୁ ଭେଟିଛନ୍ତି । ତୁରନ୍ତ ଜଳ ନିଷ୍କାସନ ପ୍ରକ୍ରିୟା ଆରମ୍ଭ କରିବା ସହିତ, ଚାଷୀଙ୍କୁ କ୍ଷତିପୂରଣ ଓ ପ୍ରଭାବିତ ଲୋକଙ୍କୁ ରିଲିଫ ଯୋଗାଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, କୃଷି ମନ୍ତ୍ରୀ ଓ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ଇ-ମେଲ୍ ଯୋଗେ ସବୁ ବିଷୟ ଅବଗତ କରିବା ସହିତ ଦୃଢ଼ ଦାବି ଜଣାଇଛନ୍ତି ।

## ରକ୍ତଦାନ ଶିବିର; ୭୪ ୟୁନିଟ୍ ସଂଗୃହୀତ

**ଜଳେଶ୍ୱର ବ୍ଲକ, ୧୭।୮ (ସମିସ):** ଦେଶର ୮୦ତମ ସ୍ୱାଧୀନତା ଦିବସ ଅବସରରେ ଲାୟନ୍ସ କ୍ଲବ୍ ଜଳେଶ୍ୱର ଏବଂ ରାଜ ଇଲେକ୍ଟ୍ରୋନିକ୍ସ ପ୍ଲାଜାର ମିଳିତ ଆନୁକୂଲ୍ୟରେ ରାଜ ଇଲେକ୍ଟ୍ରୋନିକ୍ସ ପ୍ଲାଜା ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ମୋଟ ୭୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଏହି ରକ୍ତଦାନ ଶିବିରକୁ ଜଳେଶ୍ୱର ପୌରପାଳିକାର ଅଧ୍ୟକ୍ଷ ପ୍ରଦିପ କୁମାର ପ୍ରଧାନ ଉଦଘାଟନ କରିଥିଲେ । ଲାୟନ୍ସ କ୍ଲବ୍ ଜଳେଶ୍ୱରର ସଭାପତି ଲାୟନ୍ ପ୍ରଶାନ୍ତ ପ୍ରଧାନ, ସମ୍ପାଦକ ଲାୟନ୍ ଶେଖ ସାବିର ଏବଂ କୋଷାଧ୍ୟକ୍ଷ ଲାୟନ୍ କପିଳେଶ୍ୱର ମହାନ୍ତିଙ୍କ ସହ ଲାୟନ୍ ବିନୋଦ କୁମାର ସାହୁ, ଲାୟନ୍ ସତ୍ୟନାରାୟଣ ମହାପାତ୍ର, ଲାୟନ୍ ମୁରଲୀଧର ଲଡ୍ଡା, ଲାୟନ୍ ଗୋପାଳ କଟାଲ, ଲାୟନ୍ ଗୋପବନ୍ଧୁ ମିଶ୍ର, ଲାୟନ୍ ବାପେନ୍ଦୁ କର, ଲାୟନ୍ ଗୌତମ ପ୍ରଧାନ, ଲାୟନ୍ ରବି ନାରାୟଣ ଦାସ, ଲାୟନ୍ ବିବେକ ଜୈନ, ଲାୟନ୍ ଶେଖ ଆବେଦିନ୍ ସହଯୋଗ କରିଥିଲେ । ରାଜ ଇଲେକ୍ଟ୍ରୋନିକ୍ସ ପ୍ଲାଜା ପକ୍ଷରୁ ଲାୟନ୍ ଗିରିଜା ଶଙ୍କର ଦାସ (ଡାଇରେକ୍ଟର), ସନ୍ଦୀପ ମାଇତି (ମ୍ୟାନେଜର)ଙ୍କ ସମେତ ବିଷ୍ଣୁପଦ ସିଂହ, ଗୌତମ ପାତ୍ର, ସ୍ୱରୂପ ଦାସ ଏବଂ ଲଳିତ ରଣା ପ୍ରମୁଖ ରକ୍ତଦାନ ଶିବିରର ସୁଚାରୁ ପରିଚାଳନାରେ ସହଯୋଗ କରିଥିଲେ ।

## ଟିପିଏନଓଡିଏଲ ଅଧିନରେ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀଙ୍କ ସଂଗଠନ ପାୱାର ଏମ୍ପ୍ଲଏଜ୍ ୟୁନିଅନ୍‌ର ନୂତନ କର୍ମକର୍ତ୍ତା ନିର୍ବାଚନ



**ବାଲେଶ୍ୱର,୧୭।୮ (ସମିସ):** ଉତ୍ତର ଓଡିଶାରେ ବିଦ୍ୟୁତ ବିତରଣ କମ୍ପାନୀ ଟିପିଏନଓଡିଏଲ ଅଧିନରେ ଶ୍ରମିକ ଓ କର୍ମଚାରୀଙ୍କୁ ନେଇ ପରିଚାଳିତ ସଂଗଠନ ନେସ୍କୋ ପାୱାର ଏମ୍ପ୍ଲଏଜ୍ ୟୁନିଅନ୍‌ର ସାଧାରଣ ସଭା ଓ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଜଗଦୀଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଟାଟା ପାୱାର ଅଧିନରେ କାର୍ଯ୍ୟ କରୁଥିବା ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର ଓ କେଉଁଝର ଜିଲ୍ଲାର ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ପ୍ରତିନିଧି ଏହି ସଭାରେ ଯୋଗ ଦେଇଥିଲେ । ସଂଘର ଉପଦେଷ୍ଟା ତଥା ଏଆଇଟିୟୁସିର ରାଜ୍ୟ ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀ ଯୋଗ ଦେଇ ବିଦ୍ୟୁତ୍ ଶ୍ରମିକମାନଙ୍କ ନ୍ୟାଯ୍ୟ ଦାବି ସହ ବିଦ୍ୟୁତ୍ ଗ୍ରାହକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଜଗଦୀଶ ଚନ୍ଦ୍ର ବେହେରା ମୁଖ୍ୟ ଉପଦେଷ୍ଟା, ଗୌରାଙ୍ଗ ପାଣିଗ୍ରାହୀ ଓ ଜ୍ଞାନବନ୍ଧୁ ମହାନ୍ତିଙ୍କୁ ଉପଦେଷ୍ଟା ଏବଂ ମନୋଜ କୁମାର ନାୟକଙ୍କୁ ଆଇନ ପରାମର୍ଶଦାତା ଭାବେ ମନୋନିତ କରାଯାଇଥିବା ବେଳେ ଆଉଟସୋର୍ସିଂ ବିଭାଗ କାର୍ଯ୍ୟକାରୀ ସଭାପତି, ଅକ୍ଷୟ କୁମାର ଜେନା, ଆଶୀଷ କୁମାର ଜେନା, ପୂର୍ଣ୍ଣେନ୍ଦ୍ର ଚୌଧୁରୀ ଓ କାର୍ତ୍ତିକେଶ୍ୱର ପାଣ୍ଡବ ଉପସଭାପତି, ରବୀନ୍ଦ୍ରନାଥ ବେରା ସାଧାରଣ ସଂପାଦକ, ପଙ୍କଜ କୁମାର ଜେନା ଡେପୁଟି ସାଧାରଣ ସଂପାଦକ, ସପନ କୁମାର ଦାସ, ଘନଶ୍ୟାମ ରାଉତ, ଭରତ ଚନ୍ଦ୍ର ସେଠୀ, ମଲୟ ସ ଓ ଅଶ୍ୱିନୀ କୁମାର ପଣ୍ଡା ସହ ସାଧାରଣ ସଂପାଦକ, ସୁଶାନ୍ତ ଖୁଣ୍ଟିଆଙ୍କୁ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଥିଲା । କାର୍ଯ୍ୟକାରୀ ସଭାପତି ସେପର୍ଯ୍ୟନ୍ତ ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିବେ । ସଭା ଶେଷରେ ବିଜନ କୁମାର ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ଭାରତୀୟ ମଜଦୁର ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ




**ବାଲେଶ୍ୱର,୧୭।୮ (ସମିସ):** ଭାରତୀୟ ମଜଦୁର ସଂଘ ୧୬୧ତମ କେନ୍ଦ୍ରୀୟ କମିଟିର ନିଷ୍ପତ୍ତି ଅନୁଯାୟୀ ଭାରତୀୟ ମଜଦୁର ସଂଘ ସର୍ବଭାରତୀୟ ସ୍ତରରେ ଭାରତର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଦେଶ ବ୍ୟାପୀ ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଦାନ କରିବା ପରିପେକ୍ଷୀରେ ଆଜି ବାଲେଶ୍ୱର ଜିଲ୍ଲା ତରଫରୁ ଏକ ଶୋଭାଯାତ୍ରା ଜିଲ୍ଲା ସମ୍ପାଦକ ଅରୂପ କୁମାର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହେଇଯାଇଛି । ସକାଳେ ରେଳ ଷ୍ଟେସନ୍ ନିକଟରୁ ଏକ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଭାରତୀୟ ମଜଦୁର ସଂଘର ପୂର୍ବ କ୍ଷେତ୍ର ସଂଗଠନ ସମ୍ପାଦନ ପୃଥ୍ୱୀରାଜ ପଣ୍ଡା ଏକ ଦିବସୀୟ ପ୍ରତିବାଦ ସଭାରେ ଉପସ୍ଥିତ ରହି ପ୍ରତିବାଦର ମୂଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଇ.ଏସ.ଆଇ.ସି ଦରମା ସୀମାକୁ ୨୧ଶହ ରୁ ୪୨ଶହକୁ ବୃଦ୍ଧି କରିବା, ଇ.ପି. ଏଫ. ନ୍ୟୁନତମ ପେନସନକୁ ଏକ ହଜାରରୁ ସାତ ହଜାର ୫ଶହକୁ ବୃଦ୍ଧି କରିବା, ଦରମା ସୀମାକୁ ୩୦ ହଜାର କରିବା, ବୋନସ ଗଣନା ସୀମାକୁ ୧୮ ହଜାର କରିବା, ବୋନସ ଯୋଗ୍ୟତା ସୀମାକୁ ୪୨ହଜାର କରିବା, ସ୍କିମ୍ ଶ୍ରମିକ (ଅଙ୍ଗନୱାଡି, ଆଶା ଇତ୍ୟାଦି) ମାନଙ୍କ ମାନଦେୟ ବୃଦ୍ଧି, ଚୁକ୍ତିଭିତ୍ତିକ ଶ୍ରମିକଙ୍କୁ ସମାନ କାମ କୁ ସମାନ ଦରମା ସୁନିଶ୍ଚିତ କରିବା, ଶ୍ରମ ଆଇନରୁ ଶ୍ରମିକ ବିରୋଧୀ ଧାରାଗୁଡ଼ିକୁ ବିଲୋପ କରିବା, ବ୍ୟାଙ୍କ କର୍ମଚାରୀ ମାନଙ୍କ ପାଇଁ ପାଞ୍ଚ ଦିନିଆ କାର୍ଯ୍ୟ ସପ୍ତାହ ଲାଗୁକରିବା, ଗ୍ରାଚୁଇଟି ସୀମାକୁ ୪୦ଲକ୍ଷ କୁ ବୃଦ୍ଧି କରିବା, କେନ୍ଦ୍ରୀୟ ନ୍ୟୁନତମ ଦରମାକୁ ୩୦ହଜାର ପ୍ରତିମାସ ନିର୍ଦ୍ଧାରଣ କରିବା ଓ ଜୀବନ ବୀମା ନିଗମରେ କାର୍ଯ୍ୟରତ ଡେଭଲପମେଣ୍ଟ ଅଫିସରମାନଙ୍କ ପାଇଁ ପୂର୍ଣ୍ଣ ଚାକିରି ସୁରକ୍ଷା ଦେବା ଆଦି ଅନ୍ତର୍ଭୁକ୍ତ । ଓଡିଶା ରେ ଥିବା ଲକ୍ଷାଧିକ ଅସଂଗଠିତ କ୍ଷେତ୍ର ରେ କାମ କରୁଥିବା ଶ୍ରମିକମାନଙ୍କୁ ଚିହ୍ନଟ କରାଯାଇ ସାମାଜିକ ସୁରାକ୍ଷା ପ୍ରଦାନ କରାଯାଉ ବୋଲି କୁହା ଯାଇଛି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ହିମାଂଶୁ ବେରା, ସୀତା ଦାସ, ଶକୁନ୍ତଳା ଗୋଛାୟତ, ଜାନକୀ ରାଉଳ, ଅପଣା ପ୍ରଧାନ, ଭାରତୀ ସ, ଉତ୍ତମ କୁମାର ପ୍ରଧାନ, ଉମାକାନ୍ତ ପଢିହାରି, ଶିବନାରାୟଣ ଗିରି, ପ୍ରମୋଦ ଦାସ, ରିନାରାଣୀ ଜେନା, ନିରଞ୍ଜନ ସିଂ ପ୍ରମୁଖ ସହଯୋଗ କରିଥିଲେ ।

## ସ୍ୱାଧୀନତା ଦିବସ ପାଳିତ



**ବାଲେଶ୍ୱର,୧୭।୮ (ସମିସ):** ରାଣୀପାଟଣା ଦୃଷ୍ଟିହୀନ ଓ ମସ୍ତିଷ୍କ ପକ୍ଷାଘାତ ନିମନ୍ତେ ବିଦ୍ୟାଳୟରେ ସ୍ୱାଧୀନତାଦିବସପାଳିତହୋଇଯାଇଛି । ଉପଜିଲ୍ଲାପାଳ ଶିବ ମାଲବ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବାସହ ସ୍ୱାଧୀନତା ଦିବସ ପାଳନ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅଭିଭାଷଣ ରଖିଥିଲେ । ଅନୁଷ୍ଠାନ ନିର୍ଦ୍ଦେଶକ ଦିବାକର ସ ଧନ୍ୟବାଦ ଜଣାଇଥିଲେ ।

ଶିକ୍ଷାମାର୍ଗ ଦୁର୍ଗାପୂଜା କମିଟି : ରେମୁଣା ବଜାର ଶିକ୍ଷାମାର୍ଗ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ କମିଟିର ସଭାପତି ବରିଷ୍ଠ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀଙ୍କ ପୌରହିତ୍ୟରେ ୮୦ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ରେମୁଣା ଏନଏସିର ଉପାଧ୍ୟକ୍ଷା ଆୟେସନ ଖାଁ, ସମ୍ମାନିତ ଅତିଥି ଭାବେ ରେମୁଣା ବଜାର ବଣିକ ସଂଘର ଉପସଭାପତି ଗୌରାଙ୍ଗ ଚରଣ ଦାସ, ମୁଖ୍ୟ ବକ୍ତା ଭାବେ ସମାଜ ସେବୀ ଅମୀୟ କୁମାର ମହାନ୍ତି ଯୋଗ ଦେଇଥିଲେ ।

ରେମୁଣା ବରିଷ୍ଠ ନାଗରିକ ମଞ୍ଚ : ରେମୁଣା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ନିଆରା ଢଙ୍ଗରେ ୮୦ ତମ ସ୍ୱାଧୀନତା ଦିବସ ମଞ୍ଚର ସଭାପତି ପ୍ରଶାନ୍ତ କୁମାର ବରାଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ଶିକ୍ଷାବିତ ଅବନୀ ଚରଣ ପ୍ରଧାନ, ଅବସର ପ୍ରାପ୍ତ ଶିକ୍ଷାଧିକାରୀ ଜଳଧର ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ତ୍ରିରଙ୍ଗା ଜାତୀୟ ପତାକା ଉତ୍ତୋଳନ କରିଥିଲେ । ମଞ୍ଚର ସମ୍ପାଦକ ନିରଞ୍ଜନ ମହାରଣା ଧନ୍ୟବାଦ ଦେଇଥିଲେ ।

**ଗାନ୍ଧୀ ପାଠଶାଳା:** ରେମୁଣା ବ୍ଲକ ଦହପଡା ପଞ୍ଚାୟତର ଗମ୍ଭାରିଆ ଶ୍ରମିକ ବସ୍ତିରେ ଗଢିଉଠିଥିବା ଗାନ୍ଧୀ ପାଠଶାଳା ପରିସରରେ ୮୦ ତମ ସ୍ୱାଧୀନତା ଦିବସ ଗ୍ରାମ୍ୟ ପୁନର୍ଗଠନ ଟ୍ରଷ୍ଟର ସଭାପତି ଚକ୍ରଧର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ବରିଷ୍ଠ ଉପଦେଷ୍ଟା ଜିତେନ୍ କୁମାର ଘୋଷାଲଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ହେବା ସଙ୍ଗେ ସଙ୍ଗେ ଟ୍ରଷ୍ଟର ସମ୍ପାଦକ ଡାକ୍ତର ଦେବଦତ୍ତ ରଣା, ବରିଷ୍ଠ ଟ୍ରଷ୍ଟି ଗାନ୍ଧିବାଦୀ ନାମଦେବ କମିଲା ସ୍ୱାଧୀନତା ସଂଗ୍ରାମର ଇତିବୃତ୍ତି ସ୍ମୃତି ଚାରଣ କରିଥିଲେ ।

**ନୀଳଗିରି:** ନୀଳଗିରି ବ୍ଲକ ଅଧିନ ନରସିଂପୁର ପଞ୍ଚାୟତର ତିନଦେଶ ଠାରେ ଆଡିଆଖୁଣ୍ଟା, ବଇଁଚା, ପଳାଶବଣି, ପୁରୁଣାଗାଁ ସହିତ ତିଦେଶର ଗ୍ରାମର କିଛି ଗ୍ରାମବାସୀ ଏକତ୍ରିତ ହୋଇ ନିଆରା ଢଙ୍ଗରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ମନୋରଞ୍ଜନ ନାୟକ, ବସନ୍ତ ବେହେରା, ମନୋରଞ୍ଜନ ପାତ୍ର, ଉଗ୍ରସେନ ଦାସ, ଗୌରହରି ପାତ୍ର, ବନମାଳି ସିଂ, ହରେକୃଷ୍ଣ ବାଗ, ପ୍ରତାପ କୁମାର ମହାନ୍ତି, ସୁକଦେବ ସିଂ, ବସନ୍ତ ଦେଉରୀ, ଅନିମା ମଲ୍ଲିକ, ଚେମା ମଳିକ, ବୁଲୁ ମଳିକ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, କାର୍ତ୍ତିକ ସିଂ, ବିରକିଶୋର ଦାଶ, ହରିମୋହନ ମହାନ୍ତି, ବିନାୟକ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

### ବନ୍ୟା ପାଣିରେ ଜୀବନ ସହ ସଂଘର୍ଷ

## ଅସୁସ୍ଥ ମହିଳାଙ୍କୁ ଖଟିଆରେ ବୋହିଲେ ପରିବାର ଲୋକ



**ବାଲେଶ୍ୱର,୧୭।୮ (ସମିସ):** ବନ୍ୟା ପାଣି ପ୍ରବେଶ କରିବା ପରେ କିଛି ଅଞ୍ଚଳରେ ବନ୍ୟା ପାଣିରେ ଜୀବନ ସହ ସଂଘର୍ଷ କରୁଛନ୍ତି ଲୋକେ । ସେହିପରି ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅଧୀନ ଖିରଙ୍ଗ ଗ୍ରାମ ଜଳବନ୍ଦୀ ଅବସ୍ଥାରେ ରହିଛି । ଗ୍ରାମର ଚାରିପାଖ ବନ୍ୟା ପାଣିରେ ଘେରି ହୋଇଯିବା ସହ ଯାତାୟାତ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇପଡିଛି । ଏଭଳି ସମୟରେ ଜଣେ ଅସୁସ୍ଥ ବିଧବା ମହିଳାଙ୍କୁ ଚିକିତ୍ସା ପାଇଁ ନେବାକୁ ପରିବାର ଲୋକେ ବନ୍ୟା ପାଣିରେ ଖଟିଆରେ ବୋହିଥିବା ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଖିରଙ୍ଗ ଗ୍ରାମର ୫୬ ବର୍ଷୀୟା ବିଧବା ଗୋଲକା ମଣି ବେହେରା ହଠାତ୍ ଅସୁସ୍ଥ ହୋଇପଡିଥିଲେ । ଗ୍ରାମର ସମସ୍ତ ରାସ୍ତା ବନ୍ୟା ପାଣିରେ ବୁଡି ଯାଇଥିବାରୁ ଗାଡି ଯୋଗେ ତାଙ୍କୁ ଡାକ୍ତରଖାନା ନେବା ସମ୍ଭବ ହୋଇନଥିଲା । ଏପରିକି ଗ୍ରାମକୁ ସଂଯୋଗ କରୁଥିବା ଚଟାଣ ରାସ୍ତାରେ ମଧ୍ୟ ଛାତିଏ ପର୍ଯ୍ୟନ୍ତ ପାଣି ରହିଥିଲା । ପରିବାର ଲୋକେ ଶ୍ରୀରାମପୁର ପଞ୍ଚାୟତ ସରପଞ୍ଚଙ୍କୁ ଯୋଗାଯୋଗ କରି ଏନଡିଆରଏଫ ସହାୟତା ଲୋଡିଥିଲେ । କିନ୍ତୁ ତୁରନ୍ତ ସହାୟତା ନ ମିଳିବାରୁ ଶେଷରେ ଗୋଲକା ମଣିଙ୍କ ପୁଅ ଓ ନାତିମାନେ ତାଙ୍କୁ ଏକ ଖଟିଆରେ ଶୁଆଇ ପ୍ରାୟ ୧ କିଲୋମିଟର ବନ୍ୟା ପାଣି ମଧ୍ୟରେ ବୋହି ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ନେଇଥିଲେ । ସେଠାରୁ ତାଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇ ଚିକିତ୍ସା କରାଯାଇଛି ।

## ମାଛ ଧରିବାକୁ ଯାଇ ବୁଡ଼ିଗଲେ ଯୁବକ

**ରେମୁଣା, ୧୭।୮ (ସମିସ):** ରେମୁଣା ବ୍ଲକ ଅନ୍ତର୍ଗତ ଗଣ୍ଡର୍ଦ୍ଧା ପଞ୍ଚାୟତରେ ମାଛ ଧରିବାକୁ ଯାଇ ଯୁବକ ଜଣକ ବୁଡି ଯାଇଥିବାର ଘଟଣା ସାମ୍ନାକୁ ଆସିଛି । ଗଣ୍ଡର୍ଦ୍ଧା ଗ୍ରାମର ମନୋରଞ୍ଜନ ରାଉତଙ୍କ ଓ ପଙ୍କଜ (୩୧) ମହନବାଙ୍କ ପୋଲୋ ଠାରେ ସେ ପାଣି ଭିତରକୁ ଗଳି ପଡିଥିଲା । ଉକ୍ତ ପୋଲୋ ପାଇଁ ଆବଶ୍ୟକ ହେଉଥିବା ମାଟି ସେଇ ପୋଲୋ ପାଶ୍ୱର୍ରୁ ବିଭିନ୍ନ ଜାଗାରେ ୧୫ ଫୁଟ ଉର୍ଦ୍ଧ ମେସିନ ଦ୍ୱାରା ଖୋଳାଯାଇ କାମରେ ନିୟୋଜିତ କରାଯାଇଥିଲା । ହେଲେ ସେଇ ଗାତ ମାନଙ୍କୁ ପୋତା ଯାଇ ନ ଥିବାରୁ ଏହି ଦୁର୍ଘଟଣା ଘଟିଥିଲା । ପରେ ସେହି ପାଖ ଅଞ୍ଚଳରେ ମାଛ ଧରୁଥିବା ଯୁବକମାନେ ଆସି ତାଙ୍କୁ ଉଦ୍ଧାର କରିଥିଲେ । ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେବାରୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ସଦର ଥାନା ଅଧୀନ ହଳଦୀପଦା ଫାଣ୍ଡି ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ସୂଚନା ମିଳିଛି ।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ରାଜଘାଟ, ୧୭।୮ (ସମିସ):** ବିଦ୍ୟୁତ ତାର ମରାମତି କରୁଥିବା ସମୟରେ ସାମାନ୍ୟ ଅସାବଧାନତାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ଜଳେଶ୍ୱର ବ୍ଲକ ପଞ୍ଚୁଘଣ୍ଟା ଗ୍ରାମର ପ୍ରଫୁଲ୍ଲ ପ୍ରଧାନଙ୍କ ପୁଅ ସଞ୍ଜୟ କୁମାର ପ୍ରଧାନ(୩୫) ଦୀର୍ଘ ୧୦ ବର୍ଷ ଧରି ବସ୍ତା ବ୍ଲକ ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ ଚାଲନ୍ତି ଗ୍ରାମରେ ନିଜ ଶଶୁର ଘରେ ରହିଆସୁଥିଲେ । ଗତ ଶନିବାର ମଧ୍ୟାହ୍ନ ୨ଟା ସମୟରେ ପାଖ ବଜାରର ଏକ ଦୋକାନରେ ବିଦ୍ୟୁତ ମରାମତି କାର୍ଯ୍ୟ କରୁଥିଲେ । ଏହି ସମୟରେ ହଠାତ୍ ଖୋଲା ତାର ତାଙ୍କ ଶରୀରରେ ଲାଗି ବିଦ୍ୟୁତ ପ୍ରବାହ ହୋଇଥିଲା ଫଳରେ ସେ ଅଚେତ ହୋଇ ଯାଇଥିଲେ । ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ଖବର ପାଇ ବସ୍ତା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି । ମୃତ ସଞ୍ଜୟଙ୍କ ଦୁଇଜଣ ଝିଅ ଅଛନ୍ତି ।ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ ତେଣୁ ତାଙ୍କ ପରିବାରକୁ ଯଥା ଶୀଘ୍ର ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଏସ୍‌ଆଇଆର ଖୋଲିଲା ଶିକ୍ଷକ ନିଯୁକ୍ତି ଜାଲିଆତିର ଗୁମର !

**ବାଲେଶ୍ୱର ସଦର, ୧୭।୮ (ସମିସ)**

ବାଲେଶ୍ୱର ଜିଲ୍ଲାରେ ଦିନକୁ ଦିନ ନକଲି ସାର୍ଟିଫିକେଟ ତଥା ନକଲି ଜାତି ପ୍ରମାଣ ପତ୍ରରେ ଚାକିରି କରିଥିବା ଶିକ୍ଷକଙ୍କ ତାଲିକା ଦିନକୁ ଦିନ ଲମ୍ବି ଚାଲିଥିଲା ବେଳେ ପ୍ରଶାସନ ସରକାର ଏହ ଉପରେ କୌଣସି ଆଖି ଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ପରିତାପର ବିଷୟ ପାଲଟିଛି । ମୁଖ୍ୟତଃ ଶିକ୍ଷା ବିଭାଗରେ ମାଳ ମାଳ ନକଲି ସାର୍ଟିଫିକେଟ ଧାରୀ ଶିକ୍ଷକତା କରୁଥିବା ଜଣା ପଡ଼ିଛି । ଏହି ସମୟରେ ଏସଆଇଆର ବା ଭୋଟର ତାଲିକା ସ୍ୱତନ୍ତ୍ର ସଘନ ଜନୈକ ସରକାରୀ ଶିକ୍ଷକଙ୍କ ଜାଲିଆତିର ଗୁମର ଫିଟାଇଛି ।। ବ୍ରାହ୍ମଣ ହୋଇ ଆଦିବାସୀ ଜାତିରେ ଜଣେ ଶିକ୍ଷକ ନିଯୁକ୍ତି ପାଇଥିବା ର ପ୍ରମାଣ ସାମ୍ନାକୁ ଆସିଛି ।

ସଦର ବ୍ଲକ୍ ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତର କାଟୁଳଡିହା ଗ୍ରାମର ଲେଡା ମାଝୀଙ୍କ ପୁଅ ଦେବବ୍ରତ ମାଝୀଙ୍କୁ ଆଦିବାସୀ କୁଟାରେ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୦୬ ମସିହାରେ ଶିକ୍ଷାସହାୟକ ପଦରେ ଶ୍ରୀରାମପୁର ପ୍ରାଇମେରୀ ସ୍କୁଲରେ ନିଯୁକ୍ତି ମିଳିଥିବା ବେଳେ ଏବେ ସେ ସେହି ପଞ୍ଚାୟତର ବିଞ୍ଝ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି । ତେବେ ଓଡିଶାରେ ଚାଲୁଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରେ ୨୦୦୨ ଭୋଟର୍ ତାଲିକା ପ୍ରକାଶ ପାଇବା ପରେ ଶିକ୍ଷକ ଦେବବ୍ରତ ମାଝୀଙ୍କ ଜାଲିଆତିର ସମସ୍ତ ଗୁମର ଖୋଲିଯାଇଛି । ୨୦୦୨ ତାଲିକାରେ ଦୁଇଟି ସ୍ଥାନରେ ଅଲଗା ଟାଇଟଲ୍ ଥିବା ଦେଖିବାକୁ ମିଳିଛି । ବସ୍ତା-୧୩ ବିଧାନସଭା କ୍ଷେତ୍ର ଭାଗ- ୧୧୦ ରେ ୪୧୮ ସିରିଏଲ୍ ନମ୍ବର ରେ ,ପାଞ୍ଚପଡା-୨ ଏସଆଇଆର ୨୦୦୨ ଭୋଟର୍ ତାଲିକାରେ ହରିହର ସନ୍ଧିବିଗ୍ରହଙ୍କ ପୁଅ ଦେବବ୍ରତ ସନ୍ଧିବିଗ୍ରହ ରହିଥିବା ବେଳେ ,ବୟସ ୧୮ ରହିଛି । ସେପଟେ ସେହି ବିଧାନସଭା ବସ୍ତା କ୍ଷେତ୍ରର ଭାଗ ନମ୍ବର ୬୯ ରେ ସିରିଏଲ୍ ନମ୍ବର ୧୦୦ କାଟୁଳଡିହା ଏସ ଆଇ ଆର ୨୦୦୨ ଭୋଟର୍ ତାଲିକାରେ ବାପାଙ୍କ ନାମ ଲେଡା ମାଝୀ ଥାଇ ଦେବବ୍ରତ ମାଝୀ ଙ୍କ ବୟସ ୧୯ ରହିଛି । ଜଣେ ବ୍ୟକ୍ତିଙ୍କ ନାମ ଗୋଟିଏ ନିର୍ବାଚନ ମଣ୍ଡଳୀରେ ଦୁଇଟି ସ୍ଥାନରେ ରହିବା ସହ ଭିନ୍ନ ଟାଇଟଲ୍ ଓ ବୟସ ମଧ୍ୟ ଭିନ୍ନ ରହିଛି । ଏଠାରେ ସୂଚନାଯୋଗ୍ୟ ବାସ୍ତବରେ ଶିକ୍ଷକ ଦେବବ୍ରତ ମାଝୀଙ୍କ ଜନ୍ମିତ ବାପା ପାଞ୍ଚପଡା ଗ୍ରାମର ହରିହର ସନ୍ଧିବିଗ୍ରହ ହୋଇଥିବା ବେଳେ ସେ ମଧ୍ୟ ସେଠାରେ ପରିବାର ଶହ ରହୁଛନ୍ତି । ଲେଡା ମାଝୀଙ୍କ ସନ୍ତାନ ନଥିବାରୁ ଦେବବ୍ରତଙ୍କୁ ପୋଷ୍ୟ ସନ୍ତାନ କରିଥିବାର ଶିକ୍ଷକ ଦେବବ୍ରତ ଦାବି କରିବା ସହ ଜନ୍ମରୁ ଲେଡା ମାଝୀ ଙ୍କ ଘରେ ରହି ଆସୁଥିବା ଦର୍ଶାଇ, ବ୍ରାହ୍ମଣ କୂଳରେ ଜନ୍ମିତ ହୋଇଥିଲେ ବି ସେ ପାଳିତ ଆଦିବାସୀ ବାପା ଲେଡା ମାଝୀଙ୍କ ପୁଅ ଭାବରେ ପରିଚିତ ହେବା ସହ, ଆଦିବାସୀ କୋଟାରେ ଚାକିରି ପାଇଛନ୍ତି । ତେବେ ଏଠାରେ ପ୍ରଶ୍ନ ଉଠେ ଯଦି ଲେଡା ମାଝୀ ଙ୍କ ପୋଷ୍ୟ ସନ୍ତାନ ଥିଲେ ତେବେ ୨୦୦୨ ଏସ ଆଇ ଆର୍ ତାଲିକାରେ ଜନ୍ମିତ ବାପା ହରିହର ସନ୍ଧିବିଗ୍ରହଙ୍କ ପରିବାରେ କେମିତି ରହିଥିଲେ ? ସେତେବେଳକୁ ତାଙ୍କ ବୟସ ୧୮ ବର୍ଷ ହୋଇଥିଲା । ସେପଟେ ପୋଷ୍ୟ ସନ୍ତାନ କରିଥିବା ଲେଡା ମାଝୀ,ପିତା- ଖେଚଡା ମାଝୀ ଙ୍କ ନାମ ୨୦୦୨ ତାଲିକା ବିଧାନସଭା କ୍ଷେତ୍ର ବସ୍ତାର ଭାଗ ନମ୍ବର - ୭୦ ,ସିରିଏଲ୍ ନମ୍ବର ୬୧୮ ରେ ହଳଦିପାଳ ଗ୍ରାମର ଉଲ୍ଲେଖ ରହିଛି । ଅର୍ଥାତ୍ ଏଥିରୁ ସ୍ପଷ୍ଟ ଲେଡା ମାଝୀଙ୍କ ଘର ହଳଦିପାଳ ଗ୍ରାମରେ ହୋଇଥିଲା ବେଳେ ଦେବବ୍ରତ ମାଝୀଙ୍କ ଘର ଅନ୍ୟ ଏକ ଗାଁ କାଟୁଳଡିହା କିମ୍ବା ପାଞ୍ଚପଡା ଅଟେ । ଅର୍ଥାତ୍ ଦେବବ୍ରତ ମାଝୀ ୨୦୦୨ ରେ ଲେଡା ମାଝୀଙ୍କ ଘରେ ରହୁନଥିଲେ । ତେବେ ଏଥିରୁ ସ୍ପଷ୍ଟ ଦେବବ୍ରତ ସନ୍ଧିବିଗ୍ରହ ଜଣେ ବ୍ରାହ୍ମଣ କୂଳରେ ଜନ୍ମିତ ହୋଇଥିଲେମଧ୍ୟ,କେବଳ ସରକାରୀ ଚାକିରି ପାଇବା ପାଇଁ ଆଦିବାସୀ ହେବା ସହ ଲେଡା ମାଝୀଙ୍କ ପୋଷ୍ୟ ସନ୍ତାନ ବୋଲି ତାଙ୍କର କାଗଜ କଲମରେ ମିଥ୍ୟା ଡକ୍ୟୁମେଣ୍ଟ ତିଆରି ହୋଇଛି । ସେପଟେ ଶିକ୍ଷକଙ୍କ ବୟସକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି । ଦେବବ୍ରତଙ୍କ ମାଟ୍ରିକ ସାର୍ଟିଫିକେଟ ରେ ଜନ୍ମ ତାରିଖ ୧୯ . ୭ . ୧୯୮୫ ଉଲ୍ଲେଖ ରହିଥିବା ବେଳେ ୨୦୦୦ ମସିହାରେ ଛାନୁଆଁ ହାଇସ୍କୁଲରୁ ମାଟ୍ରିକ ପାସ୍ କରିଛନ୍ତି । ୨୦୦୦ ମସିହାରେ ଯଦି ମ୍ୟାଟ୍ରିକ ପାସ୍ କରିଛନ୍ତି,ତେବେ ସେତେବେଳକୁ ତାଙ୍କ ବୟସ ୧୪ ବର୍ଷ ହେଉଥିବା ବେଳେ, ଏସ ଆଇ ଆର ୨୦୦୨ ଭୋଟର୍ ତାଲିକାରେ ଦୁଇଟି ସ୍ଥାନରେ ଭିନ୍ନ ବର୍ଷ, ଯଥାକ୍ରମେ ୧୮ , ୧୯ ରହିଛି । ତେବେ ସାର୍ଟିଫିକେଟ ବୟସ କିନ୍ତୁ ୨୦୦୨ ବେଳକୁ ୧୬ ହେଉଛି । ଅର୍ଥାତ୍ ସାର୍ଟିଫିକେଟରେ ବୟସ କମ୍ କରାଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ସୁପ୍ରିମକୋର୍ଟଙ୍କ ଜଜମେଣ୍ଟ କହୁଛି ଜଣେ ବ୍ୟକ୍ତିଙ୍କ ଜାତି ତାଙ୍କ ଜନ୍ମିତ ପିତାଙ୍କ ଜାତିକୁ ଧରାଯିବ, ପୋଷ୍ୟ ସନ୍ତାନ ହେଲେ ମଧ୍ୟ ଜାତି ଜନ୍ମିତ ବାପାଙ୍କର ବୋଲି ଧରାଯିବ । ଏଠାରେ ଦେବବ୍ରତଙ୍କ ଜନ୍ମିତ ବାପା ହରିହର ସନ୍ଧିବିଗ୍ରହ ହୋଇଥିବା ବେଳେ, ସେ ବ୍ରାହ୍ମଣ ଅଟନ୍ତି । ତେଣୁ ଦେବବ୍ରତଙ୍କ ଜାତି ବ୍ରାହ୍ମଣ ଧରାଯିବ । ତେବେ ତାଙ୍କୁ ଆଦିବାସୀ ଜାତିର ସାର୍ଟିଫିକେଟ ମିଳିବାକୁ ନେଇ ଉଠୁଛି ପ୍ରଶ୍ନ ? ସେପଟେ ଶିକ୍ଷକଙ୍କ ଜାଲିଆତିର ଗୁମର ଏଇଠି ସରିନି । ଶିକ୍ଷକ ଦେବବ୍ରତ ୨୦୧୦ ମସିହାରେ ଜନୈକ ବ୍ରାହ୍ମଣ ଝିଅଙ୍କୁ ରୁପସା ସ୍ଥିତ ଲକ୍ଷ୍ମୀ ନାରାୟଣ ମନ୍ଦିରରେ ବିବାହ କରିଥିବା ବେଳେ ବିବାହ କାଗଜରେ ହରିହର ସନ୍ଧିବିଗ୍ରହଙ୍କ ପୁଅ ଦେବବ୍ରତ ସନ୍ଧିବିଗ୍ରହ ଭାବରେ ଦସ୍ତଖତ କରିଛନ୍ତି । ଜନ୍ମିତ ବାପା ହରିହର ସନ୍ଧିବିଗ୍ରହ ବରକର୍ତ୍ତା ଭାବରେ ଦସ୍ତଖତ କରିଥିବା ବେଳେ,ପାଞ୍ଚପଡାର ଠିକଣା ଉଲ୍ଲେଖ ରହିଛି ।

**'ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ'**

ଏପଟେ ଲେଡା ମାଝୀଙ୍କ ପୁଅ ଭାବରେ ଦେବବ୍ରତ ମାଝୀ ହୋଇ ଆଦିବାସୀ କୋଟାରେ ସରକାରୀ ଚାକିରି ୨୦୦୬ ମସିହାରୁ କରୁଥିବା ବେଳେ, ସେପଟେ ୨୦୧୦ ରେ ବିବାହରେ ବ୍ରାହ୍ମଣ ଏବଂ ଦେବବ୍ରତ ସନ୍ଧିବିଗ୍ରହ ନାମରେ ପରିଚୟ ଦେଉଛନ୍ତି । ବ୍ରାହ୍ମଣ ଝିଅକୁ ମନ୍ଦିରରେ ବିବାହ କରୁଛନ୍ତି । ଏଠାରେ ସୂଚନାଯୋଗ୍ୟ ଆଦିବାସୀ ମାନଙ୍କ ବାହାଘର କୌଣସି ହିନ୍ଦୁ ମନ୍ଦିର କିମ୍ବା ହିନ୍ଦୁ ପରମ୍ପରା ଓ ରୀତିନୀତିରେ ହୋଇନଥାଏ । ଆଦିବାସୀ ପରମ୍ପରା ଅଲଗା ଓ ବାହାଘର ପ୍ରଥା ପରମ୍ପରା ଅଲଗା । ତେବେ ଏଥିରୁ ସ୍ପଷ୍ଟ ଦେବବ୍ରତ ଆଦିବାସୀ ପରମ୍ପରାରେ ଚଳୁନଥିବା ବେଳେ ବ୍ରାହ୍ମଣ ପରମ୍ପରା ରେ ଚଳୁଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମନ୍ଦିରରେ ବିବାହ ସମୟରେ ବରକର୍ତ୍ତା ଭାବରେ ଜନ୍ମିତ ବାପା ହରିହର ସନ୍ଧିବିଗ୍ରହ ଙ୍କ ଦସ୍ତଖତ ରହିଛି । ପାଳିତ ବାପା ଲେଡା ମାଝୀ କିମ୍ବା ତାଙ୍କ ଆଦିବାସୀ ସଂପ୍ରଦାୟର କୌଣସି ଲୋକଙ୍କ ଉପସ୍ଥିତି କିମ୍ବା ଦସ୍ତଖତ ନାହିଁ । ଏବେବି ଶିକ୍ଷକ ଦେବବ୍ରତ ଜନ୍ମିତ ବାପା ହରିହର ସନ୍ଧିବିଗ୍ରହ ଙ୍କ ଘରେ ଅର୍ଥାତ୍ ପାଞ୍ଚପଡା ରେ ରହୁଥିବା ବେଳେ , କାଟୁଳଡିହା ତାଙ୍କ ମାମୁଁ ଙ୍କ ଗାଁ ହୋଇଥିବା ବେଳେ, ସେ ଚଞ୍ଚକତା କରି ଆଦିବାସୀ କୁଟାରେ କେବଳ ଚାକିରି ହାତେଇବା ପାଇଁ, ଏପରି ଏକ ନାଟକୀୟ କାର୍ଯ୍ୟ କରିଥିବା ଅଭିଯୋଗ ହୋଇଛି । ଏସ ଆଇ ଆର ୨୦୦୨ ଭୋଟର ତାଲିକା, ଶିକ୍ଷକଙ୍କ ସମସ୍ତ ଜାଲିଆତିର ଗୁମର ଖୋଲି ଦେଇଛି । ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ଲେଡା ମାଝୀଙ୍କର ପୁଅ ରାମଦାସ ମାଝି (୨୭) ରହିଛନ୍ତି । ଯାହାଙ୍କ ୨୦୦୨ ଏସ ଆଇ ଆର ତାଲିକାରେ ୧୩ -ବସ୍ତା ନିର୍ବାଚନ ମଣ୍ଡଳୀରେ ଭାଗ ୭୦ ହଳଦୀପାଳ ଭୋଟର ତାଲିକା ରେ ଲେଡା ମାଝୀଙ୍କ ପରିବାରରେ ସିରିଏଲ୍ ନମ୍ବର ୬୨୬ ରେ ନାମ ରହିଛି । ଏଠାରେ ସୂଚନାଯୋଗ୍ୟ ଜନ୍ମିତ ବାପା ହରିହର ସନ୍ଧିବିଗ୍ରହଙ୍କ ଦେବବ୍ରତ ଏକମାତ୍ର ପୁତ୍ର ଅଟନ୍ତି । ତେବେ ପୋଷ୍ୟ ସନ୍ତାନ ଆଇନ୍ କହୁଛି ଯାହାର ଏକମାତ୍ର ପୁତ୍ର ଥିବ ସେ ଅନ୍ୟକୁ ପୋଷ୍ୟ ଦେଇ ପାରିବ ନାହିଁ କିମ୍ବା ଯଦି ପୋଷ୍ୟ ସନ୍ତାନ ଗ୍ରହଣ କରୁଥିବା ବ୍ୟକ୍ତିଙ୍କ ପୁତ୍ର ରହିଛି,ସେ ମଧ୍ୟ ପୋଷ୍ୟ ଗ୍ରହଣ କରିପାରିବେ ନାହିଁ । ତେବେ ଏଠାରେ ଆଇନ୍ କୁ ଉଲଂଘନ କରାଯାଇଥିବା ଦେଖିବାକୁ ମିଳୁଛି । ତେବେ ଫେକ୍ ଡକ୍ୟୁମେଣ୍ଟ କରି ବ୍ରାହ୍ମଣ କୂଳରେ ଜନ୍ମହୋଇ ଚଞ୍ଚକତା କରି ଆଦିବାସୀ କୋଟାରେ ଚାକିରି କରିଥିବା ଶିକ୍ଷକ ଦେବବ୍ରତ ମାଝୀ / ସନ୍ଧିବିଗ୍ରହଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି । ଦେବବ୍ରତ ମାଝୀ/ ସନ୍ଧିବିଗ୍ରହ ଙ୍କ ଔରସରୁ ଏକ ଝିଅ ୨୦୧୧ ମସିହାରେ ଜନ୍ମଗ୍ରହଣ କରିଥିବା ବେଳେ ଦେବବ୍ରତ ନିଜ ଝିଅର ନାମ ଦେବଶ୍ରୀ ମାଝୀ ବଦଳରେ ଦେବଶ୍ରୀ ପାଣିଗ୍ରାହୀ ରଖିଛନ୍ତି । ଅର୍ଥାତ୍ ଦେବବ୍ରତ ନିଜ ଝିଅକୁ ଆଦିବାସୀ ବୋଲି ସାମାଜିକ ସ୍ୱୀକୃତି ଦେବାକୁ ପସନ୍ଦ କରିନାହାନ୍ତି । ଫଳରେ ତାଙ୍କ ସ୍ତ୍ରୀଙ୍କ ସାଙ୍ଗିଆ ପାଣିଗ୍ରାହୀ ଟାଇଟଲ୍ ରଖି ନିଜକୁ ତଥା ଝିଅକୁ ବ୍ରାହ୍ମଣ ବୋଲି ପ୍ରମାଣିତ କରିବା ପାଇଁ ଚେଷ୍ଟା କରିଛନ୍ତି । ତେବେ ଶିକ୍ଷକଙ୍କ ଏପରି ଜାଲିଆତିର ବିଭାଗୀୟ ତଦନ୍ତ ହେବା ସହ ବେଆଇନ୍ ଭାବରେ ହାସଲ୍ କରାଯାଇଥିବା ଶିକ୍ଷାଗତ ଯୋଗ୍ୟତାର ସାର୍ଟିଫିକେଟ ତଥା ନିଯୁକ୍ତିକୁ ରଦ୍ଦ କରିବା ସହ, ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ଦରମା ଆକାରରେ ନେଇଥିବା ସମସ୍ତ ଦରମା ଟଙ୍କା ଆଦାୟ କରିବାକୁ ଦାବି ହୋଇଛି । ଘଟଣା ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକଙ୍କୁ ପଚାରିବାରୁ ଘଟଣାର ସତ୍ୟାସତ୍ୟ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

### ସରିଛି ପାନୀୟଜଳ ପ୍ରକଳ୍ପ, ହେଉନି କାର୍ଯ୍ୟକ୍ଷମ

# ବାଲିଡିହା ଗ୍ରାମର ୭୦ ହୋ’ ଜନଜାତି ପରିବାର ହନ୍ତସନ୍ତ



ଶରତ/ମହୁଲଡିହା, ୧୭।୮ (ସମିସ): କରଞ୍ଜିଆ ନିର୍ବାଚନମଣ୍ଡଳୀ ଅଧୀନ ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଶାଳଚୁଆ ପଞ୍ଚାୟତର ୧୦ ନମ୍ବର ୱାର୍ଡରେ ଅବସ୍ଥିତ ବାଲିଡିହା ଗ୍ରାମ। ଏହି ଗ୍ରାମରେ ୨୦୨୨-୨୩ ଆର୍ଥିକ ବର୍ଷରେ ଆଜିକୁ ୪ ବର୍ଷ ପୂର୍ବେ ଓଏମବିଏଡିସି (ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡେଭେଲପମେଣ୍ଟ କାଉନସିଲ) ଯୋଜନାରେ ଅର୍ଥ ଅନୁମୋଦନ ହୋଇ ପାନୀୟଜଳ ପ୍ରକଳ୍ପ ନିର୍ମାଣ କାମ ଆରମ୍ଭ ହୋଇଥିଲା। ପ୍ରକଳ୍ପ କାମ ଶେଷ ହୋଇଥିଲେ ହେଁ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ। ଫଳରେ ବାଲିଡିହା ଗ୍ରାମର ୭୦ ହୋ’ ପରିବାର ପିଇବା ପାଣି ପାଣି ହନ୍ତସନ୍ତ ହେଉଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

ବାଲିଡିହା ଗ୍ରାମରେ ୭୦ ଗୋଟି ହୋ’ ଜନଜାତି ପରିବାର (୩୪୬ ଜନସଂଖ୍ୟା) ରହିଛନ୍ତି। ୪ ବର୍ଷ ପୂର୍ବେ ଏହି ଗ୍ରାମରେ ପ୍ରଶାସନ ପକ୍ଷରୁ ଦୁଇଟି ନଳକୂପ ଖନନ ହୋଇଛି ସତ, କିନ୍ତୁ ସେଥିରୁ ଗୋଳିଆ ପାଣି ବାହାରୁଛି। ତାହା ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ଫଳରେ ଗ୍ରାମବାସୀ ବିଲ, ନାଳ ଓ ଝରଣାରୁ ପାଣି ସଂଗ୍ରହ କରି ଉଭୟ ପାନୀୟ ଓ ରୋଷେଇ ପାଇଁ ବ୍ୟବହାର କରନ୍ତି। ଅପରିଷ୍କାର ପାଣି ବ୍ୟବହାର କରିବା ଦ୍ୱାରା ଗ୍ରାମବାସୀ ଅନେକ ସମୟରେ ଝାଡ଼ାବାନ୍ତି ଓ ହଇଜା ଭଳି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବା ଅଭିଯୋଗ ହୁଏ। ଠାକୁରମୁଣ୍ଡା ବ୍ଲକର ବାଲିଡିହା ଗ୍ରାମ ପାହାଡ଼ିଆ ଅଞ୍ଚଳରେ ଅବସ୍ଥିତ ଥିବାରୁ ନଳକୂପ ଖନନ କାର୍ଯ୍ୟ ଏକ ପ୍ରକାର ଅସମ୍ଭବ ଓ ଖୋଳାଯାଉଥିବା ନଳକୂପରେ ମଧ୍ୟ ପାଣି ବାହାରେ ନାହିଁ। ସ୍ଥାନୀୟ ଅଞ୍ଚଳରେ ସ୍ଥାୟୀ ଭାବେ ପାନୀୟ ଜଳ ସମାଧାନ ଦୂର କରିବାକୁ ପୂର୍ବ ସରକାର (ବିଜେଡି ସରକାର)ଙ୍କ ସମୟରେ ବାଲିଡିହା ଗ୍ରାମରେ ୮୨.୨୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଓଏମ୍‌ବିଏଡିସି ଯୋଜନାରେ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ (ସୋଲାର ଏନର୍ଜି) ବସାଇ ସମସ୍ୟା ସମାଧାନ କରିବା ପାଇଁ ଯୋଜନା କରାଯାଇଥିଲା। ପ୍ରକଳ୍ପ କାମ ଆରମ୍ଭ ହୋଇ ଶେଷ ହେଲା ସତ, କିନ୍ତୁ ଗ୍ରାମବାସୀଙ୍କୁ ପାନୀୟଜଳ ଯୋଗାଣ ହୋଇନି। ପ୍ରକଳ୍ପର ଲକ୍ଷ୍ୟ ଥିଲା ସୌର ଶକ୍ତି ବ୍ୟବହାର କରି ଗ୍ରାମକୁ ନିରନ୍ତର ପାନୀୟ ଜଳ ଯୋଗାଇବା। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଉକ୍ତ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ଅଧିକାରୀ ଥିବା ସୂଚନା ଫଳକରେ ଉଲ୍ଲେଖ ରହିଛି। ତେବେ ପ୍ରକଳ୍ପ ନିର୍ମାଣ ସରିବାର ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏହା ଚାଲୁ ନ ହେବାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ପ୍ରକଳ୍ପ ଯଦି ଲୋକଙ୍କ କାମରେ ନ ଆସେ, ତେବେ ସରକାରୀ ଅର୍ଥର ଉଦ୍ଦେଶ୍ୟ କ’ଣ ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ ଆଜି ପର୍ଯ୍ୟନ୍ତ ବାଲିଡିହା ଗ୍ରାମରେ ବିଦ୍ୟୁତ ସେବା ପହଞ୍ଚି ପାରିନାହିଁ। ସେଥିପାଇଁ ସୌର ଶକ୍ତି ବ୍ୟବହାର କରି ପାନୀୟ ଜଳର ବ୍ୟବସ୍ଥା କରାଯିବା ନିମନ୍ତେ ଓଏମ୍‌ବିଏଡିସି ଯୋଜନାରେ ପାନୀୟଜଳ ପ୍ରକଳ୍ପ ସ୍ଥାପନ କରାଯାଇଛି। ପ୍ରଶାସନ ତୁରନ୍ତ ବାଲିଡିହା ପାନୀୟଜଳ ପ୍ରକଳ୍ପର ତ୍ରୁଟି ଚିହ୍ନଟ କରି ଏହାକୁ କାର୍ଯ୍ୟକ୍ଷମ କରୁ ବୋଲି ଗ୍ରାମର ଶ୍ରୀମତୀ କବିତା କୁଲଡି, ଲାଦୁରା ହେମ୍ବ୍ରମ, ଝୁନା ବାନସିଂ, ଶିବସିଂ ଶୁଣ୍ଡି ପ୍ରମୁଖ ଗାମାଏ ରୀମିଲ ସିଂ ଗୋଇପାଇଙ୍କ ଜରିଆରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ନିକଟରେ ଦାବି ଉପସ୍ଥାପନା କରିଛନ୍ତି। ଦାବି ନ ପୂରଣ ନ ହେଲେ ଗ୍ରାମବାସୀ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ବିରୋଧରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ଦାୟର କରିବେ ବୋଲି ଚେତାବନୀ ଦେଇଛନ୍ତି।

## ବାଜିରେ ଲାଗୁଛି ଶ୍ରମିକଙ୍କ ଜୀବନ



କୁଆମରା, ୧୭।୮ (ସମିସ): ମାଲିକ ଓ ଠିକାଦାରଙ୍କ ସ୍ୱାର୍ଥ ପାଇଁ ଶ୍ରମିକଙ୍କ ଜୀବନ ବାଜିରେ ଲାଗୁଛି। ଗୋପବନ୍ଧୁନଗର ବ୍ଲକର ବିଭିନ୍ନ ଅଞ୍ଚଳରୁ ଏହି ଅଭିଯୋଗ ଆସିଛି। ଉକ୍ତ ବ୍ଲକର ୮୦ ପ୍ରତିଶତ ଆଦିବାସୀ ଓ ଶ୍ରମିକ ଶ୍ରେଣୀର ଲୋକ ଅଛନ୍ତି। ନିଜ ପରିବାରକୁ ଦାନା ଯୋଗାଇବା ପାଇଁ ବାହାରକୁ କାମ କରିବାକୁ ଯା’ନ୍ତି। ସକାଳେ ଯାଇ ସନ୍ଧ୍ୟାରେ ଘରକୁ ଫେରନ୍ତି। ଏହି ନିରୀହ ଶ୍ରମିକଙ୍କୁ ଠିକାଦାର ଘରୁ ପିକଅପ୍, ଡାଲା ଅଟୋ ଓ ଟ୍ରାକ୍ଟର ଯୋଗେ ନେଇଥା’ନ୍ତି। ଶ୍ରମିକମାନେ ସେହି ଗାଡ଼ିରେ ଲଦା ଲଦି ହୋଇଯାଉଛନ୍ତି। ପିକଅପ୍‌ରେ ୫୦ରୁ ଊର୍ଦ୍ଧ୍ୱ, ଅଟୋରେ ୨୦ ରୁ ଅଧିକ ଶ୍ରମିକଙ୍କୁ ବୁହା ହେଉଛି। କିଛି ଶ୍ରମିକ ଗାଡ଼ି ପଛପଟେ ଝୁଲି କରି ଯାଉଥିବା ଦେଖିବାକୁ ମିଳୁଛି। ବିପଦପୂର୍ଣ୍ଣ ଅବସ୍ଥାରେ ଯାଉଥିବାବେଳେ କାହା ପାଇଁ କେତେବେଳେ ବିପଦ ଆସିବ, ତାହା କିଏ ବା କହିବ? ୨୦୨୪ରେ ଦାମାସାହି, ୨୦୨୫ରେ ତେନ୍ତୁଳିଆ ଓ କଣ୍ଟିସାହି ନିକଟରେ ଶ୍ରମିକଙ୍କୁ ବୋଝେଇ କରି ନେଉଥିବାବେଳେ ଦୁର୍ଘଟଣା ଘଟିଥିଲା। ସେଥିରେ ଦୁଇଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ତିନୋଟି ସ୍ଥାନରେ ୧୬ରୁ ଅଧିକ ଶ୍ରମିକ ଆହତ ହୋଇଥିଲେ। ଏହାପରେ ବି ପ୍ରଶାସନ ଆଖିବୁଜି ରହିବା ପରିତାପର ବିଷୟ। ଏଥି ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ମାନସ ମହାରଣା, ଯୁବ ନେତା କମଳାକାନ୍ତ ଚୌଧୁରୀ, ଦିବାକର ଦାସ, ସନାତନ ନାୟକ, ଗୋବିନ୍ଦ ନାୟକ, ପୂର୍ବତନ ୱାର୍ଡ଼ ସଭ୍ୟ ଜିତେନ୍ଦ୍ର ନାୟକ ପ୍ରମୁଖ ଦାବି କରିଛନ୍ତି।

## ଶ୍ରୀରାମଚନ୍ଦ୍ର ପାଠାଗାରର ବାର୍ଷିକ ସାଧାରଣ ସଭା



ବାରିପଦା, ୧୭।୮ (ସମିସ): ବାରିପଦା ସହର ତଥା ରାଜ୍ୟର ଶତାୟୁ ପାଠାଗାର ଶ୍ରୀରାମଚନ୍ଦ୍ର ପାଠାଗାର (ଜୁବଲୀ ଲାଇବ୍ରେରୀ) ସମ୍ମିଳନୀ କକ୍ଷରେ ଆଜୀବନ ସଭ୍ୟଙ୍କ ଉପସ୍ଥିତିରେ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପାଠାଗାର ସଭାପତି ଜୟନ୍ତ ପାଲ ସଭାପତିତ୍ୱ କରିଥିବାବେଳେ ସନ୍ତୋଷ ପଟ୍ଟନାୟକ ସ୍ୱାଗତ କରିଥିଲେ। ସମ୍ପାଦକ ଅଶୋକ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଆଶିଷ ମହାନ୍ତି ଆୟବ୍ୟୟ ରିପୋର୍ଟ ଉପସ୍ଥାପନ କରିଥିଲେ। ସମ୍ପାଦକଙ୍କ ଆଗତ ବିଭିନ୍ନ ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ରାଜସ୍ୱ ପରିଷଦ, ଓଡ଼ିଶା ସରକାର ଜିଆର କଟକଙ୍କ ଆଦେଶାନୁଯାୟୀ ଲାଇବ୍ରେରୀ ରେଜିଷ୍ଟ୍ରିକରଣର ଆବଶ୍ୟକ ନବୀକରଣ ନିମିତ୍ତ ପ୍ରସ୍ତାବ ପାରିତ କରାଯାଇଥିଲା। ଲାଇବ୍ରେରୀ ଦୈନନ୍ଦିନ କାର୍ଯ୍ୟ ସମ୍ପାଦନକୁ ଅଧିକ ବ୍ୟାପକ ଓ ପାରଦର୍ଶୀ କରାଇବାକୁ ଲାଇବ୍ରେରୀ ବାଇ-ଲ ଓ ରୁଲ୍ସରେ ସଂଶୋଧନର ପ୍ରସ୍ତାବ ପାରିତ ହୋଇଥିଲା। ପରିଚାଳନା ପରିଷଦକୁ ପରିବର୍ଦ୍ଧିତ କରି ଉପସଭାପତି, ସଂଗଠନ ସମ୍ପାଦକ ଓ ସହକୋଷାଧ୍ୟକ୍ଷ ପଦବୀ ଯୋଡିବାର ନିଷ୍ପତ୍ତି ଗୃହୀତ ହୋଇଥିଲା। ପ୍ରୀତିଶ ବସା, କୃଷ୍ଣାନନ୍ଦ ମହାନ୍ତି, ବଳଦେବ ଶତପଥୀ, ଡଃ ବନଜା ମହାନ୍ତି, ଚାରୁ ଚନ୍ଦ୍ର ଦାସ ଓ ଆଶିଷ ବସା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଡଃ ଦାମୋଦର ଆଚାର୍ଯ୍ୟ, ଡଃ ମୋହିତ ଷଡଙ୍ଗୀ, ଡଃ ଅଶୋକ ତ୍ରିପାଠୀ ଓ ସାମ୍ବାଦିକ ଉପସ୍ଥିତ ଥିବାବେଳେ ବିଜୟ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବତନ ଉପନଗରପାଳଙ୍କ ପରଲୋକ



ବାରିପଦା, ୧୭।୮ (ସମିସ): ବାରିପଦା ମୁନିସିପାଲିଟିର ପୂର୍ବତନ ଉପନଗରପାଳ ତଥା ୧ନଂ ୱାର୍ଡର ପୂର୍ବତନ କାଉନସିଲର୍ ଦୁର୍ଗାମଣୀ ଆଚାର୍ଯ୍ୟ ଆଉ ନାହାନ୍ତି। ସୋମବାର ଅପରାହ୍ନ ଗୋଟାଏରେ ୱାର୍ଡ ନଂ ୧ ସ୍ଥିତ ନିଜ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ବାରିପଦା ବିଧାୟକ ପ୍ରକାଶ ସୋରେନ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ଉପନଗରପାଳ ସୀମା ଦାସ, ସ୍ଥାନୀୟ କାଉନସିଲର ସୁକେଶିନୀ ସେଠି, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ସମାଜସେବୀ, କବି ବିଷ୍ଣୁ ଶତପଥି, ଅମର କୁମାର ସେଠି ଓ ସୋମନାଥ ସିଂହ, ଯୁବ ସଭାପତି ଅରୁଣ ବରାଡ଼, ରାଜ୍ୟ ଯୁବ ସମ୍ପାଦକ ସରୋଜ ଶତପଥି ଓ ସ୍ଥାନୀୟ ତଥା ସହରର ବିଭିନ୍ନ ପ୍ରାନ୍ତରୁ ଶତାଧିକ ବ୍ୟକ୍ତି ବିଶେଷ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଆଧ୍ୟାତ୍ମିକ ଚେତନାର ମହିଳା ଥିଲେ। କାଉନସିଲର ଓ ଉପନଗରପାଳ ଥିବା ସମୟରେ ସେ ସ୍ଥାନୀୟ ଅଞ୍ଚଳ ସହ ସହରର ବିକାଶ ଓ ଗରିବଙ୍କ ସେବାରେ ନିଜକୁ ନିୟୋଜିତ କରି ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ।

## ବଡ଼ାମପଦା-ବାଘିଆଗଡ଼ି ରାସ୍ତା ମରଣଯନ୍ତା



କପ୍ତିପଦା, ୧୭।୮ (ସମିସ): ଜାମବଣୀ ପଞ୍ଚାୟତର ବଡ଼ାମପଦାଠାରୁ ବାଘିଆଗଡ଼ି ଯାଇଥିବା ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତା ପାଇଁ ଗୋଟିଏ ବର୍ଷରେ ଅନୁଦାନା ଆସିଛି ୧୨ ଲକ୍ଷ। ଜୁନ ମାସରେ କାମ ସରିଛି। ଫଳକ ମଧ୍ୟ ଲାଗିଛି। ତେବେ ରାସ୍ତାରେ ଆଣ୍ଠୁଏ କାଦୁଅ। ଏହି ରାସ୍ତା ଉପରେ ନିର୍ଭର କରୁଥିବା ତିନୋଟି ଗାଁର ୩୦୦ ପରିବାର ବର୍ଷାଦିନେ ସୋନନଦୀରେ ପାଣି ବଢ଼ୁଥିବାରୁ ନଦୀ ପାର ହୋଇଯିବା ସମ୍ଭବ ନୁହେଁ। ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ଏହି ରାସ୍ତା ୩୦୦ ପରିବାରର ଏକମାତ୍ର ବିକଳ୍ପ। ତେବେ କାଦୁଅ ଯୋଗୁଁ ଏଠାକାର ବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତିକି ଆମ୍ବୁଲାନ୍ସ ଆସିବାରୁ ନାହିଁ। ଗର୍ଭବତୀ ମହିଳାଙ୍କୁ ଖଟିଆରେ ପ୍ରାୟ ୩ କିଲୋମିଟର ମୁଖ୍ୟରାସ୍ତାକୁ ଆଣିବାକୁ ପଡୁଛି। ଛାତ୍ରଛାତ୍ରୀ କାଦୁଅ ପଶି ବିଦ୍ୟାଳୟକୁ ଯିବାକୁ ବାଧ ହେଉଛନ୍ତି। କୋର୍ଟ, ବ୍ଲକ, ତହସିଲ ଓ ଥାନାକୁ ଯିବାକୁ ହେଲେ ୩ କିଲୋମିଟର ପାଦରେ ଚାଲି ଆସିବାକୁ ପଡ଼େ। ଗ୍ରାମବାସୀଙ୍କ କହିବା କଥା ପ୍ରତିବର୍ଷ ଏହି ରାସ୍ତା ପାଇଁ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଆସେ। ମାତ୍ର ନିମ୍ନମାନର କାମ ଯୋଗୁଁ ରାସ୍ତାର ଅବସ୍ଥା ଏଭଳି ହୋଇଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି। ଏ ସମ୍ପର୍କରେ ବିଡିଓ ସଲମା ସରେନଙ୍କୁ ଯୋଗାଯୋଗ କରିବାରୁ ମୁଁ ନୂଆ ଆସିଛି, କ’ଣ ହୋଇଛି ମୁଁ ବୁଝିବି ବୋଲି କହିବା ସହ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## କାଷ୍ଟ ପକ୍ଷରୁ ମହିଳାଙ୍କ ପାଇଁ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର



ରାଇରଙ୍ଗପୁର, ୧୭।୮ (ସମିସ): ଓଡ଼ିଶା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ ସେଣ୍ଟର ଫର ଆସିଷ୍ଟାଣ୍ଟ ଆଣ୍ଡ ସୋସିଆଲ ଟ୍ରାନ୍ସଫରମେସନ (କାଷ୍ଟ) ସାମାଜିକ ସଂଗଠନ ପକ୍ଷରୁ ମିଳିତ ସହଯୋଗରେ ମା’ ତାରିଣୀ ସ୍ୱୟଂସହାୟକ ଗୋଷ୍ଠୀ ରାଇରଙ୍ଗପୁରର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଝୋଟ କାର୍ଯ୍ୟ ଉପରେ ଦକ୍ଷତା ବୃଦ୍ଧି ଓ କୌଶଳ ବିକାଶ କାର୍ଯ୍ୟକ୍ରମ ପ୍ରଗତି ସିଲେଇ କେନ୍ଦ୍ର ପୁରୁଣାପାଣି ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। କାଷ୍ଟର ସମ୍ପାଦକ ସୁଧୀର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଜ୍ଞାନରଞ୍ଜନ ହେମ୍ବ୍ରମ ଯୋଗଦେଇ ପରିବାରରେ ମାଆମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା କୃଷି ଅଧିକାରୀ ଜୁନମୟୀ ମହାନ୍ତି, ସ୍ୱତନ୍ତ୍ର ଅତିଥି ଭାବେ ଜିଲ୍ଲା ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ସ୍ମୃତିରଞ୍ଜନ ପାଣି, ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁର ଗୋଷ୍ଠୀ କୃଷି ଅଧିକାରୀ ଅଭିଜିତ ପ୍ରଧାନ, ସହକାରୀ ଗୋଷ୍ଠୀ କୃଷି ଅଧିକାରୀ ଧରିତ୍ରୀ ଟୁଡୁ, ପୁରୁଣାପାଣି ସରପଞ୍ଚ ବାଲ୍ମୀହିମଣି ଟୁଡୁ, ପୁରୁଣାପାଣି ପଞ୍ଚାୟତ କୃଷି ଅଧିଦର୍ଶକ ନିଶିକାନ୍ତ ଧଳ ପ୍ରମୁଖ ଉପସ୍ଥିତ ରହି ମହିଳାମାନେ ସ୍ୱାବଲମ୍ବୀ ହେଲେ ଘର, ପରିବାର ଓ ଦେଶ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ମାଷ୍ଟର ଟ୍ରେନର ଭାବେ ମନୋରଞ୍ଜନ ପାକଳ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱୟଂସହାୟକ ଗୋଷ୍ଠୀ ସଭାପତି ମୀନା ମହାନ୍ତ, ସମ୍ପାଦକ ସ୍ୱର୍ଣ୍ଣଲତା ମହାନ୍ତ, ସୁଜାତା ଗିରି, ବବିତା ମହାନ୍ତ, ଝୁନୁରାଣୀ ଗିରି ପ୍ରମୁଖ ସହଯୋଗ କରିଥିଲେ।

## ରାଧାକୃଷ୍ଣ ଉଚ୍ଚବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା

ପୁରୁଣିଆ, ୧୭।୮ (ସମିସ): ବେତନଟୀ ବ୍ଲକ ଅନ୍ତର୍ଗତ ପୁରୁଣିଆସ୍ଥ ରାଧାକୃଷ୍ଣ ସରକାରୀ ଉଚ୍ଚବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈଶିଙ୍ଗା ଥାନା ଅଧିକାରିଣୀ ବାରିଣୀ ଦାସଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ବର୍ତ୍ତମାନର ଡିଜିଟାଲ ଯୁଗରେ ସାଇବର ଅପରାଧ ଓ ଅନଲାଇନ୍ ଠକେଇ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହାର ମୁକାବିଲା ପାଇଁ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ଆଇଆଇସି ବାରିଣୀ ଦାସ ସୋସିଆଲ ମିଡିଆର ସୁରକ୍ଷିତ ବ୍ୟବହାର, ପାସୱାର୍ଡ଼ ସୁରକ୍ଷା ଓ କୌଣସି ଅଜଣା ଲିଙ୍କ୍ କିମ୍ବା ଠକେଇ କଲ୍‌ରୁ କିପରି ସତର୍କ ରହିବେ, ସେ ସମ୍ପର୍କରେ ପିଲାଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଛାତ୍ରଛାତ୍ରୀ ସାଇବର ନିରାପତ୍ତା ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ପଚାରି ବୁଝିଥିଲେ।

## ଆରଡିଏସ୍ ଡିଗ୍ରୀ କଲେଜରେ ଭୋଟର ସଚେତନତା




ଉଦଳା, ୧୭।୮ (ସମିସ): କୁଣ୍ଡାବାଇସ୍ଥ ଆର୍‌ଡିଏସ୍ ଡିଗ୍ରୀ କଲେଜରେ ଇଲେକ୍ଟୋରାଲ ଲିଟ୍ରେସି କ୍ଲବ ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ଗିରି ମୁଖ୍ୟଅତିଥି ଭାବେ ଯୋଗଦେଇ ଭୋଟର ତାଲିକାରେ କିଭଳି ନୂତନ ଭାବେ ନାମ ପଞ୍ଜିକୃତ କରିବା ସହ ଗଣତନ୍ତ୍ରର ମହାନ୍ ପର୍ବରେ ସାମିଲ ହୋଇ ନିଜର ମତଦାନ ସାବ୍ୟସ୍ତ କରିବା ସହ ଦେଶକୁ ଉନ୍ନତ, ବିକଶିତ ରାଷ୍ଟ୍ରରେ ପରିଗଣିତ କରାଯାଇପାରିବ, ସେ ବିଷୟରେ ନିଜର ମତ ଉପସ୍ଥାପନ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ଅକ୍ଷୟ କୁମାର ଗିରି, ଇଂରାଜୀ ବିଭାଗର ମୁଖ୍ୟ ଡ. ଅଜିତ ମହାପାତ୍ର, ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଡ. ଗୋପିନାଥ ଦାସ, ଶିକ୍ଷା ବିଭାଗ ମୁଖ୍ୟ ଅଧ୍ୟାପକ ଦିଲ୍ଲୀପ ପ୍ରାମାଣିକ ଯୋଗଦେଇ ମତଦାନ ପ୍ରକ୍ରିୟାରୁ ଯେମିତି କୌଣସି ବି ଭୋଟର ବାଦ ନ ଯିବେ, ଏଥିସହ ସମସ୍ତଙ୍କର ମତଦାନ ସାବ୍ୟସ୍ତ କରିବାର ଅଧିକାର ଓ ବିଭିନ୍ନ ଫର୍ମ, ଭୋଟର ଆପ୍ଲିକେସନ ବିଷୟରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ସୁଧାଂଶୁ ଶେଖର ଦାସମଙ୍ଗରାଜ ପରିଚାଳନା କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଅଣକର୍ମଚାରୀ ଉପସ୍ଥିତ ଥିଲେ।

## ସରକାରୀ ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ



ବାରିପଦା, ୧୭।୮ (ସମିସ): ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ୫୧ତମ ପ୍ରତିଷ୍ଠା ଉତ୍ସବ ପାଳନ କରାଯାଇଛି। ୫୦ ବର୍ଷ ପୂର୍ବରୁ ନାରୀ ଶିକ୍ଷାର ଆଲୋକବର୍ତ୍ତିକାକୁ ସହରଠାରୁ ପଲ୍ଲୀ ପର୍ଯ୍ୟନ୍ତ ପହଞ୍ଚାଇବାର ଲକ୍ଷ୍ୟ ନେଇ ଗଠିତ ହୋଇଥିବା ମହିଳା ମହାବିଦ୍ୟାଳୟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ବୋଲି ଅଧ୍ୟକ୍ଷା ଡ ସାଗରିକା ସିଂହ କହିଥିଲେ। ଶ୍ରୀମା ମହିଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ଶ୍ରୀକାନ୍ତ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଙ୍କୁ ଶିକ୍ଷାକୁ ସ୍ୱାବଲମ୍ବୀ ହେବାର ମାଧ୍ୟମରେ ପରିଣତ କରିପାରିଲେ ହିଁ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠାର ପ୍ରକୃତ ଲକ୍ଷ୍ୟ ସାଧିତ ହୋଇପାରିବ ବୋଲି ମତପ୍ରକାଶ କହିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ତଥା ଅର୍ଥନୀତି ବିଭାଗ ମୁଖ୍ୟ ଡ ଚନ୍ଦ୍ରକାନ୍ତ ଦାସ ଛାତ୍ରୀମାନଙ୍କୁ ନିଷ୍ଠା ଓ ପରିଶ୍ରମ ସହିତ ଶିକ୍ଷାଲାଭ କଲେ ନିଜ ପିତାମାତାଙ୍କ ସ୍ୱପ୍ନ ପୂରଣ କରିପାରିବ ବୋଲି କହିଥିଲେ। ନାଟ୍ୟ ସଂସଦ ଉପସଭାପତି ଡ ସ୍ୱାଗତିକା ମିଶ୍ର ଅତିଥିଙ୍କୁ ସ୍ୱାଗତ, ବାଣିଜ୍ୟ ବିଭାଗ ମୁଖ୍ୟ ରୋଜି କାନୁନଗୋ ଅତିଥି ପରିଚୟ ଓ ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ ଚନ୍ଦ୍ରଶେଖର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ୟାଞ୍ଚଳରେ ଶୁଖିଲା ଖାଦ୍ୟ ବାଣ୍ଟିଲେ ପୂର୍ବତନ ବିଧାୟକ



ରାସଗୋବିନ୍ଦପୁର, ୧୭।୮ (ସମିସ): ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ରାସଗୋବିନ୍ଦପୁର ଓ ମୋରଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ବନ୍ୟା ପରିସ୍ଥିତି ଗୁରୁତର ହୋଇଛି। ଅନେକ ସ୍ଥାନରେ ଲୋକେ ଜଳବନ୍ଦୀ ହୋଇ ଦୁର୍ଦ୍ଦଶାରେ ଦିନ କାଟୁଥିବାବେଳେ ବିପଦ ସମୟରେ ବନ୍ୟା ପ୍ରଭାବିତଙ୍କ ନିକଟରେ ପହଞ୍ଚି ସହାୟତାର ହାତ ବଢ଼ାଇଛନ୍ତି ପୂର୍ବତନ ବିଧାୟକ ରାଜକିଶୋର ଦାସ। ବିଭିନ୍ନ ବନ୍ୟାଅଞ୍ଚଳ ପରିଦର୍ଶନ କରି ପ୍ରଭାବିତ ପରିବାରଙ୍କ ସହ ଆଲୋଚନା କରିଥିଲେ। ଲୋକଙ୍କ ଠାରୁ ଖାଦ୍ୟ, ପାନୀୟ ଜଳ, ଯାତାୟାତ ଓ ଦୈନନ୍ଦିନ ଆବଶ୍ୟକତା ସମ୍ପର୍କିତ ସମସ୍ୟା ଶୁଣିବା ସହ ସେମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାରୁମୂଳା ପଞ୍ଚାୟତରେ ସମାଜସେବୀ ଉତ୍ତମ କୁମାର ମହାନ୍ତି ଏବଂ ନଳଗଜା ପଞ୍ଚାୟତର ସ୍ୱପ୍ନସରିତା ଦାସ ମଧ୍ୟ ବନ୍ୟା ପ୍ରଭାବିତ ଲୋକଙ୍କ ନିକଟରେ ପହଞ୍ଚି ସହାୟତା କରିଥିଲେ। ପୂର୍ବତନ ବିଧାୟକ ରାଜକିଶୋର ଦାସ ବିପଦ ସମୟରେ ପ୍ରଭାବିତ ପରିବାରଙ୍କ ସହ ରହିବାକୁ ଆଶ୍ୱାସନ ଦେବା ସହ ଆବଶ୍ୟକ ସ୍ଥାନରେ ପ୍ରଶାସନ ପକ୍ଷରୁ ତୁରନ୍ତ ରିଲିଫ ଓ ଅନ୍ୟାନ୍ୟ ସହାୟତା ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ।

## ଦୁଇଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ, ଭଣ୍ଡଗାଁ ଏଫ୍‌ସି ଚାମ୍ପିଅନ୍

କୁଆମରା, ୧୭।୮ (ସମିସ): ଗୋପବନ୍ଧୁନଗର ବ୍ଲକ ରାଣୀବନ୍ଧ ପଞ୍ଚାୟତ ଚଡଦା ଗ୍ରାମର ବାବା ଚନ୍ଦ୍ରଶେଖର ୟୁଥ୍ କ୍ଲବ ପକ୍ଷରୁ ଦୁଇଦିନିଆ ପଞ୍ଚମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ଖୁଣ୍ଟା ବ୍ଲକ ଜୁରାଡିହି ଦଳକୁ ହରାଇ ଭଣ୍ଡଗାଁ ଏଫ୍‌ସି ଚାମ୍ପିଅନ ହୋଇଛି। ସରପଞ୍ଚ ମମତା ଖଟୁଆ, ୱାର୍ଡ ମେମ୍ବର ସମରାୟ ମୁର୍ମୁ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଦଳକୁ ୩୦ ହଜାର ଓ ରନର୍ସଅପ ଦଳକୁ ୨୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ଯୁବକ ସଂଘ ସଭାପତି ଅନନ୍ତ ସୋରେନ, ସମ୍ପାଦକ ରଘୁନାଥ ମାରାଣ୍ଡିଙ୍କ ସମେତ ବହୁ ସଦସ୍ୟ ଖେଳ ପରିଚାଳନା କରିଥିଲେ।

### ଗ୍ରାମୀଣ ଗୃହ ନିର୍ମାଣ ଯୋଜନା ଦିଗହରା

# ପଞ୍ଚାୟତରେ ଝୁଲୁଛି ଲମ୍ବା ଚିଠା, କେବେ ମିଳିବ ଘର

ବଡ଼ସାହି, ୧୭।୮ (ସମିସ): ଗତ ଲଗାଣ ଲଘୁଚାପ ବର୍ଷା ଓ ବନ୍ୟାରେ ବଡସାହି ବ୍ଲକ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ମାନଗୋବିନ୍ଦପୁର ଓ ଶାଳଗାଁ ପଞ୍ଚାୟତ ଅଧିକ ପ୍ରଭାବିତ ହୋଇଥିବାବେଳେ ଲୋକେ ବିଦ୍ୟାଳୟରେ ଆଶ୍ରୟ ନେଇ ଘରକୁ ଫେରିବା ପରେ ବିପଦସଙ୍କୁଳ ଘରେ ରହିବାକୁ ଉଚିତ ମଣୁନାହାନ୍ତି। ଘର ଭିତରେ ପାଣି ପଚପଚ କରୁଥିବାବେଳେ ମାଟି କାନ୍ଥ ମୂଳରୁ ଝର ବାହାରୁଛି। ଶାଳଗାଁ ପଞ୍ଚାୟତର ପାଳପାଟଣା, ନରଣଗାଁ, ଶାଳଗାଁ, ଦେବସ୍ଥଳ, ଗମ୍ଭାରିଆ ଓ ସୋରିଷକୋଠା ଓ ମାନଗୋବିନ୍ଦପୁର ପଞ୍ଚାୟତର କୁଞ୍ଜିବଣିଆ, ଆଗ୍ରିଆ, ଜଡିଦା, ଭୂରୁଡିଆ, ଡୁମୁରିଆ, ଉତରପାଳ ଓ ମିରିଗିଦାରୀରେ ବହୁ ଘର ଭାଙ୍ଗିଥିବା ଜଣାଯାଇଛି। ସେହିପରି ଭୀମଦା ପଞ୍ଚାୟତର ଅର୍ଜ୍ଜୁନବାରିଆ, ଭୀମଦା, ଚେଙ୍ଗୁଆମଙ୍ଗଳପୁର, ପେରିକୁଲି, ଟିକାୟତପୁର, ଦାସିପୁର ଓ ପଟିସାରୀ ପଞ୍ଚାୟତର ଆଦିଡିହା, ବେଗୁନିଆବଣି ଓ ତେନ୍ତୁଳିଗାଁରେ ମଧ୍ୟ ବହୁ ଘର ଭାଙ୍ଗିଥିବା ଖବର ମିଳିଛି। ତେବେ ଗ୍ରାମୀଣ ଯୋଜନାରେ ଲୋକଙ୍କୁ ଘର ମିଳି ନ ଥିବାରୁ ଲୋକେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ପଞ୍ଚାୟତରେ ଲମ୍ବା ଚିଠା ଝୁଲୁଥିଲେ ହେଁ କେହି ଘର ପାଇ ନ ଥିବା ଅଭିଯୋଗ ହେଉଛି।

ଡବଲ ଇଂଜିନ ସରକାର ଆସିବାର ଅଢେଇ ବର୍ଷ ପୂରଣ ହେବାକୁ ବସିଥିବାବେଳେ ଅଦ୍ୟାବଧି ସରକାରଙ୍କ ପକ୍ଷରୁ ଆବଶ୍ୟକ ଘର ଯୋଗାଇ ଦିଆଯାଇନାହିଁ। ଘର ଯୋଗାଣ କେବଳ ହାତ ଗଣତି କେତୋଟି ଅନ୍ତ୍ୟୋଦୟ ଘରରେ ସୀମିତ ଅଛି। ନିକଟ ଅତୀତରେ ସରକାରଙ୍କ ପକ୍ଷରୁ ଗ୍ରାମୀଣ ଗୃହ ଯୋଜନାରେ ଘର ଯୋଗାଇ ଦେବାକୁ ଲମ୍ବା ଚିଠା ପ୍ରତି ପଞ୍ଚାୟତରେ ଲାଗିଛି। ଯେଉଁ ଯୋଗ୍ୟ ହିତାଧିକାରୀ ଏହି ତାଲିକାରେ ସ୍ଥାନ ପାଇନାହାନ୍ତି ସେମାନଙ୍କୁ ଆବେଦନ ପାଇଁ କୁହାଯାଇଛି। ସରକାର ପ୍ରତି ପଞ୍ଚାୟତରେ କେତେ ଘର ଯୋଗାଇ ଦେଉଛନ୍ତି ତାହା ଦେଖିବାକୁ ବାକି ରହିଲା ବୋଲି ଆଲୋଚନା ଚାଲିଛି। ସରକାର ଗରିବ ସୀମାରେଖା ତଳେ ଥିବା ହିତାଧିକାରୀଙ୍କୁ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ପକ୍କାଘର ପ୍ରଦାନ ପାଇଁ ନିୟମ କରିଛନ୍ତି। କିପରି ପ୍ରକୃତ ହିତାଧିକାରୀ ଏହି ଯୋଜନାରେ ସାମିଲ ହେବେ, ସେଥିପାଇଁ ସରକାର ପ୍ରତି ପଞ୍ଚାୟତର ଗ୍ରାମସଭା ଓ ପଲ୍ଲୀସଭା ମାଧ୍ୟମରେ ତାଲିକା ପ୍ରସ୍ତୁତ କରୁଛନ୍ତି। ମାତ୍ର ଏହି ଯୋଜନା ବଡସାହି ବ୍ଲକରେ ସମ୍ପୂର୍ଣ୍ଣ ଦିଗହରା ହୋଇଛି। ଅଧିକାଂଶ ପଞ୍ଚାୟତରେ ହିତାଧିକାରୀଙ୍କ ନାମ ଗ୍ରାମସଭା ଓ ପଲ୍ଲୀସଭା ତାଲିକାରେ ଥିଲେ ମଧ୍ୟ ସେମାନେ ଘର ପାଇବାରୁ ବଞ୍ଚିତ ହେଉଛନ୍ତି। ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳରେ ହିତାଧିକାରୀଙ୍କ ନାମ ତାଲିକାରେ ଥିଲେ ମଧ୍ୟ କେତେକ ଠିକାଦାର ଓ ସେମାନଙ୍କୁ ଘର କରି ଦେବା କହି ସେମାନଙ୍କଠାରୁ ଆବଶ୍ୟକ କାଗଜପତ୍ର ସଂଗ୍ରହ କରି ନିଜର ରାଜନୈତିକ ଉଦ୍ଦେଶ୍ୟ ଚରିତାର୍ଥ କରୁଛନ୍ତି। ବହୁ ପ୍ରକୃତ ହିତାଧିକାରୀ ଏହି ଯୋଜନାରୁ ବାଦ ପଡୁଥିବାବେଳେ ଥିଲାବାଲା ଲୋକେ ପ୍ରଥମେ ଏହି ଯୋଜନାର ଫାଇଦା ନେଉଥିବାର ଦେଖାଯାଇଛି। ଅସହାୟ ଲୋକଙ୍କ ପାଇଁ ଲଢିବା ପାଇଁ କେହିନାହିଁନ୍ତି। ଫଳରେ ସୋନଙ୍କର ନାମ ତାଲିକାରେ ପଛକୁ ରହୁଥିବା ଜଣାଯାଇଛି। ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## କାରଖାନା କର୍ମଚାରୀଙ୍କ ମୃତ୍ୟୁ

# କ୍ଷତିପୂରଣ ଦାବିରେ ଶବ ରଖି ଧାରଣା

କେନ୍ଦୁଝର,୧୭।୮ (ସମିସ)

କେନ୍ଦୁଝର ସଦର ଥାନା ପଳାଶପଙ୍ଗାସ୍ଥିତ ଓଡ଼ିଶା ସ୍ପଞ୍ଜ ଆଇରନ କାରଖାନା ପରିସରରେ ଜଣେ କର୍ମଚାରୀଙ୍କ ଆକସ୍ମିକ ବିୟୋଗ ହୋଇଥିଲା। ୧୬ ତାରିଖ ସକାଳ ୯ଟା ବେଳେ କ୍ୟାଣ୍ଟିନରେ ବସିଥିବାବେଳେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଝୁମ୍ପୁରା ସ୍ଥିତ ସିଏଚ୍‌ସିକୁ ଅଣାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକଙ୍କ ନାମ ସୁନାରାମ ମୁଣ୍ଡା(୪୮) ଏବଂ ତାଙ୍କ ଘର ବାରିଆ ଥାନା ଅନ୍ତର୍ଗତ କେନ୍ଦୁଆ ଗ୍ରାମରେ। ସଦର ପୁଲିସ କେସ ନମ୍ବର ୬୩/୨୦୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଶବ ବ୍ୟବଚ୍ଛେଦ ପରେ କ୍ଷତିପୂରଣ ଦାବିରେ ପରିବାର ଲୋକ କାରଖାନା ଗେଟ ସମ୍ମୁଖରେ ଶବ ରଖି ଧାରଣା ଦେଇଥିଲେ। ୧୬ତାରିଖ ରାତି ୭ଟାରୁ ପରିବାର ଏବଂ ଗାଁ ଲୋକ କାରଖାନା ଗେଟ ସମ୍ମୁଖରେ



ଧାରଣା ଦେଇଥିଲେ। ଆଜି ଅପରାହ୍ନରେ ଠିକାଦାର ଏବଂ କମ୍ପାନୀ କର୍ତ୍ତୃପକ୍ଷ ମୃତକଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରି ୧.୫ ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ଶେଷକୃତ୍ୟ ପାଇଁ ୫୦ ହଜାର ଟଙ୍କା ଦେବା ପରେ ଧାରଣାରୁ ଓହରିଥିଲେ। ସୂଚନାଯୋଗ୍ୟ ଯେ, ଠିକାଦାର ତିୱାରୀ କନଷ୍ଟ୍ରକସନ ଅଧୀନରେ ସୁନାରାମ ମୁଣ୍ଡା ଅଣକୁଶଳୀ ଶ୍ରମିକ ଭାବେ ଓଡ଼ିଶା ସ୍ପଞ୍ଜ ଆଇରନ କାରଖାନାରେ କାମ କରୁଥିଲେ। କମ୍ପାନୀରେ କାର୍ଯ୍ୟରତ କର୍ମଚାରୀଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଥିବା ରିପୋର୍ଟ କରାଯାଉଥିଲେ ହେଁ ତରବରିଆ ଏବଂ ସବୁ ବିଭାଗର ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉନଥିବାରୁ ବହୁ କର୍ମଚାରୀଙ୍କ ରୋଗ ସଠିକ୍ ଭାବେ ଚିହ୍ନଟ ହୋଇ ପାରୁନାହିଁ। ନିୟମ ମୁତାବକ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଫିଟ ଥିବା ବ୍ୟକ୍ତିଙ୍କୁ କାମ କରିବା ପାଇଁ ଅନୁମତି ପ୍ରଦାନ କରାଯାଇଥାଏ। ଏବେ ବି ବହୁ ଲୋକଙ୍କ ବିଭିନ୍ନ ରୋଗରେ ଆକ୍ରାନ୍ତ ଥିଲେ ମଧ୍ୟ ସଠିକ୍ ଭାବେ ସ୍ୱାସ୍ଥ୍ୟ ପରୀକ୍ଷା ହେଉନଥିବାରୁ ରୋଗ ସମ୍ପର୍କରେ ଜଣାପଡୁନାହିଁ। ଏ ନେଇ କମ୍ପାନୀର ବରିଷ୍ଠ ଅଧିକାରୀ ସରୋଜ କୁମାର ବ୍ରହ୍ମଙ୍କୁ ପଚାରିବାରୁ ଝୁମ୍ପୁରା ମେଡିକାଲର ଡାକ୍ତରଙ୍କ ଦ୍ୱାରା ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। କାରଖାନା ପରିସରରେ ସ୍ୱାସ୍ଥ୍ୟ ଶିବିର ନ କରି ଖର୍ଚ୍ଚ କାଟ ପାଇଁ ସରକାରୀ ଡାକ୍ତରଙ୍କୁ କାରଖାନା ପରିସରକୁ ଡାକି ସ୍ୱାସ୍ଥ୍ୟ ପରୀକ୍ଷା କରାଇବା କେତେଦୂର ଯୁକ୍ତିଯୁକ୍ତ ତାହା ତଦନ୍ତ ସାପେକ୍ଷ। ଜିଲ୍ଲା ମୁଖ୍ୟ ଚିକିସା ଅଧିକାରୀଙ୍କ ଉପସ୍ଥିତିରେ ସମସ୍ତ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଦାବି ହୋଇଛି।

● ମନ୍ତ୍ରୀଙ୍କ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପରିଦର୍ଶନ

## ଭିତ୍ତିଭୂମି ଓ ସ୍ୱାସ୍ଥ୍ୟସେବାର କଲେ ସମୀକ୍ଷା



ବାରିପଦା, ୧୭।୮(ସମିସ): ସ୍ଥାନୀୟ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର (ଡିଏଚଏଚ) ସ୍ଥିତିରେ ଆସିବ ବଡ଼ଧରଣର ପରିବର୍ତ୍ତନ। ପଣ୍ଡିତ ରଘୁନାଥ ମୁର୍ମୁ (ପିଆରଏମ) ମେଡିକାଲ କଲେଜ ଓ ହସ୍ପିଟାଲ ନୂତନ କ୍ୟାମ୍ପସ ରଙ୍ଗାମାଟିଆକୁ ସମ୍ପୂର୍ଣ୍ଣ ସ୍ଥାନାନ୍ତରିତ ହେବା ପରେ ପୁରୁଣା ମୁଖ୍ୟ ଚିକିତ୍ସାଳୟ ପରିସରରେ ରୋଗୀସେବା ଓ ଭିତ୍ତିଭୂମିର ଉନ୍ନତିକରଣ କରାଯିବ।

ଆଜି ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପରିଦର୍ଶନ କରି ଭିତ୍ତିଭୂମି ଓ ସ୍ୱାସ୍ଥ୍ୟସେବାର ସମୀକ୍ଷା କରିବା ସହ ଏହି ସୂଚନା ଦେଇଛନ୍ତି। "ଡାକ୍ତରଖାନା ପରିଦର୍ଶନ ଅବସରରେ ମନ୍ତ୍ରୀ ବିଭିନ୍ନ ୱାର୍ଡ ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀ, ଡାକ୍ତର ଓ ଆର୍କିଟେକ୍ଟଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ମେଡିକାଲ କଲେଜ ଉଠିଯିବା ପରେ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ଛାତରୁ ପାଣି ଗଳିବା ସହ ସ୍ୱଚ୍ଛତା ଓ ହାଇଜିନିକ୍ ସମସ୍ୟା ଦେଖାଦେଇଛି। ଏହି ପୁରୁଣା କୋଠାର ପୁନରୁଦ୍ଧାର କରି ଏକ ସୁନ୍ଦର ତଥା ଉନ୍ନତ ପରିବେଶ ସୃଷ୍ଟି କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଉଛି। ସେହିପରି ବର୍ତ୍ତମାନ ରୋଗୀଙ୍କୁ ଏକ୍ସ-ରେ, ଇସିଜି ଓ ଅନ୍ୟାନ୍ୟ ପରୀକ୍ଷା ପାଇଁ ରାସ୍ତା ଆରପାଖକୁ ଯିବାକୁ ପଡୁଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି ଗୋଟିଏ କୋଠା ଭିତରେ ସମସ୍ତ ପାଥୋଲୋଜି, ଏକ୍ସ-ରେ, ଇସିଜି, ସିଟି ସ୍କାନ ଓ ଏମଆରଆଇ ଭଳି ସମସ୍ତ ଆଧୁନିକ ଡାଇଗ୍ନୋଷ୍ଟିକ୍ ସୁବିଧା ଉପଲବ୍ଧ କରାଇବା ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଉଛି। ମେଡିକାଲ କଲେଜ ସ୍ଥାନାନ୍ତର ପରେ ଏଠାକୁ କେତେ ସଂଖ୍ୟକ ରୋଗୀ ଆସୁଛନ୍ତି ଓ ସେମାନଙ୍କର କେଉଁ କେଉଁ ସ୍ୱାସ୍ଥ୍ୟସେବା ଆବଶ୍ୟକ ରହିଛି, ତାହାର ସଠିକ୍ ଅନୁଧ୍ୟାନ କରି ଖୁବ୍‌ଶୀଘ୍ର ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଏହି ପରିଦର୍ଶନ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ପଦାଧିକାରୀ, ଡାକ୍ତରୀ ଟିମ୍ ଓ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

## ଲଗାଣ ବର୍ଷାଜନିତ କ୍ଷୟକ୍ଷତିର ଆକଳନ

# ସରକାରୀ ଅଧିକାରୀଙ୍କ ସହ ମନ୍ତ୍ରୀଙ୍କ ସମୀକ୍ଷା



ଯଶିପୁର,୧୭।୮ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ନଦୀରେ ବନ୍ୟାର ଆଶଙ୍କା ଦେଖାଯାଇଛି। ଯଶିପୁର, ରରୁଆଁ, ଶୁକ୍ରୁଳି ଓ କୁସୁମୀ ବ୍ଲକ ଅଞ୍ଚଳର ନଦୀନାଳ ଫୁଲି ରହିଥିବା ଦେଖିବାକୁ ମିଳିଛି। ବନ୍ୟା ଆଶଙ୍କା ଥିବାରୁ ଆଗକୁ ଏହାକୁ ପ୍ରତିହତ କରିବା ସହିତ ଯୋଗାଯୋଗ ସମସ୍ୟାର ପ୍ରତିକାର ପାଇଁ ଆଜି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଯଶିପୁର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମୀକ୍ଷା ବୈଠକରେ ଯଶିପୁର ବିଡିଓ ମାଧବ ଚନ୍ଦ୍ର ବିରୁଆ, କୁସୁମୀ ବିଡିଓ ଶିବଶଙ୍କର ମୁର୍ମୁ, ରରୁଆଁ ବିଡିଓ ଧର୍ମାନନ୍ଦ ବେହେରାଙ୍କ ସମେତ ଯଶିପୁର, କୁସୁମୀ, ଶୁକ୍ରୁଳି ଓ ରରୁଆଁ ତହସିଲଦାର, ଜଙ୍ଗଲ ବିଭାଗର ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ମନ୍ତ୍ରୀ ଯଶିପୁର ନିର୍ବାଚନମଣ୍ଡଳୀରେ ଜରୁରିକାଳୀନ ସେବା ପାଇପାରିବେ, ସେଥିପାଇଁ ବିଶେଷ ଧ୍ୟାନ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଲଗାଣ ବର୍ଷା ଯୋଗୁଁ କେତେକ ସ୍ଥାନରେ ଘରଦ୍ୱାର ଭାଙ୍ଗିଥିବାବେଳେ ରାସ୍ତାଘାଟର ବିଶେଷ କ୍ଷୟକ୍ଷତି ହୋଇନାହିଁ ବୋଲି ମନ୍ତ୍ରୀ ଗଣେଶ ରାମସିଂ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

● ଆଦର୍ଶ ବିଦ୍ୟାଳୟ ଫାଟକ ଆଗରେ ଶ୍ମଶାନ ନିର୍ମାଣ

# ଗ୍ରାମବାସୀଙ୍କ ବିରୋଧ, ବିଡିଓ ଅଟକ

ବାରିପଦା, ୧୭।୮(ସମିସ): ବାଙ୍ଗିରିପୋଷି ବ୍ଲକ ବଣକାଟୀ ପଞ୍ଚାୟତ ଜାମଦାପାଳ ଆଦର୍ଶ ବିଦ୍ୟାଳୟ ଫାଟକ ସମ୍ମୁଖରେ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେଉଥିବା ଶ୍ମଶାନ ଘାଟକୁ ଶତାଧିକ ଜାମଦାପାଳ ଗ୍ରାମବାସୀ ବିରୋଧ କରିଛନ୍ତି। ପୂର୍ବରୁ ଏହି ସ୍ଥାନକୁ ସରାସପୋଷି ଗ୍ରାମବାସୀ ଶ୍ମଶାନ ଭାବେ ବ୍ୟବହାର କରୁଥିଲେ। ଜାମଦାପାଳ ସୀମାରେ ଏହି ଶ୍ମଶାନ ନିର୍ମାଣକୁ ବିରୋଧ କରିଛନ୍ତି। ଶ୍ମଶାନ ନିର୍ମାଣ ହେବା ସହିତ ଶବ ସତ୍କାର ହେଉଥିବାରୁ ଆଦର୍ଶ ବିଦ୍ୟାଳୟର ହଷ୍ଟେଲରେ ରହୁଥିବା ୧୦୦ ଜଣ ଛାତ୍ରୀ ରାତିରେ ଭୟଭୀତ ଭାବେ ରହୁଛନ୍ତି। ଶ୍ମଶାନ ନିର୍ମାଣ ହେଲେ ସବୁବେଳେ ଶବ ସତ୍କାର ହେବା ଫଳରେ ବିଦ୍ୟାଳୟ ପରିବେଶ ଦୂଷିତ ହେବା ସହିତ ଛାତ୍ରୀଙ୍କ ମନରେ ଭୟ ସୃଷ୍ଟି ହେବ। ଏ ନେଇ ପୂର୍ବରୁ ସେହି ଗ୍ରାମର ବାସିନ୍ଦା ବାଙ୍ଗିରିପୋଷି ବିଧାୟିକା, ଜିଲ୍ଲାପାଳ, ତହସିଲଦାର, ବିଡିଓ, ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ସମାଧାନ ବାଟ ବାହାରିବା ପରିବର୍ତ୍ତେ ଶ୍ମଶାନ ନିର୍ମାଣ କାର୍ଯ୍ୟ ଜାରି ରହିଥିବାରୁ ଜାମଦାପାଳ ଗ୍ରାମବାସୀ ବିରୋଧ କରିଛନ୍ତି। ତୁରନ୍ତ କାମ ବନ୍ଦ ପାଇଁ ସୋମବାର ତହସିଲଦାର, ଥାନା ଅଧିକାରୀ, ବିଡିଓଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ବିଡିଓ ଉଭୟ ଗ୍ରାମବାସୀଙ୍କୁ ଡାକି ବୈଠକରେ ସମାଧାନ ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ସେତେଦିନ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରହିବ ବୋଲି କହିଲା ପରେ ମଧ୍ୟ ବର୍ଷାରେ କାର୍ଯ୍ୟ ଜାରି



ରହିଥିବାରୁ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ବିଡିଓ ପରମାନନ୍ଦ ଖଣ୍ଡେଇ ଆଦର୍ଶ ବିଦ୍ୟାଳୟକୁ ବର୍ଷା ପାଇଁ ଗସ୍ତ ସାରି ଫେରୁଥିବାବେଳେ ଖବରପାଇ ଗ୍ରାମବାସୀ ତାଙ୍କୁ ଦୀର୍ଘ ସମୟ ଅଟକ କରି ରଖିଥିଲେ। ଖବରପାଇ ପୁଲିସ ପହଞ୍ଚି ବିଡିଓଙ୍କୁ ଗ୍ରାମବାସୀଙ୍କ କବଳରୁ ରକ୍ଷା କରିବା ସହିତ ୨୧ ତାରିଖରେ ଦୁଇ ଗ୍ରାମର ଲୋକଙ୍କୁ ନେଇ ନିର୍ମାଣ ହେଉଥିବା ଶ୍ମଶାନ ସମ୍ପର୍କରେ କ'ଣ କରାଯିବ ସ୍ଥିର ହେବ ବୋଲି ବିଡିଓ ଶ୍ରୀ ଖଣ୍ଡେଇ କହିଛନ୍ତି।

● ଖେଳ ପଡ଼ିଆରେ ବୃକ୍ଷରୋପଣକୁ ବିରୋଧ

## ଜିଲ୍ଲାପାଳଙ୍କ ନିକଟରେ ଗ୍ରାମବାସୀ ଫେରାଦ



ବାରିପଦା,୧୭।୮ (ସମିସ): ଶ୍ୟାମାଖୁଣ୍ଟା ବ୍ଲକ କେନ୍ଦୁଆ ପଞ୍ଚାୟତ ଅନ୍ତର୍ଗତ ଶରତଚନ୍ଦ୍ରପୁରଠାରେ ଏକ ଖେଳପଡ଼ିଆ ଜବରଦଖଲ ହୋଇଥିବା ଅଭିଯୋଗ ଆଣି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ। ଶରତଚନ୍ଦ୍ରପୁର ଅଞ୍ଚଳରେ ଅନେକ ବର୍ଷ ଧରି ତିନୋଟି ଗ୍ରାମର ଲୋକଙ୍କ ଦ୍ୱାରା ବ୍ୟବହୃତ ଏକ ଖେଳ ପଡ଼ିଆକୁ କେତେକ ବ୍ୟକ୍ତି ଗଛ ଲଗାଇବା ସହ ବାଡଘେରି ଜବରଦଖଲ କରୁଥିବାରୁ ଯୁବକ ଓ ଛାତ୍ରଛାତ୍ରୀଙ୍କ ଖେଳକୁଦ ପାଇଁ ସମସ୍ୟା ସୃଷ୍ଟି ହେଉଛି। ଏହାଦ୍ୱାରା ଅଞ୍ଚଳର ଯୁବପିଢ଼ିଙ୍କ କ୍ରୀଡ଼ା ପ୍ରତିଭା ବିକାଶ ବାଧାପ୍ରାପ୍ତ ହେଉଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। ଘଟଣାର ତଦନ୍ତ କରି ଖେଳ ପଡ଼ିଆକୁ ଜବରଦଖଲ ମୁକ୍ତ କରିବା ସହ ଏହାକୁ ଖେଳ ଉପଯୋଗୀ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି। ବିପିନ ଚନ୍ଦ୍ର ସିଂ ଓ ଦୀପ୍ତିମୟୀ ସିଂଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ସୋମବାର ଜିଲ୍ଲାପାଳଙ୍କୁ ଫେରାଦ ହୋଇଛନ୍ତି।

● ଶିମିଳିପାଳରେ ଲଗାଣ ବର୍ଷା

## କୁଳିପାଳରେ ସର୍ବାଧିକ ୧୫୦ ମିମି

ବାରିପଦା, ୧୭।୮(ସମିସ): ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜାରି କରାଯାଇଥିବା ବୃଷ୍ଟିପାତ ରେକର୍ଡ ଅନୁଯାୟୀ, କୁଳିପାଳରେ ସର୍ବାଧିକ ୧୫୦.୮୭୬ ମିମି ବର୍ଷା ହୋଇଥିବା ବେଳେ ବରେହିପାଣିରେ ୧୨୮.୫୨୪ ମିମି, ଡୁକୁରାରେ ୧୨୪.୯୮୬ ମିମି, ଜେନାବିଲରେ ୧୧୬.୩୩୨ ମିମି, ରାମତୀର୍ଥରେ ୧୧୪.୩ ମିମି, କବାଟଘାଇରେ ୧୧୩.୩୬ ମିମି ଓ ପିଠାବଟାରେ ୧୦୮.୯୬୬ ମିମି ବୃଷ୍ଟିପାତ ରେକର୍ଡ ହୋଇଛି। ସେହିପରି କେନ୍ଦୁମୁଣ୍ଡିରେ ୧୦୬.୬୮ ମିମି, ନଓଣାରେ ୯୨.୨ମିମି, ଉପରବାରହାକାମୁଡାରେ ୯୧.୨ ମିମି, ବାରିପଦାରେ ୮୮.୩୯୨ ମିମି, ବୁଢ଼ାବଲଙ୍ଗରେ ୮୭.୨ ମିମି, ଭଞ୍ଜବସାରେ ୮୧.୭୮୮ ମିମି ବର୍ଷା ହୋଇଛି। ଅନ୍ୟ ଅଞ୍ଚଳ ମଧ୍ୟରେ ଚହଲାରେ ୭୬ ମିମି, ବଡ଼ଗାଁରେ ୬୭.୩୧ ମିମି, ପୋଡ଼ାଡିହାରେ ୬୦.୯୬ ମିମି, ସାତକୋଶିଆରେ ୩୭.୫୯୨ ମିମି ଓ ଠାକୁରମୁଣ୍ଡାରେ ୨୧.୫୯ ମିମି ବୃଷ୍ଟିପାତ ରେକର୍ଡ ହୋଇଛି। ଶିମିଳିପାଳର ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ନଦୀ, ନାଳ ଓ ଜଳପ୍ରପାତରେ ଜଳପ୍ରବାହ ବଢ଼ିବାର ଆଶଙ୍କା ରହିଛି।

# 'ପ୍ରତିଶ୍ରୁତି' ପକ୍ଷରୁ ଜିଲ୍ଲାସ୍ତରୀୟ ବହୁଭାଷୀ କବି ସମ୍ମିଳନୀ



ବାରିପଦା, ୧୭।୮(ସମିସ): ୪୪ ବର୍ଷ ଧରି ଭାଷା, ସାହିତ୍ୟ , ସଂସ୍କୃତି, କଳା ଓ ଆଧାତ୍ମିକ ଚେତନାର ବିକାଶ ପାଇଁ କାର୍ଯ୍ୟ କରୁଥିବା 'ପ୍ରତିଶ୍ରୁତି' ପ୍ରତିଷ୍ଠାନ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ଅବସରରେ ଏକ ବହୁଭାଷୀ କବି ସମ୍ମିଳନୀ, ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସ୍ଥାୟୀ ସଭାପତି ଡା. ପାର୍ଥସାରଥୀ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ସମ୍ପାଦକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ ପ୍ରମୋଦ ଶତପଥୀ ମୁଖ୍ୟଅତିଥି, ଜିଲ୍ଲା ଶିକ୍ଷାଧିକାରୀ ଡ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟବକ୍ତା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ ନଗରପାଳ ଶ୍ରୀ ମହାନ୍ତିଙ୍କୁ ମୟୂରଭଞ୍ଜର ପୁଣ୍ୟଶ୍ଳୋକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସ୍ମୃତିରେ ସମର୍ପିତ ପ୍ରତିଷ୍ଠାନର ସର୍ବୋଚ୍ଚ ମର୍ଯ୍ୟାଦାଜନକ ସମ୍ମାନ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସ୍ମୃତି ସମ୍ମାନ-୨୦୨୬ ପ୍ରଦାନ କରାଯାଇଥିଲା। ସମ୍ମାନ ସ୍ୱରୂପ ମାନପତ୍ର, ଉତ୍ତରୀୟ, ପଗଡି, ଟ୍ରଫି ଓ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ତଥା ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଡ. ସଂଜୀବ କୁମାର ପାଣିଗ୍ରାହୀ ମାନପତ୍ର ପାଠ କରିଥିଲେ। ପରେ କବୟିତ୍ରୀ ସୁଧାମୟୀ ଦାସ ଓ କବି ଗୋପାଳ ସାଓଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଓଡ଼ିଆ, ସଂସ୍କୃତ, ଇଂରାଜୀ, ହିନ୍ଦୀ, ବଙ୍ଗଳା, ହୋ, ସାନ୍ତାଳି, ମୁଣ୍ଡାରି ପ୍ରଭୃତି ବିଭିନ୍ନ ଭାଷାର ପ୍ରାୟ ୮୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ପ୍ରାରମ୍ଭରେ ବିଶିଷ୍ଟ ସଂଗୀତ ଶିଳ୍ପୀ ସୁଶ୍ରୀ ଭାରତୀ ବେର୍ବା ଶ୍ରୀଜଗନ୍ନାଥଙ୍କ ଭଜନ ଓ ବନ୍ଦେ ମାତରମ୍ ଗାନ କରିଥିଲେ। ସଭାପତି ଡା ଜେନା ପଠିତ କବିତାର ସମୀକ୍ଷା କରିଥିଲେ। କବି ବନମାଳି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶୋଇରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା



ବିଶୋଇ,୧୭।୮ (ସମିସ): ଆଜି ବିଶୋଇରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୁଭଦ୍ରା ଶକ୍ତିର କମ୍ୟୁନିଟି କ୍ୟାଡ଼ର, ସ୍ୱୟଂସହାୟକ ଗୋଷ୍ଠୀ ମହିଳା, ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବିଶୋଇ ବ୍ଲକର ଶତାଧିକ ଜନସାଧାରଣ ଏହି ଯାତ୍ରାରେ ସାମିଲ ହୋଇ ହାତରେ ଜାତୀୟ ପତାକା ଧରି ବିଶୋଇ ସୁନାରାମ ସୋରେନ ଛକଠାରୁ ପଦଯାତ୍ରାରେ ବାହାରିଥିଲେ। ବିଶୋଇ ବଜାରସ୍ଥ ବିର୍ସା ମୁଣ୍ଡା ଛକରେ ପଦଯାତ୍ରା ପହଞ୍ଚିବା ପରେ ଉପସ୍ଥିତ ଅତିଥି ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ତ୍ରିରଙ୍ଗା ଯାତ୍ରା ବିଶୋଇ ବାଜପେୟୀ ଛକରେ ପହଞ୍ଚିବା ପରେ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରଯାଇଥିଲା। ପରେ ପଦଯାତ୍ରା ବିଶୋଇ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଯାଇଥିଲା।

ବିଦ୍ୟାଳୟରେ ଆୟୋଜିତ ସଭାରେ ବିଦ୍ୟାଳୟର ହଜାର ସଂଖ୍ୟକ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ହାତରେ ଜାତୀୟ ପତାକା ଧରି ଏହି ଯାତ୍ରାରେ ସାମିଲ ହୋଇଥିଲେ। ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ବିଡିଓ ସୁମନ ରାଜା ମହାନ୍ତି, ଉପାଧ୍ୟକ୍ଷ ଚନ୍ଦ୍ରମୋହନ ଗିରି, ସିଡିପିଓ ଶ୍ରୀମତୀ ବିଟୁ ଟୁଡୁ, ତହସିଲଦାର ସତ୍ୟବାନ ନାୟକ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜିବ ମହାନ୍ତି, ବିଶୋଇ ସରପଞ୍ଚ ଇଂ କରୁଣା ସାଗର ମାରାଣ୍ଡି ପ୍ରମୁଖ ସାମିଲ ଥିଲେ।

# ନାବାଳିକାଙ୍କ ମୃତ୍ୟୁକୁ ନେଇ ସନ୍ଦେହ

କରଞ୍ଜିଆ,୧୭।୮ (ସମିସ): କରଞ୍ଜିଆ ବ୍ଲକ ଗୋଷ୍ଠବଞ୍ଚା ପଞ୍ଚାୟତ ଅନ୍ତର୍ଗତ ହାଲୋପୁର ଗାଁରେ ଜଣେ ୧୪ ବର୍ଷୀୟା ନାବାଳିକାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ଦେଖାଦେଇଛି। ପରିବାର ପକ୍ଷରୁ ଏହା ଆତ୍ମହତ୍ୟା ନୁହେଁ, ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ତେବେ ମୃତ୍ୟୁର ପ୍ରକୃତ କାରଣ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି। ହାଲୋପୁର ଗ୍ରାମର ସୁନିଆ ମୁଣ୍ଡା ଓ ତାଙ୍କ ପତ୍ନୀ ପ୍ରତି ଶୁକ୍ରବାର ଓ ଶନିବାର ନିକଟସ୍ଥ ଇନ୍ଦୁପୁର ସାପ୍ତାହିକ ହାଟକୁ ବେପାର ପାଇଁ ଯାଇଥା'ନ୍ତି। ଶନିବାର ଉଭୟ ହାଟକୁ ଯାଇ ସନ୍ଧ୍ୟା ପ୍ରାୟ ୬ଟାରେ ଘରକୁ ଫେରିଥିଲେ। ଘରେ ପହଞ୍ଚି ନବମ ଶ୍ରେଣୀରେ ପଢୁଥିବା ତାଙ୍କ ଝିଅ ପୂଜା ମୁଣ୍ଡାଙ୍କୁ ଅସ୍ୱାଭାବିକ ଅବସ୍ଥାରେ ଦେଖିଥିଲେ। ପରିବାର ଲୋକେ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚଢେଇଭଳ ଫାଣ୍ଡି ଅଧିକାରୀ ଜୟନ୍ତ ପାଣିଗ୍ରାହୀ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବାବେଳେ ନାବାଳିକାଙ୍କ ବାପା ଓ ମାମୁଁ ଏହା ଆତ୍ମହତ୍ୟା ନୁହେଁ, ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ଫାଣ୍ଡି ଅଧିକାରୀ କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ। ରିପୋର୍ଟ ଆଧାରରେ ପରବର୍ତ୍ତୀ ଆଇନଗତ ତଦନ୍ତ ହେବ।

## ସରକାରୀ ମାନ୍ୟତା, ସର୍ବନିମ୍ନ ବେତନ, ବନ୍ଦ ଶିଳ୍ପର ପୁନରୁଦ୍ଧାର ଦାବି

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭାରତୀୟ ମଜଦୁର ସଂଘର ବିକ୍ଷୋଭ

ବାରିପଦା, ୧୭।୮ (ସମିସ)

ସମାନ କାମକୁ ସମାନ ଦରମା, ଶ୍ରମିକଙ୍କ ସାମାଜିକ ସୁରକ୍ଷା, ଅଙ୍ଗନବାଡ଼ି ଓ ଆଶା କର୍ମୀଙ୍କୁ ସ୍ଥାୟୀ ସରକାରୀ କର୍ମଚାରୀ ମାନ୍ୟତା ଦାବିରେ ଆଜି ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ପକ୍ଷରୁ ବାରିପଦାସ୍ଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ୧୧ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଞ୍ଚିରେ ଅନୁଷ୍ଠିତ ହୋଇଥିବା ୬୨ତମ ଅଧିବେଶନର ନିଷ୍ପତ୍ତି ଅନୁଯାୟୀ, ଦେଶବ୍ୟାପୀ ଜିଲ୍ଲାପାଳଙ୍କ ଜରିଆରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରାଯାଉଛି ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ମିଳୁଥିବା ସ୍ୱଳ୍ପ ପାରିଶ୍ରମିକରେ ଅଙ୍ଗନବାଡ଼ି କର୍ମୀ ଅସନ୍ତୁଷ୍ଟ। ସେମାନଙ୍କୁ ଅତିକମ୍‌ରେ ମାସିକ ୧୮,୦୦୦



ବେତନ ପ୍ରଦାନ ସହ ସରକାରୀ କର୍ମଚାରୀ ମାନ୍ୟତା ଓ ସାମାଜିକ ସୁରକ୍ଷା ଦିଆଯାଉ। ଏଥିସହ ଅବସରକାଳୀନ ସହାୟତା ରାଶି ୧ ଲକ୍ଷରୁ ୫ ଲକ୍ଷକୁ ବୃଦ୍ଧି କରିବାକୁ ଦାବି କରିଛନ୍ତି। ଏମାନଙ୍କ ପାଇଁ ପ୍ରୋଭିଡେଣ୍ଟ ଫଣ୍ଡ, ବିବାହ ସହାୟତା, ମୃତ୍ୟୁକାଳୀନ ଆର୍ଥିକ ସହାୟତା ଭଳି ପ୍ରାପ୍ୟ ଦୀର୍ଘ ଦିନ ଧରି ଡିଏଲ୍‌ଓ କାର୍ଯ୍ୟାଳୟରେ ପଡ଼ିରହିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ମୟୂରଭଞ୍ଜ ଜିଲ୍ଲାରେ ଥିବା ନିକୋ, ମୟୂର ସିରାମିକ୍ସ, ମୟୂର ମେଟାଲ୍ସ ଲିମିଟେଡ୍ ଓ ଖିଚିଂର ସ୍ପଞ୍ଜ ଆଇରନ୍ କାରଖାନା ଅବହେଳିତ ହୋଇ ପଡ଼ିରହିଛି। ଜିଲ୍ଲାର ନିଜସ୍ୱ ଶ୍ରମମନ୍ତ୍ରୀ ଥାଇ ମଧ୍ୟ ସ୍ଥାନୀୟ ଶ୍ରମିକ ଓ ଶିଳ୍ପର ସ୍ଥିତି ଶୋଚନୀୟ ହୋଇପଡ଼ିଛି ବୋଲି ସଂଘ କ୍ଷୋଭ ପ୍ରକାଶ କରିଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଶତାଧିକ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଓ ବିଭିନ୍ନ କ୍ଷେତ୍ରର ଶ୍ରମିକ ସଂଗଠନର କର୍ମକର୍ତ୍ତା ସାମିଲ ହୋଇଥିଲେ।

## ଆଜିର ରାଶିଫଳ

**ମେଷ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ବୃଷ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମିଥୁନ:** ଆର୍ଥିକ ସମସ୍ୟା ଦେଖାଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କର୍କଟ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଚିନ୍ତାର ଦେଖା ଦେବ।

**ସିଂହ:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**କନ୍ୟା:** ବ୍ୟବସାୟରେ କ୍ଷତି ହେବ। ପାରିବାରିକ ବିବାଦ ସମାଧାନ ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ତୁଳା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବିଛା:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**ଧନୁ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ମକର:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ।

**କୁମ୍ଭ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ବାର୍ଦ୍ଧକ୍ୟଜନିତ ସମସ୍ୟା ସମାଧାନ ହେବ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

## ଆଜିର ଇତିହାସ

- ୧୯୪୦- ପ୍ରଥମଥର ପାଣିପାଗ ମାନଚିତ୍ର ଟେଲିଭିଜନରେ ପ୍ରସାରିତ।
- ୧୯୪୯- ହଙ୍ଗେରିରେ ସମ୍ବିଧାନ ଲାଗୁ ହେଲା।
- ୧୯୫୧- ଖଡ଼ଗପୁରରେ ଦେଶର ପ୍ରଥମ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି)ର ସ୍ଥାପନା।
- ୧୯୭୩- ଆମେରିକାର ବୋଷ୍ଟନରେ ପ୍ରଥମ ଏଫ୍ଏମ୍ ରେଡିଓ ଷ୍ଟେସନ ନିର୍ମାଣକୁ ମଞ୍ଜୁରି ଦିଆଗଲା।
- ୨୦୦୮- ପାକିସ୍ତାନର ରାଷ୍ଟ୍ରପତି ପରଭେଜ୍ ମୁସାରଫଙ୍କ ଇସ୍ତଫା।



## ଆବର୍ଜନା ଦ୍ୱୀପ

ମାଳଦ୍ୱୀପ ନୀଳ ସମୁଦ୍ର, ଧଳା ବାଲୁକା ଶଯ୍ୟା ଏବଂ ବିଳାସପୂର୍ଣ୍ଣ ରିସୋର୍ଟ ପାଇଁ ସାରା ବିଶ୍ୱରେ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଭାବେ ଜଣାଯାଏ। ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସନ୍ତି। ଏହି ସୌନ୍ଦର୍ଯ୍ୟ ପଛରେ ମାଳଦ୍ୱୀପର ଏକ ଭୟଙ୍କର ଏବଂ କଟୁ ସତ୍ୟ ଲୁଚି ରହିଛି, ଯାହା ବିଷୟରେ ବିଶ୍ୱର ଅଧିକାଂଶ ଲୋକ ଅଜ୍ଞ। ମାଳଦ୍ୱୀପର ରାଜଧାନୀ ମାଲେଠାରୁ ମାତ୍ର କିଛି ମାଇଲ ଦୂରରେ 'ଥିଲାଫୁସି' ନାମକ ଏକ ଦ୍ୱୀପ ଅବସ୍ଥିତ, ଯାହାକୁ ଆନୁଷ୍ଠାନିକ ଭାବେ 'ଆବର୍ଜନା ଦ୍ୱୀପ' ବା 'ଗାରବେଜ୍ ଆଇଲ୍ୟାଣ୍ଡ' ଭାବେ ପରିଚିତ। ପ୍ରତିଦିନ ଏଠାରେ ଶହ ଶହ ଟନ୍ ଅଳିଆ ଆବର୍ଜନା ପକାଯାଏ, ଯାହାଫଳରେ ଏଭଳି ନାମକରଣ ହୋଇଛି। ବାସ୍ତବରେ, ଯେଉଁ ଦେଶରେ ଟିକିଏ ହେଲେ ବି ଖାଲି ଜମି ନାହିଁ, ସେଠାରେ ପ୍ରତିବର୍ଷ ଆସୁଥିବା ଲକ୍ଷ ଲକ୍ଷ ପର୍ଯ୍ୟଟକ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା ସୃଷ୍ଟି ହେଉଥିବା ଶହ ଶହ ଟନ୍ ଆବର୍ଜନାର ନିଷ୍କାସନ କରିବା ସ୍ଥାନୀୟ ସରକାରଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ଥିଲା। ଏହି ସମସ୍ୟାର ସମାଧାନ ପାଇଁ ମାଳଦ୍ୱୀପ ସରକାର ଅଳିଆକୁ ଗୋଟିଏ ସ୍ଥାନରେ ଜମା କରି ଏକ ସମ୍ପୂର୍ଣ୍ଣ ଦ୍ୱୀପ ଠିଆ କରିଦେଲେ। ତେବେ ଥିଲାଫୁସି ପୂର୍ବରୁ ଅଳିଆ ଗଦା କିମ୍ବା ଦ୍ୱୀପ ନ ଥିଲା। ଆଜକୁ ପ୍ରାୟ ତିନି ଦଶନ୍ଧି ପୂର୍ବେ ଏହା ଏକ ଅତ୍ୟନ୍ତ ସୁନ୍ଦର ଏବଂ ସ୍ୱଚ୍ଛ ପାଣି ବିଶିଷ୍ଟ ଏକ ପ୍ରାକୃତିକ ହ୍ରଦ ଥିଲା। ଡିସେମ୍ବର ୧୯ ୯୧ରେ ମାଳଦ୍ୱୀପ ସରକାର ବଢୁଥିବା ପର୍ଯ୍ୟଟନ ଶିଳ୍ପ ଏବଂ ମାଲେ ସହରର ବର୍ଜ୍ୟବସ୍ତୁର ସମାଧାନ ପାଇଁ ଏହି ସୁନ୍ଦର ଦ୍ୱୀପକୁ ଏକ ଲ୍ୟାଣ୍ଡଫିଲ୍‌ରେ ପରିଣତ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତିର ମାତ୍ର ମାସେ ମଧ୍ୟରେ ଏଠାକୁ ଜାହାଜ ସାହାଯ୍ୟରେ ଅଳିଆ ବୋଝେଇ କରି ଅଣାଗଲା। ବାଲି ଭିତରେ ବଡ଼ ବଡ଼ ଗାତ ଖୋଳାଗଲା ଏବଂ ମାଲେ ତଥା ଆଖପାଖ ଦ୍ୱୀପଗୁଡ଼ିକରୁ ଆସୁଥିବା ପ୍ଲାଷ୍ଟିକ୍, କାଚ, ମେଡିକାଲ୍ ବର୍ଜ୍ୟବସ୍ତୁ ଏବଂ ପଚାସଢ଼ା ଅଳିଆକୁ ସେହି ଗାତଗୁଡ଼ିକରେ ଭର୍ତ୍ତି କରାଗଲା। ଏହାପରେ ତା' ଉପରେ ନିର୍ମାଣ ସାମଗ୍ରୀର ଭଙ୍ଗାରୁଜା ଅଂଶ ପକାଇ ଧଳା ବାଲି ଦ୍ୱାରା ସମତଳ କରାଯାଇଥିଲା। ଦେଖୁଦେଖୁ ଏହି ହ୍ରଦଟି ଏକ ବିଶାଳ ଆବର୍ଜନା ଦ୍ୱୀପରେ ପରିଣତ ହୋଇଗଲା। ଥିଲାଫୁସିର କ୍ଷେତ୍ରଫଳ ଏମିତି ବଢ଼ିବାକୁ ଲାଗିଲା ଯେ, ସରକାର ଏହି ନୂତନ ଜମିକୁ ଶିଳ୍ପଭିତ୍ତିକ କାର୍ଯ୍ୟ ପାଇଁ ଲିଜ୍‌ରେ ଦେବା ଆରମ୍ଭ କଲେ। ଆଜି ଥିଲାଫୁସିରେ ଡଙ୍ଗା ନିର୍ମାଣ, ସିମେଣ୍ଟ ପ୍ୟାକିଂ ଆଦି ପ୍ରାୟ ତିନି ଡର୍ଜନରୁ ଅଧିକ ଫ୍ୟାକ୍ଟ୍ରି ଚାଲୁଛି। ପ୍ରାୟ ୧୫୦ରୁ ଅଧିକ ବାଂଲାଦେଶୀ ପ୍ରବାସୀ ଶ୍ରମିକ ଏଠାରେ ଅତି କଠିନ ଏବଂ ବିପଜ୍ଜନକ ପରିସ୍ଥିତିରେ, କୌଣସି ସ୍ୱାସ୍ଥ୍ୟ ସୁରକ୍ଷା ବିନା ଦିନକୁ ୧୨ ଘଣ୍ଟା କାମ କରି ଆବର୍ଜନା ପୃଥକୀକରଣ କରନ୍ତି। ସେହିଭଳି ଦୀର୍ଘ ବର୍ଷ ଧରି ଏଠାରେ ଖୋଲା ଆକାଶ ତଳେ ଅଳିଆ ପୋଡ଼ାଯାଉଥିବାରୁ ଏହା ବାୟୁମଣ୍ଡଳକୁ ବିଷାକ୍ତ କରି ପକାଉଥିଲା। ଏହା ସହିତ ଏଠାରୁ ନିର୍ଗତ କେମିକାଲ୍ ସମୁଦ୍ର ପାଣିରେ ମିଶି ସାମୁଦ୍ରିକ ଜୀବ ଓ କୋରାଲ୍ ରିଫ୍‌ଗୁଡ଼ିକୁ ନଷ୍ଟ କରୁଥିଲା। ବିଶ୍ୱସ୍ତରରେ ଏହାକୁ ନେଇ ଚିନ୍ତା ପ୍ରକଟ ହେବା ପରେ, ମାଳଦ୍ୱୀପ ସରକାର ଏସୀୟ ବିକାଶ ବ୍ୟାଙ୍କ ସହାୟତାରେ ଏଠାରେ ଏକ ବୃହତ୍ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ଆରମ୍ଭ କରିଛନ୍ତି। ଏବେ ଏଠାରେ ଖୋଲାରେ ଅଳିଆ ପୋଡ଼ା ବନ୍ଦ କରାଯାଇଛି ଏବଂ ଆଧୁନିକ ପଦ୍ଧତିରେ ପ୍ଲାଷ୍ଟିକ୍ ଅଲଗା କରିବା ଓ ବର୍ଜ୍ୟବସ୍ତୁରୁ ଶକ୍ତି ଉତ୍ପାଦନ କରିବା ପାଇଁ ପ୍ଲାଣ୍ଟ ସ୍ଥାପନ କରାଯାଇଛି।

## 'ଟକ୍ସିକ୍'କୁ 'ଏ' ସାର୍ଟିଫିକେଟ୍

### ସାମ୍ନାକୁ ଆସିଲା କାହାଣୀ



କନ୍ନଡ଼ ସୁପରଷ୍ଟାର୍ ଯଶ୍‌ଙ୍କ ବହୁପ୍ରତିକ୍ଷିତ ଫିଲ୍ମ 'ଟକ୍ସିକ୍' ଆସନ୍ତା ଅଗଷ୍ଟ ୨୬ରେ ସିନେମାହଲ୍‌ରେ ରିଲିଜ୍ ହେବ। ଗୀତୁ ମୋହନଦାସ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ସିବିଏଫ୍‌ସି ପକ୍ଷରୁ ଏହି ଫିଲ୍ମକୁ 'ଏ' ସାର୍ଟିଫିକେଟ୍ ମିଳିଛି। ଏହାର ଅର୍ଥ କେବଳ ୧୮ ବର୍ଷ ବା ତା'ଠାରୁ ଅଧିକ ବୟସର ବ୍ୟକ୍ତି ହିଁ ଏହି ଫିଲ୍ମକୁ ଦେଖିପାରିବେ। ତେବେ 'ଏ' ସାର୍ଟିଫିକେଟ୍ ମିଳିବା ପରେ ଏହା ସ୍ପଷ୍ଟ ହୋଇଛି ଯେ, ଏହା ଏକ ବଡ଼ ଆକ୍ସନ ଥ୍ରୀଲର୍ ଫିଲ୍ମ ହେବ। ସ୍ୱାଧୀନତା ପରବର୍ତ୍ତୀ ଗୋଆ ପୃଷ୍ଠଭୂମି ଉପରେ ଆଧାରିତ ଏକ ଗ୍ୟାଙ୍ଗଷ୍ଟରର କାହାଣୀ ଉପରେ ଫିଲ୍ମଟି ପର୍ଯ୍ୟବସିତ। ସେହି ଗ୍ୟାଙ୍ଗଷ୍ଟର ହିଂସା ଓ ଈର୍ଷା ମଧ୍ୟରେ ରହି ନୈତିକତା ଏବଂ ପ୍ରାୟଶ୍ଚିତର ରାସ୍ତା ଖୋଜୁଛି। ଏହି ଚଳଚ୍ଚିତ୍ରଟି ୧୯୪୦ ରୁ ୧୯୭୦ ଦଶକ ମଧ୍ୟରେ ଗୋଆରେ ଚାଲିଥିବା ଅପରାଧ ଦୁନିଆକୁ ଦେଖାଇବ। ଯଶ୍‌ଙ୍କ ବ୍ୟତୀତ ଏହି ଫିଲ୍ମରେ କିଆରା ଆଡଭାନୀ, ନୟନତାରା, ତାରା ସୁତାରିଆ ଏବଂ ହୁମା କୁରେଶୀ ପ୍ରମୁଖ ଅଭିନୟ କରୁଛନ୍ତି। ଏଥିରେ ଯଶ୍ ଡବଲ ରୋଲରେ ନଜର ଆସିବେ। ଫିଲ୍ମର ନିର୍ମାଣ ଭେଙ୍କଟ କେ. ନାରାୟଣ କରିଛନ୍ତି। ହିନ୍ଦୀ, ତେଲୁଗୁ, ତାମିଲ ଏବଂ ମାଲାୟଲମ୍ ଭାଷାରେ ଫିଲ୍ମଟିକୁ ରିଲିଜ୍ କରାଯିବ। ପୂର୍ବରୁ ଏହି ଚଳଚ୍ଚିତ୍ରଟି ମାର୍ଚ୍ଚ ମାସରେ ରିଲିଜ୍ ହେବାର ଥିଲା, କିନ୍ତୁ 'ଧୁରନ୍ଧର' ଫିଲ୍ମ ସହିତ ଏକାସାଙ୍ଗରେ ରିଲିଜ୍ ହେଉଥିବା ଯୋଗୁଁ ଏହାର ରିଲିଜ୍ ତାରିଖକୁ ଆଗକୁ ବଢ଼ାଇ ଦିଆଯାଇଥିଲା। ଏବେ ଶେଷରେ ୪ ମାସ ପରେ 'ଟକ୍ସିକ୍' ସିନେମାହଲ୍‌କୁ ଆସିବାକୁ ଯାଉଛି।

## ଜୋତା ଖୋଜିଲା ଏଆଇ

କେବେକେବେ ଅତି କଷ୍ଟକର ମନେ ହେଉଥିବା ସମସ୍ୟାର ସମାଧାନ ଏତେ ସହଜରେ ହୋଇଯାଏ, ଆମେ କେବେ ଭାବି ବି ନ ଥାଉ। ଏଭଳି ଏକ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ୍ ହେଉଛି। ଭାଇରାଲ୍ ଭିଡିଓକୁ ଶୁଭାଙ୍ଗ ବୋରକର ନାମକ ଜଣେ ବ୍ୟକ୍ତି ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ସେୟାର କରିଛନ୍ତି। ଭିଡିଓରେ ସେ ଉଜ୍ଜୈନର ମହାକାଳ ମନ୍ଦିର ବାହାରେ ଥିବା ହଜାର ହଜାର ସଂଖ୍ୟାର ଜୋତା ମଧ୍ୟରୁ ନିଜ ଜୋତା ଖୋଜୁଥିବାର ଦେଖାଯାଉଛନ୍ତି। ସେଠାରେ ଏତେ ସଂଖ୍ୟାରେ ଜୋତା ରଖାଯାଇଥିଲା ଯେ, ସେ ନିଜ ଜୋତା କେଉଁଠାରେ ଅଛି ଜାଣି ପାରୁ ନ ଥିଲେ। ଯଦି ସେ ପ୍ରତ୍ୟେକ ଜୋତାକୁ ଗୋଟି ଗୋଟି କରି ଦେଖିଥାନ୍ତେ, ତେବେ ବହୁତ ସମୟ ନଷ୍ଟ ହୋଇଥାନ୍ତା। ତେଣୁ ସେ ଏକ ଭିନ୍ନ ଉପାୟ ଆପଣାଇବାକୁ ସ୍ଥିର କଲେ। ଶୁଭାଙ୍ଗ ନିଜ ଜୋତାର ଫଟୋ ଏବଂ ସେଠାରେ ଥିବା ଜୋତା ଗଦାର ଫଟୋ ଚାଟ୍‌ଜିପିଟି ସହିତ ସେୟାର କଲେ। ଶୁଭାଙ୍ଗ ଏଆଇକୁ ନିଜ ସମସ୍ୟା ବିଷୟରେ ଜଣାଇଲେ ଯେ, ସେ ଉଜ୍ଜୈନର ମହାକାଳ ମନ୍ଦିରକୁ ଆସିଛନ୍ତି ଏବଂ ବାହାରେ ରଖାଯାଇଥିବା ହଜାର ହଜାର ସଂଖ୍ୟାରେ ଜୋତା ମଧ୍ୟରେ ନିଜ ଜୋତା ଚିହ୍ନିବା ତାଙ୍କୁ କଷ୍ଟକର ହେଉଛି। ଭିଡିଓ ଅନୁଯାୟୀ, ଚାଟ୍‌ଜିପିଟି ସେହି ଫଟୋଗୁଡ଼ିକୁ ଦେଖିବା ପରେ ତାଙ୍କୁ କିଛି ପ୍ରଶ୍ନ ପଚାରିଥିଲା। ଜୋତାର ରଙ୍ଗ, ଡିଜାଇନ୍ ଏବଂ ଅନ୍ୟାନ୍ୟ ଚିହ୍ନଟ ସୂଚନା ଆଧାରରେ ଏଆଇ ସେଥିରୁ ତାଙ୍କ ଜୋତାକୁ ଚିହ୍ନିବାରେ ସାହାଯ୍ୟ କରିଥିଲା। ଯେଉଁଠି ମଣିଷକୁ ଶହ ଶହ ଜୋତା ଭିତରୁ ନିଜ ଜୋତା ଖୋଜିବା ପାଇଁ ବହୁତ ସମୟ ଲାଗିଥାନ୍ତା, ସେଠାରେ ଏକ ଫଟୋ ଏବଂ କିଛି ସୂଚନା ସାହାଯ୍ୟରେ ଏହି କାମଟି ବହୁତ ସହଜ ହୋଇଗଲା। ସାଧାରଣତଃ ଲୋକେ ଚାଟ୍‌ଜିପିଟିର ବ୍ୟବହାର ପ୍ରଶ୍ନର ଉତ୍ତର ଜାଣିବା, ଲେଖାପଢ଼ା କରିବା, ସୂଚନା ପାଇବା କିମ୍ବା କୌଣସି କାମରେ ସାହାଯ୍ୟ ନେବା ପାଇଁ କରିଥାନ୍ତି। ଜୋତା ଖୋଜିବା ପାଇଁ ଏଆଇକୁ ବ୍ୟବହାର କରିବା ଦେଖି ସୋସିଆଲ ମିଡିଆ ୟୁଜର୍ସମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଭିଡିଓରେ ଶୁଭାଙ୍ଗ ନିଜର ଏହି ଅନୁଭୂତିକୁ ଲୋକଙ୍କ ସହ ସେୟାର କରିଛନ୍ତି। ତାଙ୍କର ଏହି ଉପାୟ ଦର୍ଶାଉଛି ଯେ, ଏଆଇ ବ୍ୟବହାର କେବଳ ପାଠପଢ଼ା କିମ୍ବା ଅଫିସ୍ କାମ ମଧ୍ୟରେ ସୀମିତ ନୁହେଁ। ଫଟୋଗୁଡ଼ିକୁ ବୁଝିବା ଏବଂ ସେଥିରେ ଥିବା ଜିନିଷଗୁଡ଼ିକୁ ଚିହ୍ନଟ କରିବା ଭଳି କାମରେ ମଧ୍ୟ ଏଆଇ ବହୁତ ସାହାଯ୍ୟକାରୀ ପ୍ରମାଣିତ ହୋଇପାରିବ।



## ଟମାଟୋ ଚାଷରୁ ଆତ୍ମନିର୍ଭର



**କୃଷିକ୍ଷେତ୍ରରେ ପୁରୁଷଙ୍କ ମୁଖ୍ୟ ଅବଦାନ ରହିଥାଏ। ଏବେ କିନ୍ତୁ ମହିଳାମାନେ ଚାଷ କରି ସଫଳତା ହାସଲ କରୁଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଛତିଶଗଡ଼,କୋରବା ଜିଲ୍ଲା, ପତରାପାଲି ଗାଁ'ର ରାଜଶ୍ରୀ ମାର୍କୋ। ଆଧୁନିକ ପ୍ରଣାଳୀରେ ଟମାଟୋ ଚାଷରୁ ସେ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି।**

ରାଜଶ୍ରୀ ଜାତୀୟ ଉଦ୍ୟାନ କୃଷି ମିଶନ ମାଧ୍ୟମରେ ଚାଷ ସମ୍ପର୍କିତ ସୂଚନା ସଂଗ୍ରହ କରିଥିଲେ। ୨୦୨୪-୨୫ ମସିହାରେ ୧.୨୦ ହେକ୍ଟର ଜମିରେ ସଙ୍କର କିସମର ଟମାଟୋ ଚାଷ କରିଥିଲେ। ବୁନ୍ଦା ଜଳ ସେଚନ ଦ୍ୱାରା ଜଳ ସଞ୍ଚୟ ହୋଇ ଗଛକୁ ଆବଶ୍ୟକ ମୁତାବକ ଜଳ ମିଳି ପାରିଥିଲା। ସେହିପରି ଚାଷ ଜମିରେ ମଲଚିଂ ଭଳି ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର ଦ୍ୱାରା ଫସଲରେ ଆର୍ଦ୍ରତା ଠିକ୍ ରହିବା ସହ ଘାସ ନିୟନ୍ତ୍ରଣ ସହଜ ହୋଇଥିଲା। ଫସଲରେ ଉପଯୁକ୍ତ ସାର ଓ ପୋକ ନିୟନ୍ତ୍ରଣ କରିବାକୁ ଗୁରୁତ୍ୱ ଦେଇଥିଲେ ରାଜଶ୍ରୀ। ଏହା ଫଳରେ ସେ ଗୋଟିଏ ଋତୁରେ ୧୦୦ରୁ ୧୨୦ ଟନ୍ ଟମାଟୋ ଉତ୍ପାଦନ କରିଥିଲେ। ଏଥିରୁ ତାଙ୍କର ଲକ୍ଷାଧିକ ଟଙ୍କା ରୋଜଗାର ହୋଇଥିଲା। ତେବେ ରାଜଶ୍ରୀଙ୍କ ଏହି ସଫଳତା ସ୍ଥାନୀୟ ଅଞ୍ଚଳର ଚାଷୀଙ୍କୁ ପ୍ରେରଣା ଯୋଗାଉଛି।




## ପନିପରିବାରେ ଝାଉଁଳା ଓ ମୂଳସଢ଼ା ରୋଗ



**ଲଗାଣ ବର୍ଷା ଯୋଗୁଁ ପନିପରିବା ଫସଲରେ ଜଳ ଜମିବା ସାଧାରଣ କଥା। ହେଲେ ପାଣି ଜମି ରହିବା ଯୋଗୁଁ ଗଛମୂଳକୁ ଅମ୍ଳଜାନ ପହଞ୍ଚି ପାରେ ନାହିଁ। ଏହାଦ୍ୱାରା ଫସଲରେ ଝାଉଁଳା ଓ ମୂଳସଢ଼ା ରୋଗ ଲାଗିବାର ଆଶଙ୍କା ଅଧିକ ରହିଥାଏ।**

ବର୍ଷାଦ୍ୱାରା ଫସଲ ପ୍ରଭାବିତ ନ ହେବାକୁ ଟମାଟୋ, ଲଙ୍କା, ବାଇଗଣ ଆଦି ଚାରାକୁ ପଲିଥିନ୍ କିମ୍ବା ପ୍ଲାଷ୍ଟିକ୍ ଦ୍ୱାରା ଆଚ୍ଛାଦନ କରି ରଖିବା ଉଚିତ। ବର୍ଷାପରେ ପନିପରିବା ଫସଲରେ ଝାଉଁଳା ଓ ମୂଳସଢ଼ା ଦେଖା ଦେବାର ସମ୍ଭାବନା ଥାଏ। ଏହାଦ୍ୱାରା ହଠାତ୍ ଗଛର ପତ୍ର ଝାଉଁଳି ପଡ଼େ, ଚେର ଓ ଗଣ୍ଡି କଳା ପଡ଼ିଯାଏ। କବକ ଓ ବୀଜାଣୁ ଆକ୍ରମଣ ଯୋଗୁଁ ଗଛ ଶୁଖିଯାଏ। ଶେଷରେ ସମ୍ପୂର୍ଣ୍ଣ ଗଛ ମରିଯାଏ। ଏହାର ପ୍ରତିକାର ପାଇଁ ଜମିରୁ ଅତିରିକ୍ତ ପାଣି ନିଷ୍କାସନ କରିବା ଜରୁରି। ଝାଉଁଳା ଓ ମୂଳସଢ଼ା ନିୟନ୍ତ୍ରଣ ପାଇଁ ବର୍ଷା ଛାଡ଼ିଗଲା ପରେ ପ୍ରତି ୧୦ ଲିଟର ପାଣିରେ ୨୦ ଗ୍ରାମ୍ ମେଟାଲାକ୍ସିଲ +ମାଙ୍କୋଜେବ ଓ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍‌କୁ ମିଶାଇ ଫସଲ ମୂଳକୁ ସିଞ୍ଚନ କରାଯାଏ। ସେହିପରି ବର୍ଷାପରେ ପନିପରିବା ଫସଲରେ ଝାଉଁଳା ଓ ମୂଳପଚା ରୋଗର ଲକ୍ଷଣ ଦେଖାଦେଲେ ଶୁଖିଲା ପାଗ ଦେଖି ୧୦ ଲିଟର ପାଣିରେ ୨୦ ଗ୍ରାମ୍ ମେଟାଲାକ୍ସିଲ ୮% + ମାଙ୍କୋଜେବ ୬୪% ଡବ୍ଲ୍ୟୁ ପି ମିଶାଇ ଗଛର ମୂଳ ଚାରିପାଖେ ଡ୍ରେଞ୍ଚ କରି ଜମିରେ ଜଳ ନିଷ୍କାସନର ସଠିକ୍ ବ୍ୟବସ୍ଥା କରିବା ଆବଶ୍ୟକ। ଅଧିକ ନଷ୍ଟ ହୋଇଥିବା ଗଛକୁ ମାଟିରୁ ଉପାଡ଼ି ନଷ୍ଟ କରିବା ଦ୍ୱାରା ଅନ୍ୟ ଗଛକୁ ରୋଗ ବ୍ୟାପିବା ଆଶଙ୍କା କମ୍ ରୁହେ।

## ମଲ୍ଲୀଫୁଲ ଚାଷ



ମଲ୍ଲୀଫୁଲ ଅତ୍ୟନ୍ତ ସୁଗନ୍ଧିତ। ଉଷ୍ମ, ଆର୍ଦ୍ର ଜଳବାୟୁ ଓ ସୂର୍ଯ୍ୟାଲୋକ ପଡୁଥିବା ସ୍ଥାନରେ ଏହି ଫୁଲ ଚାଷ ଭଲ ହୁଏ। ଦୋରସା, ନିଗିଡ଼ା ମାଟି ଏହି ଚାଷ ପାଇଁ ସର୍ବୋତ୍ତମ। ଗୁଣ୍ଡୁମାଲି, ରାମବନମ୍, ମଦନ ବନ, ମୋରଗା, କସ୍ତୁରୀମାଳି, ମୋଜିମାଲି, ସିଓ-୧, ମୁଲାଇ ଓ ପରିମୁଲାଇ ଆଦି କିସମ ଫୁଲ ଚାଷ କରାଯାଏ। ମଲ୍ଲୀଫୁଲ ଲଗାଇବା ପାଇଁ ଅଗଷ୍ଟ ମାସ ସବୁଠୁ ଭଲ। ଡାଳକଲମୀ କିମ୍ବା ମୂଳରୁ ବାହାରିଥିବା ଚାରା ଦ୍ୱାରା ନୂଆ ଗଛ କରାଯାଏ। ଗାତର ଲମ୍ବ, ଓସାର ଓ ଗଭୀରତା ୩୦ ସେମି ଓ ଗଛରୁ ଗଛ ମଧ୍ୟରେ ଦୂରତା ୧.୫ରୁ ୨ ମିଟର ରଖାଯାଏ। ଗଛ ଲଗାଇବାବେଳେ ସଢ଼ା ଗୋବର ଖତ, ସୁପର ଫସ୍‌ଫେଟ୍, ମ୍ୟୁରେଟ ଅଫ୍ ପୋଟାସ୍ ଆଦି ପ୍ରୟୋଗ କରାଯାଏ। ମାଟି ଶୁଖିଗଲେ ଜଳ ସେଚନ କରିବା ଜରୁରି। ଶୀତଦିନ ଶେଷ ଆଡ଼କୁ ଗଛର ଶାଖାପ୍ରଶାଖା କାଟିଲେ ଅଧିକ ଫୁଲ ଆସେ। ଏହି ଚାଷରେ ରୋଗପୋକ ଆଦି ଦେଖାଦେଲେ ନିମ୍ବପାଣି କିମ୍ବା ଜୈବିକ କୀଟନାଶକ ପ୍ରୟୋଗ କରିପାରିବେ। ଗଛ ଲଗାଇବାର ଦୁଇବର୍ଷ ପରେ ଫୁଲ ଫୁଟିଥାଏ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଯଦି ଜମିରେ ଧାନ ଗଛ ସଂଖ୍ୟା ୫୦%ରୁ ଅଧିକ ଥାଏ ତେବେ ଖାଲି ସ୍ଥାନ ପୂରଣ କରିବା ପାଇଁ ଘାସ ବଛାବଛି କରି ଅନ୍ୟ ବୁଦାରୁ ପିଲ ବାହାର କରି ଖେଲୁଆ ପଦ୍ଧତିରେ ଗଛ ସଂଖ୍ୟା ବୃଦ୍ଧି କରିଦିଅନ୍ତୁ।
- ଫସଲ କ୍ଷେତ, ଫଳବଗିଚା, ନର୍ସରୀ ଏବଂ ତଳିଆ ଜମିରୁ ତୁରନ୍ତ ଅତିରିକ୍ତ ବର୍ଷାଜଳ ନିଷ୍କାସନ କରନ୍ତୁ।
- ମକା, ଚିନାବାଦାମ ଓ ଶସ୍ୟ ଜାତୀୟ ଫସଲରେ ଶୋଷକ କୀଟ ଯଥା ଜଉ, ଉକୁଣିଆ, ପତ୍ରଡିଆଁ ଓ ଧଳାମାଛି ଭଳି ପୋକର ନିରୀକ୍ଷଣ ଓ ନିୟନ୍ତ୍ରଣ ପାଇଁ ଏକର ପିଛା ୮ଟି ଅଠାଲାଗିଥିବା ହଳଦିଆ ଯନ୍ତାକୁ ଜମିରେ ଲଗାନ୍ତୁ।
- ହରଡ଼ରେ କୋଡ଼ାଖୋସା କରି ଘାସ ବାଛି ଦିଅନ୍ତୁ ଓ ଗଛ ମୂଳକୁ ମାଟି ଟେକି ଦିଅନ୍ତୁ।

## ବର୍ଷାଦିନେ ଛେଳିଙ୍କ ସୁରକ୍ଷା

**ଆମ ରାଜ୍ୟର ଭୂମିହୀନ ତଥା ନାମମାତ୍ର କ୍ଷୁଦ୍ରଚାଷୀ ଛେଳିପାଳନ କରିଥାନ୍ତି। ତେବେ ବର୍ଷାଦିନେ ପରିବେଶ ସନ୍ତସନ୍ତିଆ ଏବଂ ଆର୍ଦ୍ରତାପୂର୍ଣ୍ଣ ରହୁଥିବାରୁ ଜୀବାଣୁ, ଭୂତାଣୁ ଏବଂ କବକ ବଂଶ ବୃଦ୍ଧି କରିଥାନ୍ତି। ଏହି ଅସ୍ୱାସ୍ଥ୍ୟକର ପରିବେଶ ଛେଳିଙ୍କ ସଂକ୍ରମଣ ଆଶଙ୍କାକୁ ବଢ଼ାଏ।**

ବର୍ଷାଦିନେ ପରିବେଶ ସନ୍ତସନ୍ତିଆ ଓ କାଦୁଆ ରହିଥାଏ। ଏହି ପରିବେଶରେ ଛେଳି ଚରାବୁଲା କରିବା ଦ୍ୱାରା ସେମାନଙ୍କଠାରେ କୃମି ପ୍ରାଦୁର୍ଭାବ ବଢ଼ିଯାଏ। ଛେଳିଙ୍କ ପାଇଁ ସଂରକ୍ଷିତ ଥିବା ଖାଦ୍ୟ ଓଦା ହେଲେ ଏଥିରେ କବକ ଲାଗେ। ଏହାକୁ ଖାଇବା ସହ ଦୂଷିତ ପାଣି ପିଇବା ଯୋଗୁଁ ଛେଳି ସଂକ୍ରମିତ ହୋଇଥାନ୍ତି। ସଂକ୍ରମିତ ଛେଳି ଜ୍ୱର, ଥଣ୍ଡା, ଝାଡ଼ାରେ ଆକ୍ରାନ୍ତ ହୁଅନ୍ତି। ଖାଇବା ପିଇବା କମାଇ ଦୁର୍ବଳ ହୋଇଯାନ୍ତି। ତେଣୁ ଛେଳିଙ୍କୁ ସୁସ୍ଥ ରଖିବାକୁ ଗୁହାଳକୁ ସଫା ଓ ଶୁଖିଲା ରଖିବା ସହ ବାୟୁ ଚଳାଚଳ ହେବା ଜରୁରି। ଛେଳିଙ୍କୁ ବିଶୁଦ୍ଧ ଜଳ ପିଇବାକୁ ଦେଇପାରିବେ। ସଢ଼ା ଚାରା କିମ୍ବା କବକ ଲଗା ଖାଦ୍ୟ ବଦଳରେ ଘାସ ଓ ଡାଳପତ୍ର ଦେବା ଉଚିତ। ଛେଳିଙ୍କୁ କୃମି ଔଷଧ ଏବଂ ସଂକ୍ରମଣ ଦୂର ପାଇଁ ଟିକାକରଣ ଦେବା ଜରୁରି। ସଂକ୍ରମିତ ଛେଳିଙ୍କୁ ଅନ୍ୟ ଛେଳିଙ୍କଠାରୁ ଦୂରେଇ ରଖି ଚିକିତ୍ସକଙ୍କ ପରାମର୍ଶରେ ଯତ୍ନ ନେବା ଆବଶ୍ୟକ।



## ଫସଲ ବୃଦ୍ଧି ପାଇଁ ସୋରିଷ ପିଡ଼ିଆ

**ସୋରିଷ ପିଡ଼ିଆ ଏକ ଉତ୍କୃଷ୍ଟ ଜୈବ ସାର। ଏଥିରେ ଯବକ୍ଷାରଜାନ, ଫସ୍‌ଫରସ୍ ଏବଂ ପୋଟାସିୟମ ଥିବାରୁ ଏହା ଗଛ ବୃଦ୍ଧି ସହ ଫୁଲ ଓ ଫଳ ଆଣିବାରେ ସାହାଯ୍ୟ କରେ। ତେବେ ସୋରିଷ ପିଡ଼ିଆ ବ୍ୟବହାରରେ ବିଶେଷ ସତର୍କ ରହିବା ଆବଶ୍ୟକ।**



ଟମାଟୋ, କ୍ୟାପ୍ସିକମ୍ ଏବଂ ଫୁଲଗଛରେ ଫୁଲ ଓ ଫଳ ଆଣିବାରେ ସୋରିଷ ପିଡ଼ିଆ ବ୍ୟବହାର କରାଯାଏ। ଏହାକୁ ବ୍ୟବହାର କରିବା ପୂର୍ବରୁ ଗୁଣ୍ଡକରି ମାଟିରେ ମିଶାଯାଏ। ଗଛ ଲଗାଇବା ପୂର୍ବରୁ ଏବଂ ଫସଲ ବଢ଼ିବା ସମୟରେ ଏହି ପିଡ଼ିଆ ଦୁଇ ଚାମଚ କୁଣ୍ଡରେ ଦିଆଯାଏ। ଫୁଲ ଆସିବା ସମୟରେ ମାଟିକୁ କୋଡ଼ାଖୋସା କରି ସେଥିରେ ସୋରିଷ ପିଡ଼ିଆ ମିଶାଇଲେ ମାଟିରେ ଉପକାରୀ ଜୀବାଣୁ ବୃଦ୍ଧି ହୋଇ ରୋଗନିୟନ୍ତ୍ରଣ ହୁଏ। ସେହିପରି ୧୦ ଲିଟର ପାଣିରେ ୨ ମୁଠା ସୋରିଷ ଖତ ତିନିଦିନ ରଖି ପରେ ସେହି ପାଣିକୁ ଅଧିକ ପାଣି ସହ ମିଶାଇ ଗଛ ମୂଳରେ ପ୍ରୟୋଗ କରାଯାଏ।

## ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍

# ଅଗ୍ରଣୀ ରହି ମଧ୍ୟ ହାରିଲା ଭାରତ

ଆମଷ୍ଟଲଭିନ୍, ୧୭।୮ (ଏଜେନ୍ସି)




ଏଠାରେ ଆଜି ଖେଳାଯାଇଥିବା ପୁରୁଷ ହକି ବିଶ୍ୱକପ୍‌ରେ ପୁଲ-ଡି'ର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଇଂଲଣ୍ଡ ନିକଟରୁ ଭାରତ ୨-୪ ଗୋଲ୍‌ରେ ପରାଜିତ ହୋଇଛି। ଏହା ଫଳରେ ୨ଟି ମ୍ୟାଚ୍‌ର ଗୋଟିଏ ବିଜୟ ଓ ଗୋଟିଏ ପରାଜୟ ସହ ଭାରତ ପୁଲ୍-ଡି'ରେ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ପୁଲ୍‌ରେ ଦଳ ତାହାର ତୃତୀୟ ତଥା ଶେଷ ଲିଗ୍ ମ୍ୟାଚ୍‌ରେ ପଡୋଶୀ ପାକିସ୍ତାନକୁ ୧୯ ତାରିଖରେ ଭେଟିବ। ଏହି ମ୍ୟାଚ୍‌ରେ ପରାଜିତ ହେଲେ ଭାରତ ପ୍ରତିଯୋଗିତାରୁ ବାଦ୍ ପଡ଼ିବ। ମ୍ୟାଚ୍ ଜିତିଲେ କିମ୍ବା ଡ୍ର ରଖିପାରିଲେ ଦଳ କ୍ରସ୍ ଓଭରରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଏହି ମ୍ୟାଚ୍‌ରେ ଭାରତ ପକ୍ଷରୁ ହରମନପ୍ରୀତ୍ ସିଂହ ଓ ଦିଲପ୍ରୀତ୍ ସିଂହ ପେନାଲ୍ଟି କର୍ଣ୍ଣରରୁ ଗୋଟିଏ ଲେଖାଏଁ ଗୋଲ ଦେଇ ପ୍ରଥମାର୍ଦ୍ଧ ସୁଦ୍ଧା ୨-୧ ଗୋଲରେ ଅଗ୍ରଣୀ ରହିଥିଲା। କିନ୍ତୁ ପ୍ରଥମାର୍ଦ୍ଧ ପରେ ଇଂଲଣ୍ଡ ଶେଷ ଦୁଇଟି କ୍ୱାର୍ଟରରେ ପ୍ରାଧାନ୍ୟ ବିସ୍ତାର କରି ଖେଳିବା ସହ ୩ଟି ଗୋଲ ଦେଇ ମ୍ୟାଚ୍‌କୁ ଜିତିନେଇଥିଲା। ଇଂଲଣ୍ଡ ପକ୍ଷରୁ ନିକୋଲାସ ବାନ୍ଦୁରାକ ୨ଟି, ହେନରୀ କ୍ରଫ୍ଟ ଓ ଷ୍ଟୁଆର୍ଟ ରୁସ୍‌ମେରେ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଏହି ବିଜୟ ଫଳରେ ଇଂଲଣ୍ଡ ୨ଟି ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ସହ ପୁଲ-ଡି'ରେ ଶୀର୍ଷସ୍ଥାନ ଅଧିକାର କରିଛି। ଏହି ଦୁଇ ଦଳ ଦ୍ୱିତୀୟ ରାଉଣ୍ଡ ବା କ୍ରସ୍‌ଓଭରରେ ଖେଳିବାକୁ ଯୋଗ୍ୟତା ଅର୍ଜନ କଲେ ନୂଆ ନିୟମ ଅନୁଯାୟୀ ଇଂଲଣ୍ଡ ୨ ପଏଣ୍ଟ ସହ ଖେଳିବ। ଅର୍ଥାତ କ୍ରସ୍ ଓଭରରେ ଗୋଟିଏ ହେଲେ ମ୍ୟାଚ୍ ନ ଖେଳି ଇଂଲଣ୍ଡକୁ ଗୋଟିଏ ମ୍ୟାଚ୍‌ର ପୂରା ପଏଣ୍ଟ ମିଳିବ। ଏହି ପଏଣ୍ଟ ଯୋଗୁଁ ଇଂଲଣ୍ଡର ସେମିଫାଇନାଲ ଖେଳିବା ଆଶା ସହଜ ହେବ।

ଅନ୍ୟପକ୍ଷରେ ଭାରତକୁ ସେମିଫାଇନାଲରେ ପ୍ରବେଶ କରିବାକୁ ହେଲେ ପ୍ରଥମେ ପାକିସ୍ତାନକୁ ବୁଧବାର ଦିନ ଏବଂ କ୍ରସ୍ ଓଭରରେ ସମସ୍ତ ୩ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇବାକୁ ପଡ଼ିବ। ଏହି ମ୍ୟାଚ୍ ହାରିଯିବା ପରେ ଭାରତର ସେମିଫାଇନାଲ ଖେଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି।

## ପାକିସ୍ତାନ-ୱେଲ୍ସ ମ୍ୟାଚ୍ ଡ୍ର

ପୁରୁଷ ବିଶ୍ୱକପ୍‌ରେ ଆଜି ଖେଳାଯାଇଥିବା ପୁଲ୍-ଡି'ର ପ୍ରଥମ ମୁକାବିଲାରେ ୱେଲ୍ସ ସହ ପାକିସ୍ତାନ ୩-୩ ଗୋଲରେ ମ୍ୟାଚ୍ ଡ୍ର ରଖିଥିଲା। ପ୍ରଥମ ମ୍ୟାଚ୍‌ରେ ହାରିଥିବା ଉଭୟ ଦଳକୁ ଏହି ମ୍ୟାଚ୍‌ରୁ ପ୍ରଥମ ପଏଣ୍ଟ ମିଳିଥିଲା। ପୂର୍ବରୁ ଭାରତଠାରୁ ୩-୧ ଗୋଲରେ ୱେଲ୍ସ ଓ ଇଂଲଣ୍ଡ ନିକଟରୁ ୪-୧ ଗୋଲରେ ପାକିସ୍ତାନ ପରାଜିତ ହୋଇଥିଲା।

ଫ୍ରାନ୍ସ ଓ ମାଲେସିଆ ମଧ୍ୟରେ ପୁଲ-ବି' ମୁକାବିଲା ମଧ୍ୟ ୩-୩ ଗୋଲରେ ଡ୍ର ରହିଛି। ଉଭୟ ଦଳ ମଧ୍ୟ ପ୍ରଥମ ପଏଣ୍ଟ ହାସଲ କରିଛନ୍ତି। ଏହି ପୁଲ୍‌ରେ ଜର୍ମାନୀ ଓ ବେଲଜିୟମ ମଧ୍ୟରେ ଆଜିର ଶେଷ ମୁକାବିଲା ଅନୁଷ୍ଠିତ ହେଉଛି।

## ଜାପାନ, ଆମେରିକାର ପ୍ରଥମ ବିଜୟ

ମହିଳା ବିଶ୍ୱକପ୍‌ରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଜାପାନ ୩-୦ ଗୋଲରେ ଚିଲିକୁ ପରାସ୍ତ କରି ପ୍ରଥମ ବିଜୟ ହାସଲ କରିଛି। ଅଷ୍ଟ୍ରେଲିଆ ଓ ନେଦରଲ୍ୟାଣ୍ଡସ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଛି। ସେହିପରି ଅନ୍ୟ ଏକ ମ୍ୟାଚ୍‌ରେ ଆମେରିକା ୩-୨ ଗୋଲରେ ସ୍କଟଲାଣ୍ଡକୁ ପରାସ୍ତ କରିଛି। ଏହା ପରେ ଜର୍ମାନୀ ଓ ଆର୍ଜେଣ୍ଟିନା ମଧ୍ୟରେ ଚାଲିଥିବା ମ୍ୟାଚ୍‌ର ବିଜେତା ପୁଲ ଶୀର୍ଷସ୍ଥାନ ଅଧିକାର କରିବ।

ଆସନ୍ତାକାଲି ପୁଲ୍-ଡି'ରେ ଭାରତ ତାହାର ଦ୍ୱିତୀୟ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ସହ ଖେଳିବ। ଏହି ମ୍ୟାଚଟି ସନ୍ଧ୍ୟା ୬ଟା ୩୦ ମିନିଟ୍‌ରେ ଖେଳାଯିବ। ପ୍ରଥମ ପୁଲ୍ ମ୍ୟାଚ୍‌ରେ ଭାରତ ଓ ଚୀନ ୨-୨ ଗୋଲରେ ଡ୍ର ରଖିଥିଲେ।

### ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ୍

## ଆରମ୍ଭରୁ ବିପର୍ଯ୍ୟୟ ଘଟାଇଲେ ଆୟୁଷ

ନୂଆଦିଲ୍ଲୀ, ୧୭।୮ (ଏଜେନ୍ସି): ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଏରେନାରେ ସୋମବାରଠାରୁ ଆରମ୍ଭ ହୋଇଥିବା ବ୍ୟାଡମିଣ୍ଟନର ବିଶ୍ୱକପ୍ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ୍‌ରେ ଭାରତୀୟ ଖେଳାଳିମାନେ ଦମ୍‌ଦାର ଆରମ୍ଭ କରିଛନ୍ତି। ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁଙ୍କ ସମେତ ଆୟୁଷ ସେଟ୍ଟୀ, ପୁରୁଷ ଯୁଗଳରେ ଏମଆର ଅର୍ଜୁନ ଓ ହରିହରନ ଅମାସାକାରୁନାନ ଏବଂ ମହିଳା ଡବଲ୍ସରେ ତ୍ରିସା ଜୋଲି ଓ ଗାୟତ୍ରୀ ଗୋପିଚାନ୍ଦ ଯୋଡ଼ି ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଭାରତ ଉଦୀୟମାନ ଖେଳାଳି ଆୟୁଷ ସେଟ୍ଟୀ ଆରମ୍ଭରୁ ବିପର୍ଯ୍ୟୟ ଘଟାଇଛନ୍ତି। ଆୟୁଷ ପ୍ରଥମ ରାଉଣ୍ଡରେ ୨୧-୧୪, ୧୩-୨୧, ୨୧-୧୯ ଗେମରେ ବିଶ୍ୱର ଏକ ନମ୍ବର ଖେଳାଳି ତଥା ଡିଫେଣ୍ଡିଂ ଚାମ୍ପିଅନ ଚାଇନାର ସି ୟୁକିଙ୍କୁ ପରାସ୍ତ କରି ସମସ୍ତଙ୍କୁ ଚମକାଇ ଦେଇଛନ୍ତି। ସେହିଭଳି ମହିଳା ବିଭାଗର ପ୍ରଥମ ରାଉଣ୍ଡରେ ସିନ୍ଧୁ ୨୧-୭, ୨୧-୧୧ ସିଧାସଳଖ ଗେମରେ ଆୟର୍ଲାଣ୍ଡର ସୋଫିଆ ନୋବଲେଙ୍କୁ ହରାଇଥିଲେ। ସିନ୍ଧୁଙ୍କୁ ଏହି ମ୍ୟାଚ୍ ଜିତିବାକୁ ମାତ୍ର ୨୯ ମିନିଟ ସମୟ ଲାଗିଥିଲା। ଅପରପକ୍ଷରେ ମହିଳା ଡବଲ୍ସରେ ତ୍ରିସା ଓ ଗାୟତ୍ରୀ ଯୋଡ଼ି ୨୧-୯, ୨୧-୧୩ ସିଧାସଳଖ ଗେମରେ ସ୍ପାନିଶ ଯୋଡ଼ି ପାଉଲା ଲୋପେଗ ଓ ଲୁସିଆ ରୋଡ୍ରିଗ୍ସଙ୍କୁ ହରାଇଥିଲେ। ପୁରୁଷ ଡବଲ୍ସରେ ଅର୍ଜୁନ-ହରିହରନ ଯୋଡ଼ି ୨୧-୧୬, ୨୧-୪ରେ ଆୟର୍ଲାଣ୍ଡ ଯୋଡ଼ିଙ୍କୁ ହରାଇ ରାଉଣ୍ଡ-୩୨ରେ ପ୍ରବେଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଦୀର୍ଘ ୧୭ ବର୍ଷ ପରେ ଏହି ସମ୍ମାନଜନକ ବିଶ୍ୱସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଭାରତରେ ଆୟୋଜିତ ହେଉଛି।



## ଡୁରାଣ୍ଡ କପ୍ ସେମିରେ ମୋହନ ବାଗାନ

କୋଲକାତା, ୧୭।୮ (ଏଜେନ୍ସି): ଚଳିତ ଡୁରାଣ୍ଡ କପର ୧୩୫ତମ ସଂସ୍କରଣରେ ତୃତୀୟ ଦଳ ଭାବରେ ମୋହନ ବାଗାନ ସୁପର ଜାଏଣ୍ଟ୍ସ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ସୋମବାର ସ୍ଥାନୀୟ ବିବେକାନନ୍ଦ ଯୁବା ଭାରତୀ କ୍ରୀଡ଼ାଙ୍ଗନରେ ଅନୁଷ୍ଠିତ ତୃତୀୟ କ୍ୱାର୍ଟର ଫାଇନାଲରେ ମୋହନ ବାଗାନ ୯-୮ ଗୋଲରେ ପେନାଲ୍ଟି ସୁଟଆଉଟରେ ଜାମସେଦପୁର ଏଫସିକୁ ପରାସ୍ତ କରିଥିଲା। ଏହି ମ୍ୟାଚର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଫଳରେ ପେନାଲ୍ଟି ସୁଟଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ମୋହନ ବାଗାନ ଦଳ ବାଜିମାତ୍ କରିନେଇଥିଲା। ନର୍ଥଇଷ୍ଟ ୟୁନାଇଟେଡ ଓ ସିଲଙ୍ଗ ଲାଜଙ୍ଗ ମଧ୍ୟରେ ଖେଳାଯିବାକୁ ଥିବା ଚତୁର୍ଥ କ୍ୱାର୍ଟରର ବିଜେତାକୁ ମୋହନ ବାଗାନ ସେମିଫାଇନାଲରେ ଭେଟିବ। ପୂର୍ବରୁ ସ୍ପୋର୍ଟିଂ କ୍ଲବ ଦିଲ୍ଲୀ ଓ ଇଷ୍ଟ ବେଙ୍ଗଲ ପ୍ରଥମ ଦୁଇଟି କ୍ୱାର୍ଟରରେ ବିଜୟୀ ହୋଇ ସେମିକୁ ଉଠିଛନ୍ତି।

### ୩୫୦ ୱିକେଟ କ୍ଲବ୍‌ରେ ଜାଡେଜା

## ସୋନାଲ, ନିରୋସାନ୍ ଫଲୋଅନ୍ ଏଡ଼ାଇଲେ

ଗଲ,୧୭।୮(ଏଜେନ୍ସି): ଅଲରାଉଣ୍ଡର ସୋନାଲ ଦିନୁଶା ଓ ନିରୋସନ ଡିକ୍‌ୱେଲାଙ୍କ ଷଷ୍ଠ ୱିକେଟରେ ୧୪୬ ରନ୍‌ର ଦମ୍‌ଦାର ପାର୍ଟନରସିପ୍ ବଳରେ ଏଠାରେ ଭାରତ ସହ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଶ୍ରୀଲଙ୍କା ଫଲୋଅନ୍ ଏଡାଇବାରେ ସମର୍ଥ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପ୍ରଥମ ଇନିଂସରେ ୪୬୨ ରନ୍ କରିଥିଲା। ଜବାବରେ ଶ୍ରୀଲଙ୍କା ୯୦ ରନ୍‌ରେ ୫ ୱିକେଟ ହରାଇ ଫଲୋଅନ୍‌ର ସମ୍ମୁଖୀନ ହୋଇଥିଲାବେଳେ ସୋନାଲ (୧୦୦)ଙ୍କ ଶତକ ଓ ନିରୋସନ (୮୦)ଙ୍କ ଅର୍ଦ୍ଧଶତକ ଯୋଗୁ ଦଳ ତୃତୀୟ ଦିନ ଖେଳରେ ୨୮୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ଭାରତ ପ୍ରଥମ ଇନିଂସରେ ୧୭୮ ରନ୍‌ରେ ଆଗୁଆ ଥିଲେ ମଧ୍ୟ ଫଲୋଅନ୍ କରି ନ ପାରିବାରୁ ନିରାଶ ହୋଇଛି। ନିରୋସନ ୨୦ ରନ୍ କରିଥିଲାବେଳେ ଲୋକେଶ ରାହୁଲ ତାଙ୍କ କ୍ୟାଚ୍ ହାତଛଡ଼ା କରି ଭାରତକୁ ନିରାଶ କରିଛନ୍ତି। ଆଲୋକ ଅଭାବରୁ ଆଉ ୧୩ ତୃତୀୟ ଦିନରେ ଆଉ ଖେଳ ସମ୍ଭବ ହୋଇ ପାରି ନ ଥିଲା। ଏହି ଯୋଡି ଭାଙ୍ଗିବା ଫଳରେ ଘରୋଇ ଦଳ ତାହାର ଶେଷ ୫ଟି ୱିକେଟ ୪୮ ରନ୍‌ରେ ହରାଇଥିଲା। ଏହି ଯୋଡିଙ୍କ ବ୍ୟାଟିଂକୁ ଛାଡିଦେଲେ ଅନ୍ୟ ସମସ୍ତଙ୍କୁ ଭାରତୀୟ ବୋଲର ନିୟନ୍ତ୍ରଣରେ ରଖିଥିଲେ। ସେମାନଙ୍କ ମଧ୍ୟରୁ ମାନବ ସୁତାର ସର୍ବାଧିକ ୪ଟି ଓ ରବୀନ୍ଦ୍ର ଜାଡେଜା ୩ଟି ୱିକେଟ ଅକ୍ତିଆର କରିଥିଲେ। ଏହି କ୍ରମରେ ଜାଡେଜା ଟେଷ୍ଟ କ୍ରିକେଟରେ ୩୫୦ତମ ୱିକେଟ କ୍ଲବ୍‌ରେ ସାମିଲ ହୋଇଛନ୍ତି। ଏହି କ୍ଲବ୍‌ରେ ସଦସ୍ୟ ହେବାରେ ସେ ଭାରତର ୫ମ ସଦସ୍ୟ ହୋଇଛନ୍ତି। ୧୬୮ ତମ ଟେଷ୍ଟ ଇନିଂସରେ ସେ ୩୫୧ଟି ୱିକେଟ ଅକ୍ତିଆର କରିଛନ୍ତି। ଅନିଲ କୁମ୍ବଳେ (୨୩୬ ଇନିଂସ, ୬୧୯ ୱିକେଟ), ରବି ଅଶ୍ୱିନ (୨୦୦-୫୩୭), କପିଳ ଦେବ (୨୨୭-୪୩୪) ଓ ହରଭଜନ ସିଂ (୧୯୦-୪୧୭) ଏହି କ୍ଲବ୍‌ରେ ଭାରତୀୟ ସଦସ୍ୟ ରହିଛନ୍ତି।



ପୂର୍ବରୁ ସୋମବାର ସକାଳେ ଭାରତ ତାହାର ଅସମାପ୍ତ ପ୍ରଥମ ଇନିଂସରେ ଆଉ ୪ଟି ବଲ୍ ଖେଳି ୪୬୨ରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଦେବଦତ୍ତ ପାଡିକଲ ୧୬୭, ଲୋକେଶ ରାହୁଲ ୮୨ ଓ ଧ୍ରୁବ ଜୁରେଲ ୫୧ ରନ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ପ୍ରବାତ ଜୟସୁରିଆ ୪ଟି, କେଶରା ନୁୱାନ୍ତା ୩ଟି ଓ ଅସିଥା ଫର୍ଣ୍ଣାଣ୍ଡୋ ୨ଟି ୱିକେଟ ଅକ୍ତିଆର କରିଥିଲେ।

### ଏସୀୟ କ୍ରୀଡ଼ା

## ଆଫଗାନିସ୍ତାନ ଦଳରେ ନବିଙ୍କ ପୁଅ ହାସାନଙ୍କୁ ସୁଯୋଗ

କାବୁଲ, ୧୭।୮ (ଏଜେନ୍ସି): ଜାପାନରେ ସେପ୍ଟେମ୍ବର ୧୭ରୁ ଆରମ୍ଭ ହେବାକୁ ଥିବା ଏସୀୟ କ୍ରୀଡ଼ାର କ୍ରିକେଟ ପ୍ରତିଯୋଗିତା ଲାଗି ସୋମବାର ଆଫଗାନିସ୍ତାନ ଦଳ ଘୋଷଣା କରାଯାଇଛି। ମିଡଲ୍ ଅର୍ଡର ବ୍ୟାଟର ଡାରୱିଶ ରସୋଲିଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ସେହିଭଳି ଭେଟେରାନ ଅଲ୍‌ରାଉଣ୍ଡର ମହମ୍ମଦ ନବିଙ୍କ ପୁଅ ହାସାନ ଇସାଖିଲଙ୍କୁ ଦଳରେ ସୁଯୋଗ ଦିଆଯାଇଛି। ୨୦ ବର୍ଷୀୟ ହାସାନ ପ୍ରଥମଥର ଲାଗି ସିନିଅର ଦଳରେ ସ୍ଥାନ ପାଇଛନ୍ତି। ଡାହାଣହାତୀ ଓପନିଂ ବ୍ୟାଟର ହାସାନ ଘରୋଇ କ୍ରିକେଟରେ ଜଣେ ଦକ୍ଷ ଖେଳାଳି ଭାବେ ପରିଚିତ। ଅନ୍ୟମାନଙ୍କ ମଧ୍ୟରେ ଅଭିଜ୍ଞ ଖେଳାଳି ଭାବରେ ନାଜିବୁଲ୍ଲା ଜର୍ଦାଦ ଓ କରିମ ଜନତଙ୍କୁ ଏସୀୟ କ୍ରୀଡ଼ା ଦଳରେ ନିଆଯାଇଛି। ଏସୀୟ କ୍ରୀଡ଼ାର ପୁରୁଷ କ୍ରିକେଟ୍ ଇତିହାସରେ ଆଫଗାନିସ୍ତାନ ୨୦୧୦, ୨୦୧୪ ଓ ୨୦୨୨ରେ ରନର୍ସଅପ୍ ହୋଇ ରୌପ୍ୟ ପଦକ ହାସଲ କରିଥିଲା।

### ଆଜିଠୁ କଳିଙ୍ଗରେ ଜାତୀୟ ଜୁନିଅର ଜଳକ୍ରୀଡ଼ା

## ଭାଗନେବେ ୨୮ ରାଜ୍ୟର ୫୭୬ ସନ୍ତରଣକାରୀ

ଭୁବନେଶ୍ୱର, ୧୭।୮ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ଆକ୍ୱାଟିକ ସେଣ୍ଟରରେ ମଙ୍ଗଳବାରଠାରୁ ଜାତୀୟ ଜୁନିଅର ଜଳକ୍ରୀଡ଼ାର ୫୨ତମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ରାଜ୍ୟ ସନ୍ତରଣ ସଂଘ ଓ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତା ୨୩ ତାରିଖରେ ଉଦଯାପିତ ହେବ। ଏଥିରେ ୨୮ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୫୭୬ଜଣ ସନ୍ତରଣକାରୀ ଭାଗନେବେ ବୋଲି ଜଣାପଡ଼ିଛି। ଉଭୟ ବାଳକ ଓ ବାଳିକା ବିଭାଗର ଏକାଧିକ ଇଭେଣ୍ଟରେ ଏହି ପ୍ରତିଯୋଗିତା ଆୟୋଜିତ ହେବ। ମଙ୍ଗଳବାର ଅପରାହ୍ଣରେ କ୍ରୀଡ଼ା ନିର୍ଦ୍ଦେଶକ ବିଜୟ ୟେଦୁଲ୍ଲା ଅତିଥିଭାବେ ଯୋଗ ଦେଇ ଏହାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି।

## ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ ଲାଗି ଓଡ଼ିଶା ଦଳ ଚୟନ

ଭୁବନେଶ୍ୱର,୧୭।୮ (ସମିସ): ଭୁବନେଶ୍ୱରରେ ୬ଟି ରାଜ୍ୟ ଯଥା ଝାଡଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡ ସହ ଆୟୋଜକ ଓଡ଼ିଶାକୁ ମିଶାଇ ପୂର୍ବାଞ୍ଚଳ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେପ୍ଟେମ୍ବର ୩ରୁ ୬ ତାରିଖଯାଏ ପୋଖରୀପୁଟ ଇଣ୍ଡୋର ହଲରେ ଏହା ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିଯୋଗିତା ଲାଗି ଏକ ଶକ୍ତିଶାଳୀ ଓଡ଼ିଶା ଦଳ ଚୟନ କରାଯାଇଛି। ଏଥିରେ ଦିବ୍ୟମ କେଜ୍ରିୱାଲ, ଶୁଭ୍ରକେତନ ମଲ୍ଲିକ, ନିମିଶା ଓଝା, ସ୍ୱାତୀ ନାଏକ, ଅସ୍ୱୀକା ମିଶ୍ର ପ୍ରମୁଖ ଉଭୟ ପୁରୁଷ ଓ ମହିଳା ଦଳରେ ସ୍ଥାନ ପାଇଛନ୍ତି। ଜୁନିଅର ଦଳରେ ସୌମ୍ୟଜିତ ସାହୁ, ସିନିଅର ଦଳରେ ତହସିବ୍ ଖାନ୍, ଜୈସ ଅଗରୱାଲ, ଅଭିଜିତ ମହାରଣା, ତନ୍ମୟ କୁମାର ସାହୁ, କଲଗା ଜଗଦୀଶ, ତୁମି ବାଗ୍‌ଚି, ହର୍ଷିତା ରାଉତ, ଆଶ୍ରିୟା ଜି, ବିରୋପ ଓ ସ୍ୱିଟିପ୍ରିୟା ପ୍ରଧାନଙ୍କୁ ସ୍ଥାନ ମିଳିଛି। ଉଭୟ ବିଭାଗରେ ୫ଟି କାଟାଗୋରୀରେ ପ୍ରତିଯୋଗିତା ଆୟୋଜିତ ହେବ।




### ରାଜ୍ୟ ରାପିଡ଼ ଓ ବ୍ଲିଜ୍ ଚେସ୍ ଉଦ୍‌ଯାପିତ

## ଟାଇଟଲ୍ ଜିତିଲେ ଲଳିତ ଓ ଆର୍ଯ୍ୟନ

ଭୁବନେଶ୍ୱର,୧୭।୮ (ସମିସ): ଅଲ୍‌ଓଡ଼ିଶା ଚେସ୍ ସଂଘ, ଏସ୍‌ଆର୍ ଚେସ ସେଣ୍ଟର ଓ ଏସ୍‌ବି-୧ ଗ୍ରୁପ୍ ଅଫ୍ କମ୍ପାନୀଜ୍‌ର ମିଳିତ ସହଯୋଗରେ ରାଜ୍ୟ ରାପିଡ୍ ଓ ବ୍ଲିଜ୍ ଚେସ୍ ପ୍ରତିଯୋଗିତା ଅଗଷ୍ଟ ୧୫ ଓ ୧୬ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ରାପିଡ଼ ସେକ୍ସନରେ କଟକର ଲଳିତ ରଞ୍ଜନ ସାହୁ ଓ ବ୍ଲିଜ୍‌ରେ ଯାଜପୁରର ଆର୍ଯ୍ୟନ ବେହେରା ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଉଭୟ ବିଭାଗରେ ମିଳିତ ଭାବେ ୬୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ରାପିଡ୍ ବିଭାଗରେ ଭୁବନେଶ୍ୱରର ୬୦ ବର୍ଷରୁ ଉର୍ଦ୍ଧ୍ୱ କୋଟ୍ ରାଜେନ୍ଦ୍ର ସାହୁ ରନର୍ସଅପ୍, କଟକର ପ୍ରତ୍ୟାଶା ଜେନା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବ୍ଲିଜ୍‌ରେ ଢେଙ୍କାନାଳର ବିଶାଳ ପଟ୍ଟନାୟକ ରନର୍ସଅପ୍, ଖୋର୍ଦ୍ଧା ଜିଲ୍ଲାର ବିସ୍ମୟ ବାଳକ ସାତ୍ୱିକ ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପାହାଳସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲ୍‌ରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜନେତା ଜଗନ୍ନାଥ ପ୍ରଧାନ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜୀବ ଶେଖର ସାହୁ, କମ୍ପାନୀ ଅଧ୍ୟକ୍ଷା ବୈଜୟନ୍ତୀ ସାହୁ, ମଦର୍ସ ଗ୍ରୁପ୍ ଅଫ୍ ସ୍କୁଲ୍‌ର ଅଧ୍ୟକ୍ଷା ପଲି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏସ୍‌ଆର୍ ଚେସ ସେଣ୍ଟର ସଭାପତି ଶୁଭାଶିଷ ପଟ୍ଟନାୟକ, ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




### ରାଜ୍ୟ ଜୁନିଅର କବାଡି ପ୍ରତିଯୋଗିତା ଉଦ୍‌ଯାପିତ

## ବାଳକରେ ଖୋର୍ଦ୍ଧା, ବାଳିକାରେ ସମ୍ବଲପୁର ଚାମ୍ପିଅନ






ଭୁବନେଶ୍ୱର,୧୭।୮ (ସମିସ): ଓଡ଼ିଶା କବାଡି ଆସୋସିଏସନ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ ଓ ଟାଇମ୍ସ ସ୍କଲାର୍ସ ଗୁରୁକୂଳର ମିଳିତ ଆନୁକୂଲ୍ୟରେ ୫୨ତମ ରାଜ୍ୟ କବାଡି ଚାମ୍ପିଅନ୍‌ସିପ ଅନୁଷ୍ଠିତ ହୋଇଯାଇଛି। ୩୦ଟି ଜିଲ୍ଲାରୁ ଟିମ୍ ଏଥିରେ ଅଂଶଗ୍ରହଣ କରିଥିଲାବେଳେ ବାଳକରେ ଖୋର୍ଦ୍ଧା, ବାଳିକାରେ ସମ୍ବଲପୁର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ବାଳକ ବିଭାଗରେ ବାଲେଶ୍ୱର, ଗଞ୍ଜାମ ଓ ସମ୍ବଲପୁର, ବାଳିକା ବିଭାଗରେ ପୁରୀ, ଭୁବନେଶ୍ୱର ଓ ରାଉରକେଲା ଟିମ୍ ଯଥାକ୍ରମେ ରନର୍ସ ଅପ୍, ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି।

ପୁରସ୍କାର ବାବଦରେ ଚାମ୍ପିଅନ ଟିମ୍ ଦ୍ୱୟକୁ ଟ୍ରଫି ସହ ୩୦,୦୦୦ ଲେଖାଏଁ, ରନର୍ସ ଅପ୍ ଟିମ୍ ଦ୍ୱୟକୁ ଟ୍ରଫି ସହ ୨୦, ୦୦୦ ଲେଖାଏଁ ଓ ତୃତୀୟସ୍ଥାନ ଅଧିକାର କରିଥିବା ଟିମ୍‌ଦ୍ୱୟଙ୍କୁ ୧୦,୦୦୦ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ରାଜନେତା ଗୋଲକ ମହାପାତ୍ର, ପ୍ରସନ୍ନ ପାଟଶାଣୀ, ଶୋଭନା ମହାନ୍ତି, ପ୍ରତିଭା ଶତପଥୀ, ଟାଇମ୍ସ ଗୁରୁକୂଳର ଅଧ୍ୟକ୍ଷ ଡଃ ସାରଦାପ୍ରସାଦ ମିଶ୍ର ଓ ଓଡ଼ିଶା କବାଡି ସଂଘର ଅବୈତନିକ ସମ୍ପାଦକ ଅଜୟ ବେହେରା ଅତିଥିଭାବେ ଯୋଗଦେଇଥିଲେ ବୋଲି ଟାଇମ୍ସ ଗୁରୁକୂଳର ପ୍ରିନ୍ସିପାଲ ରଞ୍ଜିତା ମହାନ୍ତି ଜଣାଇଛନ୍ତି।

## ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର୍ ମିଟ୍ ୨୨ରେ

ଭୁବନେଶ୍ୱର,୧୭।୮ (ସମିସ)




ଓଡ଼ିଶା କ୍ରୀଡ଼ା ଆୟୋଜନ ଇତିହାସରେ ଆଉ ଏକ ନୂଆ ଅଧ୍ୟାୟ ଯୋଡି ହେବାକୁ ଯାଉଛି। ସ୍ଥାନୀୟ ଆଇକନିକ କଳିଙ୍ଗ ଷ୍ଟାଡିୟମ୍‌ରେ ଆସନ୍ତା ୨୨ ତାରିଖ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ମିଟ୍ ଆୟୋଜିତ ହେବ।

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଭାରତୀୟ ଆଥଲେଟିକ୍ସ ମହାସଂଘ (ଏଏଫ୍‌ଆଇ) ଓ ୱାର୍ଲ୍ଡ ଆଥଲେଟିକ୍ସର ମିଳିତ ସହଯୋଗରେ ଏହି ସମ୍ମାନଜନକ ପ୍ରତିଯୋଗିତା ଆୟୋଜିତ ହେବ ବୋଲି ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି କ୍ରୀଡ଼ା ନିର୍ଦ୍ଦେଶକ ଡଃ ୟେଦୁଲା ବିଜୟ। ୱାର୍ଲ୍ଡ ଆଥଲେଟିକ୍ସର ଉପସଭାପତି ଡଃ ଆଦିଲ ସୁମରିୱାଲାଙ୍କ ସୂଚନା ଅନୁଯାୟୀ ଏହି ସମ୍ମାନଜନକ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ୯ଟି ଲେଖାଏଁ ପୁରୁଷ ଓ ମହିଳା ବିଭାଗରେ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟ ଅନୁଷ୍ଠିତ ହେବ। ଏଥିରେ ୮୮ ଭାରତୀୟ ଓ ୯୯ ବିଦେଶୀଙ୍କ ସମେତ ୨୭ଟି ଦେଶରୁ ୧୮୭ ଜଣ ଆଥଲେଟ ଅଂଶଗ୍ରହଣ କରିବେ। ଏଥିରେ ବିଶ୍ୱ ର୍‍ୟାଙ୍କିଂରେ ଥିବା ୫୦ଜଣଙ୍କ ମଧ୍ୟରେ ଶ୍ରେଷ୍ଠ ୩୬ ଜଣ ଆଥ୍‌ଲେଟ ରହିଛନ୍ତି। ଏହି ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୧୬୦୦ ଡଲାର ବା ୧.୫୩ ଲକ୍ଷଟଙ୍କା, ଦ୍ୱିତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ୧୨୦୦ ଡଲାର ବା ୧.୧୪ ଲକ୍ଷ ଟଙ୍କା ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୯୦୦ ଡଲାର ବା ୮୬,୦୦୦ ଟଙ୍କା ପ୍ରଦାନ କରାଯିବ।

### ମାଗଣା ଦେଖିବେ ଦର୍ଶକ

ଏହି ପ୍ରତିଯୋଗିତାକୁ ଦେଖିବା ଲାଗି କଳିଙ୍ଗ ଷ୍ଟାଡିୟମ୍‌ରେ କୌଣସି ଟିକଟ ବ୍ୟବସ୍ଥା କରାଯାଇନାହିଁ। ଛାତ୍ରଛାତ୍ରୀ ଓ କ୍ରୀଡ଼ାପ୍ରେମୀଙ୍କ ଲାଗି ଷ୍ଟାଡିୟମ୍‌ରେ ମାଗଣାରେ ଖେଳ ଦେଖିବାର ବ୍ୟବସ୍ଥା କରାଯାଇଛି। ଏଠାରେ ପୂର୍ବରୁ ବ୍ରୋଞ୍ଜ ମିଟ୍ ଅନୁଷ୍ଠିତ ହୋଇଥିଲା। ଏଥର ସିଲଭର ମିଟ୍ ଲାଗି ଦର୍ଶକଙ୍କ ମଧ୍ୟରେ ଉତ୍କଣ୍ଠା ରହିଛି। ସୂଚନାଯୋଗ୍ୟ ବିଜୁ ଜନତା ଦଳ ସରକାରରେ ଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଭାରତର ପ୍ରଥମ ଇଣ୍ଡୋର ଆଥଲେଟିକ୍ସ ଷ୍ଟାଡିୟମ୍ ରାଜଧାନୀ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ନିର୍ମାଣ କରାଯାଇଛି। ଏଠାରେ ୱାର୍ଲ୍ଡ ଓ ଏସିଆନ ଇଣ୍ଡୋର ଆଥଲେଟିକ୍ସ ମିଟ ଆୟୋଜିତ ହେବାର ଏହା ପୂର୍ବ ପ୍ରସ୍ତୁତି ବୋଲି ଏଏଫ୍‌ଆଇର କୋଷାଧ୍ୟକ୍ଷ ବିଇ ଷ୍ଟାନ୍‌ଲି ସୂଚନା ଦେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS